# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମେ ୯/୨୦୧୯ (୧୬ ପୃଷ୍ଠା) | Sambalpur, Thursday, May 9/ 2019 | ★★

୧୫ଶ ଭାଗ ୧୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ବୀରେନ୍ଦ୍ରଙ୍କ ଗୋଲ: ଭାରତ ବିଜୟୀ**

ଓଡ଼ିଶାର ବୀରେନ୍ଦ୍ର ଲାକ୍ରାଙ୍କ ଗୋଲ ବଳରେ ଭାରତ ୨-୦ ଗୋଲରେ ୱେଷ୍ଟର୍ନ ଅଷ୍ଟ୍ରେଲିଆର ଥଣ୍ଡରଷ୍ଟିକ୍ସକୁ ହରାଇ ଏହାର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ କରିଛି।

୧୬

୧୧

**‘ବ୍ରହ୍ମାସ୍ତ୍ର’ ପାଇଁ ରଣବୀରଙ୍କ ପ୍ରସ୍ତୁତି**

ଅଭିନେତା ରଣବୀର କପୁର ବର୍ତ୍ତମାନ ‘ବ୍ରହ୍ମାସ୍ତ୍ର’ ଶୁଟିଂ ପାଇଁ ଜର୍ମାନୀରେ ପ୍ରସ୍ତୁତି ଚଳାଇଛନ୍ତି।



# ୧୨ ସୁଦ୍ଧା ସମ୍ପୂର୍ଣ୍ଣ ଭୁବନେଶ୍ୱରକୁ ବିଦ୍ୟୁତ୍

■ ଶକ୍ତି ବିଭାଗ ଦେଲା ପ୍ରତିଶ୍ରୁତି ■ ରବିବାରଠାରୁ ପୁରୀକୁ ଆରମ୍ଭ ହେବ ବିଦ୍ୟୁତ୍ ଯୋଗାଣ

**ଫନୀ ଦୁର୍ଦ୍ଦଶା**

- ୧୨୦୦ କୋଟି ଟଙ୍କାର ବିଦ୍ୟୁତ୍ କ୍ଷତି
- ୧.୫୬ ଲକ୍ଷ ଖୁଣ୍ଟ ଉପୁଡ଼ିଛି
- ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ ୫ ହଜାର କର୍ମଚାରୀ, ୫୦୦ ଅଫିସର କାମରେ ଲାଗିଛନ୍ତି
- ପୁରୀରେ ମୋବାଇଲ ବ୍ୟାଙ୍କ ସେବା ଯୋଗାଇ ଦିଆଯିବ
- ବାତ୍ୟାରେ ୪୧ ମୃତ

ଭୁବନେଶ୍ୱର,୮।୫(ବ୍ୟୁରୋ)

୨୦୧୩ ଅକ୍ଟୋବର ୧୨ରେ ହୋଇଥିବା ଫାଇଲିନ ବାତ୍ୟା ଦକ୍ଷିଣ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରିଥିଲା। ଉକ୍ତ ପ୍ରଭାବିତ ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମି ସଜାଡିବାକୁ ଶକ୍ତି ବିଭାଗକୁ ଲାଗିଥିଲା ୩୫ ଦିନ। ହେଲେ ବାତ୍ୟା ଫନୀ ବିଦ୍ୟୁତ୍ କ୍ଷେତ୍ରକୁ ଆହୁରି ଭୟଙ୍କର କ୍ଷତି ଘଟାଇଛି। ୧ ଲକ୍ଷ ୫୬ ହଜାର ଖୁଣ୍ଟ ଭାଙ୍ଗି ଉପୁଡି ଯାଇଥିବା ଶକ୍ତି ବିଭାଗ ଆକଳନ କରିଛି। ଏ ସବୁକୁ ସଜାଡିବାକୁ କେତେଦିନ ଲାଗିବ ତାହାର ଆକଳନ କରିପାରୁନାହାନ୍ତି ସରକାର। ତେବେ ଯଥାସମ୍ଭବ ପୁନରୁଦ୍ଧାର ଶେଷ କରିବାକୁ ଶକ୍ତି ବିଭାଗ ଲକ୍ଷ୍ୟ ରଖିଥିବା ସୂଚନା ଦେଇଛି। ଫନୀ ମାଡ଼ରେ ଭୁଶୁଡି ପଡ଼ିଥିବା ☞ପୃଷ୍ଠା-୪



## ସହାୟତା ପାଇବାକୁ ନୟାନ୍ତ

ଭୁବନେଶ୍ୱର,୮।୫(ବ୍ୟୁରୋ): ବାତ୍ୟା ସହାୟତା ପାଇବାକୁ ଲାଗୁଛି ଲମ୍ବାଧାଡ଼ି। ଅନେଇଲେ ଆଖି ପାଉନି। ପ୍ରବଳ ଖରା ଓ ଝାଞ୍ଜିରେ ଲୋକେ ଘଣ୍ଟା ଘଣ୍ଟା ଛିଡ଼ାହୋଇ ସହାୟତା ପାଇଁ ଅପେକ୍ଷା କରୁଛନ୍ତି। ଭୁବନେଶ୍ୱରର ପ୍ରତି ୱାର୍ଡରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଖରାରେ ଛିଡ଼ା ନ ହେବାକୁ ପ୍ରଶାସନର ବାରଣ ସତ୍ତ୍ୱେ ଲୋକେ ଶୁଣୁନାହାନ୍ତି। ଏ ନେଇ ସ୍ଥାନୀୟ ଅଧିକାରୀ, କର୍ପୋରେଟର କିମ୍ବା ଡିଲରମାନେ ବି କିଛି କହୁନାହାନ୍ତି। ଟାଣଖରାରେ ଲୋକେ ଛତା କିମ୍ବା ବିନା ଛତାରେ ଧାଡ଼ିରେ ବସି ରହୁଛନ୍ତି, ଯେଉଁଥିରେ ଅଧିକ ସଂଖ୍ୟକ ମହିଳା ଓ ଛୋଟ ଛୁଆଙ୍କୁ ଦେଖିବାକୁ ମିଳୁଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ☞ପୃଷ୍ଠା-୪

## ସନ୍ଧ୍ୟା ୬ଟା ଯାଏ ମିଳିବ ବ୍ୟାଙ୍କ ସେବା

- ବ୍ୟାଙ୍କରେ ଚିରା,ଫଟା ନୋଟ ବିନିମୟ ସୁବିଧା
- ଗ୍ରାମାଞ୍ଚଳ ଲାଗି ଏଟିଏମ୍ ଭ୍ୟାନ
- ପର୍ଯ୍ୟାପ୍ତ ନଗଦ ଉପଲବ୍ଧ ରହିଛି
- ଚାଲୁଛି ୫୦% ଏଟିଏମ୍
- ଭୟଭୀତ ନ ହେବାକୁ ଲୋକଙ୍କୁ ନିବେଦନ

ଭୁବନେଶ୍ୱର,୮।୫(ବ୍ୟୁରୋ)

ବାତ୍ୟାରେ ନୋଟ୍ ଚିରାଫଟା କିମ୍ବା ନଷ୍ଟ ହୋଇ ଯାଇଥିଲେ ଏଥି ଲାଗି ଚିନ୍ତା କରିବାର ନାହିଁ। ଏହାକୁ ବ୍ୟାଙ୍କଗୁଡିକ ଗ୍ରହଣ କରିବେ। ବ୍ୟାଙ୍କଗୁଡ଼ିକ ସବୁ ଚିରାଫଟା ନୋଟ ଗ୍ରହଣ କରିବା ସହ ବିନିମୟ ମୂଲ୍ୟ ପ୍ରଦାନ କରିବେ। ସେହିଭଳି ଅଧିକ ନଷ୍ଟ ହୋଇ ଯାଇଥିବା କିମ୍ବା ପୋଡି ଯାଇଥିବା ନୋଟକୁ ଲୋକମାନେ ଆର୍‌ବିଆଇ କାର୍ଯ୍ୟାଳୟରେ ବଦଳାଇ ପାରିବେ ବୋଲି ଏହାର ଆଞ୍ଚଳିକ ନିର୍ଦ୍ଦେଶକ ମହେଶ ମଲ୍ଲ ବୁଧବାର ଏଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ବାତ୍ୟା ପରବର୍ତ୍ତୀ ବ୍ୟାଙ୍କିଙ୍ଗ ସେବାର ସ୍ଥିତି ସମ୍ପର୍କରେ ଏଠାରେ ସମୀକ୍ଷା କରାଯାଇଛି। ଫନୀ ପ୍ରଭାବିତ ଅଞ୍ଚଳଗୁଡିକରେ ବ୍ୟାଙ୍କ ସେବା ଯୋଗାଣ ଉପରେ ଆର୍‌ବିଆଇ ଗୁରୁତ୍ୱାରୋପ କରିଛି। କ୍ଷତିଗ୍ରସ୍ତ ୧୪ଟି ଜିଲାରେ ଗ୍ରାହକମାନେ ଅଧିକ ୨ ଘଣ୍ଟା ବ୍ୟାଙ୍କ ସେବା ☞ପୃଷ୍ଠା-୪

■ କିତୱା ଜଙ୍ଗଲରେ ଏନ୍‌କାଉଣ୍ଟର

## ଟଳିଲେ ୫ ମାଓବାଦୀ

- ନିହତଙ୍କ ମଧ୍ୟରେ ୩ ମହିଳା, ୨ ପୁରୁଷ
- ସମସ୍ତେ ନନ୍ଦପୁର ଏରିଆ କମିଟି ସଦସ୍ୟ
- ଅସ୍ତ୍ରଶସ୍ତ୍ର, ମାଓବାଦୀ ସାମଗ୍ରୀ ଜବତ

କୋରାପୁଟ/ନନ୍ଦପୁର,୮।୫(ସ୍ୱ.ପ୍ର./ଡି.ଏନ୍.ଏ.)

ଦୀର୍ଘଦିନର ନୀରବତା ପରେ ମାଓବାଦୀ ଉପଦ୍ରୁତ କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳର ଜଙ୍ଗଲରେ ଲାଲବାହିନୀ ଓ ନିରାପତ୍ତା ବାହିନୀର ବନ୍ଧୁକ ଗର୍ଜିଛି। ବୁଧବାର ଉଭୟଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ୫ ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଓ ୨ ଜଣ ପୁରୁଷ ଥିବା ଜଣାପଡ଼ିଛି। ନନ୍ଦପୁର ବ୍ଲକ ତଥା ପାଡୁଆ ଥାନା ଅଧୀନ ବାଡେଲ ପଞ୍ଚାୟତ କିତୱା ଜଙ୍ଗଲରେ ଏହି ଏନକାଉଣ୍ଟର ଘଟିଥିବା ବେଳେ ନିହତ ମାଓବାଦୀଙ୍କଠାରୁ ବନ୍ଧୁକ ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି। ବୁଧବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍‌ପି କନୱର ବିଶାଲ ସିଂ ଏହି ସୂଚନା ଦେଇଛନ୍ତି।

ମିଳିଥିବା ରିପୋର୍ଟ ଅନୁଯାୟୀ, ପାଡୁଆ ଥାନା ଅଧୀନ ତଥା ଆନ୍ଧ୍ର ସୀମାନ୍ତ କିତୱା ଜଙ୍ଗଲରେ ବୁଧବାର ମାଓବାଦୀଙ୍କ ଗୁପ୍ତ ବୈଠକ ଚାଲିଥିବା ନେଇ ପୋଲିସର ଗୋଇନ୍ଦା ବିଭାଗ ସୂଚନା ପାଇଥିଲା। ଏହି ଖବର ପାଇବା ପରେ ଏସ୍‌ଓଜିର ୪ଟି ଟିମ୍ ଏବଂ ଡିଭିଏଫର ଗୋଟିଏ ଟିମ୍ କୋମ୍ବିଂ ଅପରେଶନରେ ବାହାରିଥିଲେ। ସମ୍ପୃକ୍ତ ଜଙ୍ଗଲରେ କୋମ୍ବିଂ ଚାଲିଥିବା ବେଳେ ଅପରାହ୍ନ ୨ଟା ୪୫ରେ





ମାଓବାଦୀଙ୍କ ମୃତଦେହକୁ ଯବାନମାନେ ନେଉଛନ୍ତି (ଉପର)। ଘଟଣାସ୍ଥଳରୁ ଜବତ ମାଓବାଦୀଙ୍କ ସାମଗ୍ରୀ ଓ ବନ୍ଧୁକ ।

ମାଓବାଦୀମାନେ ନିରାପତ୍ତା ବାହିନୀର ଉପସ୍ଥିତି ଜାଣିପାରି ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାର ପାଲଟା ଜବାବ ଦେଇଥିଲା ନିରାପତ୍ତା ବାହିନୀ। ☞ପୃଷ୍ଠା-୪

## ଜଳୁଛି ପଶ୍ଚିମ ଓଡ଼ିଶା

ଭୁବନେଶ୍ୱର,୮।୫(ବ୍ୟୁରୋ)

ବାତ୍ୟାର ପ୍ରଚଣ୍ଡ ପ୍ରହାରରେ ଉପକୂଳ ଜିଲାବାସୀଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଥିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମପ୍ରବାହ ପରିବେଶକୁ ଉତ୍ତପ୍ତ କରିଦେଇଛି। ପାରଦ ୪୫ ଡିଗ୍ରୀ ସେଲସିୟସ ଛୁଇଁଛି । ସେହିପରି ୯ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ଉପରେ ରହିଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ରାଜ୍ୟର ସର୍ବାଧିକ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪.୬, ଭବାନୀପାଟଣା ୪୩, ମାଲକାନଗିରି ୪୩, ଅନୁଗୋଳ ୪୧.୭, ☞ପୃଷ୍ଠା-୪

- ଟିଟିଲାଗଡ଼ ତାପମାତ୍ରା ୪୫ ଡିଗ୍ରୀ
- ୯ ସହର ତାପମାତ୍ରା ୪୧ ଡିଗ୍ରୀ ଉପରେ
- ୧୧ ଯାଏ ଗ୍ରୀଷ୍ମପ୍ରବାହ






## ମେ ୨୦ରୁ ଡିପ୍ଲୋମା ପରୀକ୍ଷା

ଭୁବନେଶ୍ୱର,୮।୫(ବ୍ୟୁରୋ)

ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ପରିଚାଳିତ ସମସ୍ତ ପ୍ରକାର ଡିପ୍ଲୋମା ପରୀକ୍ଷାକୁ ରାଜ୍ୟ ସରକାର ସ୍ଥଗିତ ରଖିଛନ୍ତି। ବାତ୍ୟା ପାଇଁ ପରୀକ୍ଷା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

କ୍ଲିନ୍ ମିଟ୍ ପାଇଁ ଗବେଷଣା

**ଆଜିର ମନ୍ତବ୍ୟ**

“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଲଢ଼େଇ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ସଦୃଶ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ





NATIONAL EGG CO-ORDINATION COMMITTEE | 08.05.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 111 | 172 | 182 |
| CTC | 111 | 172 | 182 |
| DKL | 109 | 170 | 180 |
| BDK | 112 | 174 | 184 |
| BLS | 112 | 174 | 184 |
| ANG | 109 | 170 | 180 |

*Conditions Apply

Eggs Retail Price- 46/-Dozen
Issued in the Interest of Consumers





# ଶିକ୍ଷା, ସଂସ୍କୃତିର କେନ୍ଦ୍ରସ୍ଥଳ ବିଶିପଡ଼ା

**ସଂକ୍ଷେପରେ**
ପରିବାର ସଂଖ୍ୟା ୬୦୦
ମନ୍ଦିର ସଂଖ୍ୟା–୬
ସାମାଜିକ ଅନୁଷ୍ଠାନ–୩

ରିପୋର୍ଟ: ପ୍ରେମାନନ୍ଦ ଖମାରୀ

ବରଗଡ଼ ସହରର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ବିଶିପଡ଼ା। ସହରର ଏହି ପୁରୁଣା ବସ୍ତିର ପ୍ରାୟ ଶତ ପ୍ରତିଶତ ଅନୁସୂଚିତ ଜାତିର ଲୋକେ ବସବାସ କରନ୍ତି। ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୭ରେ ଅବସ୍ଥିତ ଏହି ବସ୍ତିରେ ଅନେକ ପରିବର୍ତ୍ତନ ଘଟିଛି। ଦିନଥିଲା ଏଠାକାର ବାସିନ୍ଦା ପ୍ରାୟତଃ ରାଜମିସ୍ତ୍ରି କାମ କରୁଥିଲେ। ଚାଳ, ଛପର ଘର ଥିଲା । ସମୟାନୁକ୍ରମେ ଏଠାରେ ଶିକ୍ଷା, ସଂସ୍କୃତି ଏବଂ ସର୍ବୋପରି ରାଜନୈତିକ କ୍ଷେତ୍ରରେ ବିଶିପଡ଼ା ବିକଶିତ ହୋଇଛି। ଶିକ୍ଷକ, ଆଇନଜୀବୀ, ରାଜସ୍ୱ ଓ ବ୍ୟାଙ୍କ କର୍ମଚାରୀ, ଇଞ୍ଜିନିୟରଙ୍କଠାରୁ ଆରମ୍ଭ କରି ପୂର୍ବତନ ବିଧାୟକ, ମନ୍ତ୍ରୀ ଓ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ଏବେ ଏହି ବସ୍ତିର ବାସିନ୍ଦା। ପ୍ରାକ୍ତନ ବିଧାୟକ ସ୍ୱର୍ଗତ ବିଶି ବିଭାରଙ୍କ ନାମରେ ବସ୍ତିଟି ନାମିତ। ତାଙ୍କ ପୁରୁଣା ଘରକାନ୍ଥରେ ସ୍ୱର୍ଗତ ବିଶିଙ୍କ ନାମଫଳକ ଝୁଲି ରହିଛି। କେବଳ ସ୍ୱର୍ଗତ ବିଶି ନୁହନ୍ତି, ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମୋହନ ନାଗ, ପୂର୍ବତନ ଭାଇସ ଚେୟାରମ୍ୟାନ ଋଷଭ ବିଭାର ପ୍ରମୁଖ ଏହି ବସ୍ତିର ବାସିନ୍ଦା । ସେହିପରି ଭାରତୀୟ ପ୍ରଶାସନିକ ସେବାରେ କାର୍ଯ୍ୟରତ ପ୍ରେମରାଜ କୁଅଁର, ପୂର୍ବତନ ପୌର ନିର୍ବାହୀ ଅଧିକାରୀ ସ୍ୱର୍ଗତ କୃଷ୍ଣଗୋପାଳ ତାଣ୍ଡି ଏହି ବସ୍ତିର ବାସିନ୍ଦା ହୋଇଥିବାବେଳେ ପ୍ରସିଦ୍ଧ ସମ୍ବଲପୁରୀ ଚଳଚ୍ଚିତ୍ର ଭୁଖାର ସଂଗୀତ ପରିକଳ୍ପନା ଏଠାରେ ହୋଇଥିଲା । ସ୍ଥାନୀୟ ସଙ୍ଗୀତଜ୍ଞ ସ୍ୱର୍ଗତ ବରୁଣ ସୁରଜାଲଙ୍କ ଘରେ ଭୁଖା ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ରମେଶ ମହାନନ୍ଦ, ସନ୍ତୋଷ ଭେସ୍ରା, ସ୍ୱର୍ଗତ ସୁରଜାଲ ପ୍ରମୁଖ କରିଥିଲେ ବୋଲି ପଡ଼ାବାସୀ କହିଛନ୍ତି। ଏହି ବସ୍ତିରେ ଅନେକ ଆକାଶବାଣୀ କଳାକାର ମଧ୍ୟ ଅଛନ୍ତି। ଏହା ସହିତ ମହିଳା, ପୁରୁଷ ସଂକୀର୍ତ୍ତନ ଦଳ ପାଇଁ ବିଶିପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି ।

## ଏମାନେ କହନ୍ତି...



### ୧୯୬୫ରୁ ଏଠାରେ ରହୁଛି

ମୁଁ ବଲାଙ୍ଗୀର ଜିଲା ଲୋଇସିଂହାର ମୂଳ ବାସିନ୍ଦା । ବିବାହ ପରଠାରୁ ୧୯୬୫ରୁ ଏଠାରେ ପରିବାର ସହିତ ରହୁଛି । ପୂର୍ବରୁ ଏହି ବସ୍ତିରେ ଅଧିକାଂଶ ଶ୍ରମିକ ଶ୍ରେଣୀର ଲୋକେ ଥିଲେ। ପଢ଼ାପଢ଼ି କରି ଏବେ ଚାକିରିଆ ବାହାରିଲେଣି। ସହରର ମଧ୍ୟଭାଗରେ ବସ୍ତିଟି ଥିବାରୁ ସବୁ ସୁବିଧା ମିଳୁଛି ।

**–ନାରାୟଣ ବାରିକ, ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ**



### ବସ୍ତିରେ ସମାଧାନ ହେଉଥିଲା ବିବାଦ

୧୯୮୦ ଜୁଲାଇ ୭ ତାରିଖରେ ବାପା ତଥା ପୂର୍ବତନ ବିଧାୟକ ବିଶି ବିଭାରଙ୍କ ଦେହାନ୍ତ ହେଲା। ବାପା ଜୀବିତ ଥିବା ସମୟରୁ ପଡ଼ାର ନାଁ ତାଙ୍କ ନାମରେ ନାମିତ ହୋଇଛି । ବାପା ଥିବାବେଳେ ଲୋକେ ଥାନା, ପୋଲିସ ପାଖକୁ ଯାଉ ନ ଥିଲେ । ଏଠାରେ ହିଁ ସବୁ ବିବାଦର ସମାଧାନ ହେଉଥିଲା।

**–ରୋହିଣୀ ବିଭାର**



### ଦକ୍ଷତା ବିକାଶର ସୁବିଧା ଲୋଡ଼ା

ଆମ ଏହି ବସ୍ତି କଳା, ସଂସ୍କୃତିର ପ୍ରାଣକେନ୍ଦ୍ର । ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ସକ୍ରିୟ। ବସ୍ତିରେ ବହୁତ ଶିକ୍ଷିତ ଯୁବତୀ ଯୁବକ ଅଛନ୍ତି। ସେମାନଙ୍କ ପାଇଁ ଦକ୍ଷତା ବିକାଶର ଆବଶ୍ୟକତା ରହିଛି।


**–ରାଜେନ୍ଦ୍ର ସିକନ୍ଦର, ଅଧ୍ୟାପକ, ଆଇଆଇଏଚଟି।**



### ବସ୍ତି ବାସିନ୍ଦାଙ୍କ ସେବା କରିବି

ବୁଢ଼ାବାପା ବିଶି ବିଭାରଙ୍କୁ ମୁଁ ଦେଖି ନାହିଁ। ଘରେ ଥିବା ତାଙ୍କ ଫଟୋ ହିଁ କେବଳ ଦେଖୁଛି। ଗର୍ବ ଅନୁଭବ କରୁଛି। ବଡ଼ହେଲେ ରାଜନୀତିକୁ ଯିବି ନାହିଁ। ବୁଢ଼ାବାପାଙ୍କ ଭଳି ବସ୍ତି ଲୋକଙ୍କ ସେବା କରିବି ବୋଲି ଲକ୍ଷ୍ୟ ରଖିଛି।

**–ରାଜେନ୍ଦ୍ର ରାଜ ବିଭାର**



### ଏହି ବସ୍ତିର ଧୂଳିବାଲିରେ ଖେଳିଛୁ

ବାପଅଜା ଅମଳରୁ ଏହି ବସ୍ତିରେ ଅଛୁ। ବସ୍ତିର ଧୂଳିବାଲିରେ ଖେଳିଛୁ। ଆମ ବସ୍ତିରୁ ମୁଖ୍ୟରାସ୍ତାକୁ ଦିଶୁଥିଲା। ହେଲେ ଏବେ ଆଉ ସେହି ମଜା ନାହିଁ । ଆଗରୁ ପଡ଼ାର ବରିଷ୍ଠ ଲୋକଙ୍କ କଥା ସଭିଏଁ ମାନୁଥିଲେ। ସମସ୍ତେ ଶାନ୍ତିରେ ଥିଲେ।

**–ଯୋଗେନ୍ଦ୍ର ଭେସ୍ରା, ବର୍ଷୀୟାନ ନାଗରିକ**

## ସେଲ୍‌ଫି କର୍ଣ୍ଣର



@ ସମୀର



@ ସନ୍ତୋଷ



@ ଅର୍ଣ୍ଣବ



@ ଜ୍ୟୋତିମାୟା

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ଖାଦ୍ୟରୁଚି

ସମ୍ବଲପୁର ଅଇଁଠାପାଲି ଛକର ହୋଟେଲ ଡଲ୍‌ଫିନ। ସେହି ହୋଟେଲର ସାଉଥ ଇଣ୍ଡିଆନ ସ୍ପେଶାଲ ଡିସ୍‌ ମଧ୍ୟରେ ମହାରାଜା ଦୋସାର ଚାହିଦା ସ୍ୱତନ୍ତ୍ର। ଏହି ଦୋସାର ପ୍ରସ୍ତୁତି ପ୍ରଣାଳୀ ଓ ଆବଶ୍ୟକ ସାମଗ୍ରୀ ଉପରେ ହୋଟେଲର ଏକ୍‌ଜିକ୍ୟୁଟିଭ ସେଫ୍ ବିପିନ ଦାସ ଯାହା କୁହନ୍ତି.. ।

ରିପୋର୍ଟ: ଶୁଭାଶିଷ ପାଢ଼ୀ

# ମହାରାଜା ଦୋସା

### ଗୋଟିଏ ଦୋସା ପାଇଁ ଆବଶ୍ୟକ ସାମଗ୍ରୀ

- ବଏଲ ରାଇସ– ୫୦ ଗ୍ରାମ ।
- ଅରୁଆ ଚାଉଳ– ୫୦ ଗ୍ରାମ ।
- ବିରି– ୫୦ ଗ୍ରାମ ।
- ଚିନି– ୧୫ ଗ୍ରାମ ।
- ଲୁଣ– ସ୍ୱାଦ ଅନୁଯାୟୀ ।
- ପନିର– ୨୫ ଗ୍ରାମ ।
- ଚିଜ୍– ୫ ଗ୍ରାମ ।
- ଦେଶୀ ଘିଅ– ୫୦ ଗ୍ରାମ ।
- କାଜୁ, କିସ୍‌ମିସ– ୫୦ ଗ୍ରାମ ।
- ବିଟ୍– ୫୦ ଗ୍ରାମ ।
- ଗାଜର– ୧୦୦ ଗ୍ରାମ ।
- ଧନିଆ ପତ୍ର– ୫ ଗ୍ରାମ ।

### ଚଟଣି

ହ୍ୱାଇଟ୍ ଚଟଣି ପାଇଁ ଡ୍ରାଏ ଚଣା ଓ ନଡିଆ ଗ୍ରୀନ୍ ଚଟଣି ଲାଗି ଅଦା, ଧନିଆପତ୍ର, ପୋଦିନାପତ୍ର, ଲଙ୍କା, ରେଡ ଚଟଣି ପାଇଁ ଟମାଟୋ, ଡ୍ରାଏ ଚଣା ଡାଲି ଓ ସମ୍ବର ପାଇଁ ବିଭିନ୍ନ ପନିପରିବା ।



### ପ୍ରସ୍ତୁତି ପ୍ରଣାଳୀ

ବିରି, ଚାଉଳ ପାଣିରେ ଭିଜାଇ ଗ୍ରାଇଣ୍ଡିଂ କରାଯିବ । ପରେ ଗରମ ତାୱାରେ ତେଲ ପକାଇ ଦୋସା ତିଆରି କରାଯିବ । ଦୋସା ହୋଇସାରିବା ପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଆଳୁ, ପିଆଜ, ବାଦାମ ମିଶ୍ରିତ ମସଲା ଦିଆଯିବ । ପରେ ଚିଜ୍, ପନିର, ଗାଜର, କାଜୁ, କିସ୍‌ମିସ୍, ବିଟ, ବଟର ଆବଶ୍ୟକ ଅନୁଯାୟୀ ଦିଆଯାଇ କଦଳୀ ପତ୍ରରେ ପରଷାଯିବ । ଗୋଟିଏ ଦୋସାକୁ ୨ଜଣ ଖାଇପାରିବେ । ଏହାର ମୂଲ୍ୟ ୧୬୯ ଟଙ୍କା ରହିଛି ।

ଏକ୍‌ଜିକ୍ୟୁଟିଭ ସେଫ୍ ବିପିନ ଦାସ

# ଭୁଟାନ ରାଣୀଙ୍କ ପସନ୍ଦ ଥିଲା ଚିଚିଣ୍ଡାର ହାତବୁଣା ବେଡଶିଟ୍



ହରିଶଙ୍କରଙ୍କ ଦ୍ୱାରା ପ୍ରସ୍ତୁତ ବେଡଶିଟ୍ ।

୨୦୦୩ ସେପ୍ଟମ୍ବର ପ୍ରଥମ ସପ୍ତାହ। ଭୁଟାନର ରାଜଧାନୀ ଥିମ୍ପୁର ରାମ୍ପା ହଲରେ ଭୁଟାନର ଗୃହ ଏବଂ ସଂସ୍କୃତି ବିଭାଗ ତରଫରୁ ଆୟୋଜିତ ହେଉଥାଏ ଭାରତ ପର୍ବ। ଏଥିରେ ଭାଗ ନେଇଥାନ୍ତି ଭାରତର ବିଭିନ୍ନ ରାଜ୍ୟର ହସ୍ତକଳା ତଥା ହସ୍ତତନ୍ତ ଶିଳ୍ପୀମାନେ। ତାଙ୍କ ଭିତରେ ଓଡ଼ିଶାର ଏକମାତ୍ର ବାନ୍ଧଶିଳ୍ପୀ ଥିଲେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଗ୍ରାମର ଜାତୀୟ ପୁରସ୍କାର ପ୍ରାପ୍ତ ବୁଣାକାର ହରିଶଙ୍କର ମେହେର। ସାଥିରେ ସହଯୋଗୀ ଭାବେ ଯାଇଥାନ୍ତି ଭାଇ ବନମାଳୀ। ଶିଳ୍ପୀ ହରିଶଙ୍କର ତାଙ୍କ ଷ୍ଟଲରେ ଚିଚିଣ୍ଡା ଗ୍ରାମର ପ୍ରସିଦ୍ଧ ବେଡସିଟ ପ୍ରଦର୍ଶନ ସହ ତାହା କିପରି ପ୍ରସ୍ତୁତ ହୁଏ ତାହା ଅତିଥି ଓ ଗ୍ରାହକମାନଙ୍କୁ ଦେଖାଇବା ପାଇଁ ସ୍ୱତନ୍ତ୍ର ଭାବେ ତନ୍ତଶାଳା ନିର୍ମିତ କରିଥାନ୍ତି । ସେଦିନ ସେହି ପ୍ରଦର୍ଶନୀକୁ ଅତିଥିଭାବେ ଆସିଥିଲେ ତତ୍କାଳୀନ ଭୁଟାନ ରାଜା ଜିଗ୍‌ମେସିଂଗମେ ଓମାଙ୍ଗଚୁଙ୍କ ମହାରାଣୀ। ମହାରାଣୀ ବାନ୍ଧଶିଳ୍ପୀ ହରିଶଙ୍କରଙ୍କ ଷ୍ଟଲକୁ ଆସି ତାଙ୍କ ଦ୍ୱାରା ପ୍ରସ୍ତୁତ ବେଡକଭର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ମେଶିନ ବ୍ୟବହାର ନ କରି ହାତରେ ଏପରି ସୂତାରଙ୍ଗରେ କାରୁକାର୍ଯ୍ୟ ଆପଣ କିପରି କରିପାରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ପ୍ରଶଂସା କରିଥିଲେ। ମହାରାଣୀ ନିଜ ପାଇଁ ଏକ ବେଡକଭର କିଣିବା ସହ ପରିବାରର ଅନ୍ୟ ସଦସ୍ୟଙ୍କ ପାଇଁ ଡ୍ରେସ ମେଟେରିଆଲ ଆଦି କିଣିଥିଲେ। କେବଳ ସେତିକି ନୁହେଁ ଶିଳ୍ପୀ ହରିଶଙ୍କରଙ୍କ ଅନୁମତି ନେଇ ତାଙ୍କ ଦ୍ୱାରା ଲୁଗାବୁଣା କାର୍ଯ୍ୟରେ ବ୍ୟବହୃତ ହେଉଥିବା ତନ୍ତ, କମଡ଼ା, ନରି ଆଦି ସାମଗ୍ରୀକୁ ରାଜମହଲର ସଂଗ୍ରହାଳୟକୁ ନେଇଥିଲେ। ଭୁଟାନ ମହାରାଣୀ ଓ ରାଜପରିବାରର ସଦସ୍ୟ ମୋର ହାତ ତିଆରି ସାମଗ୍ରୀ କିଣିବା ଓ ମୋତେ ପ୍ରଶଂସା କରିବା ମୋ ପାଇଁ ଅଭୁଲା ସ୍ମୃତି ବୋଲି କୁହନ୍ତି ଏହି ଶିଳ୍ପୀ ।



ତନ୍ତଶାଳାରେ ରାଜପରିବାର ସଦସ୍ୟଙ୍କ ସହ ଭୁଟାନ ମହାରାଣୀ ।



ଭୁଟାନ ମହାରାଣୀ ହରିଶଙ୍କରଙ୍କ ପ୍ରସ୍ତୁତ ବେଡସିଟ୍ କିଣୁଛନ୍ତି ।



ହରିଶଙ୍କର ମେହେର

## ମୋର ଅନୁଭୂତି

### ସଂକ୍ଷେପରେ

**ବାନ୍ଧଶିଳ୍ପୀ:** ହରିଶଙ୍କର ମେହେର
**ଜନ୍ମ:** ୧୫.୦୨.୧୯୬୪
**ଜନ୍ମସ୍ଥାନ:** ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା
**ବାପା:** ✓ ଦୈତାରୀ ମେହେର
**ପେସା:** ଲୁଗା ବୁଣା, ସୂତାରଙ୍ଗକୁ ନେଇ ସଉରା ଚିତ୍ରକଳା, ମନ୍ଦିର କାରୁକାର୍ଯ୍ୟ, ପରିବେଶ, ଝୋଟି, ଆଧ୍ୟାତ୍ମିକ ତଥା ପାରମ୍ପରିକ କଳାକୁ ବେଡଶିଟ ଓ ୱାଲ୍ ହ୍ୟାଙ୍ଗିଙ୍ଗ୍ ପ୍ରସ୍ତୁତ କରିବା।
**ସମ୍ମାନ:** ଜାତୀୟ ସମ୍ମାନରେ ସମ୍ମାନିତ।

ରିପୋର୍ଟ: ନିର୍ମଳ କୁମାର ମେହେର



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ




# ପୂର୍ବ ଘୋଷିତ ତାରିଖରେ ପାଟକୁରା ନିର୍ବାଚନ ହେଉ

ଭୁବନେଶ୍ୱର, ୮।୫(ବ୍ୟୁରୋ)

- ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଜଣାଇଲେ ସମ୍ବିତ
- କେନ୍ଦ୍ରାପଡା ଜିଲାପାଳଙ୍କୁ ବଦଳି କରାଯାଉ
- ବିଜେଡି ହାରିବା ଭୟରେ ନିର୍ବାଚନ ଘୁଞ୍ଚାଇବାର ଅପଚେଷ୍ଟା କରିଛି
- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କଲା ଭାଜପା

ଓଡିଶାର ୨୧ ଲୋକ ସଭା ଏବଂ ୧୪୬ ବିଧାନସଭା ଆସନରେ ୨୦୧୯ ସାଧାରଣ ନିର୍ବାଚନ ଶେଷ ହୋଇଛି। କେନ୍ଦ୍ରାପଡା ଲୋକ ସଭା ଆସନ ଅନ୍ତର୍ଗତ ପାଟକୁରା ବିଧାନସଭା ଆସନରେ କିନ୍ତୁ ଏ ପର୍ଯ୍ୟନ୍ତ ନିର୍ବାଚନ ହୋଇନାହିଁ। ସ୍ଥାନୀୟ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ କାରଣରୁ ଏହି ବିଧାନସଭା ଆସନର ନିର୍ବାଚନକୁ ଭାରତର ନିର୍ବାଚନ କମିଶନ ପ୍ରଥମେ ମେ ୧୯ତାରିଖକୁ ଘୁଞ୍ଚାଇଥିଲେ। ମାତ୍ର ରାଜ୍ୟରେ ବାତ୍ୟା ଫନୀ ପ୍ରଭାବରେ ବ୍ୟାପକ କ୍ଷତି ହେବା ଯୋଗୁ ଏହି ନିର୍ବାଚନ ତାରିଖକୁ ନିର୍ବାଚନ କମିଶନ ଜୁଲାଇ ୧୯ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ହେଲେ ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିରେ ପରିବର୍ତ୍ତନ ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ବୁଧବାର ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିଛନ୍ତି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ବୈଜୟନ୍ତ ପଣ୍ଡା ଏବଂ ସମ୍ବିତ ପାତ୍ର ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟି ପୂର୍ବ ନିର୍ଦ୍ଧାରିତ ତାରିଖରେ ପାଟକୁରା ନିର୍ବାଚନ କରିବାକୁ ଅନୁରୋଧ କରିଛନ୍ତି। ଆସନ୍ତା ୨ମାସ ପରେ ବର୍ଷା ହେବାର ସମ୍ଭାବନା ରହିଛି। ଫନୀରେ ପାଟକୁରା ନିର୍ବାଚନମଣ୍ଡଳୀରେ ମଧ ସେପରି କ୍ଷୟକ୍ଷତି ହୋଇ ନାହିଁ। ତେଣୁ ତୁରନ୍ତ ଏହି ଆସନରେ ନିର୍ବାଚନ କରିବା ପାଇଁ ଭାଜପା ଦାବି କରିଛି। ଅନୁରୂପଭାବେ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ମଧ ସମାନ ଦାବି ଦୋହରାଇଛି।

ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଭେଟିବା ପରେ ସମ୍ବିତ ପାତ୍ର କହିଛନ୍ତି, ପୂର୍ବରୁ ଜାଣିଶୁଣି ବିଜେଡି ରୋଗ ଶଯ୍ୟାରେ ଥିବା ବେଦ ପ୍ରକାଶ ଅଗ୍ରୱାଲଙ୍କୁ ଟିକେଟ ଦେଇ ନିର୍ବାଚନ ନ କରାଇ ଦେବାର ଷଡଯନ୍ତ୍ର କରିଥିଲା। ପାଟକୁରା ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର ନିର୍ବାଚନ ଜିତିବା ସ୍ପଷ୍ଟ ଥିବା କାରଣରୁ ଭୟରେ ବିଜେଡି ନିର୍ବାଚନ ଘୁଞ୍ଚାଇବାର ଅପଚେଷ୍ଟା କରିଚାଲିଛି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାଣିଶୁଣି ପ୍ରେମଚାନ୍ଦ ଚୌଧୁରୀଙ୍କୁ କେନ୍ଦ୍ରାପଡା ଜିଲାର ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଭାବେ ନିୟୋଜିତ କରିଛନ୍ତି। ଯେପରି ଆସନ୍ତା ଦିନରେ ପାଟକୁରା ନିର୍ବାଚନରେ ପ୍ରେମଚାନ୍ଦ ବିଜେଡି ପାଇଁ କାମ କରିବେ। ପ୍ରେମଚାନ୍ଦ ପୂର୍ବରୁ ଗଞ୍ଜାମ ଜିଲାପାଳ ଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ନାମରେ ଥିବା ଏକ ନିର୍ବାଚନୀ ଅନିୟମିତତା ମାମଲାରେ ପ୍ରେମଚାନ୍ଦ ନିଜଆଡୁ ଶପଥପତ୍ର ଦେଇଥିଲେ। ଯେଉଁଥିପାଇଁ ହାଇକୋର୍ଟ ତାଙ୍କୁ ଭର୍ତ୍ସନା କରିଥିଲେ। ତେଣୁ କେନ୍ଦ୍ରାପଡା ଜିଲାପାଳଙ୍କୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ଦଳ ଦାବି କରିଛୁ। ମୁଖ୍ୟ ନିର୍ବାଚନ ଆୟୋଗ ବିଜେଡି କଥାରେ ପ୍ରଭାବିତ ନ ହୋଇ ପାଟକୁରା ନିର୍ବାଚନ ପୂର୍ବ ଘୋଷିତ ମେ ୧୯ତାରିଖରେ କରିବାକୁ ଆମେ ଦାବି କରିଛୁ ବୋଲି ସମ୍ବିତ କହିଛନ୍ତି।

# ତୃଣମୂଳରେ ଆରମ୍ଭ ହୋଇନାହିଁ କ୍ଷୟକ୍ଷତି ଆକଳନ



ଫନୀରେ ଉଜୁଡ଼ିଯାଇଥିବା ପ୍ରହରାଜପୁରର ଏକ ଘର ଓ ପ୍ରାଥମିକ ସ୍କୁଲ।

ଚିଦାନନ୍ଦ ଜେନା
ଭୁବନେଶ୍ୱର, ୮।୫ (ବ୍ୟୁରୋ)

- ରାଜସ୍ୱ ବିଭାଗରେ କ୍ଷେତ୍ର ଅଧିକାରୀ ସଙ୍କଟ
- ଏବେ ସ୍କୁଲ ଘରେ କଟୁଛି ଜୀବନ
- ବିଦ୍ୟୁତ ସେବା ବିପର୍ଯ୍ୟସ୍ତ

ସାମୁଦ୍ରିକ ଝଡ଼ ଫନୀକୁ ସପ୍ତାହେ ପୂରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିସାରିଛନ୍ତି। ରାଜ୍ୟ ସରକାର କ୍ଷୟକ୍ଷତିନେଇ ସହାୟତା ରାଶି ଘୋଷଣା କରିସାରିଲେଣି। କେନ୍ଦ୍ର ମଧ ସହାୟତା ରାଶି ଘୋଷଣା କରିସାରିଛି। ହେଲେ ତୃଣମୂଳରେ ଏଯାଏଁ ସର୍ଭେକ୍ଷଣ ଆରମ୍ଭ ହୋଇପାରିନାହିଁ। ସହରାଞ୍ଚଳରେ ରିଲିଫ୍ କାର୍ଯ୍ୟ ଦୁଇଦିନ ହେଲା ତ୍ୱରାନ୍ୱିତ ହୋଇଛି, ମାତ୍ର ଗ୍ରାମାଞ୍ଚଳର ସବୁ ଅଞ୍ଚଳରେ ରିଲିଫ୍ ପହଞ୍ଚିନାହିଁ। ଏବେ ବି ପୁରୀ ଗ୍ରାମାଞ୍ଚଳର ହଜାର ହଜାର ଲୋକ ସ୍କୁଲ ଘରେ ରହୁଛନ୍ତି। ଭାତହାଣ୍ଡିରୁ ଗୋଟିଏ ଭାତ ଚିପିବା ନ୍ୟାୟରେ ଧରିତ୍ରୀ ଟିମ୍ ବୁଧବାର ଡେଲାଙ୍ଗ ବ୍ଲକ ରେଞ୍ଚ ପଞ୍ଚାୟତର ପ୍ରହରାଜପୁର ଗସ୍ତ କରି ଜନସାଧାରଣଙ୍କ ପ୍ରତିକ୍ରିୟା ସଂଗ୍ରହ କରିଥିଲା।

ରାଜଧାନୀ ଭୁବନେଶ୍ୱରଠାରୁ ମାତ୍ର ୩୮ କି.ମି. ଦୂରରେ ଥିବା ଏହି ଗାଁର ଅଧିକାଂଶ ବୃକ୍ଷ କ୍ଷତିଗ୍ରସ୍ତ ହୋଇଛି। ଗାଁରେ ଥିବା ପ୍ରାୟ ହଜାରୁ ଅଧିକ ନଡିଆ ଗଛ ଧ୍ୱଂସ ପାଇଛି। ଏହି ଗାଁ ଓ ଏହାର ଆଖପାଖ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କରୁଥିବା ଖୁଣ୍ଟ, ଟ୍ରାନ୍ସଫର୍ମର ତଳେ ପଡିଛି। ବିଦ୍ୟୁତ ତାର ଗାଁ ବନ୍ଧରେ ପଡିଛି। ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ଧ୍ୱଂସ ପାଇଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି କୌଣସିମତେ ରକ୍ଷା ପାଇଯାଇଛି। ହେଲେ ଏହା ପରିସରରେ ଥିବା ଅଙ୍ଗନୱାଡି ଗୃହ ଉପରେ ଗଛ ଏବେ ବି ପଡି ରହିଛି। ଗାଁ ମୁଣ୍ଡ ଆଶ୍ରମ ଧ୍ୱଂସ ପ୍ରାୟ, ନଳକୂପ ପାଣି ହିଁ ଭରସା। ଉଜୁଡି ଯାଇଥିବା ଘରକୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଅନାଇ ବସିଲେ ନାହିଁ। ଗାଁ ଯୁବକ ଏବଂ ସ୍ଥାନୀୟ କ୍ଲବ ସଭ୍ୟମାନେ ପଞ୍ଚାୟତ ଅଫିସରୁ ପାଲ ଆଣି କଚ୍ଚାଘର ସୁରକ୍ଷା କରିଛନ୍ତି। ସ୍ଥାନୀୟ ବାସିନ୍ଦା ନବ କିଶୋର ମହାପାତ୍ର କହିଛନ୍ତି ଯେ, ବାତ୍ୟା ଯିବାର ୭ ଦିନ ହେଲାଣି। ଗାଁରେ ବହୁ କଚ୍ଚା ଘର ଓ ପ୍ରାଥମିକ ବିଦ୍ୟାଳୟ ପୂର୍ଣ୍ଣରୂପେ କ୍ଷତିଗ୍ରସ୍ତ ହୋଇଛି। ପ୍ରଶାସନିକ ଅଧିକାରୀ ଏ ଯାଏ ସର୍ଭେକ୍ଷଣ କରିନାହାନ୍ତି। ତେଣୁ ବିଳମ୍ବ ସର୍ଭେକ୍ଷଣ ସହାୟତା ରାଶିକୁ ଡେରି କରିବ ବୋଲି ନବ ଆଶଙ୍କା କରିଛନ୍ତି। ଭଗବାନ ରଥ କହିଛନ୍ତି ଯେ, ଗାଁ ଏବଂ ଏହାର ଆଖପାଖ ଅଞ୍ଚଳର ବିଦ୍ୟୁତ ଭିତ୍ତିଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏବେଠୁ ଯଦି କାର୍ଯ୍ୟ ଆରମ୍ଭ କରା ନ ଯାଏ, ତେବେ ମାସେ ପର୍ଯ୍ୟନ୍ତ ବିଜୁଳି ଆଲୋକରୁ ସ୍ଥାନୀୟ ଲୋକ ବଞ୍ଚିତ ହେବେ। କୌଣସିମତେ ସୁରକ୍ଷିତ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବେ ବି ୨୫୦ରୁ ଅଧିକ ଲୋକ ଆଶ୍ରୟ ନେଉଛନ୍ତି, ସେମାନଙ୍କୁ ଚାନ୍ଦା ଆଦାୟ କରି ରନ୍ଧା ଖାଦ୍ୟ ଦିଆଯାଉଛି। ପୁରୀ ନିକଟବର୍ତ୍ତୀ ପ୍ରହରାଜପୁର ଓ ଏହାର ଆଖପାଖ ଅଞ୍ଚଳ ନଡିଆ ଗଛ ପ୍ରବଣ। ହଜାର ହଜାର ନଡିଆ ଗଛ ଓ ଗୁଆ ଗଛ ଭାଙ୍ଗିଯାଇଛି। କେତେକ ଲୋକ ନଡିଆ ଗଛ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିର୍ଭରଶୀଳ, ତେଣୁ ପଇଡ ଓ ନଡିଆ ବ୍ୟବସାୟୀ ଜୀବିକା ହରାଇବା ପରିସ୍ଥିତି ଉପୁଜିଛି। ସ୍ଥାନୀୟ ଯୁବକ ରାକେଶ ତ୍ରିପାଠୀ କହିଛନ୍ତି ଯେ, ଏନ୍‌ଡିଆର୍‌ଏଫ୍ ରାସ୍ତା ସଫା ଉପରେ ଗୁରୁତ୍ୱ ଦେଉଛି। ଗାଁ ଲୋକେ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି। ଅନୁରୂପ ଭାବେ ବହୁ ଘର ଉପରେ ବଡ଼ ଗଛ ଭାଙ୍ଗି ପଡ଼ିଛି। ଏଗୁଡିକ ଆଭ୍ୟନ୍ତରରେ ଥିବାରୁ ଏନ୍‌ଡିଆର୍‌ଏଫ୍ ସହଯୋଗ ଆବଶ୍ୟକତା ରହିଛି। ତେଣୁ ପ୍ରଶାସନ ଜାତୀୟ ଓ ରାଜ୍ୟ ରାଜପଥ ବ୍ୟତୀତ ଗ୍ରାମାଞ୍ଚଳରେ ଏନ୍‌ଡିଆରଏଫ୍‌କୁ ବ୍ୟବହାର କରୁ ବୋଲି ରାକେଶ କହିଛନ୍ତି।

ବିଭିନ୍ନ ସ୍ଥାନରେ ସର୍ଭେକ୍ଷଣ ବିଳମ୍ବ ସମ୍ପର୍କରେ ପଚାରୁଥିବାରୁ ରାଜସ୍ୱ ବିଭାଗର ଜନୈକ ଅଧିକାରୀ କହିଛନ୍ତି ଯେ, ତୃଣମୂଳସ୍ତରରେ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ଏବିଡିଓ ପ୍ରମୁଖ ଅଧିକାରୀ କାର୍ଯ୍ୟ କରିଥାଆନ୍ତି। ବାତ୍ୟା ପରେ ରିଲିଫ୍ ତଦାରଖ ଓ ବଣ୍ଟନରେ କର୍ମଚାରୀମାନେ ନିୟୋଜିତ ରହିଛନ୍ତି। ତହସିଲ ଅଫିସ ଛାଡି ତହସିଲଦାର ଆସିବା କଷ୍ଟକର ବ୍ୟାପାର ହୋଇଯାଉଛି। ତେଣୁ ସର୍ଭେକ୍ଷଣ ବିଳମ୍ବ ହେଉଛି। ବିଦ୍ୟୁତ ବ୍ୟବସ୍ଥା ସମ୍ପର୍କରେ କୃଷ୍ଣ ଷଡଙ୍ଗୀ କହିଛନ୍ତି ଯେ, ସପ୍ତାହେ ବିତିଥିଲେ ବି କୌଣସି ଶକ୍ତି ବିଭାଗ ଅଧିକାରୀଙ୍କ ପାଦ ଅଞ୍ଚଳରେ ପଡିନାହିଁ। ଯଦି ବିଭାଗୀୟ ଅଧିକାରୀମାନେ ଆଗେଇ ଆସନ୍ତି ତେବେ ସେମାନଙ୍କୁ ସହଯୋଗ କରିବା ପାଇଁ ଗ୍ରାମବାସୀ ପ୍ରସ୍ତୁତ। ନଡିଆ ଗଛ ଆୟର ଏକ ପନ୍ଥା, ତେଣୁ କ୍ଷତି ହୋଇଥିବା ଗଛ ପାଇଁ କ୍ଷତିପୂରଣ ମିଳୁ ବୋଲି କୃଷ୍ଣ କହିଛନ୍ତି।

# ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, ୮।୫(ବ୍ୟୁରୋ)



ବୈଦ୍ୟନାଥ ମିଶ୍ର

ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ଶହୀଦନଗରସ୍ଥିତ ବାସଭବନରେ ୯୯ବର୍ଷ ବୟସରେ ତାଙ୍କ ଦେହାନ୍ତ ହୋଇଥିବା ବୁଧବାର ପରିବାରବର୍ଗ ପକ୍ଷରୁ କୁହାଯାଇଛି। ପ୍ରଫେସର ମିଶ୍ର ୧୯୪୯ ମସିହାରେ ରେଭେନ୍‌ସା କଲେଜରୁ ଅଧାପନା କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୮୧ରୁ ୧୯୮୫ ସେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ୧୯୮୫ରୁ ୧୯୯୦ ଷ୍ଟେଟ୍ ପ୍ଲାନିଂ ବୋର୍ଡର ଚେୟାରମ୍ୟାନ ରହିଥିଲେ। ତାଙ୍କ ବିୟୋଗରେ ଶିକ୍ଷାଜଗତରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଫେସର ମିଶ୍ରଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ବିଶିଷ୍ଟ ଶିକ୍ଷାବିତ୍ ତଥା ଅର୍ଥନୀତିଜ୍ଞ ପ୍ରଫେସର ମିଶ୍ରଙ୍କ ବିୟୋଗରେ ମୁଁ ବହୁତ ଦୁଃଖିତ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଧ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି। ସାମାଜିକ ବିକାଶରେ ପ୍ରଫେସର ମିଶ୍ରଙ୍କ ଅବଦାନ ଅତୁଳନୀୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି।


BADRIPRASAD Group of Institutions

Admission Open

DIPLOMA ENGINEERING
BCA BBA
BA BSc BCom
100% Placement Assistance

At- Debaipali, Majhipali Chowk, PO- Sason, Dist- Sambalpur, Pin- 768200
Contact: 7008920803, 7008757504, 8327725282, 7008483493
Web: www.bitsambalpur.in, Email: bitechsbp@gmail.com/ bcctsbp@gmail.com/ bdcsbp@gmail.com



OUTSTANDING PERFORMANCE of Class Room Prog. in JEE MAIN - 2019

AMARNATH BISWAL, PERCENTILE 99.1170416
SAMBHRANT DORA, PERCENTILE 99.0598283
PRAYASH CH. PADHAN, PERCENTILE 98.1270983
ADARSH SWARNAKAR, PERCENTILE 97.8654827

ADMISSION OPEN
Total No. Selection 45 in JEE Main

MEDICAL & ENGINEERING
NEET, AIIMS, JEE (Main & Advanced) & Other Medical / Engineering Entrance Exams
2 years Classroom Program - (Elig: 10th passed)
1 year Target Batch - (Elig: 12th passed)

FOUNDATION
NTSE, Olympiads / School / Board Exams
(Elig: 7th / 8th / 9th / 10th)

| PROGRAM | COURSE | BATCH START |
|---|---|---|
| 2 Years 2nd Batch | XI / XII BOARD / JEE / NEET / AIIMS | 06-05-2019 (Monday) |
| 1 Year 1st Batch | JEE (Main & Adv.) / OUAT / IISER / NISER | 06-05-2019 (Monday) |
| 1 Year 1st Batch | NEET / AIIMS | 09-05-2019 (Thursday) |

Virat
0663 - 2541836, 7381652000, 9040010599
viratfoundation@gmail.com www.virat.org.in
2nd Floor, Anand Super Bazar, Budharaja, Sambalpur



ओरिएण्टल इंश्योरेंस
Oriental insurance
पृथ्वी, अग्नि, जल, आकाश। सबकी सुरक्षा हमारे पास।
Prithvi, Agni, Jal, Aakash. Sab ki suraksha hamare paas.

କ୍ଷେତ୍ରୀୟ କାର୍ଯ୍ୟାଳୟ-ଭୁବନେଶ୍ୱର, ୪ର୍ଥ ମହଲା, ଆଲୋକ ଭାରତୀ ଟାୱାର୍ସ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
Website: https://orientalinsurance.org.in CIN: U66010DL1947GOI007158

ବାତ୍ୟା 'ଫୋନି' ଦ୍ୱାରା କ୍ଷତିଗ୍ରସ୍ତ ହୋଇ ଅଧା ଓଡ଼ିଶା ଧ୍ୱଂସ ପ୍ରାୟ ହୋଇଅଛି। ଆମ୍ଭେ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଗଭୀର ସମବେଦନା ଜ୍ଞାପନ କରୁଅଛୁ ଏବଂ ଏହିଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ଆମ୍ଭର ବୀମାଧାରକମାନଙ୍କୁ ତତ୍ପରତାର ସହିତ ସେବା ଯୋଗାଇ ଦେବା ପାଇଁ ଆମ୍ଭେ ପ୍ରତିଶ୍ରୁତିବଦ୍ଧ। ନିମ୍ନଦର୍ଶିତ ବିବରଣୀ ଅନୁସାରେ ଦାବୀଦାରମାନେ ନିଜର ବୀମା ଦାବୀ ପ୍ରକ୍ରିୟାକାରୀ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିପାରିବେ। ଗ୍ରାହକ ସେବାକୁ ଆମ୍ଭେ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସିଛୁ ଏବଂ ବୀମାଧାରକମାନଙ୍କୁ ସବୁସମୟରେ ସର୍ବୋତ୍କୃଷ୍ଟ ସେବା ଯୋଗାଇବା ପାଇଁ ଆମ୍ଭେ ସଂକଳ୍ପବଦ୍ଧ।

| ଅଫିସ୍ କୋଡ୍ | କାର୍ଯ୍ୟାଳୟର ନାମ | ନାମ | ପଦବୀ | ଅଫିସ୍ ଲ୍ୟାଣ୍ଡ ଫୋନ୍ ନଂ. | ମୋବାଇଲ ନଂ. |
|---|---|---|---|---|---|
| 340000 | RO, ଭୁବନେଶ୍ୱର | ଜି.ଏନ୍. ସାମଲ | RM | 0674-2549210 | 9337596085 |
| 340000 | RO, ଭୁବନେଶ୍ୱର | ଏସ୍. ନନ୍ଦ | RM | 0674-2548198 | 9439317583 |
| 340000 | RO, ଭୁବନେଶ୍ୱର | ଏସ୍.ଏସ୍. ଅହମ୍ମଦ | RM | 0674-2547878 | 9968848435 |
| 340000 | RO, ଭୁବନେଶ୍ୱର | ପି. ଜେନା | RM | 0674-2541461 | 9437246704 |
| 340011 | SVC, ଭୁବନେଶ୍ୱର | ଏମ୍. ବ୍ରହ୍ମା | I/C | 0674-2310531 | 9437306368 |
| 340012 | SVC, ସମ୍ବଲପୁର | ଏସ୍.ସି. ବିଶ୍ୱାଳ | I/C | 0663-2405710 | 9437494998 |
| 345100 | DO, କଟକ | ଏ.କେ. ଭଞ୍ଜ | SDM | 0671-2423471 | 9437006273 |
| 345101 | CBO-I, କଟକ | ପି.ବିକ୍ରମ | SBM | 0671-2304053 | 9337089357 |
| 345105 | CBO-2, କଟକ | ଏସ୍.କେ. ସାହୁ | SBM | 0671-2327969 | 9437242328 |
| 345106 | BO, କେନ୍ଦ୍ରାପଡ଼ା | ଜି.ସି. ଚୌଧୁରୀ | BM | 06727-220453 | 9437006646 |
| 345300 | DO-1, ଭୁବନେଶ୍ୱର | ଏସ୍. ସାହୁ | SDM | 0674-2432293 | 8763269282 |
| 345304 | CBO-1, ଭୁବନେଶ୍ୱର | ଏସ୍.କେ. ମାଝି | BM | 0674-2534988 | 9437278672 |
| 345400 | DO, ବ୍ରହ୍ମପୁର | ଜି.ଏନ୍. ବାର | SDM | 0680-2203779 | 9437105935 |
| 345401 | BO, ଆସ୍କା | କେ. ପ୍ରସାଦ | BM | 06822-273389 | 7205410277 |
| 345402 | BO, ଜୟପୁର | ପି.କେ. ସାହୁ | SBM | 06854-232036 | 9437141879 |
| 345500 | DO, ରାଉରକେଲା | ସି. ଡୁଙ୍ଗ୍ ଡୁଙ୍ଗ୍ | SDM | 0661-2500267 | 9437250877 |
| 345505 | BO, କେନ୍ଦୁଝର | ସି. ମିଞ୍ଜ | SBM | 06766-2521261 | 9437345064 |
| 345506 | BO, ବଡବିଲ | ଏସ୍.କେ. ମହାନ୍ତି | BM | 06767-276210 | 9437676643 |
| 345600 | DO, ସମ୍ବଲପୁର | ଆର୍.କେ. ସାଇ | SDM | 0663-2405710 | 9437043733 |
| 345601 | BO, ବରଗଡ଼ | ଏସ୍.ଆର୍.ଏସ୍. ରାଓ | BM | 06646-232815 | 9437570810 |
| 345604 | BO, ଝାରସୁଗୁଡ଼ା | ଜି.ଏନ୍. ବେହେରା | SBM | 06645-274066 | 9437175639 |
| 345700 | DO, ବାଲେଶ୍ୱର | ପି.କେ. ସାହୁ | SDM | 06782-260040 | 9438733362 |
| 345701 | BO, ଭଦ୍ରକ | ଟି.କେ. ଦାଶ | BM | 06784-251235 | 8895384380 |
| 345702 | BO, ଯାଜପୁର ରୋଡ୍ | ଏସ୍. ରଥ | SBM | 06726-220587 | 9437545418 |
| 345703 | BO, ବାରିପଦା | ଦେବାଶିଷ ଦାସ | SBM | 06792-252546 | 9040753965 |
| 345704 | BO, ଚଣ୍ଡିଖୋଲ | ଏସ୍. ସାମଲ | BM | 06725-220055 | 9437237370 |
| 345800 | DO-2, ଭୁବନେଶ୍ୱର | ଜି. ଖାନ୍ | DM I/C | 0674-2312653 | 9437384973 |
| 345801 | BO, ପୁରୀ | ଏସ୍.କେ. ସେଠୀ | SBM | 06752-223566 | 9437554462 |
| 345900 | DO, ଅନୁଗୁଳ | ଏସ୍.କେ. ତ୍ରିପାଠୀ | SDM | 06764-230701 | 9437323261 |
| 345901 | BO, ଢେଙ୍କାନାଳ | ବି.ବି. ସାମଲ | SBM | 06762-243415 | 9437609665 |
| 345902 | BO, ତାଳଚେର | ବି.ଡି. ସାହୁ | SBM | 06762-241136 | 9861037418 |
| 346000 | DO, ବଲାଙ୍ଗୀର | ପି.କେ. ନେଗି | SDM | 06652-232442 | 9437118383 |
| 346001 | BO, ଭବାନୀପାଟଣା | କେଦାର ସିଂହ | BM | 06670-230797 | 8895560600 |

ପଞ୍ଜିକୃତ କାର୍ଯ୍ୟାଳୟ: ଓରିଏଣ୍ଟାଲ ହାଉସ୍, ଏ-୨୫/୨୭, ଆସଫ ଅଲ୍ଲୀ ରୋଡ୍, ନିଉ ଦିଲ୍ଲୀ-୧୧୦୦୦୨
Insurance is the subject matter of solicitation. IRDA Reg. No. 556


## ODISHA JOINT ENTRANCE EXAMINATION-2019 (OJEE - 2019)

No: OJEE-19/171 Date: 07.05.2019

**ATTENTION**

In view of the large scale devastation, disruption of power supply and communication networks caused by the extremely severe cyclonic storm, 'Fani', the Odisha Joint Entrance Examination (OJEE) - 2019 scheduled to be held on 12th and 13th of May 2019 is postponed as follows:

**1. The Pen and Paper Mode Examination (originally scheduled to be held on 12.05.2019) is postponed and now will be held on 18.05.2019.**

All other particulars of the examination such as candidate's Roll No., Exam Centre, shift and timing of examinations etc. shall remain unchanged. No new admit cards eill be necessary and as such, will not be available in the OJEE website (**ojee.nic.in**). The previous admit cards (with exam date as 12.05.2019) already downloaded from / available in the OJEE website shall be considered vaild for the said exam to be held on 18.05.2019.

**2. The Computer Based Test (CBT) (originally scheduled to be held on 13.05.2019) is also postponed and now will be held on a suitable date after normalcy in the internet communication system is restored.**

The new schedule of the examination with date, shift and timings, centre name etc. shall be notified later on. Candidates are to download new admit cards form the OJEE website (ojee.nic.in) on getting the intimation through mobile SMS and /or e-mails.

All the candidates for OJEE - 2019 are advised to regularly check the OJEE websites (**www.ojee.nic.in/www.odishajee.com**) for updates on OJEE - 2019.

Sd/-
Chairman, OJEE

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ଚନ୍ଦନ ଯାତ୍ରା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ- ସାକ୍ଷୀପଡା ରାଧାମଦନ ଗୋପାଳ ମନ୍ଦିର,ସମୟ- ସନ୍ଧ୍ୟା ୭ଟା।

**ଦେବଗଡ଼**
- ବାରକୋଟ ବ୍ଲକ କଲାଠାରେ ପ୍ରସିଦ୍ଧ ଚନ୍ଦନ ମେଳା, ସ୍ଥାନ-କଲା ଗ୍ରାମ, ସମୟ-ଅପରାହ୍ନ ୪ଟା।

**ବରଗଡ଼**
- ରାମାୟଣ ପାରାୟଣ, ସରଣ୍ଡା ମହାପାତ୍ରପଡ଼ା କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୮ଟାରୁ ରାତ୍ରି ୮ଟା।
- ଦଧିବାମନ ମନ୍ଦିର ପ୍ରତିଷ୍ଠା ସମାରୋହରେ କଳସ ଯାତ୍ରା, ଜାମୁଟବାହାଲ (ଗାଇସିଲେଟ୍), ଅପରାହ୍ନ ୪ଟା।
- ରାମାୟଣ ପାରାୟଣ, ସନ୍ଧିବାହାଲ (ଗାଇସିଲେଟ୍), ପୂର୍ବାହ୍ନ ୯ଟା।
- ଚବିଶ ପ୍ରହର ନାମଯଜ୍ଞର ଉଦଯାପନୀ, ରେଙ୍ଗାଲିପାଲି (ବିଜେପୁର), ଅପରାହ୍ନ ୪ଟା।
- ଷୋଳ ପ୍ରହର ନାମଯଜ୍ଞର ଉଦଯାପନୀ, ତାଲପଦର(ବିଜେପୁର), ଅପରାହ୍ନ ୫ଟା।

## Biju Patnaik University of Technology, Odisha Rourkela

No.BPUT / Exam / 2350/19 Date: 06.05.2019

**NOTICE**

It is for the information of all Principals of Constituent, and affiliated Colleges and Centre Superintendents of Examination Centres that date wise subjects of all Even Semesters Regular & Back Examinations: **2018-19** which were to be conducted from **02.05.2019** to **18.05.2019** have been postponed on account of Pre and Post Cyclonic effect of **"Fani"**. The consolidated re-scheduled dates are as under;

| Sl | Old Scheduled Date | Re-Scheduled Date |
|---|---|---|
| 1 | 02.05.2019 | 25.05.2019 |
| 2 | 03.05.2019 | 27.05.2019 |
| 3 | 04.05.2019 | 28.05.2019 |
| 4 | 06.05.2019 | 29.05.2019 |
| 5 | 07.05.2019 | 30.05.2019 |
| 6 | 08.05.2019 | 31.05.2019 |
| 7 | 09.05.2019 | 01.06.2019 |
| 8 | 10.05.2019 | 03.06.2019 |
| 9 | 11.05.2019 | 04.06.2019 |
| 10 | 13.05.2019 | 06.06.2019 |
| 11 | 14.05.2019 | 07.06.2019 |
| 12 | 15.05.2019 | 08.06.2019 |
| 13 | 16.05.2019 | 10.06.2019 |
| 14 | 17.05.2019 | 11.06.2019 |
| 15 | 18.05.2019 | 12.06.2019 |

All other Examinations which were to be scheduled from 20.05.2019 shall continue as per initial schedule, notified earlier by the University vide Notice No.**BPUT/Exam/1327/2019** dated.**14.03.2019.**

By order
Sd./- Director, Examinations

For details www.bput.ac.in / www.bputexam.in



“ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।

-ସନ୍ଥ କବୀର ଦାସ


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଯଶ୍‌ରାଜ
ପରିବାରବର୍ଗ



ଚନ୍ଦନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### କିଛି ତଥ୍ୟ

୨୦୧୮-୧୯ରେ ସ୍ୱଚ୍ଛ ଇ-ନିଲାମରେ କୋଲ୍ ଇଣ୍ଡିଆର କୋଇଲା ଆବଣ୍ଟନ ୩୭.୭% ହ୍ରାସ ଘଟି ୩୪.୩୪ ନିୟୁତ ଟନ୍ ରହିଛି। ୨୦୧୭-୧୮ରେ ଏହା ୫୫.୧୭ ନିୟୁତ ଟନ୍ ଥିଲା।

**- କୋଇଲା ମନ୍ତ୍ରଣାଳୟ**

## ପାୱାର ଲାଇନ ପୁନଃନିର୍ମାଣ କାର୍ଯ୍ୟର ସମୀକ୍ଷା

ଭୁବନେଶ୍ୱର,୮।୫(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ଥାନୀୟ ଚନ୍ଦକା ଅଞ୍ଚଳରେ ଚାଲିଥିବା ପାଣ୍ଡିଆବିଲ ପାୱାର ଲାଇନର ପୁନଃନିର୍ମାଣ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଏହା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସୂଚନାଯୋଗ୍ୟ, ଏକ ଅସ୍ଥାୟୀ ଇ.ଆର୍.ଏସ୍ ଟାୱାର ନିର୍ମାଣ କରି ଖୁବ୍‌ଶୀଘ୍ର ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି।

## ପ୍ରଥମ ପୃଷ୍ଠାରୁ...

### ୧୨ ସୁଦ୍ଧା...

ସ୍ମାର୍ଟସିଟି ଭୁବନେଶ୍ୱରର ସବୁ ଅଞ୍ଚଳକୁ ଆସନ୍ତା ୧୨ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ବିଦ୍ୟୁତ୍ ସଂଯୋଗ ହୋଇଯିବ। ଏଭଳି ପ୍ରତିଶ୍ରୁତି ଦେଇଛି ଶକ୍ତି ବିଭାଗ। ସେହିପରି ପୁରୀ ସହରର ବିଦ୍ୟୁତ୍ ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏହାକୁ ସଜାଡ଼ିବାକୁ ଅନେକ ସମୟ ଲାଗିଯିବ। ତେବେ ଆସନ୍ତା ରବିବାରଠାରୁ ପୁରୀକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ ସିଂ ସୂଚନା ଦେଇଛନ୍ତି।

ବୁଧବାର ସନ୍ଧ୍ୟା ସୁଦ୍ଧା ସେସୁ ଅଧୀନରେ ଥିବା ବିସିଡିଡି-୧ର ୪୬ଟି ୧୧ କେଭି ଫିଡରରୁ ୨୪ଟି କାର୍ଯ୍ୟକ୍ଷମ ହୋଇଥିବା ବେଳେ ବିସିଡିଡି-୨ର ୮୬ଟି ଫିଡରରୁ ୨୦ଟିରେ ବିଦ୍ୟୁତ୍ ଯୋଗାଣ କରାଯାଇଛି। ସେହିପରି ବିଇଡି ଡିଭିଜନର ୩୭ଟି ଫିଡରରୁ ୧୪ଟି ସନ୍ଧ୍ୟା ସୁଦ୍ଧା ଚାଲୁ କରାଯାଇଛି। ମାତ୍ର ପୁରୀ ସହରରେ ଏ ପର୍ଯ୍ୟନ୍ତ କୌଣସି ସ୍ଥାନକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଆସନ୍ତା ୧୨ ତାରିଖରୁ ପ୍ରଥମକରି ପୁରୀ ବଡ଼ଦାଣ୍ଡ ଓ ହସ୍ପିଟାଲକୁ ବିଦ୍ୟୁତ୍ ଯୋଗାଣ ଆରମ୍ଭ ହେବ ବୋଲି ସିଂ ସୂଚନା ଦେଇଛନ୍ତି। ପୁରୀରେ କ୍ଷୟକ୍ଷତି ପରିମାଣ ବହୁ ଅଧିକ। କେବଳ ୩୩ କିମ୍ବା ୧୧ କେଭି ନୁହେଁ ୧୩୨ କେଭି ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ଉପୁଡ଼ିଯାଇଛି। ତାହା ଏପର୍ଯ୍ୟନ୍ତ ଆକଳନ କରାଯାଇ ପାରିନାହିଁ। ପୁରୀରେ କେବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଶେଷହେବ ତାହା କହିହେବ ନାହିଁ। ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟରେ ୫୦୦ ଗ୍ୟାଙ୍ଗ୍ ଲାଗିଛନ୍ତି। ପ୍ରତ୍ୟେକ ଗ୍ୟାଙ୍ଗରେ ୧୦ଜଣ କର୍ମଚାରୀ ଓ ଜଣେ ଅଫିସର ନିୟୋଜିତ ହୋଇଛନ୍ତି। ଆହୁରି ୩୦୦ ଗ୍ୟାଙ୍ଗ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ତେଲେଙ୍ଗାନାରୁ ଆସୁଛନ୍ତି। ତେଲେଙ୍ଗାନା ସରକାର ମଙ୍ଗଳବାର ୧ ହଜାର ଦକ୍ଷ ବିଦ୍ୟୁତ୍ କର୍ମଚାରୀଙ୍କୁ ଓଡ଼ିଶା ପଠାଇ ସାରିଛନ୍ତି। ଓଡ଼ିଶାକୁ ସମସ୍ତ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ମୁଖ୍ୟ ଶାସନ ସଚିବ ଏସ.କେ. ଜୋଷୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପଭୋକ୍ତାମାନେ ନିଜର ସର୍ଭିସ ତାର ସଜାଡ଼ି ରଖନ୍ତୁ। ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ ଦିଆଯାଇପାରେ। ଘରୋଇ ଉପଭୋକ୍ତାଙ୍କୁ ଏହି କାର୍ଯ୍ୟରେ ସହାୟତା ପାଇଁ ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଛାତ୍ରୀଛାତ୍ରମାନଙ୍କୁ ନିୟୋଜିତ କରାଯିବାକୁ ନିଷ୍ପତ୍ତି ହୋଇଛି। କଟକର ପ୍ରାୟ ସମସ୍ତ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇସାରିଲାଣି। ଫନୀ ଦ୍ୱାରା ୧୨୦୦ କୋଟି ଟଙ୍କାର ବିଦ୍ୟୁତ୍ ଭିତ୍ତିଭୂମି ନଷ୍ଟ ହୋଇଛି ବୋଲି ସିଂ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱରର ସମସ୍ତ ଘରୋଇ ହସ୍ପିଟାଲକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଆର୍‌ବିଆଇ, ଏସ୍‌ବିଆଇକୁ ମଧ୍ୟ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ବ୍ୟାଙ୍କ ବ୍ୟବସ୍ଥାରେ ସୁଧାର ଆସିପାରିବ। ଉନ୍ନୟନ କମିଶନର ଟେଲି ଯୋଗାଯୋଗର ନିୟମିତ ସମୀକ୍ଷା କରୁଛନ୍ତି। ଟେଲିକମ୍ କମ୍ପାନୀଗୁଡ଼ିକୁ ଟାୱାର କାର୍ଯ୍ୟକ୍ଷମ ସକାଶେ ଡିଜି ସେଟ୍ ପାଇଁ ଡିଜେଲ ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ସିଂ କହିଛନ୍ତି, ବାତ୍ୟା ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଟେଲିକମ ସେବାରେ ସୁଧାର ଆସିଛି। ଭୁବନେଶ୍ୱରରେ ବିଭିନ୍ନ ଟେଲିକମ୍ କମ୍ପାନୀର ୫ଟି ମାଷ୍ଟର ସୁଇଚିଂ ସେଣ୍ଟର ରହିଛି। ସେଗୁଡ଼ିକରୁ ୪ଟିକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇ କାର୍ଯ୍ୟକ୍ଷମ କରାଯାଇଛି। ଅନ୍ୟଟିର ବୈଷୟିକ ତ୍ରୁଟି ଯୋଗୁ ସମସ୍ୟା ରହିଛି। ଟେଲିକମ ସେବାରେ ଉନ୍ନତି ଆସିବା ପରେ ବ୍ୟାଙ୍କସେବାରେ ମଧ୍ୟ ସୁଧାର ଆସିଛି। ଏସ୍‌ବିଆଇ, ଏଚଡିଏଫ୍‌ସି ଏବଂ ୟୁକୋ ବ୍ୟାଙ୍କ ଏଟିଏମ୍ କାର୍ଯ୍ୟକ୍ଷମ ରହିଛି। ପୁରୀରେ କୌଣସି ବ୍ୟାଙ୍କସେବା ଆରମ୍ଭ ହୋଇନାହିଁ। ସେଠାରେ ମୋଇବାଲ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ଜଳଯୋଗାଣ ସମ୍ପର୍କରେ ସୂଚନା ଦେଇ ସିଂ କହିଛନ୍ତି, ପୁରୀ ସହରରେ ପାନୀୟ ଜଳ ଯୋଗାଣ ଶତ ପ୍ରତିଶତ କରାଯାଇଛି। ବିଦ୍ୟୁତ୍ ନ ଥିବାରୁ ସହରରେ ୨୪ଟି ଡିଜି ସେଟ ଜରିଆରେ ପମ୍ପଯୋଗେ ପାଣି ଉଠାଯାଉଥିବା ବେଳେ ୩୩ଟି ୱାଟର ଟ୍ୟାଙ୍କ ଏବଂ ୧୦୦ଟି ପିଭିସି ଟ୍ୟାଙ୍କ ମାଧ୍ୟମରେ ସହରବାସୀଙ୍କୁ ୨୮ଏମ୍‌ଏଲ୍‌ଡି ଜଳ ଯୋଗାଇ ଦିଆଯାଉଛି। ସେହିପରି କୋଣାର୍କ ସହରରେ ଶତପ୍ରତିଶତ ପିଇବା ପାଣି ଯୋଗାଇ ଦିଆଯାଇଥିବା ବେଳେ ନିମାପଡ଼ା ସହରରେ ମଧ୍ୟ ଜଳଯୋଗାଣ ସ୍ୱାଭାବିକ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମରେ ୧୧୧ଟି ଡିଜି ସେଟ, ୧୬୦ଟି ପାଣି ଟ୍ୟାଙ୍କର ଏବଂ ୬୦୦ ପିଭିସି ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କଟକ ସହରରେ ୮୦% ଯୋଗାଇ ଦିଆଯାଇଥିବା ବେଳେ ଖୋର୍ଦ୍ଧା ସହରରେ ୭୦% ଏବଂ ଜଟଣୀ ସହରରେ ୫୦% ପାନୀୟ ଜଳ ଯୋଗାଣ କରାଯାଇଛି। ରାଜ୍ୟ ବାହାରୁ ମଧ୍ୟ ଡିଜି ସେଟ ମଗାଯାଇ ପାନୀୟ ଜଳ ଯୋଗାଣକୁ ସ୍ୱାଭାବିକ କରାଯାଉଛି। କୌଣସି ସ୍ଥାନରେ ମହାମାରୀ ହୋଇନାହିଁ। କୌଣସି ରାସ୍ତାରେ ଅବରୋଧ ନାହିଁ, ଭଙ୍ଗା ଗଛକୁ ହଟାଇବା କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। ଟ୍ରାଫିକ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଛି। ରିଲିଫ ଯୋଗାଣ ଆରମ୍ଭ ହୋଇଛି। ନିମ୍ନମାନର ଚାଉଳ ନ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସିଂ କହିଛନ୍ତି।

ବାତ୍ୟା ଯୋଗୁ ରାଜ୍ୟରେ ସରକାରୀ ଭାବେ ୪୧ ଜଣଙ୍କର ମୃତ୍ୟୁ ହୋଇଛି। ପୁରୀରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩, ମୟୂରଭଞ୍ଜରେ ୪, ଯାଜପୁର ୪, କଟକ ୫ ଏବଂ ଭୁବନେଶ୍ୱରରେ ୪ଜଣଙ୍କର ମୃତ୍ୟୁ ହୋଇଛି ବୋଲି ସିଂ ସୂଚନା ଦେଇଛନ୍ତି। ସେହିପରି ବାତ୍ୟାରେ ୨୧ ଲକ୍ଷ ୭୬ ହଜାର ୯୯୮ ପଶୁ ପକ୍ଷୀଙ୍କର ପ୍ରାଣଯାଇଛି। ସେଥିରୁ ୨୧ ଲକ୍ଷ ୭୫ ହଜାର ୩୮୩ ପାଳିତ ପକ୍ଷୀଙ୍କର ମୃତ୍ୟୁ ହୋଇଥିବା ବେଳେ ୭୩୭ ବଡ଼ ଓ ୮୭୯ ଛୋଟ ପଶୁଙ୍କ ମୃତ୍ୟୁ ହୋଇଛି। ବାତ୍ୟା ଯୋଗୁ ୧୪ ଜିଲାର ୧କୋଟି ୫୦ ଲକ୍ଷ ୯୩ ହଜାର ୫୧୩ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ପୁନରୁଦ୍ଧାର କାର୍ଯ୍ୟରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଭାଙ୍ଗି ଯାଇଥିବା ଗଛ କାଟିବା ଓ ପାଣି ଯୋଗାଇବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଭୁବନେଶ୍ୱରରେ ଅଗ୍ନିଶମ ବିଭାଗର ୪୫୦ ଟିମ୍,ପୁରୀରେ ୭୨ଟିମ୍ ଗଛ କାଟିବାରେ ଲାଗିଥିବା ବେଳେ ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ ଗଛ ସଫା କାର୍ଯ୍ୟରେ ୨୬ ଟିମ୍ ସେସୁକୁ ସହାୟତା କରୁଛନ୍ତି ବୋଲି ଅଗ୍ନିଶମ ବିଭାଗର ଚିଫ୍ ଫାୟାର ଅଫିସର ସୁକାନ୍ତ ସେଠୀ କହିଛନ୍ତି।

‘ଫନୀ’ ଯିବାର ୬ ଦିନ ପରେ ମଧ୍ୟ ଦୁର୍ଦ୍ଦଶା କମିନି। ପାଣି ଓ ବିଦ୍ୟୁତ୍ ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ସରକାରଙ୍କ ତରଫରୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା ଥିବା ଅଞ୍ଚଳରେ କିଛିମାତ୍ରାରେ ପୁନରୁଦ୍ଧାର କାର୍ଯ୍ୟ ହୋଇଥିଲେ ମଧ୍ୟ ଅନ୍ୟ ଅଞ୍ଚଳରେ ପରିସ୍ଥିତି ସଙ୍ଗିନ ରହିଛି। ପାଣି ଟ୍ୟାଙ୍କର ପହଞ୍ଚି ପାରୁନାହିଁ କିମ୍ବା ବିଦ୍ୟୁତ୍ ସଂଯୋଗ ନାହିଁ। ଦୂରଦୂରାନ୍ତରୁ ପାଣି ବୋହି ବୋହି ଲୋକମାନେ ନୟାନ୍ତ ହୋଇଗଲେଣି। ଏପରିକି ଅନେକ ଲୋକ ସହର ଛାଡ଼ି ଗାଁକୁ ଚାଲିଗଲେଣି।

### ସନ୍ଧ୍ୟା ୬ଟା ଯାଏ ...

ଲାଭ କରି ପାରିବେ। ଅର୍ଥାତ ବ୍ୟାଙ୍କଗୁଡିକ ୬ ଟା ଯାଏ ଖୋଲା ରହିବ ବୋଲି ମଲ୍ଲ କହିଛନ୍ତି। ଅପରାହ୍ନ ୪ଟା ଯାଏ ପୂର୍ବରୁ ବ୍ୟାଙ୍କ ସେବା ଚାଲୁଥିବା ବେଳେ ବାତ୍ୟା ପରବର୍ତ୍ତୀ ସ୍ଥିତିକୁ ବିଚାର କରି ଏଭଳି ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

ଅପରପକ୍ଷରେ ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ଏଟିଏମ୍ ଭ୍ୟାନ ସୁବିଧା କରାଯିବ ବୋଲି ସେ କହିଛନ୍ତି। ଏହାବାଦ ଗ୍ରାମାଞ୍ଚଳରେ ଅଧିକ ପିଓଏସ୍ ମେଶିନ ଉପଲବ୍ଧ କରାଇବାକୁ ନିଷ୍ପତ୍ତି ନିଆଯାଇଛି। ବାତ୍ୟା ପ୍ରଭାବିତ ସ୍ଥାନଗୁଡିକରେ ୫୦% ଏଟିଏମ୍ କାର୍ଯ୍ୟକ୍ଷମ ରହିଛି। ବ୍ୟାଙ୍କଗୁଡିକରେ ପର୍ଯ୍ୟାପ୍ତ ପରିମାଣର ନଗଦ ମଧ୍ୟ ଉପଲବ୍ଧ ଅଛି। ଏଣୁ ଏ ନେଇ କୌଣସି ଭୟଭୀତ ନ ହେବାକୁ ଲୋକଙ୍କୁ ଆର୍‌ବିଆଇ ପକ୍ଷରୁ ନିବେଦନ କରାଯାଇଛି। ବ୍ୟାଙ୍କଗୁଡିକ ସେମାନଙ୍କ ମୌଳିକ ବ୍ୟାଙ୍କିଙ୍ଗ ସେବାକୁ ନିଜର ବିଜନେସ କଣ୍ଟିନ୍ୟୁଟି ପ୍ଲାନ ଜରିଆରେ ବଜାୟ ରଖିବା ନେଇ ସଚେତନ କରାଯାଇଛି।

### ସହାୟତା ପାଇବାକୁ ...

ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାବେଳେ ସୋମବାରଠାରୁ ବିଏମ୍‌ସି ପକ୍ଷରୁ ରିଲିଫ୍ ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ବିଭିନ୍ନ ୱାର୍ଡ ବାସିନ୍ଦାଙ୍କୁ ଦିଆଯାଉଛି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଥିବା ଉପଭୋକ୍ତା ତଥା ରାଶନ କାର୍ଡଧାରୀମାନଙ୍କୁ ୨,୫୦୦ ଟଙ୍କା ସହ ୫୦ କେଜି ଚାଉଳ ପ୍ରଦାନ କରାଯାଉଥିବା ବେଳେ ଏହି ସହାୟତା ପାଇବା ପାଇଁ ଲୋକେ ନୟାନ୍ତ ହେଉଛନ୍ତି।

### ଟଳିଲେ ୫ ...


ଉଭୟଙ୍କ ଭିତରେ ପ୍ରାୟ ୩୦ ମିନିଟ୍ ଗୁଳି ବିନିମୟ ଚାଲିବା ପରେ ସେମାନଙ୍କ ସାମ୍ନା କରି ନ ପାରି ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ସେଠାରୁ ତଲାସି ବେଳେ ୩ ଜଣ ମହିଳା ଓ ୨ ଜଣ ପୁରୁଷ ମାଓବାଦୀଙ୍କ ମୃତଦେହ ମିଳିଥିଲା। ମୃତ ମାଓବାଦୀମାନେ କୋରାପୁଟ ଡିଭିଜନ ଅଧୀନ ନନ୍ଦପୁର ଏରିଆ କମିଟିର ସଦସ୍ୟ ବୋଲି ଜଣାପଡ଼ିଛି। ଏହାସହ ୨ଟି ଇନସାସ୍ ରାଇଫଲ, ୨ଟି ସେଲ୍ଫ ଲୋଡିଂ ରାଇଫଲ ସମେତ ମାଓବାଦୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀ ସେଠାରୁ ଉଦ୍ଧାର କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନନ୍ଦପୁର ବ୍ଲକ ହାତୀବାରୀ ସରପଞ୍ଚଙ୍କୁ ମାଓବାଦୀମାନେ ପୂର୍ବରୁ ହତ୍ୟା କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ୨ ଜଣ ମିଲିସିଆଙ୍କୁ ଗିରଫ କରାଯାଇଥିଲା। କିଛି ମାସ ତଳେ ନନ୍ଦପୁର ସୀମାନ୍ତ ଆନ୍ଧ୍ରର ଆରକୁ ଅଞ୍ଚଳର ଦୁଇ ଜଣ ବିଧାୟକଙ୍କୁ ହତ୍ୟା କରିଥିଲେ ମାଓବାଦୀ। ସେଥିରେ ମଧ୍ୟ ଉପରୋକ୍ତ ୨ ମିଲିସିଆଙ୍କ ସମ୍ପୃକ୍ତି ରହିଥିଲା। ତେଣୁ ଉଭୟଙ୍କୁ କୋରାପୁଟ ଜିଲା ପୋଲିସ ଗିରଫ କରିବା ପରେ ଆନ୍ଧ୍ରର ଏନ୍‌ଆଇଏ ଟିମ୍‌କୁ ହସ୍ତାନ୍ତର କରିଥିଲା । କୋରାପୁଟ ଜିଲାର ନାରାୟଣପାଟଣା, ଲକ୍ଷ୍ମୀପୁର ଓ ବନ୍ଧୁଗାଁ ଏକଦା ମାଓବାଦୀଙ୍କ ଗଡ଼ ଥିବାବେଳେ କିଛିବର୍ଷ ହେବ ସେଠାରେ ସେମାନଙ୍କ କାର୍ଯ୍ୟକଳାପ କମିଛି। କିନ୍ତୁ ଗତ ଗୋଟିଏ ବର୍ଷରେ ନନ୍ଦପୁର ଓ ଏହାର ସୀମାନ୍ତ ଆନ୍ଧ୍ରରେ ଲାଲବାହିନୀ ଗତିବିଧି ବଢ଼ୁଥିବା ଲକ୍ଷ୍ୟ କରାଯାଉଛି।

### ମେ ୨୦ରୁ ...

ସ୍ଥଗିତ ରଖାଯାଇଛି ଓ ମେ ୨୦ରୁ ଏ ସବୁ ପରୀକ୍ଷା ହେବ। ଏ ନେଇ ବୁଧବାର ଏସ୍‌ସିଟିଇ ଆଣ୍ଡ୍ ଭିଟି ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସଂଶୋଧିତ ପରୀକ୍ଷା କାର୍ଯ୍ୟସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ। ସୂଚନାଯୋଗ୍ୟ, ବିଭିନ୍ନ ସେମିଷ୍ଟର ଡିପ୍ଲୋମା ପରୀକ୍ଷା ଚଳିତ ମାସରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ଥିଲା। ବାତ୍ୟାକୁ ଦୃଷ୍ଟିରେ ରଖି ପରୀକ୍ଷା ନିୟନ୍ତ୍ରକ ମେ ୨, ୩ ଓ ୪ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖିଥିଲେ।

### ଜଳୁଛି ପଶ୍ଚିମ...

ଝାରସୁଗୁଡା ୪୩.୬, ସମ୍ବଲପୁର ୪୩.୫, ହୀରାକୁଦ ୪୨.୯ ଏବଂ ତାଳଚେରରେ ସର୍ବାଧିକ ତାପମାତ୍ରା ୪୧.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ପାରଦ ଉପରମୁହାଁ ନ ଥିଲେ ମଧ୍ୟ ବାୟୁମଣ୍ଡଳର ଆର୍ଦ୍ରତା ବୃଦ୍ଧି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଗୁଳୁଗୁଳି ଯୋଗୁ ଦେହ ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହି ଅସ୍ୱସ୍ତିକର ପରିବେଶ ସୃଷ୍ଟି କରିଛି । ଗ୍ରୀଷ୍ମ ଓ ଗୁଳୁଗୁଳିରେ ଲୋକମାନେ ଆଉଟ ପାଉଟ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ଦିନ କିମ୍ବା ରାତ୍ରିରେ ମଧ୍ୟ ତାତିରୁ ତ୍ରାହି ମିଳୁନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ମେ ୧୧ ତାରିଖ ଯାଏ ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଜାରିରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରି ଦିଆଯାଇଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୬ | ୨୫.୦ |
| ଚାନ୍ଦବାଲି | ୩୮.୮ | ୨୭.୦ |
| କଟକ | ୩୭.୬ | ୨୫.୨ |
| ପାରାଦ୍ୱୀପ | ୩୨.୫ | ୨୮.୧ |
| ଭୁବନେଶ୍ୱର | ୩୭.୨ | ୨୭.୬ |
| ଗୋପାଳପୁର | ୩୨.୪ | ୨୬.୭ |
| ପୁରୀ | --- | --- |
| ଅନୁଗୋଳ | ୪୧.୭ | ୨୩.୦ |
| ବାରିପଦା | --- | ୨୬.୦ |
| ଝାରସୁଗୁଡ଼ା | ୪୩.୬ | ୨୩..୫ |
| କେନ୍ଦୁଝର | ୩୯.୫ | ୨୬.୫ |
| ସମ୍ବଲପୁର | ୪୩.୫ | ୨୮.୮ |
| ସୁନ୍ଦରଗଡ଼ | --- | ୨୧.୦ |
| ହୀରାକୁଦ | ୪୨.୯ | ୨୫.୦ |
| ତାଳଚେର | ୪୧.୩ | ୨୪.୪ |
| ଭବାନୀପାଟଣା | ୪୩.୦ | --- |
| ବଲାଙ୍ଗୀର | ୪୪.୬ | ୨୭.୫ |
| କୋରାପୁଟ | --- | ୨୧.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୫.୦ | ୨୫.୦ |
| ମାଲକାନଗିରି | ୪୩.୦ | ୨୪.୦ |
| ସୋନପୁର | --- | ୨୪.୦ |
| ଦାରିଙ୍ଗିବାଡ଼ି | ୩୫.୫ | ୨୨.୦ |

ଡିଗ୍ରୀ ସେଲ୍‌ସିୟସ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଇ, ବନ୍ଧୁ, ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟରୁ ଅର୍ଥ ପାଇବେ। ବନ୍ଧୁଙ୍କ ଆସିବା ବାଟକୁ ଅପେକ୍ଷା କରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରାଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, କଳା ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। କିନ୍ତୁ ସତର୍କତା ଅଭାବରୁ ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଘଟିପାରେ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହେବାକୁ ପଡ଼ିପାରେ। ସତ୍‌ସଙ୍ଗ ଓ ବନ୍ଧୁମିଳନ, ଆନୁଷ୍ଠାନିକ କ୍ଷେତ୍ର କିମ୍ବା ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି।

**ମିଥୁନ** ଆଜି ଦିନଟିରେ ବନ୍ଧୁ ଗହଣରେ ବେଶି ସମୟ କଟିଲେ ମଧ୍ୟ ଘରର ଅଶାନ୍ତି ମନକୁ ଭାରାକ୍ରାନ୍ତ କରି ରଖିବ। ବହୁଦିନରୁ ଚେଷ୍ଟାକରି ମଧ୍ୟ ପାଇ ନ ଥିବା ପ୍ରାପ୍ୟ ଆଜି ସନ୍ଧ୍ୟାରେ ପାଇବେ। ସମ୍ପର୍କୀୟ ବ୍ୟକ୍ତିମାନଙ୍କ ସକାଶେ ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଖୁସି ହେବ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ସମସ୍ୟା ରହିବ ନାହିଁ।

**କର୍କଟ** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। ଆପଣଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ବନ୍ଧୁମାନେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ, କିନ୍ତୁ ସହଜ ଓ ସୁବିଧାରେ ନୁହେଁ। ବ୍ୟବସାୟ, ବାଣିଜ୍ୟ, କଚେରି ମାମଲା, ଜମିଜମା ସମ୍ପର୍କିତ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ସିଂହ** ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ବିଷୟରେ ଚିନ୍ତାକରି ମନ ଭଲ ରହିବ ନାହିଁ। ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ନିଜ ପାଇଁ କ୍ଷତିର କାରଣ ହେବ।

**କନ୍ୟା** ସମସ୍ୟା ବିଜଡ଼ିତ ସାଙ୍ଗକୁ ବହୁ ବିଳମ୍ବରେ ହେଉଥିବାରୁ କ୍ରମଶଃ ବ୍ୟସ୍ତତା ବଢ଼ିଯିବ। ବନ୍ଧୁ କିମ୍ବା ଆତ୍ମୀୟଙ୍କ ଦୁଃଖିତ ମନକୁ ସାନ୍ତ୍ୱନା ଦେବାକୁ ଯାଇ ପରିବାରରେ ଦ୍ୱନ୍ଦ୍ୱ ଲାଗିଯାଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ପ୍ରଶାସନ ଓ ଆଇନ ଅଦାଲତରେ କାମର ଚାପ ବିଶେଷ ପରିମାଣରେ ବୃଦ୍ଧି ପାଇପାରେ।

**ତୁଳା** କିଛି କହିବା ଅପେକ୍ଷା ଆଜି ଦିନଟିରେ ପରିସ୍ଥିତିକୁ ଦେଖି ନୀରବଦ୍ରଷ୍ଟା ସାଜିପାରନ୍ତି। ବନ୍ଧୁମାନଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ, ଅବଶ୍ୟ ବିଭିନ୍ନ ସ୍ତରରୁ ଉପକୃତ ହେବେ। ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଆର୍ଥିକ ଅନଟନ ଓ ସ୍ଥାନ ବଦଳିବା କାରଣରୁ ଦୁଶ୍ଚିନ୍ତା ବଢ଼ିଯାଇପାରେ।

**ବିଛା** କର୍ମକ୍ଷେତ୍ରରେ ଚାପ କ୍ରମଶଃ ବୃଦ୍ଧିପାଇବା କାରଣରୁ କିଛିଟା ବ୍ୟତିକ୍ରମ ମଧ୍ୟରେ ସମୟ ଅତିବାହିତ ହେବ। ଆଜି ଯେମିତି ଚାହୁଁଛନ୍ତି କିମ୍ବା ଭାବୁଛନ୍ତି ଠିକ୍ ସେପରି ଫଳ ପାଇବେ, କିନ୍ତୁ ସମସ୍ୟା ମଧ୍ୟରେ। ବହୁଦିନ ହେଲା ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଦୀର୍ଘଦିନରୁ ପଡ଼ିରହିଥିବା କାମଗିରେ ଅଗ୍ରଗତିର ସୂଚନା ପାଇବେ।

**ଧନୁ** ପୂର୍ବ ଶତ୍ରୁତାକୁ ନେଇ ମନଟା କେମିତି କେମିତି ଲାଗିବ ଏବଂ ବିଶେଷ ଭଲ ରହିବ ନାହିଁ । ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ ପାଇଁ ଆଜି ଦିନଟି ବହୁତ ଭଲ। ପାଖପଡ଼ୋଶୀଙ୍କ ମୁହଁରୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ରାଜନୀତି, କଳା, ସାହିତ୍ୟ, ପ୍ରଶାସନିକ ସ୍ତରରେ ତଥା ସଭାସମିତି କାମରେ ବ୍ୟସ୍ତତା ବୃଦ୍ଧି ପାଇବ।

**ମକର** ବନ୍ଧୁମାନଙ୍କୁ ସୁପରାମର୍ଶ, ଶିକ୍ଷା, ପରୀକ୍ଷା ତଥା ଆନୁଷ୍ଠାନିକ କ୍ଷେତ୍ରରେ କୃତିତ୍ୱରୁ ପ୍ରଶଂସିତ ହେବେ । ପାରିବାରିକ ସମସ୍ୟାର ସମାଧାନ କରିବା କଷ୍ଟକର ହୋଇପଡ଼ିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବ। ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ସୃଷ୍ଟି ହେବା ଆଶଙ୍କାକୁ ମଧ୍ୟ ଏଡ଼ିହେବ ନାହିଁ। ଜମିଜମା କାରବାର,ସରକାରୀ ସୂତ୍ରରୁ ଅର୍ଥ, ଛୋଟ ବ୍ୟବସାୟ, ଆନୁଷ୍ଠାନିକ ଓ ଧାର୍ମିକ କାର୍ଯ୍ୟ ପ୍ରଭୃତିରେ ଆଶାନୁରୂପ ସଫଳତା ପାଇବେ। ବାଦବିବାଦର ଆପୋସ ସମାଧାନ ଘଟିବ ଓ ଶତଭିଷା ବିଜୟୀ ହେବେ।

**ମୀନ** ସାମାଜିକ ସ୍ତରରେ ବନ୍ଧୁମାନଙ୍କ ସାହାଯ୍ୟ ଲାଭକରି ମାନସିକ ସ୍ଥିତି କ୍ରମଶଃ ସୁସ୍ଥ ହୋଇଯିବ। ଗତକାଲିଠାରୁ ଯାହା ଓ ଯେମିତି ଭାବୁଛନ୍ତି ଆଜି ଠିକ୍ ସେହିପରି ହିଁ ପାଇବେ, କିନ୍ତୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଆଲୋଚନା,ସଭାସମିତି, କ୍ରୀଡ଼ା, କଳା ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ ।

ଆଜି ବୈଶାଖ ଶୁକ୍ଳ ୫ମୀ ଗୁରୁବାର, ମେ ୯ ତାରିଖ, ଦାର୍ଶନିକ ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଘ୧୦।୪୫ମି. ଗତେ ପୁନର୍ବସୁ ନକ୍ଷତ୍ର। ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ନବବଧୂ ଯାତ୍ରା ଓ ବିଦ୍ୟାରମ୍ଭ ପାଇଁ ପ୍ରଶସ୍ତ। ଦିବା ଘ୧୦।୦୩ମି. ଗତେ ଘ୧୧।୪୦ମି. ମଧ୍ୟେ, ଘ୧।୦୮ମି. ଗତେ ଘ୨।୪୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୧୧।୪୦ମି. ଗତେ, ଘ୧।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୦ମି. ଗତେ ଘ୨।୫୬ମି. ମଧ୍ୟେ ରାହୁକାଳ।

## ୪ ଦୁର୍ଘଟଣା: ୪ମୃତ, ୬୦ ଆହତ

ପାରଳାଖେମୁଣ୍ଡି, ୮।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ବୁଧବାର ଥିଲା ଦକ୍ଷିଣ ଓଡିଶା ପାଇଁ ଦୁର୍ଘଟଣାର ଦିନ। କୋରାପୁଟ, ନବରଙ୍ଗପୁର ଓ ଗଜପତି ଜିଲାରେ ପୃଥକ ଦୁର୍ଘଟଣା ଘଟି ୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ପ୍ରାୟ ୬୦ ଜଣ ଆହତ ହୋଇଛନ୍ତି। ଗଜପତି ଜିଲା ଗୁମ୍ମା ବ୍ଲକ ଗାଇବାଠାରେ ଏକ ଟ୍ରାକ୍ଟର ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଛି। କାଶୀନଗର ବ୍ଲକ ବୁରୁଡିଂ ଗ୍ରାମରୁ ଏକ ବାହାଘର ଭୋଜି ଖାଇ କନ୍ୟାଘରର ୨୮ରୁ ଊର୍ଦ୍ଧ୍ୱ ଲୋକ ଟ୍ରାକ୍ଟର ଯୋଗେ ଗ୍ରାମକୁ ଫେରୁଥିବା ବେଳେ ଉଖୁରା ପଞ୍ଚାୟତର ଗାଇବା-ମାଲିଆରା ଘାଟିରେ ଅପରାହ୍ନ ସାଢେ ୪ଟାରେ ଟ୍ରାକ୍ଟରଟି ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିଲା। ୧୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମୃତକ ଦୁଇ ଜଣ ହେଲେ ମୁଞ୍ଜୁଲିଗୁଡା ଗ୍ରାମର ଗାନୁ ଭୂୟାଁଓ ଭୂୟାଁ ସାହିର କୁରୁଙ୍ଗି ଭୂୟାଁ। ସେହିପରି ନବରଙ୍ଗପୁର ଜିଲା ରାଇଘର -ଉମରକୋଟ ମୁଖ୍ୟ ରାସ୍ତା ସରଗୁଲି ଗାଁ ନିକଟସ୍ଥ ଦେଉଳପାରା ଛକ ନିକଟରେ ବୁଧବାର ପିକଅପ୍ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଦ୍ୱାରା ୨ ଜଣଙ୍କ ମୃତ୍ୟୁ ଘଟିଛି। ଉମରକୋଟ ବ୍ଲକ ସୁଗିଆ ଗାଁର ୨ ଜଣ ଏକ ବାଇକରେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପିକଅପ ଭ୍ୟାନ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ୨ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। କୋରାପୁଟ ଜିଲା ସେମିଳିଗୁଡ଼ା-ଦାମନଯୋଡ଼ି ନାଲକୋ ରାସ୍ତାରେ ବୁଧବାର ବସ୍ ଓଲଟିପଡ଼ିଛି। ଏଥିରେ ୨୫ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ବସ୍‌ର ହେଲପର ଗୁରୁତର ହୋଇଛନ୍ତି। ମା’ ସର୍ବେଶ୍ୱରୀ ନାମକ ବସ୍ ବୁଧବାର ଉମରକୋଟରୁ ଦାମନଯୋଡ଼ି ଯାଉଥିବାବେଳେ ବାଟରେ ଭାରସାମ୍ୟ ହରାଇ ଗାଡ଼ି ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ସେହିପରି କୋରାପୁଟ ଦଶମନ୍ତପୁର ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏଥିରେ ଯାଉଥିବା ୨୦ଜଣଙ୍କ ମଧ୍ୟରୁ ୧୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।


classifieds Everyday 0674-2580101, 2549302

real estate

SALE

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

Gharabari plot sale Bhubaneswar, Sundarpada, 30’road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50’ ଦୂରରେ 30’ ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

30’ road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

GENERAL

SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

ଜନ୍ମଦିନ ଶୁଭେଚ୍ଛା



ଯଶ୍‌ରାଜ୍
ଓଲ୍ଡ ଟାଉନ୍, ଭୁବନେଶ୍ୱର
ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାବା, ମାମା, ବଡ଼ବାବା, ବଡ଼ ମା’, ଦାଦା, ଖୁଡ଼ୀ, ବାପା, ବୋଉ, ଅଜା, ଆଇ, ମାମୁଁ ।
ଧ-୧୨୪୫୦

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



# ପର୍ଯ୍ୟଟନ ସହର ଖାଁ ଖାଁ

ହେମନ୍ତ ନାୟକ
ପୁରୀ ଅଫିସ୍, ୮।୫

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀର ସ୍ୱତନ୍ତ୍ର ସ୍ଥାନ ରହିଛି। ପ୍ରତିଦିନ ଦେଶ ବିଦେଶର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଗହଳିରେ ପୂରିଉଠେ ପର୍ଯ୍ୟଟନ ସହର ପୁରୀ। ଗୋଟିଏ ପଟେ କୋଟି କୋଟି ହିନ୍ଦୁଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଅନ୍ୟପଟେ ମନୋରମ ବେଳାଭୂମି ଆକର୍ଷଣ ପାଲଟିଥାଏ। ଏହାଛଡ଼ା ପୁରୀ ଆଖପାଖରେ କୋଣାର୍କ ମନ୍ଦିର, ଚିଲିକା, ଐତିହ୍ୟ ଗ୍ରାମ ରଘୁରାଜପୁର, ମା' ମଙ୍ଗଳା ମନ୍ଦିର ପ୍ରଭୃତି ଦର୍ଶନୀୟ ସ୍ଥାନ ରହିଛି। ଅଧିକାଂଶ ପର୍ଯ୍ୟଟକ ପୁରୀରେ ରହି ଏହିସବୁ ଜାଗାକୁ ବୁଲି ଯାଇଥାନ୍ତି। ପ୍ରତିଦିନ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନରେ ଚଳଚଞ୍ଚଳ ହୋଇଉଠେ ବଡଦାଣ୍ଡ। ଏବେ କିନ୍ତୁ ବଦଳିଯାଇଛି ଚିତ୍ର। ପର୍ଯ୍ୟଟକଙ୍କ ବିନା ଖାଁ ଖାଁ ପର୍ଯ୍ୟଟନ ସହର। ସଞ୍ଜ ନଇଁଲେ ସବୁଆଡ଼େ ଘନ ଅନ୍ଧାର। ଫନୀ ଛାରଖାର କରିଦେଇଛି ଶ୍ରୀକ୍ଷେତ୍ରକୁ। ବାତ୍ୟାର ୬ଦିନ ପରେ ବି ସ୍ୱାଭାବିକ ସ୍ଥିତି ଫେରିନାହିଁ। କାଁ ଭାଁ ଦୋକାନ ବଜାର ଖୋଲୁଛି। ସେଠାରେ ଲାଗୁଛି ବିପନ୍ନଙ୍କ ଲମ୍ବା ଧାଡ଼ି। ପାଣି ଯୋଗାଣ ଯଦିଓ ସ୍ୱାଭାବିକ ହୋଇଛି



ବାତ୍ୟାରେ ଭାଙ୍ଗି ଯାଇଥିବା ପୁରୀ ସ୍ୱର୍ଗଦ୍ୱାର ନିକଟସ୍ଥ ଶ୍ରଦ୍ଧାମଣ୍ଡପ।

ତେବେ ଏହା ଶତ ପ୍ରତିଶତ ନୁହେଁ। ବିଦ୍ୟୁତ୍ କ୍ଷୟକ୍ଷତି ଏପରି ହୋଇଛି ଯେ ତାହା କେବେ ସ୍ୱାଭାବିକ ହେବ ତାହା ସ୍ପଷ୍ଟ ହୋଇପାରୁନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଏହାର ପୁନରୁଦ୍ଧାର କାମ ଚାଲିଛି। କଟକ, ଭୁବନେଶ୍ୱରରୁ ପୁରୀକୁ ବସ୍ ଚଳାଚଳ ଆରମ୍ଭ କରିଛି। ତେବେ ସହରରେ ଖାଦ୍ୟ, ପାନୀୟ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ପର୍ଯ୍ୟାପ୍ତ ଭାବେ ଉପଲବ୍ଧ ହେଉ ନ ଥିବାରୁ ପର୍ଯ୍ୟଟକମାନେ ପୁରୀକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି।

ଜିଲାର ପ୍ରମୁଖ ପର୍ଯ୍ୟଟନ ଏବଂ ଦର୍ଶନୀୟ ସ୍ଥାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଯାଇଛି। ଶ୍ରୀମନ୍ଦିରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସିଂହଦ୍ୱାର ପ୍ରବେଶ ପଥରେ ଜୟ ମୂର୍ତ୍ତି ଓ ମୁଖ୍ୟ ମନ୍ଦିରର ସିଂହ ମୂର୍ତ୍ତି ଭାଙ୍ଗିଯାଇଛି। ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ କଳ୍ପବଟ ଭାଙ୍ଗିରୁଜି ଯାଇଥିବାବେଳେ ଶ୍ରୀମନ୍ଦିର ଏବଂ ନୀଳଚକ୍ର କ୍ଷତିଗ୍ରସ୍ତ ହୋଇଥିବା କୁହାଯାଉଛି। ତେବେ ଏଏସ୍ଆଇର ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିବା ପରେ ଏହା ସ୍ପଷ୍ଟ ହେବ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଐତିହ୍ୟ ଗାଁ ରଘୁରାଜପୁର ଏବେ ନୀରବି ଯାଇଛି। ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ମନଲୋଭା ହସ୍ତଶିଳ୍ପ ସାମଗ୍ରୀ ପାଇଁ ପ୍ରସିଦ୍ଧ ଏହି ଗାଁର ଅଣ୍ଟା ଭାଙ୍ଗିଦେଇଛି 'ଫନୀ'। ଏହି ଗାଁରେ ଦୈନିକ ଶତାଧିକ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ପାଦ ପଡୁଥିଲା। ହେଲେ ଏବେ ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଉପୁଡ଼ିଯାଇଥିବା ଗଛ, ଭାଙ୍ଗିଯାଇଥିବା ଘର ଓ ଛିଣ୍ଡିପଡିଛି ତାର ଘେରରେ ଅଣନିଃଶ୍ୱାସୀ ହୋଇପଡୁଛି ରଘୁରାଜପୁର। ଅନେକ ଶିଳ୍ପୀଙ୍କ ହସ୍ତଚାତୁରୀର ପଟ୍ଟଚିତ୍ର ବର୍ଷା,

**ଚିତ୍ର ବଦଳାଇ ଦେଇଛି 'ଫନୀ'**
- ନୀରବି ଯାଇଛି ଐତିହ୍ୟ ଗାଁ ରଘୁରାଜପୁର
- ବିଭିନ୍ନ ଦର୍ଶନୀୟ ସ୍ଥାନ କ୍ଷତିଗ୍ରସ୍ତ

ପବନ ମାଡ଼ରେ ନଷ୍ଟ ହୋଇଯାଇଛି। ପେଟପାଟଣା ଚିନ୍ତାରେ ଏବେ ଶତାଧିକ ପରିବାର। କଳାର ଆଲୋକ ବିତରଣ କରୁଥିବା ଏହି ହସ୍ତଶିଳ୍ପ ଗାଁ ଏବେ ସଞ୍ଜ ନଇଁଲେ ଘନ ଅନ୍ଧକାରରେ ବୁଡ଼ିଯାଉଛି। ସେହିପରି ଚିଲିକା ଉପରେ ମଧ୍ୟ ଫନୀର ମାଡ଼। ସାତପଡ଼ାରେ ଅନେକ ଡଙ୍ଗା ଭାଙ୍ଗିଯାଇଥିବାବେଳେ ଚିଲିକା କୂଳବର୍ତ୍ତୀ ବହୁ ଗାଁ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପର୍ଯ୍ୟଟକଙ୍କୁ ଡଙ୍ଗା ଓ ବୋଟ୍‌ରେ ନେଇ ଚିଲିକା ବୁଲାଉଥିବା ଲୋକେ ଉଜୁଡ଼ି ଯାଇଥିବା ଘର ସଜାଡ଼ିବା ଚିନ୍ତାରେ ରହିଛନ୍ତି। ସେହିପରି ବାତ୍ୟା ପ୍ରଭାବ ଯୋଗୁ ସୂର୍ଯ୍ୟମନ୍ଦିର ଓ ମଙ୍ଗଳା ମନ୍ଦିରକୁ ଭକ୍ତ, ପର୍ଯ୍ୟଟକଙ୍କ ଆଗଭଳି ଆଗମନ ନାହିଁ। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଗତ ୨ତାରିଖ ପୂର୍ବରୁ ପୁରୀର ସବୁ ହୋଟେଲ, ଲଜ୍ ଆଦି ସ୍ଥାନରେ ରହୁଥିବା ପର୍ଯ୍ୟଟକଙ୍କୁ ଖାଲିକରି ଦିଆଯାଇଥିଲା। ସ୍ୱତନ୍ତ୍ର ବସ୍ ଏବଂ ଟ୍ରେନ୍‌ରେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ପଠାଇ ଦିଆଯାଇଥିଲା। ବାତ୍ୟାରେ ପୁରୀ ସହରରେ ଥିବା ପ୍ରାୟ ସବୁ ହୋଟେଲରେ କିଛି ନା କିଛି କ୍ଷତି ହୋଇଛି। ବିଭିନ୍ନ ହୋଟେଲ ପକ୍ଷରୁ ପୁନରୁଦ୍ଧାର କାମ ଚାଲିଛି। ବିଦ୍ୟୁତ୍ ନ ଥିବାରୁ ପର୍ଯ୍ୟଟକଙ୍କୁ ସେବା ଯୋଗାଇଦେବା ଅନେକ ହୋଟେଲ ପକ୍ଷରେ ସମ୍ଭବ ହେଉନାହିଁ। ମୋବାଇଲ ସେବା ମଧ୍ୟ ବନ୍ଦ ରହିଛି। ଏମିତି ଅନେକ ସମସ୍ୟା ଭିତରେ ହୋଟେଲ ଇଣ୍ଡଷ୍ଟ୍ରି ରହିଛି। ଏ ସମ୍ପର୍କରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି, ବାତ୍ୟାରେ ପୁରୀ ସହରରେ ବ୍ୟାପକ ମାତ୍ରାରେ କ୍ଷୟକ୍ଷତି ହୋଇଛି। ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ କ୍ଷତି ହୋଇଥିବାବେଳେ ଅନେକ ହୋଟେଲ ଭାଙ୍ଗିରୁଜି ଯାଇଛି। ବିଶେଷକରି ପର୍ଯ୍ୟଟନ ଭିତ୍ତିଭୂମି ଦୋହଲି ଯାଇଛି। ପର୍ଯ୍ୟଟକମାନେ ଏବେ ପୁରୀ ଆସିଲେ ରହିବା, ଖାଇବା ପାଇଁ ସମସ୍ୟାରେ ପଡ଼ିପାରନ୍ତି। ତେବେ ପୁନରୁଦ୍ଧାର ଏବଂ ଅତ୍ୟାବଶ୍ୟକ ସେବା ସ୍ୱାଭାବିକ ହେଲେ ସେମାନଙ୍କ ପାଇଁ କୌଣସି ଅସୁବିଧା ହେବ ନାହିଁ।

## ସଂକ୍ଷେପରେ

### ପିପିଲି ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୮।୫(ବ୍ୟୁରୋ):** ପିପିଲି ବାତ୍ୟା ବିପନ୍ନଙ୍କୁ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭେଟିଛନ୍ତି। ପିପିଲିର ବିଭିନ୍ନ ପଞ୍ଚାୟତ ଯାଇ ସାଧାରଣ ଲୋକଙ୍କ ସହ ସେ ଆଲୋଚନା କରିଛନ୍ତି। ଏହାସହ ପିପିଲି ବ୍ଲକର ରୂପଦେଇପୁର ପଞ୍ଚାୟତରେ ଫନି ବାତ୍ୟାରେ ହରମୋହନ ଜେନାଙ୍କ ପରଲୋକ ଘଟିଥିଲା। ତାଙ୍କ ପରିବାର ବର୍ଗଙ୍କୁ ଭେଟି ଧର୍ମେନ୍ଦ୍ର ସମବେଦନା ଜଣାଇଛନ୍ତି। ଏପରି ସମୟରେ ଧୈର୍ଯ୍ୟର ସହ ପରିସ୍ଥିତିକୁ ମୁକାବିଲା କରିବା ସହ, ସମସ୍ତେ ଏକାଠି ହୋଇ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଫନି ତାଣ୍ଡବ ପରେ ସ୍ଥିତିର ମୁକାବିଲା ପାଇଁ ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି। ଓଡ଼ିଶାର ପୁନରୁଦ୍ଧାର ପାଇଁ ଅର୍ଥ ବାଧକ ସାଜିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ୩୪୧କୋଟି ଓ ଏହାପରେ ୧ହଜାର କୋଟିର ସହାୟତା ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଓଡିଶାର ପୁନଃନିର୍ମାଣ ଉପରେ ନଜର ରଖିଛନ୍ତି। ଏନେଇ ମୋଦିଙ୍କ ସହ ଦୀର୍ଘ ସମୟ ଟେଲିଫୋନରେ କଥା ହୋଇଛି। ସେହିପରି ରେଳ, ପେଟ୍ରୋଲିୟମ, ଏନଏଚ୍ ମନ୍ତ୍ରଣାଳୟ ନିଜ କାମକୁ କ୍ଷୀପ୍ର କରିଛନ୍ତି। ଖୁବଶୀଘ୍ର ସ୍ଥିତିରେ ସୁଧାର ଆସିବ। ରିଲିଫ ଠାରୁ ଆରମ୍ଭ କରି ଆନୁଷଙ୍ଗିକ ସୁବିଧା ଯୋଗାଇବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହ କଥା ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ପାନୀୟଜଳ, ରିଲିଫ୍ ବ୍ୟବସ୍ଥା କରିବାରେ ରାଜ୍ୟ ସରକାର ବିଫଳ: ଭାଜପା

**ଭୁବନେଶ୍ୱର, ୮।୫(ବ୍ୟୁରୋ):** ବାତ୍ୟା ଫନୀର ୬ଦିନ ପରେ ମଧ ରାଜ୍ୟ ସରକାର ଶୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ବିଭିନ୍ନ ଅନୁଷ୍ଠାନରୁ ସାର୍ଟିଫିକେଟ ପାଇବା ପାଇଁ ମିଛ ରିପୋର୍ଟ ପ୍ରସ୍ତୁତ କରି ବିଭିନ୍ନ ସଂସ୍ଥାକୁ ପଠାଇବାରେ ଲାଗିଛନ୍ତି । ହେଲେ ଏପଟେ ସ୍ମାର୍ଟସିଟିରେ ସାଧାରଣ ଲୋକଙ୍କୁ ପିଇବା ପାଣି ଟିକିଏ ବି ମିଳୁନାହିଁ । ପୁରୀ ସହର ଭିତରେ ବର୍ତ୍ତମାନ ସୁଦ୍ଧା ଗଛ କଟା ହୋଇ ରାସ୍ତା ସଫା ହୋଇପାରିଲା ନାହିଁ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଲେଖାଶ୍ରୀ କହିଛନ୍ତି, ପୁରୀରେ ବର୍ତ୍ତମାନ ପିଇବା ପାଣି ଦିବାସ୍ୱପ୍ନ ପାଲଟିଛି । ବ୍ରହ୍ମଗିରି, ନିମାପଡା ସମେତ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳରେ ଏବେ ସୁଦ୍ଧା ପ୍ରଶାସନ ପିଇବା ପାଣି ଓ ରିଲିଫର ବ୍ୟବସ୍ଥା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାଜ୍ୟରେ ଫନୀ ଆସିବା ପରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ରାଜ୍ୟରେ ଏକ ସରକାର ଥିଲାଭଳି ଲାଗୁନାହିଁ । ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପ୍ରଶମନ ବିଭାଗ, ନଗର ଉନ୍ନୟନ ବିଭାଗ, ଶକ୍ତି ବିଭାଗ ଆଦିରେ ଏକ ପ୍ରକାର ସ୍ଥାଣୁତା ପରିଲକ୍ଷିତ ହେଉଛି । ବାତ୍ୟାର ୧୦ଦିନ ଆଗରୁ ସରକାର କେତେ ମାତ୍ରାରେ ପ୍ରସ୍ତୁତ ଥିଲେ ତାହା ଏବେ ବୁଝିହେଉଛି। ଘର ଭାଙ୍ଗି ଯାଇଥିବା ଲୋକମାନଙ୍କୁ ଶୁଖିଲା କିମ୍ବା ରନ୍ଧା ଖାଦ୍ୟ ମିଳୁନାହିଁ । ପିଇବା ପାଣିର ବ୍ୟବସ୍ଥା ନାହିଁ । କେନ୍ଦ୍ର ସରକାର ଦେଇଥିବା ୧୩୪୦ କୋଟିର ସହାୟତା ରାଶିକୁ ରାଜ୍ୟ ସରକାର ଖର୍ଚ୍ଚ କରିବାରେ ବିଳମ୍ବ କରୁଛନ୍ତି । ଏଯାବତ୍ ବିଜୁଳି ସଂଯୋଗ ମରାମତି କାମ ଆରମ୍ଭ ହୋଇପାରିନାହିଁ । ରାଜ୍ୟ ସରକାର ତୁରନ୍ତ ପୁନରୁଦ୍ଧାର କାମ ଆରମ୍ଭ କରିବା ସହ ବାସହରା ଲୋକମାନଙ୍କୁ ରନ୍ଧା ଖାଦ୍ୟ ଓ ପିଇବା ପାଣି ଯୋଗାଇ ଦିଅନ୍ତୁ ବୋଲି ଲେଖାଶ୍ରୀ ଦାବି କରିଛନ୍ତି।

### ବିଧାୟକ ପ୍ରଭାତ ବିଶ୍ୱାଳ ଆହତ

**କଟକ ଅଫିସ,୮।୫:** ଶଙ୍କରପୁରର ବାତ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ କରୁଥିବାବେଳେ ଚୌଦ୍ୱାର-କଟକ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଆହତ ହୋଇଛନ୍ତି। ସ୍ଥାନୀୟ ଉପରସାହିରେ ବିଧାୟକ ବିଶ୍ୱାଳ ସହଯୋଗୀଙ୍କ ସହ ପହଞ୍ଚି ବିପନ୍ନ ଲୋକଙ୍କ ସମସ୍ୟା ବୁଝିବା ସହ ରିଲିଫ୍ ଓ ଅନ୍ୟ ପ୍ରସଙ୍ଗରେ ପଚାରି ବୁଝିଥିଲେ। ତେବେ ରାସ୍ତା ଉପରେ ପଡ଼ି ରହିଥିବା ଗଛକୁ ଅତିକ୍ରମ କରୁଥିବାବେଳେ ହଠାତ୍ ସେ ଝୁଣ୍ଟି ପଡ଼ିଥିଲେ। ତଳେ ପଡ଼ିଯିବାରୁ ତାଙ୍କ ମୁହଁରେ ଆଘାତ ଲାଗିଛି। ଏସ୍‌ସିବି ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି।

# କଙ୍ଗାରୁ କୋର୍ଟ କରି ପରିବାରକୁ ନିର୍ଯାତନା



କଙ୍ଗାରୁ କୋର୍ଟ ପରେ ଉତ୍ତ୍ୟକ୍ତ ଗ୍ରାମବାସୀ।



ଆହତ ରାଜକିଶୋରଙ୍କ ସହ ଝିଅ, ପୁଅ।

ରଣପୁର,୮।୫ (ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ଥାନା ନରେନ୍ଦ୍ରପୁର ପଞ୍ଚାୟତର ବିନୋଦପଡା ଗ୍ରାମରେ ମଙ୍ଗଳବାର ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। ଗ୍ରାମରେ କଙ୍ଗାରୁ କୋର୍ଟ ମାଧ୍ୟମରେ ରାଜକିଶୋର ମହାପାତ୍ରଙ୍କ ପରିବାରକୁ ନିର୍ଯାତନା ଦିଆଯାଇଛି । ଗ୍ରାମର କେତେଜଣ ଲୋକ ତାଙ୍କ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗିଦେବା ସହ ଘରେ ଥିବା ସମସ୍ତ ଆସବାବପତ୍ର ଫିଙ୍ଗାଫୋପଡା କରିଛନ୍ତି। ଏହାକୁ ବିରୋଧ କରିବାରୁ ରାଜକିଶୋରଙ୍କ ପରିବାରର ସମସ୍ତଙ୍କୁ ଆକ୍ରମଣ କରାଯାଇଛି। ଏପରି କି ଘରୁ ଝିଅକୁ ଅପହରଣ କରିନେଇ ସନ୍ଧ୍ୟାରେ ଛାଡିଦିଆଯାଇଥିଲା। ଏ ନେଇ ରାଜକିଶୋର ସୁନାଖଳା ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ ସୁଫଳ ନ ମିଳିବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମବାସୀଙ୍କ ନାମରେ ଥାନାରେ ୯୪/୧୯ରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷେ ଗ୍ରାମବାସୀଙ୍କ ପାଲଟା ଅଭିଯୋଗକ୍ରମେ

- ଘରଭାଙ୍ଗି ରାସ୍ତାରେ ଫିଙ୍ଗିଲେ ଆସବାବପତ୍ର
- ମା', ବାପା, ପୁଅଙ୍କୁ ଆକ୍ରମଣ କରି ଝିଅକୁ ଅପହରଣ
- ଶୁଣିଲାନି ଫାଣ୍ଡି ପୋଲିସ, ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପରିବାର

ରାକିଶୋରଙ୍କ ପରିବାର ନାମରେ ପୋଲିସ ୯୫/୧୯ରେ ମାମଲା ରୁଜୁ କରିଛି। ପୁନର୍ବାର କିଛି ଅଘଟଣ ଘଟିବା ଆଶଙ୍କା କରି ଭୟଭୀତ ରହିଥିବା ପରିବାର ପକ୍ଷରୁ ରାଜକିଶୋର ବୁଧବାର ଜିଲାପାଳଙ୍କୁ ଭେଟି ସୁରକ୍ଷା ପାଇଁ ନିବେଦନ କରିଛନ୍ତି।

ଥାନାରେ ହୋଇଥିବା ଅଭିଯୋଗରୁ ପ୍ରକାଶ ଯେ, ରାଜକିଶୋର କାସନ୍ଦା ମୌଜାର କୈଳାସ ସାମନ୍ତରାୟଙ୍କଠାରୁ ୧୯୯୫ ମସିହାରେ ଜାଗା କିଣି ଘରକରି ପରିବାର ସହିତ ରହିଆସୁଥିଲେ। କିଛିମାସ ହେବ ଗ୍ରାମର କେତେଜଣ ଲୋକ ତାଙ୍କ ଘର ଭାଙ୍ଗି ସେଠାରୁ ରାସ୍ତା ନେବା ପାଇଁ ରାଜକିଶୋରଙ୍କୁ କହିଆସୁଥିଲେ। ହେଲେ ରାଜକିଶୋର ଏଥିରେ ରାଜି ହୋଇ ନ ଥିଲେ। ଘର ଭାଙ୍ଗିବାକୁ ମଧ୍ୟ ସେ ରୋକ୍‌ଠୋକ୍ ମନା କରିଦେଇଥିଲେ। ଏଥିରେ ଲୋକମାନେ ଉତ୍ତେଜିତ ହୋଇ ଗତ ସୋମବାର ଗ୍ରାମରେ ସଭା କରି ରାଜକିଶୋରଙ୍କୁ ଡକାଇଥିଲେ। ରାଜକିଶୋର ସଭାରେ ନିଜ ନାମରେ ଥିବା ଜାଗାରେ ଘର କରିଥିବାରୁ ତାକୁ ଭାଙ୍ଗିବାକୁ ମନା କରିଥିଲେ। ପରେ ସେମାନେ କଙ୍ଗାରୁ କୋର୍ଟ କରି ତାଙ୍କ ଘର ଭାଙ୍ଗିବାକୁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ଗ୍ରାମର କେତେଜଣ ବ୍ୟକ୍ତି ହାତରେ ଠେଙ୍ଗା ଓ ମାରଣାସ୍ତ୍ର ଧରି ରାଜକିଶୋରଙ୍କ ଘର ଆଗରେ ପହଞ୍ଚିଥିଲେ। ରାଜକିଶୋର ପରିବାର ଲୋକେ ଘର ଭାଙ୍ଗିବାକୁ ବିରୋଧ କରିବାରୁ ସେମାନେ ମାରଣାସ୍ତ୍ରରେ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। ଏଥିରେ ରାଜକିଶୋରଙ୍କ ସହିତ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ଗୁରୁତର ହୋଇଥିଲେ। ରାଜକିଶୋର ସାମାନ୍ୟ ସୁସ୍ଥ ହୋଇଥିଲେ ମଧ୍ୟ ଅନ୍ୟମାନେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ପରେ ସେମାନେ ମାଙ୍କଡ଼ାପଥର ଓ ଆଜବେଷ୍ଟସ୍‌ରେ ତିଆରି ହୋଇଥିବା ଘରଟିକୁ ଭାଙ୍ଗିଦେବା ସହିତ ସମସ୍ତ ଆସବାବପତ୍ର ବାହାରକୁ ଫିଙ୍ଗି ମୂଲ୍ୟବାନ ଜିନିଷ ନେଇଯାଇଥିଲେ। ଏସ୍‌ପିଙ୍କୁ ଅଭିଯୋଗ ପରେ ମଧ୍ୟ କୌଣସି ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନାହାନ୍ତି। ଏଣେ ଘର ଭାଙ୍ଗିଯାଇଥିବାରୁ ପରିବାର ଲୋକେ କେଉଁଠି ରହିବେ ସେହି ଚିନ୍ତାରେ ଅଛନ୍ତି। ଏ ସମ୍ପର୍କରେ ଏସ୍‌ପି ଶଶୀଭୂଷଣ ଶତପଥୀଙ୍କ ମତାମତ ଲୋଡିବାରୁ ସେ ବ୍ୟସ୍ତ ଅଛନ୍ତି, ଥାନା ଅଧିକାରୀଙ୍କୁ ପଚାରିବାକୁ କହିଥିଲେ। ଥାନା ଅଧିକାରୀ ବୈଦ୍ୟନାଥ ଭୋଇ କହନ୍ତି, ବିନୋଦପଡା ଗ୍ରାମରେ ଘଟିଥିବା ଘଟଣା ଜମିବାଡିକୁ ନେଇ ଘଟିଛି। ଗ୍ରାମବାସୀ ଓ ରାଜକିଶୋର ନିଜ ନିଜ ନାମରେ ଉକ୍ତ ଜମି ରହିଥିବା କହୁଛନ୍ତି। ଏହାକୁ ନେଇ ତଦନ୍ତ ଚାଲିଛି।

# ବଳାତ୍କାରୀ ବାପାଙ୍କୁ ଆଜୀବନ ଜେଲ

## ପୀଡ଼ିତାଙ୍କ ଥଇଥାନ ପାଇଁ ୭ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୮।୫

ନିଜ ଝିଅଙ୍କୁ ଧମକ ଚମକ ଦେଇ ବାରମ୍ବାର ବଳାତ୍କାର କରିବା ଅଭିଯୋଗରେ ପୋକ୍ସୋ ଜଜ୍ ଦୀପକ କୁମାର ଜଣେ ବ୍ୟକ୍ତିଙ୍କୁ ବୁଧବାର ଆଜୀବନ କାରାଦଣ୍ଡର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏପରିକି ଅଭିଯୁକ୍ତ ଜଣକ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ଥଇଥାନ ପାଇଁ ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲା ପ୍ରାଧିକରଣ ସଚିବ (ଡିଏଲଏସ୍ଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

୨୦୧୬ ମାର୍ଚ୍ଚରେ ଅଭିଯୁକ୍ତ ଜଣକ ନିଜ ଝିଅଙ୍କୁ ବାରମ୍ବାର ବଳାତ୍କାର କରିଥିଲେ। ୨୦୧୭ ମାର୍ଚ୍ଚ ୨୮ରେ ପୁଣି ଥରେ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ନଚେତ୍ ତଣ୍ଟି ଚିପି ହତ୍ୟା କରିବି ବୋଲି ଧମକ ଦେଇଥିଲେ। ପୀଡ଼ିତା ତାଙ୍କର ଅନ୍ୟ ଦୁଇ ଛୋଟ ଭଉଣୀଙ୍କୁ ଧରି ଗାଁରେ ରହୁଥିବା ଜଣେ ସମ୍ପର୍କୀୟ ଦାଦାଙ୍କ ଘରକୁ ଚାଲି ଆସିଥିଲେ। ଏ ନେଇ ମାର୍ଚ୍ଚ ୨୯ ତାରିଖରେ ପୁରୁଷୋତ୍ତମପୁର ଥାନାରେ ପୀଡ଼ିତା ତାଙ୍କ ବାପା ବଳାତ୍କାର କରିଥିବା ନେଇ ଲିଖିତ ଏତଲା ଦେଇଥିଲେ। ପୋଲିସ ମାମଲା ନଂ. ୫୮/୧୭ରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣା ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ପୁରୁଷୋତ୍ତମପୁର ଥାନା ଏସ୍ଆଇ ବିଯୁଟି ମହାନ୍ତି କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଘଟଣା ପରଠାରୁ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଛନ୍ତି। ବୁଧବାର ଏହି ମାମଲାର ବିଚାର ବେଳେ ୮ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିବାରୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପାଇଁ ସରକାରଙ୍କ ତରଫରୁ ଦିଆଯାଇଥିବା ଷ୍ଟେଟ୍ ଡିଫେନ୍ସ ଆଇନଜୀବୀ ସୁନୀଲ କୁମାର ସ୍ୱାଇଁ ମକଦ୍ଦମା ପରିଚାଳନା କରିଥିଲେ।

# ପୋଲ ତଳୁ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ଲେଫ୍ରିପଡା, ୮।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ପୋଲିସ ବୁଧବାର ସକାଳେ ଡ଼ିଡ଼ିଗାଁଝରଣ ପୋଲ ତଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଲେଫ୍ରିପଡ଼ା ଥାନା କାଦୋମାଲ ଗ୍ରାମର ବିଚିତ୍ର କମାର (୪୦)। ପାରିପାର୍ଶ୍ୱିକସ୍ଥିତି ଓ ମୃତ ଯୁବକଙ୍କ ମୁଣ୍ଡରେ ମାଡ଼ ହୋଇଥିବାର ଚିହ୍ନ ଥିବାରୁ ପୋଲିସ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛି। ମୃତଦେହ ଜବତ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଘଟଣାର ତଦନ୍ତ କରୁଛି। ବିଚିତ୍ର ମଙ୍ଗଳବାର ଅପରାହ୍ନରୁ ଘରୁ କୁଆଡ଼େ ଚାଲିଯାଇଥିଲେ। ଘର ଲୋକେ ଚାରିଆଡ଼େ ଖୋଜାଖୋଜି କରି ପାଇ ନ ଥିଲେ।

# 'ଫନୀ'କୁ ଜାତୀୟ ବିପତ୍ତି ଘୋଷଣା କରାଯାଉ: ନରସିଂହ

ବଲାଙ୍ଗୀର ଅଫିସ, ୮।୫

ସାମୁଦ୍ରିକ୍ ଝଡ ଫନୀ ପ୍ରଭାବରେ ରାଜ୍ୟରେ ବିପର୍ଯ୍ୟୟ ପରିସ୍ଥିତି ସୃଷ୍ଟି ହୋଇଛି। ଆଧୁନିକ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ପୂର୍ବରୁ ବାତ୍ୟାର ସୂଚନା ମିଳିଥିଲେ ମଧ୍ୟ ଏହାର ପ୍ରକୋପ ଏତେ ବେଶି ଥିଲା ଯେ ରାଜ୍ୟର ୧୧ ଜିଲାର ୧ କୋଟିରୁ ଊର୍ଦ୍ଧ୍ୱ ଲୋକ ବର୍ତ୍ତମାନ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ କରି ବିପର୍ଯ୍ୟୟ ସୃଷ୍ଟି କରିବାର ୬ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ବାତ୍ୟା ପ୍ରଭାବିତ ଜନସାଧାରଣ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଏପରି କି ସେମାନଙ୍କ ପାଖକୁ ପିଇବା ପାଣି, ବିଜୁଳି, ଗମନାଗମନ, ଟେଲିଫୋନ ସେବା, ସ୍ୱାସ୍ଥ୍ୟସେବା କେବେ ଠିକ୍ ଭାବେ ମିଳିବ ତା'ର କୌଣସି ଖବର ନାହିଁ । ଫନୀ ଦ୍ୱାରା ସୃଷ୍ଟି ହୋଇଥିବା ଏହି ମହାବିପର୍ଯ୍ୟୟକୁ ଜାତୀୟ ବିପତ୍ତି ଭାବେ ଘୋଷଣା କରାଯାଉ ବୋଲି ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଦାବି କରିଛନ୍ତି ।

ବିଧାୟକ ମିଶ୍ର କହିଛନ୍ତି, ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖି ଏହି ବାତ୍ୟା ବିପର୍ଯ୍ୟୟକୁ ଜାତୀୟ ବିପତ୍ତି ଭାବେ ଘୋଷଣା କରିବା ପାଇଁ ଶୀଘ୍ର ଦାବି କରନ୍ତୁ । ଦ୍ୱିତୀୟରେ ଫନୀ ତାଣ୍ଡବକୁ ୬ ଦିନ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କ୍ଷୟକ୍ଷତିର ଭରଣା କରିବା ପାଇଁ ଏପର୍ଯ୍ୟନ୍ତ ଆକଳନ ହୋଇପାରି ନାହିଁ । ଏହି କ୍ଷୟକ୍ଷତି ଆକଳନ ଅତିଶୀଘ୍ର କରି ପ୍ରଭାବିତ ଲୋକଙ୍କୁ ଉଚିତ କ୍ଷତିପୂରଣ ତଥା ପୁନର୍ବାସ ପାଇଁ ବନ୍ଦୋବସ୍ତ କରାଯାଉ। ଯେତେ ଶୀଘ୍ର ହେବ ଭାରତୀୟ ସେନାବାହିନୀ ସହଯୋଗ ନେଇ କ୍ଷତିଗ୍ରସ୍ତ ବାସଗୃହ ତଥା ଅନ୍ୟାନ୍ୟ ଭିତ୍ତିଭୂମି ଯେପରି ଶୀଘ୍ର ପୁନଃ ନିର୍ମାଣ ହୋଇପାରିବ ସେ ଦିଗରେ ତତ୍ପରତା ଦେଖାନ୍ତୁ ବୋଲି ବିରୋଧୀଦଳ ନେତା ମିଶ୍ର ଦାବି କରିଛନ୍ତି । ଓଡ଼ିଶା ସରକାର ଦେଶର ସମସ୍ତ ରାଜ୍ୟ ସରକାରଙ୍କୁ ଚିଠି ଲେଖି ସଂପୃକ୍ତ ରାଜ୍ୟରୁ ଦକ୍ଷ, କୁଶଳୀ କାରିଗର, ସ୍ୱେଚ୍ଛାସେବୀ ଏବଂ ବିଭିନ୍ନ ସାମଗ୍ରୀର ସାହାଯ୍ୟ ମାଗନ୍ତୁ, ଯାହାକି ଏପରି ଏକ ବିପର୍ଯ୍ୟସ୍ତ ଅବସ୍ଥାରେ ଲୋକଙ୍କୁ ଅତିଶୀଘ୍ର ପିଇବା ପାଣି, ଗମନାଗମନ, ଟେଲି କମ୍ୟୁନିକେଶନ, ବିଜୁଳି , ସ୍ୱାସ୍ଥ୍ୟ ସେବା ଯୋଗାଇବା ସହ ରାସ୍ତାଘାଟର ପୁନଃ ନିର୍ମାଣ କରିବାରେ ସହାୟକ ହେବ ବୋଲି ବିଧାୟକ ମିଶ୍ର କହିଛନ୍ତି ।

# ପୁଣି ଛାରଖାର ହୋଇଗଲା କଳିଙ୍ଗ ଷ୍ଟୁଡିଓ

ଭୁବନେଶ୍ୱର,୮।୫(ବ୍ୟୁରୋ)



୯୦ ଦଶକରେ ଓଡ଼ିଆ ଫିଲ୍ମ ଜଗତର ସୁବର୍ଣ୍ଣର ଯୁଗ ଆଣିଦେଇଥିବା କଳିଙ୍ଗ ଷ୍ଟୁଡିଓ ୧୯୯୯ ମହାବାତ୍ୟାରେ ଭାଙ୍ଗରୁଜି ଶ୍ରୀହୀନ ହୋଇପଡ଼ିଥିଲା। ଷ୍ଟୁଡିଓ ପରିସରରେ ଥିବା ସବୁକିଛି ମାଟିରେ ମିଶିଯାଇଥିଲା। ଦୀର୍ଘ ୨୦ବର୍ଷ ପରେ ପୁଣିଥରେ ଇତିହାସର ପୁନରାବୃତ୍ତି ହୋଇଛି। ବାତ୍ୟା 'ଫନୀ'ରେ କଳିଙ୍ଗ ଷ୍ଟୁଡିଓ ପୁଣି ସମ୍ପୂର୍ଣ୍ଣ ଛାରଖାର୍ ହୋଇଯାଇଛି। ଗତ ବର୍ଷେହେଲା ଅଣ୍ଟା ସଳଖି ଛିଡାହେବାକୁ ଚେଷ୍ଟା ଚଳାଇଥିବା ଏହି ଐତିହାସିକ ଷ୍ଟୁଡିଓ ଆଉଥରେ ସବୁକିଛି ହରାଇଦେଇଛି। ମହାବାତ୍ୟାରେ ଭାଙ୍ଗିଯାଇଥିବା ଭିଲେଜ୍ କମ୍ପ୍ଲେକ୍ସକୁ କିଛିଦିନ ତଳେ ସମ୍ପୂର୍ଣ୍ଣ ନୂଆରୂପ ଦିଆଯାଇଥିଲେ ହେଁ ଏବେ ତାହା ଭାଙ୍ଗିରୁଜି ଯାଇଛି। ଷ୍ଟୁଡିଓ ପରିସରରେ ଥିବା ଫ୍ଲୋର୍, ନୂତନ ଭାବେ ନିର୍ମିତ ହୋଇଥିବା ୪ଟି କଟେଜ୍, ବଗିଚା, ଲାଇଟିଂ ସିଷ୍ଟମ୍ ସବୁକିଛି ନଷ୍ଟଭ୍ରଷ୍ଟ ହୋଇଯାଇଛି। ଅଧା ଘରର ଉପର ଛାତ ଉଡିଯାଇଥିବା ବେଳେ ଆଉକିଛି ଗଛ ପଡ଼ି ଭାଙ୍ଗିଯାଇଛି। ସେହିଭଳି ଡବିଂ ଥିଏଟର୍ ମଧ୍ୟ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ପାଣିଟାଙ୍କି, ଷ୍ଟୁଡିଓ ପରିସରରେ ଥିବା ବସ୍ ଉପରେ ଗଛପଡ଼ି କ୍ଷତିଗ୍ରସ୍ତ ହୋଇଛି। ସବୁଠାରୁ ବଡ଼କଥା ହେଲା ସବୁଜିମା ମଧ୍ୟରେ ଘେରିରହିଥିବା ଏହି ଷ୍ଟୁଡିଓ ନିଜର ସବୁଜିମାକୁ ହରାଇଛି। ବିରାଟ ବଡ ବଡ ଗଛ ସବୁ ଉପୁଡି ପଡ଼ିଛି।

କିଛିଦିନ ତଳେ ପୁରୁଣା ଟ୍ରାକ୍‌କୁ ଫେରିଥିବା ଏହି ପୁରାତନ ଷ୍ଟୁଡିଓ ପରିସରରେ ଗତ କିଛିମାସ ହେଲା ପୁଣିଥରେ ଓଡ଼ିଆ ଫିଲ୍ମରେ ଶୁଟିଂ ଆରମ୍ଭ ହୋଇଥିଲା। ମାତ୍ର ୩ମାସ ମଧ୍ୟରେ ପାଖାପାଖି ୧୦ଟି ଫିଲ୍ମର ଶୁଟିଂ କରି ରେକର୍ଡ କରିଥିଲା ଷ୍ଟୁଡିଓ। ଇନ୍‌ଡୋର୍ ଓ ଆଉଟ୍‌ଡୋର୍, ଛୋଟ ଓ ବଡ ସବୁ ବଜେଟ୍‌ର ଫିଲ୍ମ ତିଆରି କରିବାକୁ ନିର୍ମାତାମାନେ ଆଗ୍ରହ ଦେଖାଉଥିଲେ। ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ସହ ଷ୍ଟୁଡିଓ ଇତିମଧ୍ୟରେ ନୂଆରୂପ ନେଇଥିଲା। ତେଣୁ ପୁଣିଥରେ ଓଡ଼ିଆ ଫିଲ୍ମ ନିର୍ମାଣର ଫେଭରାଇଟ୍ ଡେଷ୍ଟିନେଶନ ହେବ ବୋଲି ଆଶା କରାଯାଉଥିଲା। ହେଲେ ଫନୀ ପରେ ପୁଣିଥରେ ଅଣ୍ଟା ସଳଖିବାକୁ କେତେଦିନ ଲାଗିଯିବ ତାହା ଏବେ ପୁଣିଥରେ ଆଶଙ୍କାରେ ରହିଯାଇଛି।

ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। -ଶ୍ରୀଅରବିନ୍ଦ

# କ୍ଲିନ୍ ମିଟ୍ ପାଇଁ ଗବେଷଣା

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଅନେକ ବର୍ଷ ତଳେ ମୁଁ ମୁମ୍ବାଇର ଜଣେ ବୟସ୍କା ଫେଶନବାଲୀ ଚଳଚ୍ଚିତ୍ର ଅଭିନେତ୍ରୀଙ୍କୁ ପ୍ରସ୍ତାବ ଦେଲି: ଆପଣ ମୋର ପ୍ରାଣୀ କଲ୍ୟାଣ ଅନୁଷ୍ଠାନ 'ପିପୁଲ ଫର୍ ଆନିମଲ୍ସ'ର ଆମ୍ବାସାଡ଼ର ହୁଅନ୍ତୁ। ମୁଁ ତାଙ୍କ ଘରକୁ ଦୁଇଥର ରାତ୍ରିଭୋଜନ କରିବାକୁ ଯାଇଥିଲି। ସେ ମୋ ପାଇଁ ଖୁବ୍ ସ୍ୱାଦିଷ୍ଟ ନିରାମିଷ ଖାଦ୍ୟ ବନାଇଥିଲେ ଏବଂ ଖାଇବା ବେଳେ ମନ୍ତବ୍ୟ ଦେଇଚାଲିଥିଲେ, ମାଂସଗୁଡ଼ା କି କଦର୍ଯ୍ୟ! କିନ୍ତୁ ସେ ମୋ ପ୍ରସ୍ତାବରେ ଅସହମତ ହେଲେ। କାରଣ ସେ କହିଲେ ଯେ ସେ ସାଧାରଣତଃ ମାଂସ ଖାଆନ୍ତି ନାହିଁ କିନ୍ତୁ ପେଟ୍ ଫ୍ୱା ଗ୍ରା ବିନା ସେ ଚଳିପାରିବେ ନାହିଁ। ପେଟ୍ ଫ୍ୱା ଗ୍ରା ହେଉଛି ଏକ ଫ୍ରେଞ୍ଚ ଶବ୍ଦ ଯାହାର ଅର୍ଥ ଚର୍ବି ଓ ଯକୃତର ପେଷ୍ଟ। ଏହା ଏକ ବିଳାସ ସାମଗ୍ରୀ। କ୍ୱଚିତ୍ ଦେଶ ଏହାକୁ ତିଆରି କରିବା ପାଇଁ ଅନୁମତି ଦେଇଛନ୍ତି କାରଣ ଏହାକୁ ତିଆରି କରିବାରେ ପ୍ରାଣୀ ପ୍ରତି ଅତିଶୟ ନିଷ୍ଠୁରତା ପ୍ରଦର୍ଶନ କରାଯାଇଥାଏ। ଏହା ହେଉଛି ଗ୍ୟାଭେଜ୍ ନାମକ ପ୍ରକ୍ରିୟା ମାଧ୍ୟମରେ ଜବରଦସ୍ତ ମୋଟା କରାଯାଇଥିବା ବତକ ବା ହଂସର କ୍ୟାନ୍ସରପ୍ରବଣ ଯକୃତ। ଏହି ପକ୍ଷୀମାନଙ୍କୁ ଅର୍ଦ୍ଧ-ଅନ୍ଧକାର ଭିତରେ ଜୀବନ ଅତିବାହିତ କରିବାକୁ ପଡ଼ିଥାଏ। ୮ ସପ୍ତାହ ହେବା ପର୍ଯ୍ୟନ୍ତ ସେମାନଙ୍କୁ ପଞ୍ଜୁରୀରେ ରଖାଯାଏ, ଯାହାଫଳରେ ସେମାନେ ବ୍ୟାୟାମ କରିପାରିବେନି। ଶୀଘ୍ର ବଢ଼ିବା ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ଖାଦ୍ୟ ଖାଇବାକୁ ଦିଆଯାଏ। ୮ରୁ ୧୦ ସପ୍ତାହ ଭିତରେ ସେମାନଙ୍କୁ ଜବରଦସ୍ତ ଖାଇବାକୁ ଦିଆଯାଏ। ୧୨ରୁ ୨୧ ଦିନ ପାଇଁ ସେମାନଙ୍କୁ ଗ୍ୟାଭେଜ୍ ପ୍ରକ୍ରିୟାର ଅନ୍ତର୍ଭୁକ୍ତ କରାଯାଏ। ପ୍ରତିଦିନ ୨ରୁ ୪ ପାଉଣ୍ଡ ଶସ୍ୟ ଓ ଚର୍ବି ଏକ ଖାଦ୍ୟନଳୀ ଦେଇ ସେମାନଙ୍କ ଗଳାରେ ଭର୍ତ୍ତି କରାଯାଏ। ଏହି ନଳୀ ସେମାନଙ୍କ ଗଳାର ୫ ଇଞ୍ଚ ତଳକୁ ଭର୍ତ୍ତି କରାଯାଇଥାଏ ଏବଂ ଦିନକୁ ତିନିଥର ସେଥିରେ ଖାଦ୍ୟ ଦିଆଯାଏ। ଜବରଦସ୍ତ ନଳୀଦେଇ ଗଳାରେ ଖାଦ୍ୟ ଭର୍ତ୍ତିକରିବା ପାଇଁ ଏକ କାଠି ବ୍ୟବହାର କରାଯାଏ। ମାତ୍ରାଧିକ ଶ୍ୱେତସାର ଓ ଚର୍ବିଜାତୀୟ ଖାଦ୍ୟ ଖାଇବା ଯୋଗୁ ଏହି ପକ୍ଷୀମାନଙ୍କ ଯକୃତ ସ୍ୱାଭାବିକଠାରୁ ୧୦ ଗୁଣ ବୃଦ୍ଧି ପାଏ। ଏହା ଏକ ରୋଗବିଶେଷ, ଯାହାର ନାମ ହେପାଟିକ୍ ଷ୍ଟିଟୋସିସ୍। ଅତିଶୟ ମୋଟା ହେବା ଫଳରେ ଅଧିକାଂଶ ବତକ ଓ ହଂସ ଛୋଟା ହୋଇଯାନ୍ତି ଓ ଡେଣାର ବିନା ସାହାଯ୍ୟରେ ଚାଲିପାରନ୍ତି ନାହିଁ। କିଛି ବତକ ଚଟାଣରେ ଘୁଷୁରି ଘୁଷୁରି ଚାଲନ୍ତି। ସମସ୍ତେ ଚାପଗ୍ରସ୍ତ ଓ ରୁଗ୍ଣ ହୋଇଥାନ୍ତି। ଅଧିକାଂଶଙ୍କ ଗଳାର ଚର୍ମ ଓ ବେକରେ ଘାଆ ହୁଏ ଏବଂ ସେଥିରେ ମ୍ୟାଗଟ (ମାଛିମାନଙ୍କ ଶୂକକୀଟ) ବଢ଼ନ୍ତି। ଅନେକଙ୍କର ଡେଣା ଭାଙ୍ଗିଯାଏ ଓ ଗଳାର ମାଂସପେଶୀ କ୍ଷତାକ୍ତ ହୋଇଥାଏ। ପ୍ରତିଦିନ ସେମାନଙ୍କର ଯକୃତ କେତେବଡ଼ ହେଲା ତାହା ହାତରେ ଚିପି ପରୀକ୍ଷା କରାଯାଏ, ଯେଉଁଥିରେ ସେମାନଙ୍କୁ ପ୍ରବଳ ଯନ୍ତ୍ରଣା ହୁଏ। ଯେତେବେଳେ ସେମାନଙ୍କ ଯକୃତ ୨ରୁ ୩ ପାଉଣ୍ଡ (୧ରୁ ଦେଢ଼ କେଜି) ଓଜନର ହୁଏ, ସେତେବେଳେ ସେମାନଙ୍କ ବେକକୁ କାଟି ଦିଆଯାଏ ଓ ଯକୃତକୁ କାଢ଼ି ନିଆଯାଏ। ଦେହର ଅବଶିଷ୍ଟ ଅଙ୍ଗକୁ ଫିଙ୍ଗି ଦିଆଯାଏ।

୧୭୭୯ ମସିହାରେ ଫ୍ରେଞ୍ଚ ରୋଷେଇଆ ଜିନ ଜୋସେଫ କ୍ଲଜ୍ ପେଟ୍ ଡି ଫ୍ୱା ଗ୍ରା ସୃଷ୍ଟି କରି ତାକୁ ଲୋକପ୍ରିୟ କରିଥିଲେ। ସେଥିପାଇଁ ରାଜା କିଙ୍ଗ୍ ଲୁଇ ୧୪ଶ ତାଙ୍କୁ ୨୦ଟି ପିସ୍ତଲ ପୁରସ୍କାର ସ୍ୱରୂପ ଦେଇଥିଲେ (ସମ୍ଭବତଃ ଅଧିକ ପ୍ରାଣିହତ୍ୟା କରିବା ପାଇଁ)। ଏହି ଆଇଟମ୍ ପାଇଁ ସେ ୧୭୮୪ ମସିହାରେ ପ୍ୟାଟେଣ୍ଟ ହାସଲ କରିଥିଲେ ଏବଂ ଧନୀ ଲୋକମାନଙ୍କୁ ପେଟ୍ ବିକ୍ରି କରିବାର ବ୍ୟବସାୟ ଆରମ୍ଭ କରିଦେଇଥିଲେ। ୧୮୨୭ ମସିହା ସୁଦ୍ଧା ଷ୍ଟ୍ରାସ୍‌ବର୍ଗ (ଏବଂ ବର୍ତ୍ତମାନ ଟୁଲାଉସ୍) ବିଶ୍ୱର ହଂସ-ଯକୃତ ରାଜଧାନୀ ଭାବେ ଜଣାଶୁଣା ଥିଲା। ଯକୃତରୁ ଶିରା, ଗ୍ରିସଲ (ସ୍ଥିତିସ୍ଥାପକ ପେଶୀ ବିଶେଷ) ଓ ଝିଲ୍ଲୀକୁ ବାହାର କରି ପେଟ୍ ପ୍ରସ୍ତୁତ କରାଯାଏ। ଯକୃତକୁ କାଟି, ସେଥିରେ ୱାଇନ (ମଦ), ଲୁଣ, ବାସ୍ନା ପତ୍ର, ମସଲା, ଛତୁ ଓ ବେଳେବେଳେ ଭିଲ (ବାଛୁରି ମାଂସ- ଏହି ବାଛୁରିକୁ ଭୋକରେ ରଖି ମରାଯାଏ, ଯାହାଫଳରେ ତା'ର ମାଂସ ଧଳା ଦିଶିବ) ମିଶାଇ ବଟାଯାଏ। ଏହି ପେଷ୍ଟକୁ ଚାପ ଦେଇ ପିଠା ଆକୃତିର କରାଯାଏ। ଏହାକୁ ଡବାରେ ପ୍ୟାକ୍ କରି ବିଭିନ୍ନ ଆକାରରେ (ପେଷ୍ଟ, ରନ୍ଧା ହୋଇଥିବା ଯକୃତ, ସସେଜ୍ ଓ ପ୍ୟୁରେ) ବିଶ୍ୱର ବିଭିନ୍ନ ସ୍ଥାନକୁ ରପ୍ତାନି କରାଯାଏ। ବ୍ରେଡ୍ ଓ କ୍ରାକର ସହ ପେଟ୍‌କୁ କ୍ଷୁଧାକାରକ ଭାବେ ପରଷାଯାଏ। ଫ୍ରାନ୍ସରେ ପ୍ରତିବର୍ଷ ୨୦,୦୦୦ ଟନ୍‌ରୁ ଅଧିକ ଫ୍ୱା ଗ୍ରା ଉତ୍ପାଦନ କରାଯାଉଛି। କେବଳ ପାଞ୍ଚଟି ଦେଶ: ଫ୍ରାନ୍ସ, ବେଲ୍‌ଜିୟମ୍, ରୋମାନିଆ, ସ୍ପେନ୍ ଓ ହଙ୍ଗେରୀ ଏବେ ବି ଫ୍ୱା ଗ୍ରା ଉତ୍ପାଦନ କରୁଛନ୍ତି। ୨୦୧୪ ଜୁଲାଇରେ ଭାରତ ସରକାର ଫ୍ୱା ଗ୍ରା ଆମଦାନିକୁ ନିଷିଦ୍ଧ କରିଛନ୍ତି। ୩୫ଟି ଦେଶରେ ଏହାର ଉତ୍ପାଦନକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏସବୁ ଦେଶକୁ ଏହାର ଆମଦାନି ଓ କିଣାବିକା ଉପରେ କଟକଣା ଲଗାଯାଇ ନାହିଁ। ୨୦୨୦ ସୁଦ୍ଧା ପକ୍ଷୀମାନଙ୍କୁ ଜବରଦସ୍ତ ଖାଇବାକୁ ଦେବା ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ବନ୍ଦ କରିବା ଲାଗି ୟୁରୋପୀୟ ସଂଘ ଚେଷ୍ଟା କରୁଛି। କାଲିଫର୍ନିଆରେ ଏହା ନିଷିଦ୍ଧ ହୋଇଥିଲେ ମଧ୍ୟ ଆମେରିକାର କେତେକ ହଂସ/ବତକ ଫାର୍ମ ଫ୍ୱା ଗ୍ରା ତିଆରି କରୁଛନ୍ତି।

ଫ୍ୱା ଗ୍ରା ମଣିଷଙ୍କ ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ଏଥିରୁ ୮୫% କ୍ୟାଲୋରୀ ଚର୍ବିରୁ ମିଳେ: ଗୋଟିଏ ୨-ଆଉନ୍ସର ପରଷାରେ ୨୫ ଗ୍ରାମ୍ ଚର୍ବି ଓ ୮୫ ମିଲିଗ୍ରାମ୍ କୋଲେଷ୍ଟେରଲ ଥାଏ। ବର୍ତ୍ତମାନ ସାରା ବିଶ୍ୱରେ କମ୍ପାନୀମାନେ ପ୍ରାଣୀଙ୍କ କୋଷରୁ ମାଂସ ତିଆରି କରିବା ଚେଷ୍ଟାରେ ଅଛନ୍ତି। ଏଥିରୁ ଯେଉଁ ମାଂସ ମିଳିବ, ତାକୁ କ୍ଲିନ୍ ମିଟ୍ ବୋଲି ନାମ ଦିଆ ସରିଲାଣି। ଏହି ବିଜ୍ଞାନ ହେଉଛି ଜୈବପ୍ରଯୁକ୍ତିର ଅଂଶବିଶେଷ, ଯାହାକୁ କୁହାଯାଉଛି ଟିସୁ ଇଞ୍ଜିନିୟରିଂ। ଏଥିରେ ପ୍ରଥମ କାର୍ଯ୍ୟ ହେଉଛି ଏପରି କୋଷ ସଂଗ୍ରହ କରିବା ଯାହା ଶୀଘ୍ର ବଢ଼ିପାରିବ, ଯଥା ଭ୍ରୂଣର ନାହିନାଡ଼ କୋଷ ବା ଷ୍ଟେମ୍ ସେଲ୍, ବୟସ୍କ ଷ୍ଟେମ୍ ସେଲ୍, ମାୟୋସାଟେଲାଇଟ୍ ସେଲ ବା ମାୟୋବ୍ଲାଷ୍ଟ। ପେଶୀବର୍ଦ୍ଧକ ପ୍ରୋଟିନ୍ ବ୍ୟବହାର କରି ଏହି କୋଷକୁ ବାୟୋ-ରିଆକ୍ଟରରେ ବଢ଼ାଯାଏ। ଏହି ପ୍ରକ୍ରିୟାରେ ଦୁଇମାସ ଭିତରେ ୧୦ଟି ଘୁଷୁରି ମାଂସପେଶୀ କୋଷରୁ ୫୦,୦୦୦ ଟନ୍ ମାଂସ ଉତ୍ପାଦନ କରାଯାଇପାରିବ ବୋଲି ଦାବି କରାଯାଉଛି। ବୈଜ୍ଞାନିକମାନେ ଟର୍କୀ, ମାଛ, ମେଣ୍ଢା ଓ ଘୁଷୁରି ମାଂସପେଶୀର କୋଷକୁ ବଢ଼ାଇବା ପାଇଁ ଗ୍ରୋଥ୍ ମେଡିଆ ବାହାର କରିସାରିଲେଣି। ଉତ୍ପାଦନ ପରିମାଣ ନିର୍ଦ୍ଦିଷ୍ଟ ସ୍ତରରେ ପହଞ୍ଚିଲେ ବଜାରରେ ମିଳୁଥିବା ମାଂସର ଦାମ୍ ସହିତ ଏହି କ୍ଲିନ୍ ମିଟ୍‌ର ଦାମ୍ ସମାନ ହୋଇପାରିବ।

କାଲିଫର୍ନିଆରେ ଜୋଶ୍ ଟେଟ୍ରିକ୍ ଓ ଜୋଶ୍ ବାଲ୍କଙ୍କ ଦ୍ୱାରା ୨୦୧୧ରେ ପ୍ରତିଷ୍ଠିତ କମ୍ପାନୀ ହାମ୍ପଟନ୍ କ୍ରିକ୍ ଫୁଡ୍ସ ଏହି ପଦ୍ଧତିରେ ପେଟ୍ ଫ୍ୱା ଗ୍ରା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛି। ୨୦୧୪ ସୁଦ୍ଧା ଏଥିପାଇଁ ସେମାନେ ବିଲ୍ ଗେଟ୍ସ ପ୍ରଭୃତି ଛଅଜଣ ଅର୍ବୁଦପତିଙ୍କଠାରୁ ୩୦ ନିୟୁତ ଡଲାର ପାଣ୍ଠି ସଂଗ୍ରହ କରିସାରିଲେଣି। ଏହି କମ୍ପାନୀ ଅଣ୍ଡାର ବିକଳ୍ପ ମାୟୋନେଜ୍ ପ୍ରସ୍ତୁତ କରି ପୃଥିବୀ ସାରା ବିକ୍ରି କରୁଛି। ସେମାନେ ବର୍ତ୍ତମାନ କ୍ଲିନ୍ ଫ୍ୱା ଗ୍ରା ସମେତ ଅନ୍ୟ କ୍ଲିନ୍ ମିଟ୍ ପ୍ରସ୍ତୁତିରେ ମନୋନିବେଶ କରିଛନ୍ତି। ଏହି କାର୍ଯ୍ୟରେ ନିୟୋଜିତ ଅଧିକାଂଶ ବୈଜ୍ଞାନିକ ହେଉଛନ୍ତି ଭାରତୀୟ। ଥରେ କ୍ଲିନ୍ ଫ୍ୱା ଗ୍ରା ପ୍ରସ୍ତୁତ ହୋଇଗଲେ ମୁଁ ତାହା ଉକ୍ତ ଅଭିନେତ୍ରୀଙ୍କ ପାଖକୁ ପଠାଇବି। ଏହାପରେ ସମ୍ଭବତଃ ସେ ଆମର ବ୍ରାଣ୍ଡ ଆମ୍ବାସାଡ଼ର ହେବାକୁ ରାଜି ହେବେ।

Email: gandhim@nic.in

# ଶିକ୍ଷାରେ ଗୁଣାତ୍ମକ ଭେଳିକି

ରାଜୀବ କର୍ମୀ

ଶିକ୍ଷା ତ ଶିକ୍ଷା ପୁଣି ଗୁଣାତ୍ମକ ଶିକ୍ଷା କ'ଣ- ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଏକ ଲମ୍ବା ଭାଷଣ ଶୁଣି ଫେରିଲା ବେଳେ, ମୋର ଜଣେ ବନ୍ଧୁ ପଚାରିଲେ। ମନକୁ ଆନ୍ଦୋଳିତ କଲା ପ୍ରଶ୍ନଟି। ଏହି ଗୁଣାତ୍ମକ ଶବ୍ଦଟି ଆସିଲା କେଉଁଠୁ? ଏବେ ବହୁଳ ମାତ୍ରାରେ ଏହି ଶବ୍ଦ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସାମାଜିକ କ୍ଷେତ୍ରଗୁଡ଼ିକରେ ପଶିଗଲାଣି। ଏଠାରେ ସ୍ୱତଃ ପ୍ରଶ୍ନ ଉଠେ ସାମାଜିକ ସେବା କ୍ଷେତ୍ରରେ ଗୁଣବତ୍ତା ସହିତ ସାଲିସ୍ କରାଯିବା ଉଚିତ କି? ଶିକ୍ଷାର ମାନ କେତେ ତଳକୁ ଖସିଗଲାଣି ଯେ ଆମେ ଗୁଣାତ୍ମକ ଶିକ୍ଷା ବିଷୟ ଚିନ୍ତା କରୁଛେ? ଯେଉଁ ଶିକ୍ଷା ଗୁଣାତ୍ମକ ନୁହେଁ, ତାହା ପ୍ରକୃତରେ ଶିକ୍ଷା ପଦବାଚ୍ୟ କି?

ଗୁଣାତ୍ମକ ଶବ୍ଦଟି ପ୍ରକୃତରେ କହିବାକୁ ଏବଂ ଶୁଣିବାକୁ ଭଲ ଲାଗେ। ବଡ଼ ବଡ଼ ପ୍ରାଚୀର ପତ୍ର ଏବଂ ନେତାମାନଙ୍କର ଭାଷଣର ଶୋଭାବର୍ଦ୍ଧନ କରେ। ମାତ୍ର ଶିକ୍ଷା ମାନେ ହିଁ ଗୁଣାତ୍ମକ ହେବା ବାଞ୍ଛନୀୟ। କିଛି ପୁରୁଣା ଯୋଜନାକୁ ନୂଆ ନାଁ ଦେଇ ସରକାର ଖୁସି ହୁଅନ୍ତି। ସରକାରୀ ଅଧିକାରୀମାନଙ୍କର ନୂଆ ନାମରେ କାମ କରିବାକୁ ଆଗ୍ରହ ବଢ଼େ। କିନ୍ତୁ ପ୍ରକୃତ ଗୁଣାତ୍ମକ ଶିକ୍ଷା ବିତରଣ କରୁଥିବା ଶିକ୍ଷକମାନେ ଯଥା ପୂର୍ବଂ ତଥା ପରମ୍। ଯେତେ ଘଷି ମାଜିଲେ ମଧ୍ୟ ପାଠ ଉଧଉ ନାହିଁ। ଯେଉଁଠି ସୃଜନାତ୍ମକ କଳାର ଅଭାବ ଥାଏ ସେଠି କିଛି ଶବ୍ଦର ମାଧୁର୍ଯ୍ୟରେ ଲୋକଙ୍କୁ ଆକୃଷ୍ଟ କରାଯାଇଥାଏ। ସେହିଭଳି ଶିକ୍ଷା କ୍ଷେତ୍ରରେ ମଧ୍ୟ ଘଟୁଛି। ଶିକ୍ଷା ସହିତ ଗୁଣାତ୍ମକ ଶବ୍ଦଟିଏ ଯୋଡ଼ି ଦେଇ ଆମେ ଶିକ୍ଷାସେବାରେ ଥିବା ଦାୟିତ୍ୱବୋଧରୁ ନିଜକୁ ଦୂରେଇ ଦେଉଛୁ। ଦେଖିବାକୁ ଗଲେ ଗୁଣାତ୍ମକ ଶିକ୍ଷା କହିଲେ ଭିନ୍ନତା କିଛି ନାହିଁ। ବିନା ଗୁଣବତ୍ତାରେ ଶିକ୍ଷା ବଞ୍ଚି ରହିବ ନାହିଁ।

ପୂର୍ବରୁ ଶିକ୍ଷାବିତ୍‌ମାନେ ଶିକ୍ଷାକୁ ଠିକ୍‌ଭାବେ ବୁଝିଥିଲେ। ଆମଦେଶରେ ମହାତ୍ମା ଗାନ୍ଧୀଙ୍କ ମତକୁ ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥାଏ। ଗାନ୍ଧୀଙ୍କ ମତରେ ଶିକ୍ଷାର ଅର୍ଥ ଶିଶୁ ଭିତରେ ଥିବା ଶାରୀରିକ, ମାନସିକ ଏବଂ ଆଧାତ୍ମିକ ଉତ୍କୃଷ୍ଟତାକୁ ପରିପ୍ରକାଶ କରାଇବା। ଶିକ୍ଷା ହେଉଛି ଏକ ପ୍ରକ୍ରିୟା ଯାହାକି ଶିକ୍ଷଣକୁ ତ୍ୱରାନ୍ୱିତ କରିଥାଏ ଏବଂ ଜ୍ଞାନ, ଦକ୍ଷତା, ମୂଲ୍ୟବୋଧ, ଧାରଣା ଏବଂ ବ୍ୟବହାରକୁ ସୁଦୃଢ଼ କରିଥାଏ। ଆମେ ପ୍ରଚାର କରୁଥିବା ଗୁଣାତ୍ମକ ଶିକ୍ଷାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରେ ଏହା ବ୍ୟତୀତ ଅଧିକ କିଛି ଅଛି କି? ଗୁଣାତ୍ମକ ଶିକ୍ଷାରେ ମୁଖ୍ୟତଃ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ଆମର ଶିକ୍ଷା କ୍ଷେତ୍ରରେ ଅଭିଜ୍ଞତା ଥିବା ପଣ୍ଡିତମାନେ ପରାମର୍ଶ ଦେଇଛନ୍ତି। ତାଙ୍କ ମତରେ ଗ୍ରହଣୀୟତା ଏବଂ ସମାନତା, ଶିକ୍ଷକଙ୍କ ଗୁଣବତ୍ତା, ଶିକ୍ଷଣ ପଦ୍ଧତି, ପରିବେଶ, ସ୍ଥାୟିତ୍ୱ ଏବଂ ପ୍ରଶାସନ ଇତ୍ୟାଦି ହେଉଛି ଗୁଣାତ୍ମକ ଶିକ୍ଷାର ମେରୁଦଣ୍ଡ। ପ୍ରକୃତରେ ଏ ଗୁଡ଼ିକ ହେଉଛି ଶିକ୍ଷାର ମେରୁଦଣ୍ଡ। ଗୁଣାତ୍ମକ ଶିକ୍ଷାରେ ନୂତନତ୍ୱ କିଛି ନାହିଁ। ପ୍ରଚୁର ବ୍ୟୟ ବରାଦ, କିଛି ନୂଆ ପଦବୀ, କିଛି ନୂଆ ପ୍ରତିଶ୍ରୁତି କିନ୍ତୁ ଫଳଘର ଶୂନ।

ଆମ ଦେଶରେ ବିଗତ ସତୁରି ବର୍ଷ ଭିତରେ ଶିକ୍ଷାକୁ ନେଇ ଅନେକ ତର୍ଜମା କରାଯାଇଛି। ଶିକ୍ଷା ବଦଳରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ କରାଯାଇଛି ଅନେକ ଯୋଜନା। ମାତ୍ର ଶିକ୍ଷାକୁ ଶିଶୁର ଏକ ଅଧିକାର ଭାବେ ୨୦୦୯ ମସିହାରେ ହିଁ ସ୍ୱୀକୃତି ମିଳିପାରିଛି। ବିଗତ ୧୦ ବର୍ଷ ମଧ୍ୟରେ ଶିକ୍ଷାରେ ଆଖିଦୃଶିଆ ବିକାଶ ହେଲା ନାହିଁ। ପିଲାମାନେ ପଢ଼ିବା ପାଇଁ ବିଦ୍ୟାଳୟ ଗୃହ ଏବଂ ପରିବେଶ ହେଉଛି ମୌଳିକ ଆବଶ୍ୟକତା। ମାତ୍ର ଆମେ ଶ୍ରେଣୀଗୃହଟିଏ ତିଆରି କରିଦେଲେ କିମ୍ବା ବିଦ୍ୟାଳୟରେ ଭଲ ପରିବେଶଟିଏ କରିଦେଲେ ତାକୁ ଗୁଣାତ୍ମକ ନାଁ ଦେଉଛୁ। ଏହା ସହିତ ଶିକ୍ଷକମାନେ ଆନନ୍ଦମୟ ଶିକ୍ଷା ଏବଂ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ଶିକ୍ଷାଦାନ କଲେ ହିଁ ଶିଶୁଟିଏ ଠିକ୍‌ଭାବେ ଶିକ୍ଷାଗ୍ରହଣ କରିପାରିବ ଏବଂ ଏଥିପାଇଁ ଶିକ୍ଷକମାନଙ୍କୁ ତାଲିମ ଓ ଶିକ୍ଷଣ ସାମଗ୍ରୀ ଯୋଗାଇଦେବା ହେଉଛି ସରକାରଙ୍କର ମୌଳିକ ଦାୟିତ୍ୱ। ସେହିପରି ବିଦ୍ୟାଳୟରେ ଗୋଷ୍ଠୀ ସହଭାଗିତା ଅପରିହାର୍ଯ୍ୟ, ମାତ୍ର ଏଥିରେ ଜନସାଧାରଣଙ୍କୁ ସାମିଲ କରିବା ଦ୍ୱାରା ଶିକ୍ଷା ଗୁଣାତ୍ମକ ହେଲା କିପରି?

ଅନ୍ୟ ଦିଗଟି ହେଲା ଏବେ ସରକାର ଶିକ୍ଷାକୁ ଗୋଷ୍ଠୀଭିତ୍ତିକ କରିବା ପରିବର୍ତ୍ତେ ନିଜେ ଜାବୁଡ଼ି ଧରୁଛନ୍ତି, ଯାହାକି ଶିକ୍ଷାର ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ଏହାର ଗୋଟିଏ ଉଦାହରଣ ହେଲା, ଗ୍ରାମ୍ୟ ଶିକ୍ଷା କମିଟି। ପୂର୍ବର ଗ୍ରାମ୍ୟ ଶିକ୍ଷା କମିଟିକୁ ପରିବର୍ତ୍ତନ କରି ବିଦ୍ୟାଳୟ ପରିଚାଳନା କମିଟି ତିଆରି ହେଲା, ଯେଉଁଥିରେ ଲୋକମାନେ ଶିକ୍ଷାକୁ ନିଜ ଗାଁର ସମସ୍ୟା ଭାବେ ବିଚାର କରୁଥିଲେ। ଗାଁ ଲୋକଙ୍କ ସହଭାଗିତାରେ ନିଷ୍ପତ୍ତି ନିଆଯାଉଥିଲା। କିନ୍ତୁ ଏବେ ଏହା କେବଳ ବିଦ୍ୟାଳୟ ପାଚେରି ଭିତରେ ସୀମିତ ହୋଇଯାଇଛି। ଶିକ୍ଷାପ୍ରତି ସହଯୋଗ ପାଇଁ ଗାଁ ଲୋକେ ମୁହଁ ମୋଡ଼ୁଛନ୍ତି। ବିଦ୍ୟାଳୟରେ ନାମକୁ ମାତ୍ର ଅଭିଭାବକ ସମିତି, ମାତୃମଞ୍ଚ ଏବଂ ମିନା ମଞ୍ଚ ସବୁ ଚାଲିଛି। ଦରକାର ହେଲେ ଏମାନେ ମନେପଡ଼ନ୍ତି। ତେଣୁ ଗୋଷ୍ଠୀର ଶିକ୍ଷା ପ୍ରତି ଆଗ୍ରହ ଆସୁ ନାହିଁ। ଶିକ୍ଷାକୁ ବଞ୍ଚାଇବାକୁ ହେଲେ କେତୋଟି ବିଷୟ ପ୍ରତି ଗୁରୁତ୍ୱ ଦେବା ଜରୁରୀ- ଶିକ୍ଷାକୁ ବ୍ୟବସାୟରୁ ମୁକ୍ତ କରିବା, ଶିକ୍ଷାକୁ ରାଜନୀତିରୁ ଉର୍ଦ୍ଧ୍ୱରେ ରଖି ନିଷ୍ପତ୍ତି ନେବା, ଗୁଣାତ୍ମକ ନାଁରେ ଶିକ୍ଷାର ମୌଳିକତାକୁ ନଷ୍ଟ ନ କରିବା ଇତ୍ୟାଦି। ନଚେତ୍ ସରକାର ଆମକୁ ଗୁଣାତ୍ମକ ନାଁରେ ସବୁ ଦିନ ଭୁଆଁ ବୁଲାଉଥିବେ।

ଶଗଡ଼ା, ବୌଦ୍ଧ, ମୋ-୯୧୭୮୫୪୫୭୯୮

## ଏଇ ଭାରତରେ

ଏବେ ନିର୍ବାଚନରେ ଇଭିଏମ୍‌ର ଆବଶ୍ୟକତା ବୃଦ୍ଧିପାଇଥିବା ବେଳେ ଲୋକେ ବାଲଟ ପେପରକୁ ଭୁଲିଯିବାକୁ ବସିଲେଣି। କାରଣ ଇଭିଏମ୍ ଦ୍ୱାରା ଭୋଟଦେବା ଯେପରି ସହଜ ଭୋଟଗଣନା ମଧ୍ୟ ସେପରି ସହଜ ଏବଂ ଖୁବ୍ କମ୍ ସମୟସାପେକ୍ଷ। ବାଲଟ ପେପର ଇତିହାସର ବିଷୟବସ୍ତୁ ହେବାକୁ ଯାଉଛି। ନିର୍ବାଚନ ପାଇଁ ଏବେ ଦେଶର ରାଜନୈତିକ ପାଣିପାଗ ସରଗରମ ରହିଛି। ଇଭିଏମ୍ ଓ ଭିଭିପାଟ୍‌କୁ ନେଇ ସବୁଦିନ କିଛି ନା କିଛି ଖବର ସାମ୍ନାକୁ ଆସୁଛି। ହେଲେ ଏମିତି ଏକ ଇଭିଏମ୍ ଏବେ ସାମ୍ନାକୁ ଆସିଛି ଯାହା ସୁନା ଓ ରୁପାରେ ତିଆରି କରାଯାଇଛି। ଏପରି ଏକ ଘଟଣା ତାମିଲନାଡୁରେ ଘଟିଛି। କୋଏମ୍ବାଟୁରର ରାଜା ନାମକ ଜଣେ ବ୍ୟକ୍ତି ସୁନା ଓ ରୁପା ବ୍ୟବହାର କରି ଏହି ଇଭିଏମ୍ ତିଆରି କରିଛନ୍ତି। ଏଥିରେ ଏକଶହ ଗ୍ରାମ୍ ରୁପା ଓ ୩ଶହ ମିଲିଗ୍ରାମ୍ ସୁନା ଲାଗିଥିବା ସେ କୁହନ୍ତି। ଏଥିରେ ପାଖାପାଖି ୧୮ ରାଜନୈତିକ ଦଳର ଚିହ୍ନ ରଖାଯାଇଛି। ପୂର୍ବରୁ ଉକ୍ତ ବ୍ୟକ୍ତି ଜଣକ ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ଏପିଜେ ଅବ୍‌ଦୁଲ କଲାମଙ୍କ ମହମ ପ୍ରତିମୂର୍ତ୍ତି ତିଆରି କରି ଚର୍ଚ୍ଚାକୁ ଆସିଥିଲେ। ଏବେ ସୁନା ଓ ରୁପାରେ ଇଭିଏମ୍ ତିଆରି କରି ଲୋକଙ୍କୁ ଅଧିକରୁ ଅଧିକ ମତଦାନ କରିବାକୁ ସେ ପ୍ରୋତ୍ସାହିତ କରୁଥିବା ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ଆକାଶର ଶଶିତାରା
ହସି ଉଠେ ସହସା
ଫୁଲେ ଫୁଲେ ହାସ୍ୟର ବରଷା
ଧବଳିତ ଧରା ତଳେ
ହାସର ଜୁଆର ଚଳେ
ସଜଳ ପରଶ ଲଭି ସରସା
ଫୁଲେ ଫୁଲେ ହାସ୍ୟର ବରଷା।
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | 8 | | D | 3 | | | | | | | | | 4 |
| | | 6 | | 9 | | 0 | 1 | | 4 | | | D | | E |
| | | | 2 | | | | 6 | C | E | | | | | 1 |
| 5 | 3 | | | | | B | | | 8 | | | | | |
| A | | | | B | | 9 | | | | 6 | | | | 2 |
| E | | | A | 0 | | | | | | | | 1 | | D |
| | | | | | C | | | 6 | | | | | 7 | 9 |
| | | C | 1 | | 8 | | | | 5 | | | | 0 | |
| | | | B | | 4 | 5 | 3 | A | 9 | | 7 | | C | |
| | 1 | | | 7 | | C | D | | | E | | | | 6 |
| 1 | | A | E | | | | | 9 | | | | | | |
| | | B | 5 | 1 | | 6 | A | 3 | | | | | | |
| | | | | | | | E | | | 4 | A | | | |
| D | | | 0 | | 7 | | C | | | | 6 | 8 | | |
| | 9 | | | | | 7 | | 4 | 2 | | | | 3 | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 6 | E | 4 | 9 | 2 | 8 | 3 | B | A | 0 | D | C | 5 | 1 |
| 9 | 3 | A | E | 8 | C | 6 | 5 | 4 | B | 1 | 7 | D | 0 | 2 |
| 5 | 8 | 2 | B | 3 | D | 1 | 7 | 0 | C | 6 | 9 | 4 | E | A |
| 4 | B | C | 0 | 6 | 1 | 9 | A | D | 2 | E | 5 | 3 | 7 | 8 |
| 1 | D | 0 | 7 | A | 5 | E | C | 2 | 3 | 8 | 4 | 9 | 6 | B |
| B | C | D | 9 | 1 | 7 | 4 | E | 5 | 6 | 2 | 0 | A | 8 | 3 |
| 3 | 7 | 4 | 8 | B | 0 | 2 | D | C | E | 5 | A | 6 | 1 | 9 |
| 6 | E | 9 | 2 | 5 | 4 | B | 1 | A | 8 | 3 | C | 0 | D | 7 |
| A | 0 | 5 | 6 | D | E | 7 | 8 | 3 | 9 | 4 | 1 | B | 2 | C |
| 8 | 2 | 1 | 3 | C | A | 0 | 6 | 9 | D | 7 | B | E | 4 | 5 |
| 0 | A | 6 | C | 4 | B | 5 | 9 | 8 | 7 | D | 2 | 1 | 3 | E |
| D | 9 | 8 | 1 | 0 | 6 | C | 2 | E | 5 | A | 3 | 7 | B | 4 |
| C | 1 | 7 | D | 2 | 8 | 3 | B | 6 | 4 | 9 | E | 5 | A | 0 |
| 2 | 4 | 3 | 5 | E | 9 | A | 0 | 7 | 1 | B | 6 | 8 | C | D |
| E | 5 | B | A | 7 | 3 | D | 4 | 1 | 0 | C | 8 | 2 | 9 | 6 |

ଗତକାଲିର ଉତ୍ତର

# ଆଉ ନାହିଁ ସେଦିନର ଗାଁ

ଅଲେଖ ଚନ୍ଦ୍ର ମିଶ୍ର

ନନ୍ଦନନ୍ଦନ ନନ୍ଦ ଜଣେ ଏକଜିଦିଆ ଲୋକ। ଯାହା ବୁଝିଥିବେ ସେୟା। ତଥାପି ତାଙ୍କର ସ୍ତ୍ରୀ ଓ ପିଲାମାନେ ଶେଷ ଚେଷ୍ଟା କରିଥିଲେ। ଜୀବନଟା ଅବା କେତେ ବର୍ଷ। ଚାଳିଶବର୍ଷ ତ ଏଇ ସହରରେ କଟିଗଲା। ଶେଷ ଜୀବନଟା ହେଲେ ଏଇଠି ବିତେଇବାକୁ ଦିଅ। ତୁମର ଜନ୍ମସ୍ଥାନକୁ ତୁମେ ଫେରିଯିବାକୁ ଚାହୁଁଛ। ହେଲେ ପିଲାଙ୍କର ଜନ୍ମସ୍ଥାନ ତ ଏଇଠି। ସେମାନଙ୍କର କ'ଣ ଇଚ୍ଛା ବୋଲି କିଛି ନାହିଁ? ହେଲେ ସବୁ ବୃଥା ହେଲା। ନନ୍ଦନନ୍ଦନ ତାଙ୍କ ଜିଦ୍‌ରେ ଅଟଳ। ଚାକିରି ପାଇଁ ସିନା ଏଠି ପଡି ରହିଥିଲୁ, ସେ ତ ସରିଲା। ଆଉ ଏଠାରେ ରହିବା କ'ଣ ଦରକାର? ତୁରନ୍ତ ଗାଁକୁ ଚାଲ। ଗାଁର ସୁଖ ଏଠି କାହିଁ! ଥରେ ସେଠାକୁ ଗଲେ ଆଉ ଏଠିକି ଫେରିବାକୁ ମନ କରିବନି। ଯୂପକାଠ ନିକଟକୁ ଯାଉଥିବା ବଧ୍ୟ ପଶୁ ଭଳି କାନ୍ଦି କାନ୍ଦି ପରିବାରର ସଦସ୍ୟମାନେ ଗାଡିରେ ବସିଲେ।

ସେମାନେ ଗାଁରେ ପହଞ୍ଚିଲା ବେଳକୁ ଦିନ ବାରଟା। ଘରକୁ ପଶୁ ପଶୁ ଦାଦାଙ୍କ ସହିତ ଦେଖା ହୋଇଗଲା। ଦାଦା କହିଲେ, ତୋ ଚିଠି ପାଇଥିଲି। ଗାଁରେ ସମସ୍ତେ ଆସି ରହିବ ବୋଲି ଲେଖିଥିଲୁ, କ'ଣ ଆଜି ଆସିଗଲ? ହଁ ଦାଦା, ଏଠି ଏତେ ଜମିବାଡି, ଗଛମାଛ ରହିଛି, ନିଜେ ନ ରହିଲେ କିଏ ଦେଖାଶୁଣା କରିବ? ସେ କଥା କ'ଣ ତୋର ଏବେ ମନେ ପଡିଲା? ଆଜିଯାଏ ତ ବୁଝୁ ନ ଥିଲୁ। ହଉ ସେ ସବୁ ତ ଓଏଲ୍‌ଆର୍ କେସ୍‌ରେ ପଡିଛି। କେସ୍ ଫଇସଲା ନ ହେଲା ଯାଏ ତା' ଉପରେ ତୋର ଅଧିକାର ନାହିଁ। ମୁହଁରେ ବିରକ୍ତିର ଭାବ ଦେଖେଇ ତାଙ୍କ ଖଞ୍ଜାକୁ ଚାଲିଗଲେ ସେ। ଖୁଡୀ କିମ୍ବା ତାଙ୍କର ପିଲାମାନେ କେହି ପଦାକୁ ବାହାରିଲେନି। ଚିଡିଆଖାନାରେ ପଶୁଙ୍କୁ ଦେଖିଲା ପରି ଝରକାବାଟେ ଗଳି ଚାହୁଁଥିଲେ ଖାଲି। ପିଲାମାନଙ୍କୁ ଘର ଭିତରକୁ ନେଉ ନେଉ କହିଲେ ନନ୍ଦନନ୍ଦନ- ତୁମେ ସବୁ ଏଇଠି ଟିକେ ବିଶ୍ରାମ କର। ଦାଦା ତ ଚିଠି ପାଇଛନ୍ତି। ଖାଇବା ପିଇବାର ସବୁ ବନ୍ଦୋବସ୍ତ ସେ ନିଶ୍ଚୟ କରିଥିବେ। ମୁଁ ଯାଉଛି। ମୂଲିଆଟିଏ ଡାକି ଆଣିଲେ ଘରଦ୍ୱାର ସଫା କରିଦେବ। ହେଲେ ଗାଁର ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ବୁଲି ଆସିଲେ ବି ମୂଲିଆଟିଏ ମିଳିଲାନି। ଗାଁ ମୁଣ୍ଡ ବରଗଛ ମୂଳରେ ତାସ ଖେଳୁଥିବା ପଞ୍ଚାଏ ଲୋକଙ୍କୁ ପଚାରିଲେ। ଯାହା ଶୁଣିଲେ ଆଶ୍ଚର୍ଯ୍ୟ ହୋଇଗଲେ। ପେଟ ପାଇଁ ସିନା ମୂଲ। ଆଜିକାଲି ତ ପେଟ ଅପୋଷା ରହୁନି, ମୂଲ ଲାଗିବା କ'ଣ ଦରକାର?

ସାହି ପଡିଶା ସବୁରି ଘରକୁ ବୁଲିଗଲେ ନନ୍ଦନନ୍ଦନ। ଅଧିକାଂଶ ଲୋକ ତାଙ୍କୁ ଚିହ୍ନି ପାରିଲେନି। ଯିଏ ଚିହ୍ନିଲେ ଉପରଠାଉରିଆ ଭାବେ କିଛି କହିଲେ ସିନା, ପାଣି ଗିଲାସେ ଯାଚିଲେନି। ଭାବିଲେ ଚା ପାଇଁ କିଛି କ୍ଷୀର ନେଇ ଗଲେ ହେବ। ଗୋପାଳସାହିକୁ ଗଲେ। ସେମାନେ କହିଲେ ଗାଁର ସବୁ କ୍ଷୀର ସମିତି ନେଇଯାଉଛି। ସକାଳେ ଥରେ ପ୍ୟାକେଟ କ୍ଷୀର ମିଳେ। ଆଜି ଆଉ ମିଳିବନି। ବାଟରେ ତାଙ୍କୁ ଘେରିଲେ ଦଳେ ପିଲା। ତାଙ୍କୁ ନମସ୍କାର କରି କହିଲେ ମଉସା ଆପଣ ଗାଁରେ ରହିବେ ଶୁଣି ଆମେ ବହୁତ ଖୁସି। ଆମର ପାଞ୍ଚଜଣ ସଭ୍ୟ ମିଳିଗଲେ। କାଲି ସକାଳେ ଆମେ ମେମ୍ବରଶିପ ଫର୍ମ ଆଣିଦେବୁ। ମନେ ରଖିଥିବେ ଆମ ସାହିଟା ବିରୋଧୀ ଦଳର ଦୁର୍ଗ। ସେଥିରୁ ଖଣ୍ଡିଏ ବି ଭୋଟ ଯେପରି ଏପଟ ସେପଟ ନ ହୁଏ। ସେମାନେ ଯାଇଛନ୍ତି କି ନାହିଁ ତାଙ୍କ ଆଡକୁ ମାଡିଆସି ଆଉ ଦଳେ ପିଲା କହିଲେ- ମଉସା, ଆପଣ ତ ସରକାରୀ କର୍ମଚାରୀ ଥିଲେ। ଆପଣଙ୍କୁ ବା କ'ଣ ବୁଝେଇବୁ। ଆମେ ସରକାରୀ ଦଳର କର୍ମୀ। ଆମ ଦଳର ସଭ୍ୟ ହେବାକୁ ଆପଣ ନିଶ୍ଚୟ ପସନ୍ଦ କରିବେ। ତାଙ୍କ ଭିତରୁ ଆଉ ଜଣେ କହିଲା ଅଙ୍କଲଙ୍କୁ କ'ଣ ଏତେ ବୁଝଉଛୁ କିରେ? ସେ କ'ଣ ଜାଣିନାହାନ୍ତି ଆମ ବାଡି ତଳେ ତାଙ୍କର ଦୁଇ ଏକର ଅଉଲ ନମ୍ବର ଜମି ଅଛି। ସେଥିରୁ ତ ସେ ପୁଣି ଫସଲ ଆଣିବେ।

ବାଟରେ ଆନ୍ଦାମା'ବୁଢ଼ୀ ଘର ପଡିଲା। ସେ ଭାରି ଭଲ ଲୋକ। ଅପ୍ରିୟ ସତ କଥା କହେ। ଆଗେ ତାରି ପିଣ୍ଡାରେ ଚାଟଶାଳୀ ବସୁଥିଲା। ଚାଲ ଚାଲ ହୋଇ ତା' ଘରଆଡେ ଚାଲିଗଲେ। ତାଙ୍କୁ ଦେଖି ବୁଢ଼ୀ ଖୁସି ହୋଇଗଲା। ବାରଣ୍ଡାରେ ନଡିଆ ଚାଞ୍ଚରାଟିଏ ପାରିଦେଇ ଡାଲାଏ ମୁଢ଼ି ତାଙ୍କ ଆଗରେ ରଖିଦେଲା। ହସହସ ମୁହଁରେ କହିଲା, ଶୁଣିଲି ତୁ କୁଆଡେ ଗାଁରେ ରହିବୁ। ତତେ ଏ ଦୁର୍ବୁଦ୍ଧି କିଏ ଦେଲାରେ? ଏତେ ଭଲ ପଢୁଥିଲୁ। କୁଆଡେ ଭଲ ସରକାରୀ ଚାକିରି କରୁଥିଲୁ। ପିନିସିନି ପାଇବୁ। ସହରରେ ଏତେ ବର୍ଷ ରହିଲୁ। ମୁଣ୍ଡ ଗୁଞ୍ଜିବାକୁ ଛପର ଖଣ୍ଡେ କରିପାରିଲୁନି ଯେ, ଶେଷରେ ଏଇ ପାଣିକାଦୁଅକୁ ଫେରିଆସିଲୁ। ଏଠି ପରା ଶାଗଖିଆକୁ ପେଯଖିଆ ସହିପାରେନା। ତତେ କ'ଣ ଶାନ୍ତିରେ ରଖେଇଦେବେ! ଆନ୍ଦାମା' କଥା ତାଙ୍କ ମନରେ ଗଭୀର ରେଖାପାତ କଲା। ମନଦୁଃଖରେ ଘରକୁ ଫେରି ଯାହା ଶୁଣିଲେ ତାଙ୍କର ଦୁଃଖ ଆହୁରି ବଢିଗଲା। ଖାଇବାକୁ ଦେବା ତ ଦୂରର କଥା ଦାଦାଘର ତାଙ୍କ ସହିତ ସମ୍ପୂର୍ଣ୍ଣ ଅସହଯୋଗ କରିଥିଲେ। ଏତେଦିନ ଧରି ଭୋଗଦଖଲ କରିଆସୁଥିବା ବାଡିବଗିଚାରେ ଭାଗ ବସେଇବାକୁ ସେମାନେ ଚାହୁଁ ନ ଥିଲେ।

ସନ୍ଧ୍ୟା ହୋଇଆସୁଥିଲା। ଅସହାୟ ଅବସ୍ଥାରେ ଦାଣ୍ଡ ବାରଣ୍ଡାରେ ଠିଆହୋଇ ଚାରିଆଡକୁ ଚାହୁଁଥିଲେ ନନ୍ଦନନ୍ଦନ। ବିଦ୍ୟୁତ୍ ଆଲୋକରେ ଉଦ୍ଭାସିତ ହୋଇଉଠୁଥିଲା ଛୋଟକାଟର ବଜାର ଭଳି ଦିଶୁଥିବା ଗାଁ। ରଙ୍ଗିନ ଆଲୋକରେ ଆକର୍ଷଣୀୟ ଦିଶୁଥିଲା ବିଦେଶୀ ମଦ ଦୋକାନର ହୋର୍ଡିଂ। ଗାଁରେ ଗଢି ଉଠିଥିବା ଯୁବଶକ୍ତି କ୍ଲବ୍‌ରୁ ଭାସି ଆସୁଥିଲା ଅଶାଳୀନ ଭାଷାର ଅସଂଲଗ୍ନ ସଂଳାପ। ବାଷ୍ପାୟିତ ଆଖିରେ ତାଙ୍କର ଝାପ୍‌ସା ହୋଇ ଆସୁଥିଲା ଚାଳିଶ ବର୍ଷ ତଳେ ଛାଡି ଯାଇଥିବା ଗ୍ରାମ୍ୟ ସଂସ୍କୃତି ଓ ଚଳଣିର ବନ୍ଧନ। ଆଖିରୁ ଲୁହ ପୋଛି ମନକୁ ଦୃଢ କଲେ ସେ। ଅଫିସରେ ଠିକ୍ ନିଷ୍ପତ୍ତି ନେବାରେ ସିଦ୍ଧହସ୍ତ ନନ୍ଦନନ୍ଦନ ବ୍ୟକ୍ତିଗତ ଜୀବନରେ କେତେ ଅସଫଳ। ନା, ସେ ପୁଣି ଫେରିଯିବେ କର୍ମକ୍ଷେତ୍ରକୁ। ଯୋଗକୁ କ୍ୱାର୍ଟରଟି ସରେଣ୍ଡର କରିନାହାନ୍ତି। ନିଜର ଘର ଖଣ୍ଡେ କଲା ପର୍ଯ୍ୟନ୍ତ ସେଇଠି ହିଁ ରହିବେ। ଯେତେ ଭଡା ପଡୁ ପଛକେ। ପରିବାର ଆଗରେ ନିଜର ନିଷ୍ପତ୍ତିକୁ ଶୁଣେଇଦେଇ କାଲି ସକାଳୁ ଆସିବା ପାଇଁ ଗାଡି ବାଲାକୁ ଫୋନ କଲେ।

ଇଏ ହେଲା ବରଫ ଖଣ୍ଡରୁ ଟୁକ୍‌ରିଏ ଭଳି ଏକ କ୍ଷୁଦ୍ର ନମୁନା। ସାମ୍ପ୍ରତିକ ଗ୍ରାମ୍ୟ ଜୀବନର ଏକ ଦୃଷ୍ଟାନ୍ତ ମାତ୍ର ଯାହାର ସଙ୍କେତ ବହୁ ପୂର୍ବରୁ ଦେଇଯାଇଛନ୍ତି ପ୍ରଖ୍ୟାତ ଇଂଲିଶ କବି ଅଲିଭର ଗୋଲ୍‌ଡସ୍ମିଥ ତାଙ୍କର କାଳଜୟୀ କାବ୍ୟ- 'ଦ ଡେଜାର୍ଟେଡ୍ ଭିଲେଜ୍'ରେ। ପଲ୍ଲୀକବି ନନ୍ଦକିଶୋର ବଳଙ୍କ ପଲ୍ଲୀଚିତ୍ର କାବ୍ୟର ପଂକ୍ତି 'ଶାନ୍ତିପୂର୍ଣ୍ଣ ଆରେ ପଲ୍ଲିଗ୍ରାମ, ମାଧୁରିମାମୟ ତୋର ନାମ' କିମ୍ବା ସଚ୍ଚି ରାଉତରାୟଙ୍କର 'ଛୋଟ ମୋର ଗାଆଁଟି' ଅଥବା ବିନୋଦ ନାୟକଙ୍କ 'ଗ୍ରାମ୍ୟ ପଥ' ଏବେ ସ୍ୱପ୍ନପ୍ରାୟ। ଗ୍ରାମାଞ୍ଚଳରେ ସହରୀକରଣର କୁପ୍ରଭାବ ସୃଷ୍ଟି କରିଛି ରାଜନୈତିକ ଅସହିଷ୍ଣୁତା ଓ ସମ୍ପର୍କରେ ତିକ୍ତତା, ଯାହା ଗାଁକୁ ଚାଲ, ରୁରାଲ ଇଣ୍ଡିଆ ଇଜ୍ ରିୟଲ ଇଣ୍ଡିଆ ଏବଂ ମେରା ଭାରତ ମହାନ୍ ଭଳି ଉଚ୍ଚାରଣକୁ କେବଳ ସ୍ଲୋଗାନରେ ସୀମିତ କରିଦେଇଛି। ଗ୍ରାମୀଣ ଜୀବନ ଧାରଣର ମାନରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି ସତ ହେଲେ ତା'ର ପ୍ରତିବଦଳରେ ଯାହା ହଜିଯାଇଛି ଆଉ ମିଳିବନି। ଗାଁ ଆଜି ଶ୍ରୀହୀନ। ଗାଁବାଲା ସହରମୁହାଁ। ସହରବାଲା ଗାଁକୁ ଆସୁନାହାନ୍ତି। 'ହାୟ ଯଦୁପତେ କ୍ୱ ଗତା ମଥୁରାପୁରୀ, ରଘୁପତେ କ୍ୱ ଗତୋଽଉତ୍ତରକୋଶଳ'।

ମୋ-୯୪୩୮୬୭୩୮୯୮

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିଶ୍ରୁତି ଧୂଆଁବାଣ

ମହାଶୟ,

ନିର୍ବାଚନ ସମୟ ହେଲେ ସବୁ ଦଳ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଶ୍ରୁତିମାନ ଦେଇଥାନ୍ତି। ନିକଟରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାଙ୍କ ଦଳ କ୍ଷମତାକୁ ଆସିଲେ ଦେଶର ଗରିବ ପରିବାରଙ୍କ ପାଇଁ ବାର୍ଷିକ ୭୨ ହଜାର ଟଙ୍କା ଆର୍ଥିକ ସହାୟତା ଦେବ ବୋଲି କହିଛନ୍ତି। ତେବେ ଦେଶର ଗରିବ ହିତାଧିକାରୀଙ୍କୁ ଚିହ୍ନଟ କରିବା ସହଜସାଧ୍ୟ ନୁହେଁ। ଅନ୍ୟ ସବୁ ଯୋଜନା ବାଟବଣା ଓ ବାଟମାରଣା ହେବା ପରି ଏହା ବି ସେମିତି ହେବ। ତା'ଛଡ଼ା ଏହି ଯୋଜନା ପାଇଁ ଏତେ ଟଙ୍କା ଆସିବ କେଉଁଠୁ? ତେଣୁ ଏହା ଏକ ନିର୍ବାଚନୀ ଧୂଆଁବାଣ ଛଡ଼ା ଆଉ କିଛି ନୁହେଁ। ରାହୁଲ ଜାଣିଛନ୍ତି, କଂଗ୍ରେସ ଜିତିବ ନାହିଁ, ତେଣୁ ଶାସକ ଦଳକୁ ହଇରାଣରେ ପକାଇବା ପାଇଁ ସେ ଏପରି ଘୋଷଣା କରିଛନ୍ତି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ମଦ ବନ୍ୟା ବନ୍ଦ ହେଉ

ମଦମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ସରକାର ମଦରୁ ଅଧିକ ରାଜସ୍ୱ ପାଉଛନ୍ତି ବୋଲି ତାହା ବନ୍ଦ କରୁନାହାନ୍ତି। ମଦ ପିଇ ସାଧାରଣ ବ୍ୟକ୍ତି, ଯୁବପିଢ଼ି ବିଭିନ୍ନ ମାରାତ୍ମକ ରୋଗରେ ପୀଡିତ ହେଲେଣି। କେତେକ ପରିବାର ମଧ୍ୟ ମଦ ଯୋଗୁ ଉଚ୍ଛନ୍ନ ହୋଇଗଲେଣି। ଘରର ମୁଖ୍ୟ କିମ୍ବା ଯୁବକ ମଦ ପିଇ ଘରର ସମସ୍ତଙ୍କୁ ଉତ୍ପୀଡ଼ନ କରୁଛନ୍ତି। ଦେଶରେ ଚୋରି, ଡକାୟତି, ରାହାଜାନି, ହତ୍ୟା, ବଳାତ୍କାର, ଦୁର୍ଘଟଣା ଇତ୍ୟାଦି ମଦ ଯୋଗୁ ହେଉଛି। ମଦ ଯୋଗୁ କନ୍ୟା ବେଦିରୁ ଉଠିଯାଉଛି, ସ୍ତ୍ରୀ ତା' ସ୍ୱାମୀଙ୍କୁ ଛାଡ଼ପତ୍ର ଦେଉଛି। ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ନିଜ ପୁତ୍ରଙ୍କର ସୁରାପାନକୁ ରୋକି ନ ପାରିବାରୁ ସମସ୍ତ ବଂଶ ଧ୍ୱଂସ ହୋଇଗଲା। ଦେଶ ଓ ଦଶର ଉପକାର ପାଇଁ ଅଧିକ ରାଜସ୍ୱ ବଡ଼ କଥା ନୁହେଁ ବରଂ ଜନତାଙ୍କ ମଙ୍ଗଳ ଲାଗି ସରକାର, ବିରୋଧୀ ଚିନ୍ତା କରିବା ଦରକାର।

ସୋମନାଥ ମହାପାତ୍ର, ପୂବାଶାସନ, କୌଶଲ୍ୟାଗଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୯ ମେ ୧୯୯୪

- କିନ୍‌ସାସା ବିମାନ ଦୁର୍ଘଟଣାରେ ଜାଇରିର ବୈଦେଶିକ ସଚିବ ମିଙ୍ଗା ଖାସେଣ୍ଡା ଓ ଟ୍ୟୁନିସିଆର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଜିନ୍-ଏଲ ଆବିଦ୍ଦିନ୍ ମେସିରୀ ପ୍ରାଣ ହରାଇଛନ୍ତି।
- ବିଶିଷ୍ଟ ସଙ୍ଗୀତଜ୍ଞ ଉସ୍ତାଦ ନାସିର ଜାହିରୁଦ୍ଦିନ୍ ଡାଗରଙ୍କ ହୃତ୍‌କ୍ରିୟା ବନ୍ଦ ହେବା ଫଳରେ ମୃତ୍ୟୁ ଘଟିଛି।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ

## ସଂକ୍ଷେପରେ



କାଠପଟା ଜବତ ଘଟଣା

### ପୂର୍ବତନ ୱାର୍ଡମେମ୍ବର ଗିରଫ

ଦେବଗଡ଼,୮।୫(ସ୍ୱ.ପ୍ର.)- ଦେବଗଡ଼ ସହର ପୁରୁଣାଗଡ଼ସ୍ଥିତ ପୂର୍ବତନ ୱାର୍ଡ ମେମ୍ବର ମାନସ ପ୍ରଧାନଙ୍କ ଘରୁ ଗତ ସୋମବାର ବନ ବିଭାଗ କାଠପଟା ସହ ବହୁ ମୂଲ୍ୟବାନ କାଠ ଜବତ କରିଥିଲା। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ବୁଧବାର ପୂର୍ବତନ ୱାର୍ଡ ମେମ୍ବର ମାନସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଦେବଗଡ଼ ଡିଏଫଓ କ୍ଷମା ଷଡଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ ପିଟର ଟିଗାଙ୍କ ଉପସ୍ଥିତିରେ ଡିଭିଜନାଲ ମୋବାଇଲ ସ୍କ୍ୱାଡ ଫରେଷ୍ଟର କୁଳମଣି ପୁହାଣ, ମାନସି ନାଏକ, ଛବିଲ ବେହେରା, ଭେଲେଶ୍ୱର ସାହୁ, ସୁଶାନ୍ତ ପ୍ରଧାନ, ଲିମାଶ୍ରୀ ପ୍ରଧାନ, ସୁନୀଲ ବେହେରା, ବାବୁଲି କିଷାନ, ପୂର୍ଣ୍ଣ ଚନ୍ଦ୍ର ଧଳ, ବବିତା ନାଏକଙ୍କ ସହ ଅନ୍ୟମାନେ ଚଢାଉରେ ସାମିଲ ଥିଲେ।

### ଦ୍ୟୁତୀକୃଷ୍ଣ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ବେଲପାହାଡ଼,୮।୫ (ଡି.ଏନ୍.ଏ.)- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଝାରସୁଗୁଡ଼ା ଜିଲା ଶାଖା ପକ୍ଷରୁ କମ୍ରେଡ଼ ସ୍ୱର୍ଗତ ଦ୍ୟୁତିକୃଷ୍ଣ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ବୁଧବାର ଝାରସୁଗୁଡ଼ାଠାରେ ଚିତ୍ରସେନ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ସିପିଆଇ ସମ୍ପାଦକ ଅନିତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ, ବାସୁଦେବ ଭୋଇ, ଗୌରଚନ୍ଦ୍ର କାଲୋ, ପୁରନ୍ଦର ପାଟ୍ଟଯୋଶୀ, ସୁବାସ ଜାଲି, ଗୁଣନିଧି ପ୍ରଧାନ, ରମାକାନ୍ତ ସାହୁ, ଲମ୍ବୋଦର ପ୍ରଧାନ, ପ୍ରଦୀପ ନାୟକ, ମହେଶ୍ୱର ଚାନ୍ଦ, ପ୍ରଶାନ୍ତ ପଟେଲ, ପ୍ରମୋଦ ବେହେରା, ନବୀନ ଭୋଇ, ଅଜୟ ଶର୍ମା, ଅଶ୍ୱିନୀ ଦାଶ ଓ ସାରଙ୍ଗଧର ମିଶ୍ର ପ୍ରମୁଖ ଯୋଗ ଦେଇ ପୂର୍ବତନ ସାଂସଦ, ବିଧାୟକ ତଥା ସିପିଆଇ ରାଜ୍ୟ ସମ୍ପାଦକ ସ୍ୱର୍ଗତ ପଣ୍ଡାଙ୍କ ଜୀବନ ଘଟଣାବଳୀ, ଆଦର୍ଶ ଓ ନୀତି ସମ୍ପର୍କରେ ସ୍ମୃତଚାରଣ କରିଥିଲେ। ଏହି ଅବସରରେ କର୍ମୀମାନେ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସେହିଭଳି ସଙ୍ଗଠନକୁ ସୁଦୃଢ କରି ଲୋକଙ୍କ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ।

ବର୍ଷା ସହ କୁଆପଥର ମାଡ ଦାଉ ସାଧିଲା

# କେନ୍ଦୁପତ୍ର ତୋଳାଳି କ୍ଷତିଗ୍ରସ୍ତ

■ ୮୩୦୦ ତୋଳାଳି ଜୀବିକା ହରାଇଲେ

ବଣାଇ, ୮।୫ (ସ୍ୱ.ପ୍ର)

ରାଉରକେଲା କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ରଜାମୁଣ୍ଡା ଏବଂ ବଣାଇଁ ରେଞ୍ଜରେ ଚଳିତବର୍ଷ ବର୍ଷା ସହ କୁଆପଥର ମାଡ ଯୋଗୁ କେନ୍ଦୁପତ୍ର ଉତ୍ପାଦନ ହ୍ରାସ ପାଇବା ସହ ଏହା ଉପରେ ନିର୍ଭର କରୁଥିବା ୮୩୦୦ କେନ୍ଦୁପତ୍ର ତୋଳାଳିଙ୍କ ପରିବାର ନିଜର ଜୀବିକା ହରାଇବେ ବୋଲି ଜଣାପଡିଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ଏହି ପରିବାରକୁ ଆର୍ଥିକ ସହାୟତା ଦିଆଯିବା ପାଇଁ ସେମାନଙ୍କ ପକ୍ଷରୁ ଦାବି କରାଯାଇଛି। ବଣାଇ କେନ୍ଦୁପତ୍ର ରେଞ୍ଜରେ ୪୭ଗୋଟି ଫଡି ରହିଥିବା ବେଳେ ଏଥିରେ ୪ହଜାର ୭ଶହ ତୋଳାଳି କେନ୍ଦୁପତ୍ର ସଂଗ୍ରହ କରି ବିକ୍ରି କରିଥାନ୍ତି। ସେହିପରି ରଜାମୁଣ୍ଡା କେନ୍ଦୁପତ୍ର ରେଞ୍ଜରେ ୪୦ଟି ଫଡି ରହିଥିବାବେଳେ ଏଥିରେ ୩ ହଜାର ୬ଜଣ କେନ୍ଦୁପତ୍ର ତୋଳାଳି କେନ୍ଦୁପତ୍ର ବିକ୍ରି କରିଥାନ୍ତି। ତେବେ ଚଳିତବର୍ଷ ଜାନୁଆରୀରେ କେନ୍ଦୁପତ୍ର ଉତ୍ପାଦନ ପାଇଁ ଗୋଛାକଟା ହେବା ପରେ ଫେବୃୟାରୀରୁ ବଣାଇଁ ଅଞ୍ଚଳରେ ବର୍ଷା ସହ କୁଆପଥର ମାଡ ହେବାରୁ ବ୍ୟାପକ କେନ୍ଦୁପତ୍ର ନଷ୍ଟ ହୋଇଯାଇଛି। ଯଦ୍ୱାରା କର୍ଡା, ଚାନ୍ଦିପୋଷ, କୁମାକେଲା, ଛିଡି, ଗୋବିନ୍ଦପୁର, ଝିର୍ଡାପାଲି, ଚନ୍ଦ୍ରପୁର, ଶିବନାଥପୁର, ତାମଡା, ବନେଇକଳା, ଜାମୁଦର ପ୍ରମୁଖ ଫଡିଥିବା ଅଞ୍ଚଳରେ କେନ୍ଦୁପତ୍ରଗୁଡିକ ପୋକ ଚରିଯିବାରୁ ଏଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହି ସବୁ ଅଞ୍ଚଳରେ ଏବେ କେନ୍ଦୁପତ୍ରର ଚିହ୍ନବର୍ଣ୍ଣ ନ ଥିବାବେଳେ ତୋଳାଳିମାନେ କେଉଁଠୁ ଓ କିପରି ଭାବେ ଚଳିତବର୍ଷ କେନ୍ଦୁପତ୍ର ସଂଗ୍ରହ କରି ସରକାରଙ୍କୁ ବିକ୍ରୀ କରିବେ ଚିନ୍ତାରେ ପଡିଯାଇଛନ୍ତି। ସେହିପରି ସରକାରଙ୍କ ନିୟମ ମୁତାବକ ଗୋଟିଏ ପରିବାର ୧ହଜାର କେରି କେନ୍ଦୁପତ୍ର ସଂଗ୍ରହ କଲେ କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଳି ଉନ୍ନୟନ ପାଣ୍ଠିରୁ ଆର୍ଥିକ ସହାୟତା ମିଳିପାରିବ। ମାତ୍ର କେନ୍ଦୁପତ୍ରରେ ପୋକ ଚରିବା ଯୋଗୁ ତୋଳାଳିମାନେ ୧ହଜାର କେରି ସଂଗ୍ରହ କରି ନ ପାରି ଏହି ସହାୟତାରୁ ବଞ୍ଚିତ ରହିବେ। ଯଦ୍ୱାରା ନିଜର ଏକ ବର୍ଷର ଜୀବିକା ହରାଇବା ସହିତ ସରକାର ମଧ୍ୟ ଚଳିତବର୍ଷ କେନ୍ଦୁପତ୍ର ଉତ୍ପାଦନ କରି ନ ପାରି ଘୋର କ୍ଷତିଗ୍ରସ୍ତ ହେବେ ବୋଲି ଜଣାପଡିଛି। ଏଣୁ ସରକାର କେନ୍ଦୁପତ୍ର ତୋଳାଳିଙ୍କୁ ସ୍ୱତନ୍ତ୍ର ଭାବେ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଦାବି କରାଯାଇଛି।



ଜଣେ ମହିଳା କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି।

### ଗାଡ଼ି ଧକ୍କାରେ ଜଣେ ମୃତ

ସଇଁତଲା,୮।୫(ଡି.ଏନ୍.ଏ.): ୨୬ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀର ଜିଲା ବେଲଗାଁ ନିକଟରେ ବୁଧବାର ଏକ ଗାଡ଼ି ଧକ୍କା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଲଗାଁର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ(୬୦)। ମିଳିଥିବା ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର କୌଣସି ଏକ କାମରେ ସଇଁତଲା ଆସିଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ବେଲଗାଁ ନିକଟ ଏକ ଢ଼ାବା ସମ୍ମୁଖରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସଇଁତଲା ପୋଲିସ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି।


**ଘୋଷଣା**

ମୁଁ ପାସଲା ପଦ୍ମବାତୀ ଏତଦ୍ଦ୍ୱାରା ଘୋଷଣା କରୁଛି ଯେ, ମୁଁ ପ୍ଲଟ ନଂ-୧୫୮୩ ଏରିଆ ଏ.୦.୦୫ଡି ଓ ପ୍ଲଟ ନଂ ୧୫୮୫ ଏରିଆ ଏ.୦.୦୫ଡି, ଖାତା ନଂ-୯୩୬ ମୌଜା ଅତାବିରା ଯାହାକି ଯାସ୍ତି ଭେରରାଜୁ ପିତା- ସ୍ୱର୍ଗତ ଯାସ୍ତି ସତ୍ୟମଙ୍କଠାରୁ ରେଜେଷ୍ଟ୍ରି ଦଲିଲ ନଂ-୬୭୮ ତା.୨୭।୦୮।୨୦୦୮ରେ କିଣିଥିଲି। ଉପରୋକ୍ତ ଦଲିଲଟି ଆମ୍ଭେ ରହୁଥିବା ଗ୍ରାମ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ବାବେବିରା କେନାଲ, ଅତାବିରା ଗ୍ରାମରେ ହଜିଯାଇଛି। ଏହି ସମ୍ପତ୍ତି କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନକୁ ବନ୍ଧକ ସୂତ୍ରରେ ଦିଆଯାଇନାହିଁ। ମୋ ମାଲିକାନାରେ ଥିବା ଏହି ସମ୍ପତ୍ତିକୁ ମୁଁ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ, ଅତାବିରା ଶାଖାରେ ବନ୍ଧକ ଦେଇ ଗୃହ ଋଣ ନେବାକୁ ଆବେଦନ କରିଛି। ଏଥିରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ। ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

**ପାସଲା ପଦ୍ମବାତୀ**
**ସ୍ୱା- ପାସଲା ସତ୍ୟନାରାୟଣ ଚୌଧୁରୀ**
**ନି- ବାବେବିରା କେନାଲ, ଅତାବିରା**


## ବିଶ୍ୱ ରେଡକ୍ରସ ଦିବସ ପାଳିତ

ସମ୍ବଲପୁର,୮।୫ (ବ୍ୟୁରୋ)

ସମ୍ବଲପୁର ରେଡକ୍ରସ ଭବନରେ ଜନ ବିଶ୍ୱ ରେଡକ୍ରସ ଦିବଦ ପାଳିତ ହୋଇଯାଇଛି। ଏହି ଅବସରରେ ରେଡକ୍ରସ ସଂପାଦକ ଜୟ ଜର୍ଜ, ଡାକ୍ତର ନାରାୟଣୀ ପଣ୍ଡା, ଡ. ସନ୍ତୋଷ କୁମାର ଦାଶ, ଶିକ୍ଷକ କୁଳମଣୀ ପ୍ରଧାନ ଉପସ୍ଥିତ ଥିଲେ। ପାଣି ଆଦାୟ, ଲୋକମାନଙ୍କୁ ସାହାଯ୍ୟ, ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ଦିଗରେ ଆଲୋଚନା କରାଯାଇଥିଲା। ତେବେ ପୂର୍ବରୁ ଫୁଲଝରନ ହାଇସ୍କୁଲରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସିଲେଇ ତାଲିମ ନେଇଥିବା ୪୦ ଜଣ ଯୁବତୀଙ୍କୁ ମଧ୍ୟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।




ସମ୍ବଲପୁରରେ ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ଅତିଥିଙ୍କ ସହ କର୍ମକର୍ତ୍ତା ।

## ୯୧ ୟୁନିଟ ରକ୍ତ ସଂଗ୍ରହ

ବେଲପାହାଡ଼,୮।୫ (ଡି.ଏନ୍.ଏ.)

ବିଶ୍ୱ ରେଡ଼କ୍ରସ ଦିବସ ଉପଲକ୍ଷେ ବେଲପାହାଡ଼ସ୍ଥିତ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ବୁଧବାର ଟିଆର୍‌ଏଲ ହସ୍ପିଟାଲରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଉକ୍ତ ଶିବିରରେ ୯୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଏଥିରୁ ୮୮ ୟୁନିଟ ରକ୍ତ ଝାରସୁଗୁଡ଼ା ଜିଲା ହସ୍ପିଟାଲ ରକ୍ତ ବ୍ୟାଙ୍କରେ ଜମା ଦିଆଯାଇଛି ଏବଂ ୩ ୟୁନିଟ ରକ୍ତ ଟିଆର୍‌ଏଲ ହସ୍ପିଟାଲରେ ସଂରକ୍ଷିତ ରଖାଯାଇଛି । ଶିବିର ବୁଧବାର ସକାଳୁ ଆରମ୍ଭ ହୋଇଥିଲା । ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି (କର୍ପୋରେଟ) ତାରାପଦ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଟିଆର୍‌ଏଲ ହସ୍ପିଟାଲର ନିର୍ଦ୍ଦେଶକ ତୁଷାରକାନ୍ତ ଦାଶ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଝାରସୁଗୁଡ଼ା ରକ୍ତ ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀ ଶିଳବନ୍ତୀ ଜୋଜୋ ଓ ଟିଆର୍‌ଏଲ କ୍ରୋସାକି ରକ୍ତ ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀ ରାଜୀବ ସିଂହଦେଓଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

## ବିବାହ କରିବାକୁ ଚୁକ୍ତିପତ୍ର ଲେଖି ଥାନାରୁ ମୁକୁଳିଲେ ଯୁବକ

ବଡ଼ଗାଁ, ୮।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଜରଙ୍ଗଲୋଇ ନିକଟ ଭଙ୍ଗାମୁଣ୍ଡା ଗ୍ରାମର ଜଣେ ଯୁବତୀଙ୍କୁ ସୋମବାର ସନ୍ଧ୍ୟାରେ ଗାଁ ନିକଟ ନାଳକୁ ଯାଇଥିବାବେଳେ ବଳାତ୍କାର ଉଦ୍ୟମ ଅଭିଯୋଗ ହୋଇଥିଲା। ଏନେଇ ଥାନାକୁ ଅଭିଯୋଗ ଯିବା ପରେ ବୁଧବାର ଯୁବତୀଙ୍କ ପରିବାର ଓ ଅଭିଯୁକ୍ତ ଯୁବକଙ୍କ ମଧ୍ୟରେ ବୁଝାମଣା ହୋଇଛି। ଅଭିଯୁକ୍ତ ଯୁବକ ଯୁବତୀଙ୍କୁ ବିନା ଯୌତୁକରେ ବିବାହ କରିବେ ବୋଲି ଥାନାରେ ଚୁକ୍ତିପତ୍ର ଲେଖି ଦେବାରୁ ମୁକୁଳିଛନ୍ତି। ଅଭିଯୁକ୍ତ ଯୁବକଙ୍କ ଘର ମଧ୍ୟ ସେହି ଗ୍ରାମରେ। ପ୍ରଥମେ ବୈଦିକ ରୀତିରେ ବିବାହ ପରେ କୋର୍ଟ ମ୍ୟାରେଜ ହେବ ବୋଲି ଜଣାପଡ଼ିଛି।


**ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର**

ସଂଖ୍ୟା.୧୩୮୨୫ ତା.୦୭.୦୫.୨୦୧୯ରିଖ

**ନୋଟିସ୍**

ପ୍ରଳୟଙ୍କାରୀ ବାତ୍ୟା ଫନି ଦ୍ୱାରା ପ୍ରଭାବିତ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ରାସନ୍ କାର୍ଡ଼ଧାରୀ ମାନଙ୍କୁ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ) ସରକାରୀ ଆର୍ଥିକ ସହାୟତା ଦେବାର କାର୍ଯ୍ୟକ୍ରମ ଗତ ତା.୦୬.୦୫.୨୦୧୯ରିଖ ଠାରୁ ଆରମ୍ଭ କରାଯାଇଅଛି। ଏଥି ନିମନ୍ତେ ସଂପୃକ୍ତ କଣ୍ଟ୍ରୋଲ ଡିଲରମାନଙ୍କୁ ନିମ୍ନ ତାଲିକା ଅନୁଯାୟୀ ୬୭ଟି ବଣ୍ଟନ କେନ୍ଦ୍ରରେ ସଂଯୋଗ କରାଯାଇଅଛି ଓ ତାହାର ତାଲିକା ନିମ୍ନରେ ଦିଆଗଲା।

ଏଣୁ ସମସ୍ତ ରାସନ କାର୍ଡ଼ଧାରୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ନିଜର ଡିଲର ପାଇଁ ଉଲ୍ଲିଖିତ ବଣ୍ଟନ କେନ୍ଦ୍ରକୁ ଯାଇ ସହାୟତା ରାଶି ଗ୍ରହଣ କରନ୍ତୁ। ଏଥି ପାଇଁ ସେମାନଙ୍କୁ ରାସନ୍ ନେଉଥିବା ବହି ଏବଂ ପରିଚୟ ପତ୍ର ଦର୍ଶାଇବା ନିତ୍ୟାନ୍ତ ଆବଶ୍ୟକ। ସମସ୍ତ ରାସନ୍ କାର୍ଡ଼ଧାରୀମାନେ ସହାୟତା ପାଇବା ପର୍ଯ୍ୟନ୍ତ ଏହି ବଣ୍ଟନ କାର୍ଯ୍ୟକ୍ରମ ଚାଲୁରହିବ।

**କମିଶନର**
**ଭୁବନେଶ୍ୱର ମହାନଗର ନିଗମ**

| Ward No. | Distribution Point | FPS TAG |
|---|---|---|
| 1 | Pathani Samanta Sikhayakendra | Minati Samal |
| 2 | Sikharachandi Vidyapitha | Nalini Samantaray |
| 3 | Cspur UP School | Prahallad Sahoo |
| 4 | Pahala Society office-W-4 | Somanath Sahoo<br>Subash Chandra Sahoo<br>Jitendra Kumar Sasmal<br>Tarun Pattnaik |
| 5 | Manchanathdev H.S.-W-5 | Brahmananda Khuntia<br>Akhya Kumar Mohanty |
| 6 | Mahima Vidya Vihar Gyatrivihar | Nalini Samantray |
| 7 | Phase-II Primary School Saileshree Vihar-W-7 | Santosh Kumar Giri |
| 8 | Acharya Harihar College | Chandra Sekhar SHG |
| 9 | Rangamatia School | Babaji Charan Sahoo<br>Jagabandhu Sahoo |
| 10 | Silpa Anchalika H.S.-W-10 | Naresh Goswami |
| 11 | VSS Nagar High School | Anil Kumar Routray<br>Khirod Kumar Swain |
| 12 | New Govt.Colony building ,Near ICDS office | Bichitrananda Jena<br>Gobinda chandra Sahoo |
| 13 | Vivekananda School-W-13 | Subash Chandra Sahoo |
| 14 | Sector -IV UP School-Niladri Vihar-W-14 | Santosh Kumar Giri<br>Nabashakti WSHG |
| 15 | Rental High School | MFPS Bramunda |
| 16 | Govt.Polytechince Building | MFPS ID Market |
| 17 | Vanivihar School | Dilip Kumar Rout |
| 18 | Pandra UP School | Prasant Kumar Pradhan |
| 19 | Gadagopinath Highschool | Brajakishore Sahoo<br>Niranjan Swain |
| 20 | Loyola School | Kishore Sahoo<br>MFPS ID Market |
| 21 | Indiragandhi Pharmacy College | Rajashree Harichandan<br>MFPS ID Market |
| 22 | Cluster Community Center,Bharatpur | Sibashankar Achari<br>Ajya Kumar Gadabada<br>Laxmi Subudhi<br>Krushna Chandra Sahoo<br>Laxmidhar Das |
| 23 | Ghatikia ME school | Damodar Behera<br>Kabita Sahoo |
| 24 | Govt.UP School,Baramunda HB Colony | Annapaurna Jena<br>MFPS Bramunda |
| 25 | I.R.C.Govt. H.S.(N3)-W-25 | MFPS ID Market |
| 26 | Bijupattnaik College | MFPS ID Market |
| 27 | I.R.C.Primary School-(N6) | Kalyani General Store(Baman Charan Behera)<br>Smt.Sasmita Mishra |
| 28 | Tirupati Kalyan Mandap | Subash Chandra Panda |
| 29 | Girls H.S.Unit-9 | Rinku Store(Smt.Mamata Padhi) |
| 30 | Sahid Nagar H.S | Urbashi Swain (Parbati Store) MFPS Sahid Nagar |
| 31 | Palasuni UG ME School (Rasulgarh) | Srinibas Samantray<br>Sahid Nagar MFPS |
| 32 | Jharapada High School | Srinibas Samantray |
| 33 | Yatri Niwas | Sahid Nagar MFPS |
| 34 | Satya Nagar UP School | Ekamra Store(Madanmohan Rath)<br>Ranjan Store(Nalini Ranjan Mohanty)<br>Sarat Ch. Behera |
| 35 | Capital H.S.Unit-3 | Kalpana Store<br>Smt.Renubala Pattnaik |
| 36 | MLA Colony Primary School | Laxmi Store<br>(Smt.Khirodini Rout)<br>Rajkishore Mahapatra<br>MFPS Unit-4 |
| 37 | Kasturaba Sikhyasadan,Nayapalli | Subash Chandra Panda |
| 38 | Devrai College,Naypalli | Ramaswarup Prasad |
| 39 | Utkalmani Nodal UP School | Rajendra Pattnaik |
| 40 | Govt Boy's Highschool Unit-1 | Secretariate 4th grade Employees Cooperative<br>Govt.Employees Cooperative store |
| 41 | Social Equity Centre,Kharavela Nagar | Ananta Charan Sahoo<br>Sundaramani Sahoo<br>Rajdhani General Store(Smt.Pramila Debi) |
| 42 | Budheswari Community Centre | Deepak Kumar Pattnaik<br>Consumer General Mart |
| 43 | Municipal High School | Ranjan Kumar Nayak |
| 44 | Badagada H.S.School-W-44 | Prasant Kumar Jena |
| 45 | Chinta Maniswar Girls H.S. | Bibhuti Bhusan Mangaraj |
| 46 | Govt.Girls H.S,Unit-6 | Alaka<br>Pravat Ranjan Mohanty |
| 47 | Unit-8 Community Centre | Pravas Kumar Maharathi<br>Sanjaya Das<br>Bilasi Rout<br>Chakradhar Samantray |
| 48 | Mangala Mandap,Unit-8 | Secretary Delta Primary Consumer Employees Cop. |
| 49 | Topoban Highschool | Ramachandra Das<br>Harihar Prusty |
| 50 | Baramunda Highschool | Gobinda Chandra Parida |
| 51 | Sevasharam School | Bhaskar Sahoo |
| 52 | Ganganagar Community Centre | Debabrata Mohapatra<br>Srivatsa Mohapatra<br>Manoranjan Das |
| 53 | Bapujinagar Primary School | Dilip Kumar Mohanty<br>Arun Kumar Das<br>Gourishankar Dasmahapatra<br>Debaprasad Sahoo |
| 54 | Ramakrushana Mission School | Dilip Kumar Mohapatra<br>Lingaraj Store<br>Parsuram Panda<br>Gouri Store<br>Deepak Mohapatra<br>Debabrata Mohapatra<br>Harihara Mahapatra<br>Debaprasad Sahoo |
| 55 | Goutam Nagar High school | Prasant Kumar Samantray |
| 56 | Arts Block ,BJB College | B.B.Pratistan<br>Bikram Dev Garabadu |
| 57 | Saraswati Sisumandir,Badagada | Bipin Kumar Mohanty<br>M.Manmadha Rao |
| 58 | Brahmeswar Patna UP School | Hemanta Kumar Senapati<br>Mamata Samantray |
| 59 | Nuagoan UP School | Nishmani Mohanty<br>Babuli Bisoi<br>Pramila Das<br>Anjana Mahapatra<br>Pradeep Kumar Sahoo |
| 60 | B.M. H.S., Oldtown | Kamalakanta Mahapatra<br>Saraswati Panda<br>Akhya Kumar Dixit<br>K.P. Mohapatra<br>Mamata Panda<br>Arati Mahapatra<br>Umakanta Garabadu(Kedar Gouri Store) |
| 61 | Bhimatangi U.P.School | Mangaraj Sahoo<br>Usharani Mahanty<br>Kabiraj Swain |
| 62 | Central School,Pokhariput | Kabiraj Swain |
| 63 | Khandagiri Govt.H.S.School | Saranga Dhar Pradhan<br>Smt.Basanti Patra |
| 64 | Dumuduma Village U.P. School | Nasim Khan<br>Dhiraj Kumar Jena |
| 65 | First Phase UP School,Dumduma | Santosh Ku. Subudhi<br>SuryaKanta Jena |
| 66 | Raghunath Nagar UP School | Monalisha Priyadarsani Pradhan |
| 67 | Ekamra College | Babaji Charan Champati<br>Tapan Kumar Mahapatra |


## ତହସିଲଦାରଙ୍କୁ ଜମି ହଡ଼ପ ଅଭିଯୋଗ

କୋଲାବିରା,୮।୫ (ଡି.ଏନ.ଏ.)



ରେଙ୍ଗାଲି ତହସିଲ କାର୍ଯ୍ୟାଳୟକୁ ଆସିଥିବା ଅଭିଯୋଗକାରୀ।

**ରେଙ୍ଗାଲି ତହସିଲ**
- କାଗଜପତ୍ର ମିଳୁନି
- କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ମିଳିଲା

ସରକାର ଆଦିବାସୀ, ହରିଜନମାନଙ୍କ ଜମି କିଣାବିକା ଉପରେ କଟକଣା ଜାରି କରି ଏଥିପାଇଁ ସ୍ୱତନ୍ତ୍ର ନିୟମ ମଧ୍ୟ ପ୍ରଣୟନ କରିଛନ୍ତି। ହେଲେ ରେଙ୍ଗାଲି ତହସିଲରେ ଏକ ଆଦିବାସୀ ପରିବାର ନାଁରେ ଥିବା ରୟତି ଜମିକୁ ହଡପ କରାଯାଇଛି। ଜଣେ ସାଧାରଣ ବର୍ଗର ବ୍ୟକ୍ତିଙ୍କ ନାଁରେ ଏହି ଜମିର ପଟ୍ଟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଚକ୍ରାନ୍ତ ଏପରି ସୁଚିନ୍ତିତ ଆଉ ଯୋଜନାବଦ୍ଧ ଭାବରେ କରାଯାଇଛି ଯେ ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ମାଗିଲେ ବି କୌଣସି ତଥ୍ୟ ତହସିଲ ଅଫିସ୍‌ରେ ମିଳୁନାହିଁ। ଝାରସୁଗୁଡା ଜିଲା କୋଲାବିରା ବ୍ଲକ ସୋଡାମାଲର ଏକ ପରିବାର ଏଭଳି ଚକ୍ରାନ୍ତର ଶିକାର ହୋଇଛନ୍ତି। ଉକ୍ତ ଜମିର ରେକର୍ଡଦାର ଏବଂ ଅଂଶୀଦାର ଥିବା ରୂପାନନ୍ଦ କାଲୋ, ପର୍ଶୁରାମ କାଲୋ, ଜଗନ୍ନାଥ କାଲୋ, ସନ୍ତୋଷ କାଲୋ, ଅଶ୍ୱିନୀ କାଲୋ, ବସନ୍ତ କାଲୋ, ସନାତନ କାଲୋ ପ୍ରମୁଖ ରେଙ୍ଗାଲି ତହସିଲଦାର ଭିକ୍ଟୋରିଆ ଏକ୍କାଙ୍କୁ ଭେଟିଛନ୍ତି। ସମସ୍ତ କାଗଜପତ୍ରର ନକଲ ଦିଆଯାଉ। କିଣାବିକାରେ ଆଇନ ଉଲ୍ଲଂଘନ ହୋଇଥିବାରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ତହସିଲଦାର ଅଭିଯୋଗ ଶୁଣିବା ପରେ ୨ ଦିନ ମଧ୍ୟରେ ଏହି ମାମଲାର କାଗଜପତ୍ର ଖୋଜି ବାହାର କରିବାକୁ ପ୍ରତିଶ୍ରୁତି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସୋଡାମାଲ ମୌଜାର ଖାତା ନଂ.୩୯୭ରେ ଥିବା ୧୦ ଏକର ୫ ଡେସିମିଲ୍ ଜମି ରୂପାନନ୍ଦ କାଲୋ, ଅଇବନ କାଲୋ, ଉଗ୍ରସେନ କାଲୋ ଏବଂ ବିଭୀଷଣ କାଲୋ ପ୍ରମୁଖ ଆଦିବାସୀ ସଂପ୍ରଦାୟର ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ ଅଛି। ଏମାନେ ଉତ୍ତରାଧିକାରୀ ସୂତ୍ରେ ଏହି ଜମି ଭୋଗଦଖଲ କରି ଚାଷ କରିଆସୁଛନ୍ତି। ତେବେ ଏହି ରୟତି ଜମି ରେଙ୍ଗାଲି ତହସିଲ ଦାଖଲ ଖାରଜ ମୋକଦ୍ଦମା ନଂ ୧୮୨/୯୧ ମାଧ୍ୟମରେ ଖାତା ନଂ ୩୯୭ର ପ୍ଲଟ ନଂ. ୧୯୧୦ରେ ଥିବା ୬୬ଡେସମିଲ୍ ଜମି ଚକ୍ରାନ୍ତ କରି ସୋଡାମାଲ ଗ୍ରାମର ପ୍ରଦୀପ କୁମାର ଦାସଙ୍କ ନାମରେ ମିଉଟେସନ୍ କରାଯାଇଛି। ଖାତା ନଂ.୪୭୫/୧୫୮ରେ (୨୯।୭।୧୯୯୧) ନୂଆ ପଟ୍ଟା ପ୍ରଦାନ କରାଯାଇଛି। ଉକ୍ତ ଜମି ପ୍ରଦୀପ କୁମାର ଦାସଙ୍କ ନାମରେ ପଟ୍ଟା ହୋଇ ସାରିଛି। ଦାଖଲ ଖାରଜ ହୋଇ ୬୬ ଡେସମିଲ୍ ଜମି ପ୍ରଦୀପ ଦାସ ପଟ୍ଟା କରି ନେଇଥିବା ସଂକ୍ରାନ୍ତରେ କାଲୋ ପରିବାର ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। କିନ୍ତୁ ଗତ ବର୍ଷ ଉକ୍ତ ଜମି ଦେଇ କେନାଲ ଖନନ ହେବା ସମୟରେ ଜମିର କ୍ଷତିପୂରଣ ପାଇଁ ଝାରସୁଗୁଡା ଜିଲାପାଳଙ୍କ ଅଫିସକୁ ଗଲାବେଳକୁ ୬୬ ଡେସମିଲ୍ ଜମି ପ୍ରଦୀପ କୁମାର ଦାସଙ୍କ ନାମରେ ରେକର୍ଡଭୁକ୍ତ ହୋଇ ପଟ୍ଟା ହୋଇଥିବା ଜାଣି ପାରିଥିଲେ। ପ୍ରଦୀପ ଦାସ ପଟ୍ଟା କରିନେଇଥିବାରୁ କାଲୋ ପରିବାର କ୍ଷତି ପୂରଣ ପାଇବାରୁ ବଞ୍ଚିତ ହେଲେ। କାଲୋ ପରିବାର ଝାରସୁଗୁଡା ଜିଲାପାଳ, ଝାରସୁଗୁଡା ତହସିଲ, କୋଲାବିରା ତହସିଲ ଏବଂ ରେଙ୍ଗାଲି ତହସିଲ ଅଫିସ ଧାଁ ଦଉଡ କରି ବାରମ୍ବାର ସୂଚନା ଅଧିକାର ଆଇନ୍‌ରେ ତଥ୍ୟ ମାଗୁଛନ୍ତି। ହେଲେ କୌଣସି କାଗଜପତ୍ର ନାହିଁ ବୋଲି ତାଙ୍କୁ ଲିଖିତ ଉତ୍ତର ମିଳୁଛି। ସୂଚନାଯୋଗ୍ୟ, ପୂର୍ବେ ସୋଡାମାଲ ମୌଜା ସମ୍ବଲପୁର ଜିଲା ରେଙ୍ଗାଲି ହସିଲ ଅଧୀନରେ ଥିଲା। ଏଣୁ ରେଙ୍ଗାଲି ତହସିଲର କର୍ମଚାରୀ ଓ ଅଧିକାରୀ ସେତେବେଳେ ଏଭଳି ବେଆଇନ କାମ କରିବାର ସହାଯ୍ୟ କରିଥିବା କାଲୋ ପରିବାର ଅଭିଯୋଗ ଆଣିଛନ୍ତି।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ନଦୀକୁ ଖସିପଡ଼ିଲା ଟ୍ରକ୍, ଡ୍ରାଇଭର ମୃତ

**ଭବାନୀପାଟଣା,୮।୫ (ଡି.ଏନ.ଏ.)-** ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାପଡା ଫାଣ୍ଡି ନିକଟସ୍ଥ ତୁରକେଲ ନଦୀ ପୋଲ ଉପରୁ ବୁଧବାର ଏକ ଟ୍ରକ୍ ଖସି ପଡିବାରୁ ଡ୍ରାଇଭଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ନିଖୋଜ ଥିବା ଜଣାପଡିଛି। ମୃତ ଡ୍ରାଇଭରଙ୍କ ନାମ ତ୍ରିଲୋଚନ ହଂସ (୫୦), ଗ୍ରାମ ଗଡିଆଜୋର, ଥାନା ତୁରେକେଲା, ବଲାଙ୍ଗୀର ଜିଲା ବୋଲି ଜଣାପଡିଛି। ବୁଧବାର ପୂର୍ବାହ୍ନ ୧୧ଟାରେ ଏକ ୧୪ ଚକିଆ ଟ୍ରକ (ନଂ.ସିଜି୦୪ ଏମ୍‌ଡି୮୬୮) ରାୟପୁରରୁ ବିଶାଖାପାଟଣାକୁ ସାମଗ୍ରୀ ନେଇ ଯାଉଥିଲା। ତୁରକେଲ ନଦୀ ପୋଲ ଉପରୁ ଭାରସାମ୍ୟ ହରାଇ ଖସିପଡିଥିଲା। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଚାପି ହୋଇ ପାଣି ଭିତରେ ରହି ଯିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେଁପୁର ଗ୍ରାମବାସୀ ଓ ସରପଞ୍ଚ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ଟ୍ରକ ଡ୍ରାଇଭରଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ଡ୍ରାଇଭରଙ୍କୁ ପାଣି ଭିତରୁ କାଢିବା ପରେ ସେ ମୃତ୍ୟୁବରଣ କରିଥିବା ଜଣାପଡିଛି। ତେବେ ହେଲପରଙ୍କ କୌଣସି ପତ୍ତା ମିଳୁ ନ ଥିବା ଜଣାପଡିଛି। ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏ ନେଇ କର୍ଲାପଡା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଛି।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ
# ନିମ୍ନମାନର ବିହନ, ଅମଳ ହେଉନି ପିଆଜ

**ନୂଆପଡା ଅଫିସ,୮।୫**




ନୂଆପଡ଼ା ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ ।

- ଗରିବ ଚାଷୀ ହନ୍ତସନ୍ତ
- ଚାଷୀ ମୁଣ୍ଡରେ ଚଡ଼କ

ନୂଆପଡ଼ା ଜିଲାର ପିଆଜ ଭଣ୍ଡାର ବୋଲି କୁହାଯାଉଥିବା ନୂଆଗାଁ ପଞ୍ଚାୟତ ବର୍ତ୍ତମାନ ଖାଁ ଖାଁ ଲାଗୁଛି। କିଛି ଦିନ ଆଗକୁ ପିଆଜ ଅମଳ ହେବାକୁ ଯାଉଥିବାବେଳେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି। କୌଣସି କ୍ଷେତରେ ପିଆଜ ଠିକ ଭାବେ ଅମଳ ହେବା ଆଶା କ୍ଷୀଣ ହୋଇପଡିଛି। ରୁଆ ଯାଇଥିବା ବିହନ ନିମ୍ନମାନର ଥିବା ଜାଣିବା ପରେ ଚାଷୀ ମୁଣ୍ଡରେ ଚଡକ ପଡ଼ିଯାଇଛି। ଏହା ଜାଣିବା ପରେ ସମସ୍ତ ଚାଷୀ ନୂଆପଡା ଆସି ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ସବୁ ଦୁଃଖ ବଖାଣିଛନ୍ତି। ନୂଆଗାଁ ଗ୍ରାମପଞ୍ଚାୟତ ଲୋହୋଣ୍ଡୋପାଲି, କାଳିମାଟି, ନୂଆଗାଁ, କାମକେଡା ଆଦି ଗାଁ ପିଆଜ ଚାଷ ସକାଶେ ପ୍ରସିଦ୍ଧି ଲାଭ କରିଛି। ଏହି ଗାଁରେ ହଜାର ହଜାର କୁଇଣ୍ଟାଲ ପିଆଜ ଉତ୍ପାଦନ ହୋଇଥାଏ। ଏହା ରାଜ୍ୟ ତଥା ରାଜ୍ୟ ବାହାରକୁ ଟ୍ରକ ଯୋଗେ ଚାଲାଣ ହୋଇଥାଏ। ଏଥିରୁ ଚାଷୀମାନେ ବେଶ ଦୁଇ ପଇସା ରୋଜଗାର କରିଥାନ୍ତି। ଏକଦା ଦାଦନପ୍ରବଣ ଗ୍ରାମପଞ୍ଚାୟତରେ ପିଆଜ ଚାଷ ସମସ୍ତଙ୍କୁ ରୋଜଗାର ଦେଇଛି। ମଧ୍ୟମ ଏବଂ କ୍ଷୁଦ୍ର ଚାଷୀମାନେ କମ ଜମିରେ ମଧ୍ୟ ଏହି ଚାଷ କରି ଲାଭବାନ ହେଉଛନ୍ତି। ହେଲେ ଏହି ବର୍ଷ ଚାଷୀମାନଙ୍କୁ ଚଡକ ପଡିଯାଇଛି। ଉତ୍ପାଦନ ବଢାଇବା ଆଶାରେ ହାଇବ୍ରିଡ ବିହନ କିଣିଥିଲେ। ସ୍ଥାନୀୟ ସିପିଏସଡବ୍ଲ୍ୟୁ ନାମକ ସଂସ୍ଥା ଏବଂ ଅନ୍ୟ ଏକ ଦୋକାନରୁ ରିହାତି ଦରରେ ବିହନ ସଂଗ୍ରହ କରିଥିଲେ। ଉତ୍ପାଦନ ବୃଦ୍ଧି ହେବ ବୋଲି ବହୁ ପ୍ରତିଶ୍ରୁତି ପରେ ଚାଷୀ ଧାଡି ଲଗାଇଲେ। ଗଛ ଗଜା ହୋଇ ବଢିବାରେ ଲାଗିଲା । ହେଲେ ଅମଳ ସମୟ ପାଖେଇବା ବେଳକୁ ଏହା ଆଉ ବଢ଼ିଲା ନାହିଁ। ଚାଷୀମାନେ କିଂକର୍ତ୍ତବ୍ୟ ବିମୂଢ ହୋଇ ବର୍ଷକର ଚାଷକୁ ହରାଇବାକୁ ବସିଛନ୍ତି । ଅନନ୍ୟୋପାୟ ହୋଇ ଶେଷରେ ନୂଆପଡା ଆସି ଜିଲାପାଳ ଡା. ପୋମା ଟୁଡୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ତଦନ୍ତ କରିବା ସହ କ୍ଷତିପୂରଣ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି । ଜିଲାପାଳ ଏହା ଉପରେ ବିଶେଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଚାଷୀମାନଙ୍କ ମଧ୍ୟରେ ରଘୁନାଥ ହାତୀ, ପବିତ୍ର ହାତୀ, ରାଜେନ୍ଦ୍ର ହଂସ, ଲକ୍ଷ୍ମୀକାନ୍ତ ହଂସ, ହେମାଲ ହାତୀ, ସୁଦାନ ହାତୀ, ଘାସିରାମ ହାତୀ, ମହାଦେବ ହାତୀ, ଜଳଧର ହାତୀ, ନରହରି ନାଏକ, ଛୋଟା ନାଏକ, ହୀରାଲାଲ ନାଏକ ପ୍ରମୁଖ ନୂଆପଡା ଆସି ଜିଲାପାଳଙ୍କୁ ଭେଟିଛନ୍ତି । ଜିଲାପାଳ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ନିମ୍ନମାନର କାମ, ରାସ୍ତାରେ ଉଡୁଛି ଧୂଳି
# ପ୍ରତିବାଦରେ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ

**ଭବାନୀପାଟଣା,୮।୫ (ଡି.ଏନ.ଏ.)**

ନିମ୍ନମାନର ରାସ୍ତା କାମ, ତଦାରଖର ଅଭାବ ଓ ଧୂଳି ଉଡି ଘରେ ପ୍ରବେଶ କରୁଥିବାରୁ ଲୋକେ ଅତିଷ୍ଠ ହୋଇପଡୁଥିବା ବେଳେ ଘରର ବିଭିନ୍ନ ସାମଗ୍ରୀରେ ଧୂଳିର ଅସ୍ତରଣ ଜମିରହୁଛି । ଏହାର ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ ଦୟାନିଧି ଛକରୁ ମାଣୀକେଶ୍ୱରୀ ହାଇସ୍କୁଲ ଛକ ମଧ୍ୟରେ ଲୋକେ ରାସ୍ତାରୋକୋ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ସ୍ଥାନୀୟ ଦୟାନିଧି ଛକଠାରୁ ମାଣିକେଶ୍ୱରୀ ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ଚଉଡା କରିବା ସହ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଠିକା ନେଇଥିବା ଠିକାଦାର କରୁଥିବା କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ବିଭାଗ ପକ୍ଷରୁ ଏହାର ଉଚିତ୍ ତଦାରଖ କରାଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଏହି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ମଧ ନିମ୍ନମାନର ବୋଲି ପ୍ରକାଶ କରିଛନ୍ତି। ନିର୍ମାଣ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ଠିକ ଭାବେ ତଦାରଖ କରୁ ନ ଥିବା ଯୋଗୁ ଏହି କାର୍ଯ୍ୟ ଦୀର୍ଘ ଦିନ ହେଲା ଚାଲୁରହିଛି। ବିଛାଯାଇଥିବା ମେଟାଲ୍, ଗେଟି ଓ କ୍ରଶର୍ ଡଷ୍ଟ ଉପରେ ଆବଶ୍ୟକ ପରିମାଣର ପାଣି ସିଞ୍ଚନ କରାଯାଉ ନାହିଁ। ଫଳରେ ଧୂଳି ଉଡି ଘରେ ପ୍ରବେଶ କରୁଥିବାରୁ ଲୋକେ ଅତିଷ୍ଠ ହୋଇପଡୁଥିବା ବେଳେ ଘରର ବିଭିନ୍ନ ସାମଗ୍ରୀରେ ଧୂଳିର ଅସ୍ତରଣ ଜମିରହୁଛି। ରାସ୍ତା କଡରେ ଥିବା ଘରଗୁଡ଼ିକରେ ରହିବା ମୁସକିଲ ହୋଇ ପଡୁଛି । ଯାନବାହନ ଯାତାୟାତ ସମୟରେ ଗେଟି ଗୁଡିକ ଛିଟିକି ପଡୁଛି। ଏହାର ପ୍ରତିବାଦ କରି ଲୋକେ ଏହି ରାସ୍ତା ରୋକୋ କରିଥିଲେ । ଖବର ପାଇ ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ପୋଲିସ ଦଳ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଗ ନ ଥିଲାକୁ ପେଯ**
**କେହି ନ ଥିଲାକୁ ତୋ ମୁହଁ ଦେଖୁଛି**
**କହିବାକୁ ମାଡ଼େ ଲାଜ ।**

ଗରିବ ଘରେ ସଦାବେଳେ ଅଭାବ ଅନଟନ ଲାଗି ରହିଥାଏ। ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଶାଗ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ଦିନ କାଟିବ ବୋଲି ଅନ୍ୟକୁ ଆପଣାର କରି ପୂର୍ବ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଘଟୁ ନ ଥିବା ଦୁଃଖରେ ଭାଙ୍ଗିପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶିଝୁ ଗଛ ମୂଳେ ଗାତ**
**ମତେ ମୂରୁଛି ତୁ ଖାଇଲୁ ଭାତ**
**କେମନ୍ତେ ବଳିଲା ସତ ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ସ୍ୱାର୍ଥୀ ବ୍ୟକ୍ତି ସର୍ବଦା ନିଜ କଥାକୁ ବେଶି ଗୁରୁତ୍ୱ ଦେଇଥାନ୍ତି। କେବଳ ନିଜ ସ୍ୱାର୍ଥ ଚିନ୍ତାରେ ରହିଥାନ୍ତି। ଆପଣାର ଲୋକକୁ ପରିତ୍ୟାଗ କରି ନିଜ ସ୍ୱାର୍ଥ ପ୍ରତି ଧ୍ୟାନ ଦେଉଥିବା ବ୍ୟକ୍ତିକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

### ବାଇକ୍ ଧକ୍କାରେ କୃଷକ ନେତାଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି,୮।୫(ଡି.ଏନ.ଏ.)**

ଏକ ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୁବର୍ଣ୍ଣପୁର ଜିଲା ଭାରତୀୟ କିଷାନ ସଂଘ ଜିଲା ସଭାପତି କୁଶ ପଣ୍ଡାଙ୍କର ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ଘର ଡୁଙ୍ଗୁରିପାଲି ବ୍ଲକ ବ୍ରାହ୍ମଣୀପାଲି ଗ୍ରାମରେ। ମଙ୍ଗଳବାର ରାତିରେ ପଣ୍ଡା ବରଗଡ଼ ଜିଲା ବରପାଲି ବ୍ଲକ ଆଗଲପୁର ଗ୍ରାମରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଯୋଗାଦେବାକୁ ଯାଇଥିଲେ। ଭୋଜି ଖାଇ ରାସ୍ତା ଉପରକୁ ଚଢୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ କବି, ସଂସ୍କୃତି ପ୍ରଚାରକ, ସଙ୍ଗଠକ ଭାବେ ଅଞ୍ଚଳରେ ପରିଚିତ ଥିଲେ।




କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଜୟଦେବ ଜୟନ୍ତୀ ଅବସରରେ ଉପସ୍ଥିତ ସାହିତ୍ୟ ପ୍ରେମୀ।


# ଓଡ଼ିଆ ସାହିତ୍ୟକୁ ଜୟଦେବଙ୍କ ଅବଦାନ ଅତୁଳନୀୟ

**କୋଲାବିରା,୮।୫ (ଡି.ଏନ.ଏ.)**

ଓଡିଆ ସାହିତ୍ୟକୁ କବି ଜୟଦେବଙ୍କ ଅବଦାନ ଅତୁଳନୀୟ। ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସାହତ୍ୟ ଓଡିଆ ସାହିତ୍ୟଜଗତକୁ ଋଦ୍ଧିମନ୍ତ କରିଛି। ଏବେବି ଏହାର ବେଶ୍ ପ୍ରାସଙ୍ଗିକତା ରହିଛି। ବିଶିଷ୍ଟ ସାହିତ୍ୟିକ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ଏହା କହିଛନ୍ତି। କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଜୟଦେବ ଜୟନ୍ତୀ ଅବସରରେ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କଥା କହିଛନ୍ତି। ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବରେ ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ହରିବଂଶ ପ୍ରଧାନ, କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ,ଅଶୋକ କୁମାର ବେହେରା, ସୁରେନ୍ଦ୍ର ଟଣକାର ପ୍ରମୁଖ ଯୋଗଦେଇ ଜୟଦେବ ଗୀତକବିତା ଉପରେ ଆଲୋଚନା କରିଥିଲେ। ଶିକ୍ଷକ ଲଲିନ୍ଦ୍ର ଗୋଖରା, ତୁଳାରାମ ସେନାପତି, ଆଇନଜୀବୀ ଧୀରେନ୍ଦ୍ର କୁମାର ଶତପଥୀ, ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ବିରଞ୍ଚି କୁମାର ପଟେଲ, ତେଜରାଜ ସାହୁ, ସୁଶାନ୍ତ ଦାସ୍, ମନୋଜ କୁମାର ପଧାନ, ସରୋଜ ଟଣକାର ପ୍ରମୁଖ ଉପସ୍ଥିତ ଥିଲେ।

ମନେ ପଡ଼ନ୍ତି

୧୩ ତମ ଶ୍ରାଦ୍ଧବାର୍ଷିକୀ
ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନରେନ୍ଦ୍ର କୁମାର ମିଶ୍ର
ଆବିର୍ଭାବ - ୦୮.୧୦.୧୯୩୫
ତିରୋଧାନ - ୦୭.୦୫.୨୦୦୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଅନ୍ତର୍ଯାମୀ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଆମର ବିନମ୍ର ପ୍ରାର୍ଥନା।

ଧ-୬୬୫୧୭

CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City


GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

DHARITRI Career appointment Every Wednesday and Saturday

## ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୯ ମେ,୨୦୧୯



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### କଟକଣା ମାନୁନାହାନ୍ତି ଶୋଭାଯାତ୍ରାକାରୀ

ରାଉରକେଲା ଅଫିସ,୮।୫: ଦକ୍ଷିଣ ରାଉରକେଲାରେ ପୋଲିସ କର୍ତ୍ତୃପକ୍ଷଙ୍କ ଶିଥିଳତା ନେଇ ବିବାହ, ବ୍ରତରେ ବେଆଇନ ମାଇକ୍, ଡିଜେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବଜାଯାଉଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ କଟକଣାକୁ ଅଣଦେଖା କରି ରାତି ୧୨ଟା ପର୍ଯ୍ୟନ୍ତ ବରଯାତ୍ରୀ ଶୋଭାଯାତ୍ରା କରାଯାଉଛି। ଏ ନେଇ ପୋଲିସ ତଥା ଆଇନର କଟକଣାକୁ କେହି ଖାତିର କରୁନାହାନ୍ତି। ସ୍ଥାନୀୟ କମ୍ୟୁନିଟି ସେଣ୍ଟର, ସୋସିଆଲ ହୋମ, ଅଫିସର୍ସ କ୍ଲବ ଓ ଅନ୍ୟ ସଂଗଠନ କାର୍ଯ୍ୟାଳୟ ପରିସରରେ ଚାଲିଥିବା ବିବାହ ଭୋଜି ନେଇ କଟାକଣା ରହୁନି। ମନଇଚ୍ଛା ଆତସବାଜି ଓ ସାଉଣ୍ଡ ବ୍ୟବହାର କରାଯାଉଛି।

### ବ୍ଲକସ୍ତରୀୟ କୃଷକ ଦିବସ

ବଡ଼ଗାଁ, ୮।୫(ଡି.ଏନ.ଏ.)-ବଡ଼ଗାଁସ୍ଥିତ କୃଷି ବିଭାଗର ଫାର୍ମଠାରେ ମଙ୍ଗଳବାର ଅକ୍ଷୟ ତୃତୀୟା ଦିନ ବ୍ଲକସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ କେ. ଭୋଇ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଦୀପକ ବିନ୍ଧାଣୀ, ରାଜଗାଙ୍ଗପୁର ଡ଼ିଏଓ କିସୁନ ମୁର୍ମୁ ଯୋଗଦେଇଥିଲେ। ପରେ ବିଡ଼ିଓ ଅକ୍ଷୀମୁଠି ଅନୁକୂଳ କରିଥିଲେ। ପରେ ଆୟୋଜିତ ସଭାରେ ବଡ଼ଗାଁ ଏଏଓ ରିତୁ କାଲୋ ଉପସ୍ଥିତ ଅତିଥି, ବିଭାଗୀୟ କର୍ମଚାରୀ, କୃଷକ ମାନଙ୍କୁ ସ୍ୱାଗତ କରି ଉଦ୍‌ବୋଧନ ଦେଇଥିଲେ।

# ଧୂମାପତଳା ଗାଁରେ ବ୍ୟାପୁଛି କିଡ୍‌ନୀ ରୋଗ

■ପଦକ୍ଷେପ ନେବାକୁ ଦାବିକଲେ ସାମାଜିକ କର୍ମୀ

ରାଉରକେଲା ଅଫିସ,୮।୫

ସୁନ୍ଦରଗଡ଼ ଜିଲାର କେତେକ ଉପଖଣ୍ଡରେ କିଡ୍‌ନୀ ରୋଗ ବ୍ୟାପିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସାମାଜିକ କର୍ମୀ ଶାନ୍ତନୁ କୁସୁମ। ଦୂଷିତ ଜଳ ଏହାର ବାହାକ ସାଜିଥିବା ବେଳେ ପ୍ରଶାସନିକ ଅବହେଳାକୁ ଦାୟୀ କରିଛନ୍ତି ସେ। ଏହାର ସଦ୍ୟ ନମୁନା ନେଇ କୁସୁମ ବଣାଇ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏ ଦିଗରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉପଜିଲାପାଳ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି।

ଦୂଷିତ ଜଳ ଯୋଗୁ ଜିଲାର କେତେକ ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପୁଥିବା ଗତ କିଛିଦିନ ହେବ କୁସୁମ ଆଶଙ୍କା ବ୍ୟକ୍ତ କରିଥିଲେ। ସେତେବେଳେ ଏହାକୁ କେହି ଗୁରୁତ୍ୱ ଦେଇ ନ ଥିଲେ। ଏନେଇ ବଣାଇ ବ୍ଲକ ସରସରାବଲାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଧୂମାପତଳା ଗାଁରେ କିଡ୍‌ନୀ ରୋଗ ମହାମାରୀ ରୂପ ନେବ ବୋଲି କୁସମ ଅଶଙ୍କା କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ



କିଡ୍‌ନୀ ରୋଗ ବ୍ୟାପିବା ସମ୍ପର୍କରେ ବଣାଇ ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ସାମାଜିକ କର୍ମୀ ଶାନ୍ତନୁ କୁସୁମ।

କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ଏହି ଗାଁର ଦୁଇଟି ନଳକୂପରୁ ଦୂଷିତ ଆଇରନଯୁକ୍ତ ପାଣି ବାହାରୁଛି। ଏହାକୁ ପିଇ ବହୁ ଲୋକେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇଛନ୍ତି। କିଛିଦିନ ମଧ୍ୟରେ ଗାଁର ୭ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥିବାବେଳେ ଆଉ କେତେଜଣ ଅଭିଶପ୍ତ ଜୀବନ କାଟୁଛନ୍ତି। ସ୍ୱାଧୀନତାର ୭୨ ବର୍ଷ ପରେ ଯଦି ଲୋକଙ୍କୁ ସରକାର ଶୁଦ୍ଧ ପାନୀୟ ଜଳ ଯୋଗାଇ ପାରୁନାହାନ୍ତି ତୁଚ୍ଛା ଡିଣ୍ଡିମ କାହିଁକି ପିଟାଯାଉଛି ବୋଲି କୁସୁମ ପ୍ରଶ୍ନ କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ରୋଗରେ ଆକ୍ରାନ୍ତ ହୋଇ ଗୋଟିଏ ଗାଁର ୭ ଜଣ ମୃତ୍ୟୁବରଣ କରିବା ଓ ଅନେକ ଆକ୍ରାନ୍ତ ହେବା ସତ୍ତ୍ୱେ ପଞ୍ଚାୟତ, ବ୍ଲକ ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ କେମିତି ଜାଣିପାରିଲାନି ସେ ନେଇ କୁସୁମ ପ୍ରଶ୍ନ ଉଠାଇଛନ୍ତି। ଦୂଷିତ ଜଳ ପିଇ ରୋଗ ଆକ୍ରାନ୍ତଙ୍କ ସମ୍ପର୍କରେ ଖବର ରଖି ନ ଥିବା ସ୍ୱାସ୍ଥ୍ୟ ବିଭାଗ ଏବେ ହଠାତ୍ ଚେଉଁ ଉଠିଛି। ତଥାପି ଗାଁକୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ପଦକ୍ଷେପ ନିଆଯାଇ ନାହିଁ। ଏବେ ବି ଗାଁର ୪ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ବଣାଇ ଉପଜିଲାପାଳ କିଡ୍‌ନୀ ରୋଗର କାରଣ ଓ ଏହାର ନିରାକରଣ ନେଇ ପଦକ୍ଷେପ ନେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁସୁମ କହିଛନ୍ତି। ଏହା ସତ୍ତ୍ୱେ ଜିଲାର ଅତ୍ୟତ୍ର ଯେଭଳି ରୋଗ ବିସ୍ତାର ନ କରେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବା ଦରକାର। ଆଇରନଯୁକ୍ତ ପାଣି ଜିଲାର ଅନେକ ଅଞ୍ଚଳରେ ଲୋକେ ପିଉଛନ୍ତି। କେବଳ ଗ୍ରାମାଞ୍ଚଳ ନୁହେଁ, ସହରାଞ୍ଚଳରେ ମଧ୍ୟ ଏଭଳି ସ୍ଥାନ ରହିଛି, ଯେଉଁଠି ଲୋକେ ନଳକୂପ ପାଣି ବ୍ୟବହାର ପରିବର୍ତ୍ତେ ନଦୀ ପାଣି ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏ ଦିଗରେ ବିଭାଗ ପକ୍ଷରୁ ଅନୁସନ୍ଧାନ କରାଯାଉନି। କେବଳ ଧୂମାପତଳା ଗାଁ ନୁହେଁ, ଜିଲାର ଅନ୍ୟ ଅଞ୍ଚଳ ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ। ଅନ୍ୟଥା କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ ବୋଲି କୁସୁମ ଏକ ବିବୃତିରେ ପ୍ରକାଶ କରିଛନ୍ତି।

### ଗୁରୁଣ୍ଡିଆ- ଜର୍ଡା ରାସ୍ତାର କଂସର ସେତୁ ଫାଟିଲା

ବଣାଇ, ୮।୫(ସ୍ୱ.ପ୍ର) -ବଣାଇ ପୂର୍ତ୍ତ ବିଭାଗ ଦ୍ୱାରା ଗତବର୍ଷ ୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗୁରୁଣ୍ଡିଆରୁ ଜର୍ଡା ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ କରାଯାଇଛି। ଏହା ପୂର୍ବରୁ କଂସର ନାଳରେ ଏକ ସେତୁ ଓଡିଶା ବ୍ରିଜ କନ୍‌ଷ୍ଟ୍ରକସନ କମ୍ପାନୀ ପକ୍ଷରୁ ଏଠାରେ ଏକ ସେତୁ ନିର୍ମାଣ ହୋଇଛି। ଏହି ସେତୁରେ କମ୍ପାନୀ ପକ୍ଷରୁ ଟେଣ୍ଡର ଦିଆଯାଇ ବିଭିନ୍ନ ଯାନବାହନରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଟୋଲ ଟିକସ ଆଦାୟ କରାଯାଉଛି। ମାତ୍ର ଏବେ ଏହି ସେତୁଟି ମଝି ଅଂଶରେ ଫାଟିଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହା କେତେବେଳେ ଯେ ଭାଙ୍ଗିପଡିବ କହି ହେଉ ନ ଥିବାବେଳେ ଏବେବି ଏଠାରେ ବିଭିନ୍ନ ଯାନବାହାନରୁ ଟିକସ ଆଦାୟ ଚାଲିଛି। ତେବେ ଏହି ସେତୁରୁ ଟୋଲ ଟିକସ ଆଦାୟ ଚାଲୁଥିବା ବେଳେ ଏପରି ବିପଦପୂର୍ଣ୍ଣ ଅବସ୍ଥା ପ୍ରତି ସମସ୍ତେ ଆଖି ବୁଜି ଦେଇଥିବା ଜଣାପଡିଛି। ସେତୁ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହୋଇଛି। ଏହି ରାସ୍ତାରେ ଭାରି ଯାନବାହନ ଚଳାଚଳ ନିଷେଧ ରହିଛି। ଏହା ସତ୍ତ୍ୱେ ଏହି ସେତୁରେ ୨୦ ଚକିଆ ଭାରିଯାନ ଠାରୁ ଆରମ୍ଭ କରି ୧୦ଚକିଆ ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କରୁଥିବାରୁ ଏପରି ଅବସ୍ଥା ହୋଇଥିବା ଜଣାପଡିଛି। ରାସ୍ତା ବଣାଇଁର ଗୁରୁଣ୍ଡିଆଠାରୁ ସମ୍ବଲପୁର ଜିଲାର କୁଚିଣ୍ଡାକୁ ଏକମାତ୍ର ରାସ୍ତା ସଂଯୋଗ କରୁଥିବା ବେଳେ ଅଳ୍ପ ସମୟ ମଧ୍ୟରେ ସମ୍ବଲପୁର, ଝାରସୁଗୁଡାକୁ ପହଞ୍ଚି ପାରୁଛନ୍ତି। ଏଣୁ ଏହାକୁ ଗୁରୁତ୍ୱ ଦେଇ ତୁରନ୍ତ ଏହି ସେତୁର ରକ୍ଷଣାବେକ୍ଷଣ କରିବା ପାଇଁ ଜନସାଧାରଣ ପକ୍ଷରୁ ଦାବି କରାଯାଇଛି।

## ରେଲ୍‌ୱେ ଜିଏମ୍‌ଙ୍କ ସହ ଆଲୋଚନା



ଦକ୍ଷିଣ-ପୂର୍ବ ରେଲୱେ ଜେନେରାଲ ମ୍ୟାନେଜରଙ୍କୁ ଭେଟୁଛନ୍ତି ଶିଳ୍ପ ଓ ବଣିକ ସଂଘ କର୍ମକର୍ତ୍ତା।

ରାଉରକେଲା ଅଫିସ,୮।୫

ଶିଳ୍ପ ଓ ବଣିକ ସଂଘ ଉପସଭାପତି ପ୍ରବୀଣ ଗର୍ଗ, ସାଧାରଣ ସମ୍ପାଦକ ଆଲୋକ ଏମ୍. ଲୋସଲକା, ସଂଗଠନର ଅର୍ଥ ସଚିବ କାନ୍ତିଲାଲ ଏମ୍. କୋଠାରୀ, ସେକ୍ରେଟାରୀ କୋ-ଅର୍ଡିନେଶନ ଶମ୍ଭୁ ଡି. କେଡିଆ ଏବଂ ରାଜେଶ ଗର୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଦକ୍ଷିଣ-ପୂର୍ବ ରେଲୱେ ଜେନେରାଲ ମ୍ୟାନେଜର ପୂର୍ଣ୍ଣେନ୍ଦୁ ମିଶ୍ରଙ୍କୁ ରାଉରକେଲା ରେଳ ଷ୍ଟେଶନଠାରେ ଭେଟି ସ୍ୱାଗତ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରତିନିଧି ଦଳ ମ୍ୟାନେଜର ମିଶ୍ରଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଥିଲେ। ବିଶେଷକରି ଟିଟଲାଗଡ଼-ହାୱଡ଼ା ଇସ୍ପାତ ଏକ୍ସପ୍ରେସ ଓ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସରେ ୩ ଟାୟାର ଏସି କୋଚ୍ ସଂଯୋଗ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ମିଶ୍ରଙ୍କୁ ପ୍ରଶଂସା କରି ଚ୍ୟାମ୍ବର କର୍ମକର୍ତ୍ତା ଅନ୍ୟ କେତେକ ଦାବି ଉପସ୍ଥାପନ କରିଥିଲେ। ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ମିଶ୍ର ପ୍ରତିଶ୍ରୁତି ଦେଇଥିବାରୁ ବିଭିନ୍ନ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ଲେଫ୍ରିପଡା କୃଷିବିଭାଗ ପକ୍ଷରୁ ଅକ୍ଷୟତୃତୀୟା ପାଳିତ

ଲେଫ୍ରିପଡା, ୮।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଲ୍ଲବୀରାଣୀ ରାଜ୍ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ନାଏକ, କୃଷି ସୂଚନା ଓ ପ୍ରସାରଣ କେନ୍ଦ୍ରର ଅଧ୍ୟକ୍ଷ ରତିକାନ୍ତ ଆଚାର୍ଯ୍ୟ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ହରିହର ଧୂଆ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ରିଙ୍କୁ ଟପୋ, ଅତିରିକ୍ତ ଉଦ୍ୟାନବିତ୍ ପ୍ରତ୍ୟୁଷ ମହାନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲେଫ୍ରିପଡା ଗ୍ରାମର ତେତଲିମାଲଠାରେ ଅଖିମୁଠି ଅନୁକୂଳ କରାଯାଇଥିଲା। ପରେ କୃଷି କାର୍ଯ୍ୟାଳୟଠାରେ ଆୟୋଜିତ ବୈଠକରେ ଅତିଥିଗଣ ଚଳିତ ଖରିଫ୍ ଚାଷ ଆଗାମୀ ଦିନରେ ସୁଖମୟ ହେଉ ବୋଲି କାମନା କରିଥିଲେ। ଉପସ୍ଥିତ ଚାଷୀମାନଙ୍କୁ ଅତିଥିଗଣ ନିଜ ବିଭାଗ ପକ୍ଷରୁ ଚାଷୀଙ୍କ ପାଇଁ ଥିବା ସରକାରୀ ସୁବିଧା ସମ୍ପର୍କରେ ଆଲୋକପାତ କରି ମିଶ୍ରିତ ଚାଷ ଉପରେ ଗୁରୁତ୍ୱ ଦେବା ପାଇଁ ମତାମତ ପ୍ରଦାନ କରିଥିଲେ। ବୈଠକରେ କୃଷି ଅଧିକାରୀ ଜଳନ୍ଧର ଭୋଇ, ପବିତ୍ର ତଣ୍ଡିଆ, ଦେବାର୍ଚ୍ଚନ ପଟେଲ, ସୁଦାମ ମୁଣ୍ଡା, ନେତ୍ରମଣୀ ପଟେଲ, ପାର୍ଥଲାଲ ସେଠ୍, ପୁଷ୍ପଲତା ଭୂୟାଁ, ନବୀନ ଚନ୍ଦ୍ର ପଟେଲ, ମେଘନାଦ ପାଣ୍ଡେ, ମଧୁସ୍ମିତା ପଟେଲ, ରୀନା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ଦିଗରେ ସହଯୋଗ କରିଥିଲେ। ଏଥିରେ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ରବିରତ୍ନ ପଟେଲ, ଶିବନାଥ ପଟେଲ, ଗଣେଶ୍ୱର ପଟେଲ, ଶିଶିର କୁମାର ପଟେଲ, ଗୌତମ କାଲୋ, ଶ୍ୟାମସୁନ୍ଦର କିଡୋ, ପ୍ରଭୁଦାନ ଟପୋ, ଶଶୀଶେଖର ପଟେଲ, କମଲ ଲୋଚନ ନାଏକ, ବିମଳ ପଟେଲ ପ୍ରମୁଖ ଚାଷୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା କୃଷି ଅଧିକାରୀ ରଞ୍ଜନ କୁମାର ପଟେଲ ମଞ୍ଚ ପରିଚାଳନା କରି ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।



ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଅତିଥି।

### ସାମୁଦ୍ରିକ ଝଡ଼ ଫନୀ ପ୍ରଭାବିତଙ୍କୁ ସହାୟତା କରିବ ସେଲ୍

## ବିଦ୍ୟୁତ୍ ଖୁଣ୍ଟ ଉତ୍ପାଦନ ବୃଦ୍ଧି କରାଯିବ

ରାଉରକେଲା ଅଫିସ,୮।୫

ଭାରତୀୟ ଇସ୍ପାତ ପ୍ରାଧିକରଣ କର୍ତ୍ତୃପକ୍ଷ (ସେଲ୍) ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ ସ୍ୱରୂପ ଓଡ଼ିଶାର ସାମୁଦ୍ରିକ ଝଡ଼ ଫନୀ ପ୍ରଭାବିତ ଅଞ୍ଚଳକୁ ସ୍ୱତନ୍ତ୍ର ମାନର ୱାଇଡ୍ ପାରାଲାଲ ବିଦ୍ୟୁତ୍ ଖୁଣ୍ଟ ଯୋଗାଇଦେବା ନେଇ ତତ୍ପରତା ପ୍ରକାଶ କରିଛି। ରାଜ୍ୟ ସରକାରଙ୍କ ତତ୍କାଳ ଆବଶ୍ୟକତା ଅନୁଯାୟୀ ଇସ୍ପାତ ମନ୍ତ୍ରଣାଳୟ ସମସ୍ତ ସହେଯାଗ ନିମନ୍ତେ ପ୍ରୟାସ ଆରମ୍ଭ କରିଛି। ସେଲ୍ ତ୍ୱରିତ ପଦକ୍ଷେପ ସ୍ୱରୂପ ୫ଶହ ବିଦ୍ୟୁତ ଖୁଣ୍ଟ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ପଠାଇଛି। ଏହା ମେ' ୫ ତାରିଖ ଭୋର ୩ଟାରେ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ସାରିଛି। ଖୁବଶୀଘ୍ର ଆଉ ୫ହଜାର ଖୁଣ୍ଟ ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚିବ ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି। ପର୍ଯ୍ୟାୟକ୍ରମେ ଏହି ଭଳି ୧୫ ହଜାର ଖୁଣ୍ଟ ପଠାଇବାକୁ ସେଲ୍ ଆଶ୍ୱାସନା ଦେଇଛି। ସେଲ୍ ଏହାର ଦୁର୍ଗାପୁର ଷ୍ଟିଲ ୟୁନିଟର ନୂତନ ମିଡିୟମ ଷ୍ଟ୍ରକଚରାଲ ମିଲ୍‌ରେ ଏଥି ନିମନ୍ତେ ନିଜସ୍ୱ ଉତ୍ପାଦନ ଧାରାକୁ ବନ୍ଦ ରଖିଥିବା କୁହାଯାଇଛି। ଏଭଳି ଦୁର୍ବିପାକକୁ ନଜରରେ ରଖି ସେଲ୍ ସହାୟତାର ହାତ ବଢ଼ାଇଛି। ବିଦ୍ୟୁତ ସରବରାହ କିଭଳି ସ୍ୱାଭାବିକ ହେବ ସେ ନେଇ ସେଲ୍ ଗୁରୁତ୍ୱ ପ୍ରଦାନ କରିଛି। ଏହାର ବିଭିନ୍ନ ୟୁନିଟରୁ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ଜରୁରୀକାଳୀନ ଭିତ୍ତିରେ ପ୍ରେରଣ ନିମନ୍ତେ ଚେଷ୍ଟା ଆବ୍ୟାହତ ରହିଛି। କେବଳ ଏତିକି ନୁହେଁ, ସେଲ୍ ଏ ନେଇ ନୂଆଦିଲ୍ଲୀଠାରେ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିଛି। ଜାତୀୟ ବିପତ୍ତିରେ ସେଲ୍ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରସ୍ତୁତ ବୋଲି ଏଥିରେ କୁହାଯାଇଛି। ଭୁବନେଶ୍ୱରଠାରେ ଅବସ୍ଥିତ ସେଲ୍ କାର୍ଯ୍ୟାଳୟ କର୍ମଚାରୀ ଏହାର ସଫଳତା ନିମନ୍ତେ ଆନ୍ତରିକତା ସହ କାର୍ଯ୍ୟ କରୁଛନ୍ତି ବୋଲି ଆର୍‌ଏସ୍‌ପି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି।



ବାତ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ସେଲ୍ ପକ୍ଷରୁ ଉନ୍ନତ ମାନର ବିଦ୍ୟୁତ୍ ଖୁଣ୍ଟ ଉତ୍ପାଦନ କରାଯାଇଛି।

## ହେମଗିରରେ ସ୍ଥାୟୀ ତହସିଲଦାର ନିଯୁକ୍ତି ଦାବି

ହେମଗିର, ୮।୫ (ଡି.ଏନ.ଏ)

ମେହଗିର ଏକ ବୃହତ ତହସିଲ ହୋଇଥିବା ବେଳେ ଏଠାରେ ଏକ ସ୍ଥାୟୀ ତହସିଲଦାର ରହିବା ନିତାନ୍ତ ଜରୁରୀ। କାରଣ ଏହି ତହସିଲ ଅଧିନରେ ପ୍ରାୟ ୧୩୫ରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ରହିଛି। ୬ଲକ୍ଷ ଏକରରୁ ଅଧିକ ସରକାରୀ ତଥା ବେସରକାରୀ ଜମି ଅଛି। ତହସିଲଦାର ଲଲାଟ ଲୁହାଙ୍କ ଯିବା ପରେ ବିଡିଓ ପ୍ରଦୀପ ଡାଙ୍ଗ ତହସିଲଦାର ଦାୟୀତ୍ୱରେ କିଛି ଦିନ କାର୍ଯ୍ୟ ତୁଲାଇଥିଲେ । ପରେ ତହସିଲଦାର ଭାବେ ମୋହନ ସାହୁ ଯୋଗଦେଇଥିଲେ। ତାଙ୍କୁ ୬ମାସ ପରେ ଅନ୍ୟତ୍ର ବଦଳି କରିଦିଆଗଲା। ପୁଣି ବିଡିଓ ଦାୟୀତ୍ୱରେ ରହିଲା ପରେ ଏବେ ତହସିଲଦାର ଭାବେ ସୂର୍ଯ୍ୟ ନାୟକ ଯୋଗଦାନ କରିଛନ୍ତି। କିନ୍ତୁ ତାଙ୍କୁ ମଧ୍ୟ ଇନଚାର୍ଜ ଭାବେ ଦାୟୀତ୍ୱ ଦିଆଯାଇଛି। ତେଣୁ ଏଠାରେ ସ୍ଥାୟୀ ତହସିଲଦାର ନିଯୁକ୍ତି ପାଇଁ ହେମଗିରବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ବିପଦପୂର୍ଣ୍ଣ ରାସ୍ତା, କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି

ରାଉରକେଲା ଅଫିସ,୮।୫

ଫର୍ଟିଲାଇଜର ଟାଉନଶିପ ତଥା ସେକ୍ଟର-୨୨ ଅଞ୍ଚଳରେ ଥିବା ସି ଓ ଇ ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ବିପଦପୂର୍ଣ୍ଣ ହୋଇପଡ଼ିଛି। ସ୍ଥାନୀୟ ମୋବାଇଲ ଟାୱାର ନିକଟ ରାସ୍ତା ଉପରେ କୌଣସି କାରଣରୁ ସିମେଣ୍ଟ ସ୍ଲାବ୍ ବିଛାଯାଇଛି। ନିମ୍ନମାନର ଏହି ସ୍ଲାବ୍ ଦବିଯିବା ପରେ ପଥଚାରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏକ ପାଣି ନାଳକୁ ଢାଙ୍କିବାକୁ ଯାଇ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା ଏତେ ବିପଦପୂର୍ଣ୍ଣ ହୋଇପଡ଼ିଛି ଯେ ବୁଧବାର ସକାଳୁ କେତେଜଣ ଛାତ୍ର ଟ୍ୟୁଶନରୁ ଫେରୁଥିବାବେଳେ ଏଥିରେ ପଡ଼ି ଖଣ୍ଡିଆଖାବରା ହୋଇଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି।



ଫର୍ଟିଲାଇଜର ଟାଉନଶିପ୍ ତଥା ସେକ୍ଟର-୨୨ ଅଞ୍ଚଳ ସି ଓ ଇ ବ୍ଲକକୁ ସଂଯୋଗ କରୁଥିବା ବିପଦପୂର୍ଣ୍ଣ ରାସ୍ତା।

■ପିଏଲ୍‌ଏଫ୍‌ଆଇ ସଦସ୍ୟ ଅଜିତ୍ କଇରି ହତ୍ୟା ଘଟଣା

## ୫ ଦୁର୍ଦ୍ଦାନ୍ତ ଅଭିଯୁକ୍ତ କୋର୍ଟଚାଲାଣ

କୁଆଁରମୁଣ୍ଡା, ୮।୫(ଡି.ଏନ.ଏ.)

ସୋମବାର ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ମଝାପଡ଼ା ଜଙ୍ଗଲରେ ଅଜିତ୍ କଇରି (୪୦) ନାମକ ଜଣେ ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କୁ ୫ରୁ ଊର୍ଦ୍ଧ୍ୱ ଯୁବକ ପିଟିପିଟି ହତ୍ୟା କରିଥିଲେ। ଖବରପାଇ ରାଏବୋଗା ଥାନା ଅଧିକାରୀ ବିଜୟ ସିଂ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମଙ୍ଗଳବାର ଅପରାହ୍ନରେ ୫ ଦୁର୍ଦ୍ଧାନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ବୁଧବାର କୋର୍ଟ ଚାଲାଣ କରିଛି। ଥାନା ଅଧିକାରୀ ସିଂ ସଦଳବଳ ବୀରମିତ୍ରପୁର, କାଦୋବାହାଲ ଇତ୍ୟାଦି ଅଞ୍ଚଳରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ୫ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ହେଲେ ବୀରମିତ୍ରପୁର ବନମୁଣ୍ଡା ଦଫେଇର ଶାନ୍ତନୁ ଦୀପ(୨୭), କାଦୋବାହାଲ ଗ୍ରାମର ରାଜୁ କିଣ୍ଡୋ(୩୨), ବୀରମିତ୍ରପୁରରେ ସୁରଜ ପ୍ରସାଦ(୨୧), ସୁମିତ୍ ଖାଲଖୋ(୨୫) ଓ ଜିଦନ ସୁରିନ୍(୨୩)। ଜିଦନଙ୍କ ବ୍ୟତୀତ ଅନ୍ୟ ୪ଜଣ ଏହି ହତ୍ୟାକାଣ୍ଡ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲା ବିଶେଷକରି ଚୋରି, ଡକାୟତି, ବନ୍ଧୁକ ଦେଖାଇ ଦାଦାବଟି ଆଦାୟ ଇତ୍ୟାଦିରେ ଏକାଧିକବାର ଜେଲ ଯାଇଥିଲେ। ହେଲେ ଅଜିତ୍‌ଙ୍କୁ ମାରିବା ପଛରେ ପୂର୍ବ ଶତ୍ରୁତା ନା ଦାଦାବଟି ଭାଗବଣ୍ଟା ତାହା ସ୍ପଷ୍ଟ ହୋଇ ନାହିଁ। ଏହି ଘଟଣାର ମାଷ୍ଟରମାଇଣ୍ଡ ଏବେ ମଧ୍ୟ ଫେରାର୍ ଅଛନ୍ତି। ତାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ସୁନ୍ଦରଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ସୌମ୍ୟା ମିଶ୍ରାଙ୍କ ନିର୍ଦ୍ଦେଶମତେ ବୀରମିତ୍ରପୁର ଏସ୍‌ଡିପିଓ ପି.କେ ପାତ୍ର ଓ ରାଏବୋଗା ଥାନା ଅଧିକାରୀ ବିଜୟ ସିଂଙ୍କ ନେତୃତ୍ୱରେ ଗଠିତ ପୋଲିସ ଟିମ୍ ଏହି ଘଟଣାରେ ଚଢ଼ାଉ ଜାରି ରଖିଥିବା ସୂଚନା ମିଳିଛି।

ସୂଚନାଥାଉକି, ହାତୀବାରି ଥାନା ଅଞ୍ଚଳର ଡଙ୍ଗିଆ ଗ୍ରାମର ମୃତ ଅଜିତ୍ କଇରି ଗତ ୨୦୧୭ ଏପ୍ରିଲରେ ଏକ ସରକାରୀ ଜାଗାରେ ଜଣେ ବ୍ୟକ୍ତିଙ୍କ ଇନ୍ଦିରା ଆବାସ ଠିକାରେ କରୁଥିଲେ। ଏଥିରେ ତାଙ୍କ କକା ଅମିନ୍ କଇରି ବିରୋଧ କରିବାରୁ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ଏପ୍ରିଲ ୨୦ରେ ଅଜିତ୍ ଓ ତାଙ୍କ ସହଯୋଗୀମାନେ ମିଶି କକା ଅମିନ୍‌ଙ୍କୁ ଏକ ପାଇପ୍‌ରେ ତାଙ୍କ ଘର ନିକଟରେ ପିଟିପିଟି ହତ୍ୟା କରିଥିଲେ। ଉକ୍ତ ଘଟଣାରେ ଅଜିତ୍ ଓ ତାଙ୍କ ସହଯୋଗୀ ଜେଲ ଯାଇଥିଲେ। ଇତିମଧ୍ୟରେ ସେ ଗତ ପ୍ରାୟ ୨୦ ଦିନ ତଳେ କୋର୍ଟରୁ ଜାମିନରେ ଆସି ନିଜ ଶ୍ୱଶୁର ଘର ଝାଡଖଣ୍ଡର ଠେଠେଇଟାଙ୍ଗର ଅଞ୍ଚଳରେ ରହୁଥିଲେ। ଘଟଣାଦିନ ସେ ଓଡିଶା-ଝାଡ଼ଖଣ୍ଡ ସୀମାନ୍ତ ଆମ୍ବାପାନି ଜଙ୍ଗଲରେ ଚାଲୁଥିବା କୁକୁଡା ଲଢେଇ ଓ ଜୁଆଖେଳକୁ ଆସିଥିଲେ। ଏହି ଖବରପାଇ ବୀରମିତ୍ରପୁରର ଉକ୍ତ ୫ ଜଣ ଘଟଣାସ୍ଥଳରେ ପହଞ୍ଚି ଅଜିତକୁ କୌଶଳକ୍ରମେ ସେଠାରୁ ଡାକି ଆଣି ନିକଟସ୍ଥ ଜଙ୍ଗଲକୁ ନେଇ ସେଠାରେ ମରଣାନ୍ତକଭାବେ ପିଟି ବେହୋସ କରି ଫୋପାଡି ଦେଇଥିଲେ। ପୋଲିସ ଅଜିତଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ରାଏବୋଗା ଥାନା ପୋଲିସ ଗିରଫ କରିଥିବା ୫ ଅଭିଯୁକ୍ତ।

■ରାଉରକେଲା ଶ୍ରମିକ ସଂଘର ସାଧାରଣ ପରିଷଦ ବୈଠକ

## ନୂଆ ପେନସନ ସ୍କିମ୍ ନେଇ ଆଲୋଚନା

ରାଉରକେଲା ଅଫିସ,୮।୫

ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) କାର୍ଯ୍ୟାଳୟରେ ମଙ୍ଗଳବାର ୟୁନିୟନର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାନେତ୍ରୀ ଡି.ଏସ୍. ପାନିକର ଅଧ୍ୟକ୍ଷତା କରିଥିଲେ। ୟୁନିୟନର ଜେନେରାଲ କାଉନସିଲ ସଭ୍ୟମାନେ ଅଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ସଭାନେତ୍ରୀ ପାନିକର ବକ୍ତବ୍ୟ ପ୍ରଦାନ କରି କହିଥିଲେ, ଆର୍‌ଏସ୍‌ପିର କ୍ରମାଗତ ଲାଭାର୍ଜନ ସତ୍ତ୍ୱେ ଶ୍ରମିକ କର୍ମଚାରୀଙ୍କ ଜୀବନଧାରଣ ମାନରେ ଉଲ୍ଲେଖନୀୟ ଅଗ୍ରଗତି ନ ଘଟିବା ଦୁଃଖଦାୟକ ପ୍ରସଙ୍ଗ। ଏ ଦିଗରେ ସେଲ୍ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଥିଲେ। ଓଡ଼ିଶାର ବାତ୍ୟା ପରିସ୍ଥିତି ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ବାତ୍ୟା ପ୍ରଭାବରେ ହନ୍ତସନ୍ତ ହେଉଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ପାନିକର ନିବେଦନ କରିଥିଲେ। ୟୁନିୟନ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା କହିଥିଲେ, ୨୦୧୯ ଏପ୍ରିଲ ୪ରେ ପ୍ରକାଶ ପାଇଥିବା ସେଲ୍ ପେନସନ ଯୋଜନାକୁ ଆମେ ସମର୍ଥନ କରିପାରିବୁ ନାହିଁ। ଦୀର୍ଘ ୫ବର୍ଷ ବିଳମ୍ବରେ ଏହା ପ୍ରକାଶିତ ହୋଇଛି। ପେନସନ ଯୋଜନାରେ ସ୍ୱୀକୃତିପ୍ରାପ୍ତ ୟୁନିୟନର ସଭ୍ୟ ସହମତ ହୋଇପାରନ୍ତି। ୨୦୧୪ରେ ପ୍ରସ୍ତାବିତ ପେନସନ ସର୍ତ୍ତାବଳୀ ଉପରେ ବିଭିନ୍ନ ପ୍ରଶ୍ନ ଉଠାଇ ବିରୋଧ କରିଥିବା ୟୁନିୟନ ନେତା ଏହାକୁ ଅଫିସର ଢାଞ୍ଚାରେ ୨୦୧୭ ଜାନୁୟାରୀ ୧ରୁ ଲାଗୁ କରାଯିବା ସହ ମ୍ୟାନେଜମେଣ୍ଟ ଅନୁଦାନକୁ ୬ ପ୍ରତିଶତରରୁ ୯ ପ୍ରତିଶତ କରିବାକୁ ଡିଣ୍ଡିମ ପିଟି ଚାଲିଥିଲେ। ଏ ନେଇ ବାରମ୍ବାର ଆୟୋଜତ ମିଟିଂକୁ ଭଣ୍ଡୁର କରି ଚାଲିଥିଲେ। ଶେଷରେ ଏହାକୁ ପିଛିଲା ତାରିଖରୁ ଲାଗୁ କରାଯାଇଛି। ମ୍ୟାନେଜମେଣ୍ଟ କଣ୍ଟ୍ରିବ୍ୟୁଶନ ପୂର୍ବ ଓ ପର ଦାବି ଅନୁସାରେ ୬ ପ୍ରତିଶତ ରହିଲା। କେବଳ ଏତିକି ନୁହେଁ, କ୍ଷତି ସମୟରେ ଏହାକୁ ୨ ପ୍ରତିଶତ କମାଇ ଦିଆଯିବା ଭଳି କଠିନ ସର୍ତ୍ତ ଏଥିରେ ରଖାଯାଇଛି। ଯଦି ୨୦୧୪ରେ ଏହାକୁ ଲାଗୁ କରାଯାଇଥାନ୍ତା ଏହା ଉପରେ ସୁଧ ମଧ୍ୟ ମିଳିଥାନ୍ତା। ଏପରି ଅବସ୍ଥାରେ ସେଲ୍ ମ୍ୟାନେଜମେଣ୍ଟ ୨୦୧୪-୧୫ ଆର୍ଥିକବର୍ଷ ପର୍ଯ୍ୟନ୍ତ ଅନୁଦାନ ଯୋଗାଇ ଦେବାକୁ ସହମତ ହୋଇଛନ୍ତି। ଏହା ବାଦ୍ ୨୦୧୮-୧୯ ଆର୍ଥିକବର୍ଷ ପାଇଁ ଆର୍‌ଆଇଏନ୍‌ଏଲ୍ ଅର୍ଥ ପ୍ରଦାନ କରିବ। ଏପରି ଅବସ୍ଥାରେ ଶ୍ରମିକ କର୍ମଚାରୀଙ୍କୁ ସମସ୍ତ ବକେୟା ଅନୁଦାନ କିଭଳି ପ୍ରଦାନ କରାଯିବ ସେ ନେଇ ବେହେରା ସନ୍ଦେହ ବ୍ୟକ୍ତ କରିଛନ୍ତି। ଏଥିସହ ସାମୁଦ୍ରିକ ଝଡ଼ ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କୁ ରିଲିଫ୍ ପ୍ରଦାନ ସହ କର୍ମଚାରୀଙ୍କୁ ସହଯୋଗ ପାଇଁ ୟୁନିୟନ ଦାବି କରିଛି।



“ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ

### ଶ୍ରୀକୃଷ୍ଣ-ରୁକ୍ମିଣୀ ବିବାହ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୮।୫ (ବ୍ୟୁରୋ)
ମୁଦିପଡା ସ୍ଥିତ ଭଗବତ ଗୁଡିରେ ଶ୍ରୀକୃଷ୍ଣ- ରୁକ୍ମିଣୀ ବିବାହ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଧାରାଣୀ ମହିଳା ସତସଙ୍ଗ ସମିତି ସଭାନେତ୍ରୀ ନଳିନୀ ପ୍ରଧାନଙ୍କ ଅଧକ୍ଷତାରେ ଏହି ସଭା ହୋଇଥିଲା । ଆସନ୍ତା ଜୁନ ୧୨ ତାରିଖରେ ହେବାକୁ ଥିବା ବିବାହ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପିଙ୍କି ଜେନ ଓ ରାଜେନ୍ଦ୍ର ଜେନ୍ ରୁକ୍ମିଣୀଙ୍କ ମାତା ପିତା ଦାୟିତ୍ୱ ତୁଲାଇବାକୁ ସ୍ଥିର କରାଯାଇଛି । ଏଥିସହ ଯାତ୍ରା କମିଟି ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଛି । ନିଳମଣୀ ପ୍ରଧାନ ସଭାପତି, ମହେନ୍ଦ୍ର କୁଷ୍ଠା କାର୍ଯ୍ୟକାରୀ ସଭାପତି, ନବଘନ ଦାଶ ଉପସଭାପତି, ରାଜେନ୍ଦ୍ର ଚନ୍ଦ୍ର ପତି ସମ୍ପାଦକ, ପ୍ରଶାନ୍ତ କୁମାର ପାତ୍ର, ପ୍ରେମସାଗର ବେହେରା, ରେଣୁକା ଦାଶ ଓ ସରସ୍ୱତୀ କର ସହସମ୍ପାଦକ, ଶ୍ରୀବତ୍ସ ଜେନା କୋଷାଧକ୍ଷ, ତପସ୍ୱିନୀ କର ସହ କୋଷାଧକ୍ଷ, ବ୍ୟୋମୋକେଶ ପଣ୍ଡା ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି ।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପଡିଆବାହାଲ, ୮।୫ (ଡି.ଏନ.ଏ.)
ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଅନ୍ତର୍ଗତ ବଡତୁରାଙ୍ଗ ଗ୍ରାମରେ ନବନିର୍ମିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି ଅମୂଲ୍ୟ କୁମାର ବଡପଣ୍ଡାଙ୍କ ପୌରୋହିତ୍ୟରେ ଜନ୍ମାଜୟ ପଧାନ ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଅଭୟ ନାୟକ, ସୁଦୀପ୍ତ ନାୟକ, ଅରବିନ୍ଦ ବିଶ୍ୱାଳ ଓ ବିଦ୍ୟାଭୂଷଣ ନାୟକ ପୂଜାକାର୍ଯ୍ୟ କରୁଛନ୍ତି। ବଭ୍ରୁବାହନ ମେହେର, ଚତୁର୍ଭୁଜ ମେହେର, ମଙ୍ଗଲୁ ମେହେର, ସନ୍ତୋଷ ମେହେର ପ୍ରମୁଖ ସହଯୋଗ କରୁଛନ୍ତି।

### ବାଗଡିହିରେ ପର୍ଶୁରାମ ଜନ୍ମ ଦିବସ

କିର୍ମିରା, ୮।୫ (ଡି.ଏନ.ଏ.)
ଝାରସୁଗୁଡା ଜିଲା କିର୍ମିରା ବ୍ଲକ ବାଗଡିହିରେ ପର୍ଶୁରାମଙ୍କ ଜନ୍ମ ଦିବସ ପାଳିତ ହୋଇଛି। ଅଜୟ ଶର୍ମାଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ପରେ ଶ୍ରୀରାମଚରିତ ମାନସର ସୁନ୍ଦରକାଣ୍ଡ ପାଠ କରାଯାଇଛି। ଅଶୋକ ଶର୍ମା, ଦୟାରାମ ଅଗ୍ରୱାଲ, ପ୍ରୀତି ଶର୍ମା, ସନ୍ତୋଷ ଅଗ୍ରୱାଲ, କିଶନ ଶର୍ମା, ସରିତା ଅଗ୍ରୱାଲ ପ୍ରମୁଖ ସାମିଲ ହୋଇଥିଲେ।

# ପ୍ରଶାସନ ପ୍ରସ୍ତୁତ, ଆଶଙ୍କାରେ ଚାଷୀ

ସମ୍ବଲପୁର,୭।୫(ବ୍ୟୁରୋ)

- ୧୦ରୁ ରବି ଧାନ ସଂଗ୍ରହ ହେବ
- ଏକର ପିଛା ୨୬ କୁଇଣ୍ଟାଲ ଧାନ କିଣା ହେବ
- ୱେବସାଇଟ୍‌ରେ ସମସ୍ୟା
- ଚାଷୀଙ୍କ ନାମ ପଞ୍ଜୀକରଣ ହୋଇପାରୁନି




ସମ୍ବଲପୁର ଜିଲା ମାନେଶ୍ୱର ଅଞ୍ଚଳରେ ଜଣେ ଚାଷୀଙ୍କ ଖଳାରେ ଧାନ ପଡି ରହିଛି ।

ସମ୍ବଲପୁର ଜିଲାରେ ୧୦ ତାରିଖଠାରୁ ରବି ଋତୁ ଧାନ ସଂଗ୍ରହ କରାଯିବାକୁ ସ୍ଥିର ହୋଇଛି। ପ୍ରଶାସନ ପ୍ରସ୍ତୁତ ଥିବା କହୁଛି। ହେଲେ ମାର୍କେଟ ଖୋଲାଯିବା ନେଇ ଚାଷୀ ଆଶଙ୍କାରେ ପଡିଛନ୍ତି। ସମ୍ବଲପୁର ଆର୍‌ଏମ୍‌ସି ସମ୍ପାଦକ ପଦବୀ ଖାଲି ଏହା ପଛର ପ୍ରମୁଖ କାରଣ। ତେଣୁ ମାର୍କେଟ ଗୁଡିକରେ ଧାନ ସଂଗ୍ରହର ସମସ୍ତ ଉପକରଣ ଓ ଚାଷୀଙ୍କ ପାଇଁ ସୁବିଧା ଯୋଗାଇ ଦିଆଯାଇ ପାରିବ କି ନାହିଁ ସେ ନେଇ ଚାଷୀ ଚିନ୍ତାରେ ପଡିଛନ୍ତି । ଚଳିତ ବର୍ଷ ଏକର ପିଛା ୨୬ କୁଇଣ୍ଟାଲ ଧାନ କିଣାଯିବ ବୋଲି ସ୍ଥିର ହୋଇଛି । ସମବାୟ ସମିତି ପକ୍ଷରୁ ଏହି ଧାନ କିଣା ହେବ। ହେଲେ ୱେବସାଇଟ୍‌ରେ ସମସ୍ୟା ଯୋଗୁ ଚାଷୀମାନଙ୍କ ନାମ ପଞ୍ଜୀକରଣରେ ବାଧା ହେଉଛି । ଧାନ ବିକ୍ରି କଲେ ମଧ ଇଣ୍ଟରନେଟ୍ ସମସ୍ୟା ରହିଥିବାରୁ ଟଙ୍କା ପାଇବାରେ ବିଳମ୍ବ ହୋଇ ପାରେ ବୋଲି ଚାଷୀ ଆଶଙ୍କା କରିଛନ୍ତି। ଅନ୍ୟପଟେ ରବି ଋତୁ ଧାନ ଶୀଘ୍ର ଅମଳ କରି ବିକ୍ରି କରିବାକୁ ପଡିଥାଏ । ବର୍ଷା ଓ ପବନ ଯୋଗୁ ଚାଷୀମାନେ ଶୀଘ୍ର ଧାନ ବିକ୍ରି କରିଦେବାକୁ ଚେଷ୍ଟା କରନ୍ତି । ତେଣୁ ଜିଲାର ଅନେକ ସ୍ଥାନରେ ଚାଷୀମାନେ ଖଳାରେ ଧାନ ସଂଗ୍ରହ କରି ରଖି ସାରିଛନ୍ତି । ଚାଷୀଙ୍କ ସୁବିଧା ଦୃଷ୍ଟିରୁ ପ୍ରାୟ ୨୫ଟି ମାର୍କେଟୟାର୍ଡରେ ପ୍ରତି ସପ୍ତାହରେ ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ଧାନ କିଣାବିକା ହେବ ବୋଲି ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ନିତିଦିନ ମାର୍କେଟୟାର୍ଡ ଖୋଲା ହେଲେ ପ୍ରାୟ ଏକ ମାସ ଭିତରେ ଧାନ ସଂଗ୍ରହ ସରିଯିବ ଯିବ ବୋଲି ଚାଷୀମାନେ ଆଶା ରଖିଛନ୍ତି । ହେଲେ ଜିଲା ଯୋଗାଣ ଅଧିକାରୀ ପଦବୀ ମଧ ବହୁ ଦିନରୁ ଖାଲି ପଡିଛି । ତେଣୁ ଏହା ମଧ ଆଉ ଏକ ସମସ୍ୟା ହୋଇପାରେ । ମିଲର୍ସଙ୍କୁ ଟାର୍ଗେଟ ଦେବା ସହିତ ଅନ୍ୟାନ୍ୟ ସମସ୍ୟା ଉପରେ ନିଷ୍ପତ୍ତି ନେବାରେ ସମସ୍ୟା ହେବାର ଆଶଙ୍କା ଉପୁଜିଛି। ତେବେ ଏ ସମ୍ପର୍କରେ ଜିଲାପାଳ ଶୁଭମ ସକସେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଜିଲା ପ୍ରଶାସନର ସମସ୍ତ ବିଭାଗ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି ଅଛି। ବିଭାଗ ଗୁଡିକର ସେଣ୍ଟ୍ରାଲ ସର୍ଭର ସମସ୍ୟା ନ ରହିଲେ ୧୦ ତାରିଖଠାରୁ ନିଶ୍ଚୟ ଧାନ କିଣା ଆରମ୍ଭ ହେବ।

## ଚାଷୀଙ୍କ ଅସୁବିଧାକୁ ଦୃଷ୍ଟି ଦେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ସମ୍ବଲପୁର,୭।୫(ବ୍ୟୁରୋ)
ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ଓ ମିଲର୍ସଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଶୁଭମ ସକସେନା ଅଧକ୍ଷତା କରିଥିଲେ । ଏହି ବୈଠକରେ ରବି ଧାନ ସଂଗ୍ରହ ଉପରେ ଆଲୋଚନା ହୋଇଥିଲା। ଧାନ ସଂଗ୍ରହ ସମୟରେ ଚାଷୀଙ୍କ ଅସୁବିଧା ପ୍ରତି ଦୃଷ୍ଟି ଦେଇ ବ୍ୟବସ୍ଥା କରିବାକୁ ଜିଲାପାଳ ସକସେନା ମିଲର୍ସମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷାକୁ ଆଗରେ ରଖି ମିଲର୍ସ ଧାନ ସଂଗ୍ରହରେ ସହଯୋଗ କରି ଶୀଘ୍ର ଅନ୍‌ଲୋଡ୍ କରିବେ । କୌଣସି ପ୍ରକାର ସମସ୍ୟା ଯେଭଳି ନ ହେବ ସେ ଦିଗରେ ଗୁରୁତର ସହ ଯତ୍ନବାନ ହେବାକୁ ଜିଲାପାଳ ମିଲର୍ସମାନଙ୍କୁ କହିଥିଲେ। ତେବେ ଠିକ୍ ଭାବେ ଚାଉଳ ଉଠା ଯାଉ ନ ଥିବା ମିଲର୍ସମାନେ ପାଲଟା ଅଭିଯୋଗ କରିଥିଲେ। ଏବେ ଭୁବନେଶ୍ୱରରେ ସର୍ଭର ନାହିଁ । ତେଣୁ ଧାନ କିଣିଲେ ମଧ ଚାଷୀ ଟଙ୍କା ପାଇ ପାରିବେ ନାହିଁ ବୋଲି ମିଲର୍ସ କହିଥିଲେ। ସେହିଭଳି ମିଲ୍‌ରୁ ଚାଉଳ ଯାଉଛି। ହେଲେ ଅନଲାଇନରେ ତଥ୍ୟ ଅପଡୁଡେଟ ରହୁନାହିଁ ବୋଲି ମିଲର୍ସ କହିଥିଲେ। ପ୍ରାୟ ୩୦ ଜଣ ମିଲର୍ସ ଏହି ବୈଠକରେ ଉପସ୍ଥିତ ଥିଲେ।



ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଜୁନ ୮ରେ ଅନୁଷ୍ଠିତ ହେବ। ଏଥିପାଇଁ ବାଲିବନ୍ଧାର ସୋମନାଥ ବାବାଙ୍କ ପୀଠରେ ଆୟୋଜିତ ଥାଳ ଉଠା କାର୍ଯ୍ୟକ୍ରମରେ କନ୍ୟା ଓ ବର ପକ୍ଷ ସହ ଯାତ୍ରା କମିଟି କର୍ମକର୍ତ୍ତା।

## ସରକାରୀ ଜମି ଜବରଦଖଲକୁ ବିରୋଧ

ବ୍ରଜରାଜନଗର, ୮।୫ (ଡି.ଏନ.ଏ.)
ବ୍ରଜରାଜନଗର ପୌରାଞ୍ଚଳର ୨ନଂ କୁଲତାପଡାରେ ଥିବା କିଛି ସରକାରୀ ଜମିକୁ ଉକ୍ତ ପଡାର ସାବିତ୍ରୀ ନାୟକ ନାମ୍ନୀ ଜଣେ ମହିଳା ଜବରଦଖଲ କରି ରହି ଆସୁଛନ୍ତି। ପୌରପରିଷଦ ତରଫରୁ ସେଠାରେ ଏକ ନଳକୂଅ ଏବଂ ଏକ କୂଅ ପଡାବାସୀଙ୍କର ପାନୀୟ ଜଳ ବ୍ୟବହାର ପାଇଁ କରାଯାଇଥିଲା । ତାହାକୁ ବୁଧବାର ଉକ୍ତ ମହିଳା ଜଣକ ପୋତିବାକୁ ଉଦ୍ୟମ କରିଥିଲେ । ଏହାକୁ ପଡାବାସୀ ଦୃଢ଼ ବିରୋଧ କରି ନିର୍ବାହୀ ଅଧିକାରୀ ଦିଲ୍ଲୀପ ପଟେଲଙ୍କୁ ଅଭିଯୋଗ କରିଥିଲେ। ପଟେଲ କର୍ମଚାରୀମାନଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରି ଉକ୍ତ ମହିଳାଙ୍କ ନାମରେ ରାମପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ତଦନ୍ତ କରି କାର୍ଯ୍ୟ ବନ୍ଦ କରିଛି । ଉକ୍ତ ସରକାରୀ ଜମିକୁ ପଡାବାସୀଙ୍କର ସମୂହ କାର୍ଯ୍ୟ ସାଧନ ପାଇଁ ଛାଡି ଦେବାକୁ ପଡାବାସୀ ଦାବି କରିଛନ୍ତି।

## ଚାଷୀଙ୍କୁ ସମ୍ମାନିତ କଲେ ଜିଲାପାଳ



ଚିପିଲିମା କୃଷି ବିଜ୍ଞାନ କେନ୍ଦ୍ରରେ ଜଣେ ମହିଳା ଚାଷୀଙ୍କୁ ଜିଲାପାଳ ସମ୍ମାନୀତ କରୁଛନ୍ତି ।

ଚିପିଲିମା, ୮।୫ (ଡି.ଏନ.ଏ.)
ଚିପିଲିମା କୃଷିବିଜ୍ଞାନ କେନ୍ଦ୍ର ଏବଂ ସମ୍ବଲପୁର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମିଳିତ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭମ ସକସେନା ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ କୃଷକମାନଙ୍କୁ ଉଦ୍‌ବୋଧନ ଦେବା ସହ ଅଖିମୁଠି ଅନୁକୂଳ କରିଥିଲେ । ଏହି ଅବସରରେ ଗଡମୁଣ୍ଡାର ଚାଷୀ ଇନ୍ଦ୍ରାଣୀ ପଣ୍ଡା ଓ ହୀରାକୁଦର ଚାଷୀ ଅକ୍ଷୟ କୁମାର ମିଶ୍ରଙ୍କୁ ଜିଲାପାଳ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

ଉକ୍ତ ଉତ୍ସବରେ ଜିଲା କୃଷି ଉପନିର୍ଦ୍ଦେଶକ ଖଗେନ୍ଦ୍ରନାଥ ଜେନା ଅଧକ୍ଷତା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡା. ଶାଶ୍ୱତି ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ରଞ୍ଜନ କୁମାର ଦାସମହାପାତ୍ର, ଜିଲା ମତ୍ସ୍ୟ ଅଧିକାରୀ ସୁରେନ୍ଦ୍ର କାଲୋ, ଆଞ୍ଚଳିକ କୃଷି ଓ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଶାନ୍ତନୁ କୁମାର ତ୍ରିପାଠୀ, ସହକାରୀ ପ୍ରକଳ୍ପ ନର୍ଦ୍ଦେଶକ (ଜଳ ସଂରକ୍ଷଣ) ହାଡିବନ୍ଧୁ ସେଠ, କୃଷି ବିଭାଗର ବରିଷ୍ଠ ଯନ୍ତ୍ରୀ ମଦନମୋହନ ମାଝୀ, ଉଠା ଜଳସେଚନ ବିଭାଗର ଯନ୍ତ୍ରୀ ସୂର୍ଯ୍ୟନାରାୟଣ ତ୍ରିପାଠୀ ଏବଂ ଜିଲା କୃଷି ଅଧିକାରୀ ରବିନାରାୟଣ ନାୟକ ପ୍ରଭୃତି ଯୋଗ ଦେଇଥିଲେ। ସୁଶାନ୍ତ କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ରବିନାରାୟଣ ସେନାପତି ଧନ୍ୟବାଦ ପ୍ରଦାନ କରଥିଲେ। ବୈଜ୍ଞାନିକ ମୋନାଲିସା ପ୍ରଧାନ, ଶ୍ରୀକାନ୍ତ ସାହୁ, ଡା. ଜ୍ୟୋତିପ୍ରଭା ମିଶ୍ର, ସେତେଙ୍ଗ ବାସ୍କି, ଅନନ୍ୟା ଜେନା, ସତ୍ୟବ୍ରତ କୁମାର ବେହେରା, ଆଦିତ୍ୟକରଣ ପଢ଼ିଆରି, ଉମା ପ୍ରଧାନ, ବୀର ଛତ୍ରିଆ, ବିନୋଦବିହାରୀ ପ୍ରଧାନ, ସାଗର ଛତ୍ରିଆ ଓ ନାରାୟଣ ମହାଲିକ ପ୍ରଭୃତି ସହଯୋଗ କରିଥିଲେ।

## ଦୟାମଣୀ ବୃଦ୍ଧାଶ୍ରମର ପ୍ରତିଷ୍ଠା ଦିବସ



ସମ୍ବଲପୁର ଦୟାମଣୀ ଜରାଶ୍ରମ ପ୍ରତିଷ୍ଠା ଦିବସ ଉତ୍ସବରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ସମ୍ବଲପୁର, ୮।୫ (ବ୍ୟୁରୋ)
ଦୟାମଣୀ ବୃଦ୍ଧାଶ୍ରମର ପ୍ରଥମ ପ୍ରତିଷ୍ଠା ଦିବସ ଦୁର୍ଗାପାଲିସ୍ଥିତ ଆଶ୍ରମ ପରିସରରେ ପାଳିତ ହୋଇଯାଇଛି । ସଭାନେତ୍ରୀ ପ୍ରମିଳା ବହିଦାରଙ୍କ ଅଧକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା । ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ବିକାଶ କିପରି ହେବ ସେ ଦିଗରେ ଆଲୋକପାତ କରିଥିଲେ । ଆଧ୍ୟାତ୍ମିକ ପ୍ରବକ୍ତା ଡା. କୃଷ୍ଣକେଶବ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜରା ନିବାସର ଆବଶ୍ୟକତା ବର୍ତ୍ତମାନ ସମୟର ଏକ ସାମାଜିକ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ । ମହାନଦୀ କୋଇଲା କମ୍ପାନୀ ମୁଖ୍ୟ ସତର୍କତା ଅଧିକାରୀ ମୁନୱର ଖୁର୍ସିଦ୍ଧ ସମ୍ମାନିତ ଅତିଥି ଥିଲେ । ବୃନ୍ଦାବନର ମହା ମଣ୍ଡଳେଶ୍ୱରୀ ମହନ୍ତ ସଚ୍ଚିଦାନନ୍ଦ ଶାସ୍ତ୍ରୀ, ସ୍ୱାମୀ ସତ୍ୟଧର୍ମାନନ୍ଦ ସରସ୍ୱତୀ ସମ୍ମାନିତ ବକ୍ତା ଥିଲେ । ଅନୁଷ୍ଠାନର ଉପସଭାପତି ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ବିବରଣୀ ପାଠ କରିଥିବାବେଳେ ଆଦିତ୍ୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରସାର ଭାରତୀର ଅବସରପ୍ରାପ୍ତ ଉପ ମହାନିର୍ଦ୍ଦେଶକ ଅଭୟ କୁମାର ପାଢ଼ୀ ବୃଦ୍ଧାଶ୍ରମର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ ।

## ଅନୁଗୁଳିଆପଡାରେ ନିଆଁ ଲାଗି ୪ ବଖରା ଛାରଖାର

ସମ୍ବଲପୁର,୮।୫(ବ୍ୟୁରୋ)
ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନ ଅନୁଗୁଳିଆ ପଡାରେ ନିଆଁ ଲାଗି ଜଣେ ବ୍ୟକ୍ତିଙ୍କ ୪ ବଖରା ଘର ଛାରଖାର ହୋଇଯାଇଛି । ୨ ଟି ଦମକଳ ଗାଡି ପ୍ରାୟ ୧ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା। ତେବେ କ୍ଷୟକ୍ଷତିର ପରିମାଣ ଆନୁମାନିକ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ବୁଧବାର ଅପରାହ୍ନ ୩ଟା ୪୫ରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ଅଗ୍ନିଶମ ବିଭାଗ ପହଞ୍ଚିବା ପୂର୍ବରୁ ନିଆଁ ସବୁଆଡେ ବ୍ୟାପି ଯାଇଥିଲା। ଘର ସହିତ ପାଖରେ ଥିବା ପାଳ ଗଦା ପୋଡି ଯାଇଛି । ନିଆଁ ଲିଭାଇବାରେ ଅଗ୍ନିଶମ ବିଭାଗର ସୁକାନ୍ତ କୁମାର ନାଥ, ବୁଧୁରାମ ଓରାମ, ବିଶିଷ୍ଟ ତନସେନା, ସର୍ବେଶ୍ୱର ବେହେରା, ବିକେଶ କୁମାର ସାହୁ, ଦୁର୍ଯ୍ୟୋଧନ ଗାଇଗରିଆ, ହଳଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।



ସମ୍ବଲପୁର ଅନୁଗୁଳିଆ ପଡାରେ ନିଆଁ ଲାଗି ନଷ୍ଟ ହୋଇଥିବା ଘର ।



ବୁଧବାର ରାତିରେ ସମ୍ବଲପୁର ରାଧାମଦନ ଗୋପାଳ ମନ୍ଦିର ପରିସରସ୍ଥ ଅସ୍ଥାୟୀ ପୋଖରୀରେ ଠାକୁରଙ୍କ ଚାପ ଖେଳ ।



ବୁଧବାର ସମ୍ବଲପୁର ସାକ୍ଷୀ ଗୋପୀନାଥ ପଡା ରାଧାମଦନ ଗୋପାଳ ମନ୍ଦିରଠାରେ ଆୟୋଜିତ ଚନ୍ଦନ ଯାତ୍ରାରେ ଜଣେ କଳାକାର ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

## ଘଣ୍ଟେଶ୍ୱରୀରେ ମାଙ୍କଡ ଉତ୍ପାତ, ବାଳିକାଙ୍କ ମୁଣ୍ଡ ଫାଟିଲା

ସମ୍ବଲପୁର,୮।୫(ବ୍ୟୁରୋ)
ସମ୍ବଲପୁର ଜିଲା ଚିପିଲିମା ଘଣ୍ଟେଶ୍ୱରୀ ମନ୍ଦିରରେ ମାଙ୍କଡଙ୍କ ଉତ୍ପାତ ବଢ଼ି ଚାଲିଛି। ବୁଧବାର ମାଙ୍କଡ ଗୋଡେଇବାରୁ ଅଇଁଠାପାଲିର ଶିବାନୀ ସିଂ ନାମ୍ନୀ ଜଣେ ବାଳିକାଙ୍କ ମୁଣ୍ଡ ଫାଟି ଯାଇଛି । ସେ ଜିଲା ସଦର ମେଡିକାଲରେ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ସୂଚନାଯୋଗ୍ୟ, ଶିବାନୀ ପରିବାର ସହ ଘଣ୍ଟେଶ୍ୱରୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିଲେ । ଫେରିବା ବେଳେ ମନ୍ଦର ପରିସରରେ ଥିବା ମାଙ୍କଡ ଦଳ ଗୋଡାଇ ଥିଲେ । ସମସ୍ତେ ଏପଟ ସେପଟ ଦୌଡିବାକୁ ଲାଗିଥିଲେ । ଏହି ସମୟରେ ଶିବାନୀ ମଧ ଦୌଡିଥିଲେ।



ଆହତ ଶିବାନୀ ସିଂ।



ବୁଧବାର ସମ୍ବଲପୁର ସାକ୍ଷୀ ଗୋପୀନାଥ ପଡା ରାଧାମଦନ ଗୋପାଳ ମନ୍ଦିରଠାରେ ଆୟୋଜିତ ଚନ୍ଦନ ଯାତ୍ରାରେ ଜ୍ୟୋତିରାଦିତ୍ୟ ମହାନ୍ତି ନୃତ୍ୟ ପରିବେଷଣ କରୁଛନ୍ତି ।




‘ଫନୀ’ ପୀଡିତ ଉପକୂଳ ଓଡ଼ିଶାର ଜନସାଧାରଣଙ୍କୁ ସାହାଯ୍ୟାର୍ଥେ ବୁଧବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ବିଭିନ୍ନ ସାମଗ୍ରୀକୁ ଏକ ଗାଡିରେ ପଠାଯାଇଛି ।



“ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଔରଙ୍ଗଜେବଙ୍କ ଆଧୁନିକ ଅବତାର। କାରଣ ତାଙ୍କ ନିର୍ଦ୍ଦେଶରେ ବାରାଣସୀରେ କରିଡର ନିର୍ମାଣ ନାମରେ ଶତାଧିକ ମନ୍ଦିର ଭଙ୍ଗାଯାଇଛି।

–ସଞ୍ଜୟ ନିରୁପମ, ବରିଷ୍ଠ କଂଗ୍ରେସ ନେତା



**ସରିଆସୁଛି ନିର୍ବାଚନ**

# ବଢୁଛି ଆରୋପ ପ୍ରତ୍ୟାରୋପ

**ଆଉ ଦୁଇଟି ପର୍ଯ୍ୟାୟ ମତଦାନ ପରେ ଶେଷ ହୋଇଯିବ ସାଧାରଣ ନିର୍ବାଚନ। ଅଦ୍ୟାବଧି ୪୨୫ ଲୋକ ସଭା ଆସନରେ ଭୋଟଗ୍ରହଣ କରାଯାଇଥିବାବେଳେ ଆସନ୍ତା ୧୨ ଓ ୧୯ ତାରିଖରେ ୫୯ଟି ଲେଖାଏ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ହେବାକୁ ବାକି ଅଛି। ମତଦାନ ଶେଷ ହୋଇଥିବା ଆସନଗୁଡ଼ିକରୁ ଅଧିକାଂଶରେ ସଫଳତା ହାସଲ ପାଇଁ ଉଭୟ ଶାସକ ଓ ବିରୋଧୀ ଦାବି କରୁଛନ୍ତି। ଶେଷ ଦୁଇଟି ପର୍ଯ୍ୟାୟର ୧୧୮ ଆସନ ମଧ୍ୟରୁ ଅଧିକରୁ ଅଧିକ ଦଖଲ ପାଇଁ ଭାଜପା ଏବଂ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏଭଳି ସ୍ଥିତିରେ ବଢ଼ିବାରେ ଲାଗିଛି ଆରୋପ ପ୍ରତ୍ୟାରୋପ ଓ ପରସ୍ପର ଉପରେ କାଦୁଅଫିଙ୍ଗା।**

## ମୋଦି ବିଜ୍ଞାପନର ରାଜା, ବିକାଶର ଖଳନାୟକ

**ଲୋକଙ୍କ ଆସ୍ଥା ହରାଇଲେଣି ପ୍ରଧାନମନ୍ତ୍ରୀ: ରାହୁଲ**

ମୋରେନା/ଭିନ୍ଦ୍,୮।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିଗଲାଣି। ସେ ପୁନର୍ବାର ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ସେହିପରି ମୋଦି ବିଭିନ୍ନ ଯୋଜନାକୁ ନେଇ ମିଛ ସଫଳତା ଦାବିକରି ଭୋଟରଙ୍କୁ ବିଭ୍ରାନ୍ତ କରୁଛନ୍ତି। ବିଦାୟୀ ପ୍ରଧାନମନ୍ତ୍ରୀ ବିଜ୍ଞାପନର ରାଜା ଓ ବିକାଶର ଖଳନାୟକ ବୋଲି କଂଗ୍ରେସ ମୁଖପାତ୍ର ଜୟବୀର ଶେରଗିଲ୍ ନୂଆଦିଲ୍ଲୀରେ ସମାଲୋଚନା କରିଛନ୍ତି।

କଂଗ୍ରେସ ମୁଖ୍ୟ ରାହୁଲ ବୁଧବାର ମଧ୍ୟପ୍ରଦେଶର ଏକାଧିକ ସ୍ଥାନରେ ନିର୍ବାଚନୀ ସଭା କରି ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ମୋରେନା ସଭାରେ ସେ ସମ୍ବୋଧିତ କରି କହିଛନ୍ତି, ମୋଦି ୨୦୧୪ରେ ଦେଇଥିବା ନିଜ ପ୍ରତିଶ୍ରୁତିଗୁଡ଼ିକୁ ରଖିପାରି ନାହାନ୍ତି। ଓଲଟା ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଭଳି ନିଷ୍ପତ୍ତି ନେଇ ଗରିବ ଓ ଯୁବତୀଯୁବକଙ୍କ ଚାକିରି ଛଡ଼ାଇନେଇଛନ୍ତି। ତେଣୁ ସେ ସତ୍ୟକୁ ସାମ୍ନା କରିପାରିବେ ନାହିଁ। ବିମୁଦ୍ରୀକରଣ ଯୋଗୁ କଳାଧନ ଫେରିଆସିଲାନି। ଓଲଟା ଦେଶର ସବୁଠୁ ଭ୍ରଷ୍ଟାଚାରୀ ଲୋକେ ମୋଦିଙ୍କ ସହାୟତାରେ କଳାଧନକୁ ଧଳା କରିବାରେ ସକ୍ଷମ ହୋଇଛନ୍ତି। ସେହିପରି ଭିନ୍ଦ୍‌ରେ ରାହୁଲ କହିଛନ୍ତି, ‘ଚୌକିଦାର ଚୋର୍ ହେଁ’ ସ୍ଲୋଗାନ କଂଗ୍ରେସ ଆରମ୍ଭ କରିନାହିଁ। କୃଷକ ଓ ଯୁବପିଢ଼ି ଦ୍ୱାରା ଏହା ସୃଷ୍ଟ। କାରଣ ମୋଦି ପ୍ରତ୍ୟେକ ଭାରତୀୟଙ୍କ ବ୍ୟାଙ୍କ ଖାତାରେ ୧୦ରୁ ୧୫ ଲକ୍ଷ ଟଙ୍କା ଲେଖାଏ ଜମା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଟଙ୍କା ଜମା କରିବା ପରିବର୍ତ୍ତେ ସେ ଅର୍ଥ ଚୋରି କରି ନିଜ ଶିଳ୍ପପତି ବନ୍ଧୁ ଅନିଲ ଅମ୍ବାନୀଙ୍କୁ ଦେଇଦେଲେ ବୋଲି ରାହୁଲ ସମାଲୋଚନା କରିଛନ୍ତି।



“ହୋମୱାର୍କ କରି ନ ଥିବା ସ୍କୁଲ ପିଲାଙ୍କ ଭଳି ବ୍ୟବହାର ଦେଖାଉଛି ଭାଜପା।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ

ଦକ୍ଷିଣ ଦିଲ୍ଲୀ ଆସନର କଂଗ୍ରେସ ପ୍ରାର୍ଥୀ ବକ୍ସର ବିଜେନ୍ଦର ସିଂଙ୍କ ପାଇଁ ରୋଡ୍ ଶୋ ଜରିଆରେ ନିର୍ବାଚନ ପ୍ରଚାର କରୁଛନ୍ତି ପ୍ରିୟଙ୍କା।

## ଗରିବଙ୍କ ଜମି ଛଡ଼ାଇଛି କଂଗ୍ରେସ

**ହରିୟାଣାରେ ଅମଳ କରିଛି ଦୁର୍ନୀତିର ଫସଲ: ମୋଦି**

ଫତେହାବାଦ,୮।୫(ପି.ଟି.)



କଂଗ୍ରେସ ଗରିବଙ୍କ ଜମି ଛଡ଼ାଇନେଇ ହରିୟାଣାରେ ଦୁର୍ନୀତିର ଫସଲ ଅମଳ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସମାଲୋଚନା କରିଛନ୍ତି। ହରିୟାଣାର ଫତେହାବାଦରେ ନିଜ ପ୍ରଥମ ନିର୍ବାଚନୀ ରାଲି କରି ମୋଦି ରାଜ୍ୟର ପୂର୍ବ କଂଗ୍ରେସ ସରକାରକୁ ଟାର୍ଗେଟ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, କଂଗ୍ରେସ ନେତାମାନେ ଚାଷୀଙ୍କୁ ନେଇ ଭ୍ରଷ୍ଟାଚାରର ଅମଳ କରିଛନ୍ତି, ଯାହାର ପ୍ରମାଣ ହେଉଛି ହରିୟାଣା। ଲୋକଙ୍କ ଆଶୀର୍ବାଦରେ ଏହି ‘ଚୌକିଦାର’ ଚାଷୀଙ୍କ ଜମି ଲୁଟିଥିବା ଲୋକଙ୍କୁ କୋର୍ଟକୁ ଟାଣିନେଇଛି। ସେମାନେ ଜାମିନରେ ଅଛନ୍ତି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଫିସକୁ ଯାଉଛନ୍ତି। ସେମାନେ ନିଜକୁ ସମ୍ରାଟ ବିବେଚନା କରି ସେମାନଙ୍କୁ କେହି ଛୁଇଁ ପାରିବେ ନାହିଁ ବୋଲି ମନେକରୁଥିଲେ। ସେମାନଙ୍କୁ ମୁଁ ଜେଲ୍‌ର ଦ୍ୱାରକୁ ଟାଣି ନେଇଛି। ଲୋକେ ମୋତେ ଆଉ ୫ ବର୍ଷ ଦେଲେ ଲୁଟେରାମାନଙ୍କୁ ଜେଲ୍‌ରେ ପୂରାଇବି ବୋଲି ମୋଦି କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ଏବଂ ଉପା ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ଉଦ୍ଦେଶ୍ୟରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେହିପରି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ପଞ୍ଚମ ପର୍ଯ୍ୟାୟ ମତଦାନ ପରେ ସେମାନଙ୍କ ପରାଜୟ ସୁନିଶ୍ଚିତ ବୋଲି ଜାଣି ସାରିଲେଣି। କେନ୍ଦ୍ରରେ ଭାଜପା ପୁନର୍ବାର କ୍ଷମତାସୀନ ହେବା ନେଇ ସ୍ଥିତି ସ୍ପଷ୍ଟ ହୋଇଥିବାରୁ ବିରୋଧୀ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛନ୍ତି ବୋଲି ମୋଦି ଟାର୍ଗେଟ କରିଛନ୍ତି।

### ବ୍ୟକ୍ତିଗତ ଆକ୍ଷେପ କରନାହିଁ: ରବର୍ଟ

ନୂଆଦିଲ୍ଲୀ,୮।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବା ବଦଳରେ ତାଙ୍କୁ ବ୍ୟକ୍ତିଗତ ଆକ୍ଷେପ କରୁଛନ୍ତି ବୋଲି ବୁଧବାର ଉପା ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରା ସମାଲୋଚନା କରିଛନ୍ତି। ଏହାସହ ଏଭଳି ବ୍ୟକ୍ତିଗତ ଆକ୍ରମଣରୁ କ୍ଷାନ୍ତ ରହିବାକୁ ମୋଦିଙ୍କୁ ସେ ପରାମର୍ଶ ଦେଇଛନ୍ତି। କୁରୁକ୍ଷେତ୍ରରେ ମୋଦି ରବର୍ଟଙ୍କ ବିରୋଧରେ ଜମି ଦୁର୍ନୀତି ଅଭିଯୋଗ ଆଣି ଟାର୍ଗେଟ କରିବା ପରେ ସେ ଏନେଇ ଟୁଇଟ୍ କରିଛନ୍ତି।



### ପ୍ରଧାନମନ୍ତ୍ରୀଙ୍କୁ କେଜ୍‌ରିୱାଲଙ୍କ ୩ ପ୍ରଶ୍ନ

ନୂଆଦିଲ୍ଲୀ,୮।୫(ପି.ଟି.)- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୩ଟି ପ୍ରଶ୍ନ କରିଛନ୍ତି। କେଜ୍‌ରିୱାଲ କହିଛନ୍ତି, ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମୋଦିଙ୍କୁ କାହିଁକି ସମର୍ଥନ କରୁଛନ୍ତି? ଦିଲ୍ଲୀରେ ସିଲିଂ ବନ୍ଦ କରିବା ପାଇଁ ଭାଜପା ଅଧାଦେଶ ଆଣିଲା ନାହିଁ କାହିଁକି? ୨୦୧୪ରେ ମୋଦି ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଭାଜପା ପୂର୍ଣ୍ଣ ରାଜ୍ୟ ମାନ୍ୟତା କାହିଁକି ଦେଲାନାହିଁ? ପ୍ରଧାନମନ୍ତ୍ରୀ ଏହାର ଉତ୍ତର ରାମଲୀଲା ମଇଦାନରେ ଦିଅନ୍ତୁ ବୋଲି କେଜ୍‌ରିୱାଲ ଆହ୍ୱାନ ଦେଇଛନ୍ତି।



## ‘ମୋଦିଙ୍କ ବିରୋଧରେ ଲଢ଼େଇ ଭାରତ ଛାଡ଼ ଆନ୍ଦୋଳନ ସଦୃଶ’



ଦେବ୍ରା,୮।୫(ପି.ଟି.)

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନିଜର ଲଢ଼େଇକୁ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ସହ ତୁଳନା କରିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଦେବ୍ରାର ଏକ ନିର୍ବାଚନୀ ସଭାରେ କହିଛନ୍ତି, ମୋଦି ଦେଶରେ ଏକ ଫାସିବାଦୀ ସରକାର ଚଳାଉଛନ୍ତି। ବିରାଡ଼ି ବେକରେ କାହାକୁ ତ ହେଲେ ଘଣ୍ଟି ବାନ୍ଧିବାକୁ ପଡ଼ିବ। ୧୯୪୨ରେ ବ୍ରିଟିଶମାନଙ୍କ ବିରୋଧରେ ଭାରତ ଛାଡ଼ ଆନ୍ଦୋଳନ କରାଯାଇଥିଲା। ଏବେ ଫାସିବାସୀ ମୋଦିଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଆମେ ଲଢ଼େଇ କରୁଛୁ। କାରଣ ମୋଦି ପୁଣି କ୍ଷମତାକୁ ଆସିଲେ ସମ୍ବିଧାନକୁ ଧ୍ୱଂସ କରିଦେବେ ଏବଂ ଭବିଷ୍ୟତରେ ନିର୍ବାଚନ ହେବନାହିଁ। ତେଣୁ ଚଳିତ ଲୋକ ସଭା ନିର୍ବାଚନ ପରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ଦଳକୁ ବାହାର ରାସ୍ତା ଦେଖାଇଦିଆଯିବ ବୋଲି ମମତା କହିଛନ୍ତି।



ଲଣ୍ଡନରେ ସ୍ତ୍ରୀ ମେଘାନ୍‌ଙ୍କ ସହ ପ୍ରିନ୍ସ ହ୍ୟାରୀ ସେମାନଙ୍କ ନବଜାତ ପ୍ରଥମ ପୁତ୍ର (୩.୨୬ କେଜି)କୁ ସର୍ବସମ୍ମୁଖରେ ଦେଖାଇବା ସହ ଖୁସି ମନାଉଛନ୍ତି।

**ରାଫାଲ ରାୟ ପରେ ‘ଚୋର’ ମନ୍ତବ୍ୟ**

## ନିଃସର୍ତ୍ତ କ୍ଷମା ମାଗିଲେ ରାହୁଲ

ନୂଆଦିଲ୍ଲୀ,୮।୫(ପି.ଟି.)



ସୁପ୍ରିମକୋର୍ଟଙ୍କ ରାଫାଲ ରାୟର ଭୁଲ ଅବତାରଣା କରି ଫସିଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ନିଜ ‘ଚୌକିଦାର ଚୋର ହେଁ’ ମନ୍ତବ୍ୟ ପାଇଁ ବୁଧବାର ସୁପ୍ରିମକୋର୍ଟରେ ନିଃସର୍ତ୍ତ କ୍ଷମାମାଗିଛନ୍ତି। ଏହାସହ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ତାଙ୍କ ବିରୋଧରେ ଆପରାଧିକ ଅଦାଲତ ଅବମାନନା ମାମଲା ପାଇଁ ଦାଏର କରିଥିବା ପିଟିଶନର ଶୁଣାଣି ବନ୍ଦ କରିବା ପାଇଁ ରାହୁଲ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

ଫ୍ରାନ୍ସରୁ ୩୬ ଯୁଦ୍ଧବିମାନ କିଣା ଚୁକ୍ତିରେ ଦୁର୍ନୀତି ହୋଇଥିବା ଦର୍ଶାଇ ରାଫାଲ ଡିଲ୍‌କୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ୨୦୧୮ ଡିସେମ୍ବର ୧୪ରେ ଶୀର୍ଷ ଅଦାଲତ ସମସ୍ତ ଆବେଦନକୁ ଖାରଜ କରିଦେଇଥିଲେ। ୨୦୧୯ ଜାନୁୟାରୀ ୩ରେ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ସୌରୀ ଓ ଯଶୱନ୍ତ ସିହ୍ନା ଉକ୍ତ ରାୟର ପୁନର୍ବିଚାର ପାଇଁ ରିଭ୍ୟୁ ପିଟିଶନ ଦାଏର କରିଥିଲେ। ରାଫାଲ ରାୟର ପୁନର୍ବିଚାର କରିବା ସମୟରେ ‘ଗୋପନୀୟ, ପ୍ରଘଟ’ ଦସ୍ତାବିଜକୁ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଏପ୍ରିଲ ୧୦ରେ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ରାହୁଲ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚୋରି ଧରାପଡ଼ିଯାଇଛି। ‘ଚୌକିଦାର ଚୋର’ ବୋଲି ସୁପ୍ରିମକୋର୍ଟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି। ରାହୁଲଙ୍କ ଏହି ମନ୍ତବ୍ୟକୁ ସୁପ୍ରିମକୋର୍ଟରେ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ଚ୍ୟାଲେଞ୍ଜ କରି ତାଙ୍କ ବିରୋଧରେ ଆପରାଧିକ ଅଦାଲତ ଅବମାନନା ପିଟିଶନ ଦାଏର କରିଥିଲେ। ରାହୁଲଙ୍କୁ ନୋଟିସ ହେବା ପରେ ସେ ସତ୍ୟପାଠ ଦାଖଲ କରି ନିଜ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଥିଲେ। ଗତ ୧୫ ତାରିଖରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ, ସୁପ୍ରିମକୋର୍ଟ ନିଜ ରାୟର କୌଣସି ସ୍ଥାନରେ ଏଭଳି କହିନାହାନ୍ତି। ‘ଚୌକିଦାର ନରେନ୍ଦ୍ର ମୋଦି ଚୋର’ ରାହୁଲଙ୍କ ବ୍ୟକ୍ତିଗତ ମନ୍ତବ୍ୟ। ରାହୁଲ ନିଜ ଭୁଲ ପାଇଁ କ୍ଷମାମାଗନ୍ତୁ ବୋଲି ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ। ବୁଧବାର ରାହୁଲ ୩ ପୃଷ୍ଠା ସମ୍ବଳିତ ଏକ ଅତିରିକ୍ତ ସତ୍ୟପାଠ ଦାଖଲ କରି ଅଦାଲତଙ୍କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି। ତାଙ୍କ ମନ୍ତବ୍ୟ ଇଚ୍ଛାକୃତ ବା ଉଦ୍ଦେଶ୍ୟମୂଳକ ନୁହେଁ, ବରଂ ଆକସ୍ମିକ। ତେଣୁ ତାଙ୍କୁ କ୍ଷମା କରାଯାଉ ବୋଲି ରାହୁଲ ଏଥିରେ ଉଲ୍ଲେଖ କରିଛନ୍ତି।

## କାନାଡା ଚାଲିଗଲେ ଆସିଆ ବିବି

ଇସ୍‌ଲାମାବାଦ୍,୮।୫(ପି.ଟି.)



ପାକିସ୍ତାନର ଖ୍ରୀଷ୍ଟିଆନ୍ ମହିଳା ଆସିଆ ବିବି(୪୭) ସୁପ୍ରିମକୋର୍ଟ ଦ୍ୱାରା ମୃତ୍ୟୁଦଣ୍ଡରୁ ମୁକ୍ତିପାଇବା ପରେ ନିଜ ପରିବାର ରହୁଥିବା କାନାଡାକୁ ଚାଲିଯାଇଥିବା ତାଙ୍କ ଓକିଲ ସୈଫୁଲ ମାଲୁକ୍ କହିଛନ୍ତି। ପଞ୍ଜାବ ପ୍ରଦେଶରେ ରହୁଥିବା ଚାରିଟି ପିଲାର ମା’ ଆସିଆ ଇସ୍‌ଲାମ୍‌କୁ ନିନ୍ଦାକରିବା ଅଭିଯୋଗରେ ୨୦୧୦ରେ ଦୋଷୀସାବ୍ୟସ୍ତ ହୋଇଥିଲେ। ମୁସଲ୍‌ମାନ୍‌ବହୁଳ ଦେଶରେ ଧାର୍ମିକ କଠୋରପନ୍ଥୀମାନେ ତାଙ୍କୁ ହତ୍ୟା କରିବାକୁ ବାରମ୍ବାର ଧମକ୍ ଦେଇଆସୁଥିଲେ। ଇସ୍‌ଲାମ୍‌କୁ ନିନ୍ଦାକରିବାରେ ଆସିଆ ହେଉଛନ୍ତି ପ୍ରଥମ ମହିଳା ଯାହାଙ୍କୁ ମୃତ୍ୟୁଦଣ୍ଡାଦେଶ ମିଳିଥିଲା। ଆସିଆଙ୍କ ଶାନ୍ତ ସରଳ ସ୍ୱଭାବ ଓ ନମ୍ରତା ସହ ଉଦାରବାଦୀ ଗୋଷ୍ଠୀଙ୍କ ଅନୁରୋଧ ପରେ ଗତବର୍ଷ ଅକ୍ଟୋବର ୩୧ରେ ସୁପ୍ରିମକୋର୍ଟ ମୃତ୍ୟୁଦଣ୍ଡାଦେଶକୁ ଖାରଜ୍ କରିଥିଲେ। ଏହାକୁ ନେଇ ବିକ୍ଷୋଭ ଓ ରାଜପଥ ଅବରୋଧ କରାଯାଇଥିଲା। ଆସିଆଙ୍କ ସୁରକ୍ଷା ଓ ମୁକ୍ତି ଲାଗି ତାଙ୍କ ସ୍ୱାମୀ ଆଶିକ୍ ମସିହ ଅନ୍ତର୍ଜାତୀୟ ସମୁଦାୟକୁ ଅନୁରୋଧ କରି ଭିଡିଓ ମେସେଜ୍‌ରେ ଅପିଲ୍ କରିଥିଲେ।

## ଅଷ୍ଟ୍ରେଲିଆରେ ଭାରତୀୟ ଯୋଗଗୁରୁ ଗିରଫ

**ମେଲ୍‌ବୋର୍ନ,୮।୫(ପି.ଟି.):** ଭାରତର ଆତ୍ମଘୋଷିତ ଆଧ୍ୟାତ୍ମିକ ଯୋଗଗୁରୁ ଆନନ୍ଦ ଗିରି(୩୮) ସିଡ୍‌ନୀରେ ଦୁଇ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ ହୋଇଛନ୍ତି। ମହିଳା ଦ୍ୱୟ ଯୋଗଗୁରୁଙ୍କୁ ନିଜ ରୁଟୀହିଲ୍‌ସ୍ଥିତ ଘରକୁ ପ୍ରାର୍ଥନା ଲାଗି ଡାକିଥିଲାବେଳେ ସେ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରାଯାଇଥିଲା। ରବିବାର ତାଙ୍କୁ ସିଡ୍‌ନୀର ଓକ୍ସଲେ ପାର୍କରୁ ଗିରଫ୍ କରାଯିବା ପରେ ହାଜତ୍‌କୁ ପଠାଇ ଦିଆଯାଇଛି। ଜୁନ୍ ୨୬ ତାରିଖରେ ଯୋଗଗୁରୁ ଆନନ୍ଦଙ୍କୁ କୋର୍ଟରେ ହାଜର କରାଯିବ। ୟୁପିର ପ୍ରୟାଗରାଜ ନିବାସୀ ଆନନ୍ଦ ଯୋଗତନ୍ତ୍ରରେ ଡକ୍ଟରେଟ୍ କରୁଥିବା ତାଙ୍କ ୱେବସାଇଟ୍‌ରୁ ଜଣାପଡ଼ିଛି।

## ଲାହୋରରେ ବିସ୍ଫୋରଣ: ୧୦ ନିହତ

ଲାହୋର,୮।୫(ପି.ଟି.)

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ଏକ ମସଜିଦ୍ ନିକଟରେ ଏକ ଆତ୍ମଘାତୀ ବିସ୍ଫୋରଣ ହେବାରୁ ଅତି କମ୍‌ରେ ୧୦ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ବୁଧବାର ସକାଳ ୮.୪୫ରେ ମସଜିଦ୍ ନିକଟରେ ନିୟୋଜିତ ପାକିସ୍ତାନ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ୍ କରି ଏହି ବିସ୍ଫୋରଣ କରାଯାଇଥିଲା। ଦାତା ଦରବାର୍ ମସଜିଦ୍‌ର ଦ୍ୱିତୀୟ ଗେଟ୍‌ରେ ହୋଇଥିବା ବିସ୍ଫୋରଣରେ ୫ ପୋଲିସ କମାଣ୍ଡୋ ନିହତ ହୋଇଥିଲାବେଳେ ୨୫ ଜଣ ଆହତ ହୋଇଥିବା ପ୍ରକାଶ। ଆହତଙ୍କ ମଧ୍ୟରେ ୪ ପୋଲିସ କର୍ମୀ ଗୁରୁତର ଥିବା ଜଣାପଡ଼ିଛି। ପଞ୍ଜାବ ଆଇଜିପି ଆରିଫ ନୱାଜ୍ କହିଛନ୍ତି ଯେ, ଏହି ଆତ୍ମଘାତୀ ବିସ୍ଫୋରଣରେ ୭ କେଜି ବିସ୍ଫୋରକ ବ୍ୟବହାର କରାଯାଇଥିଲା। ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ଥିବା ପଞ୍ଜାବ ଆଇନ ମନ୍ତ୍ରୀ ବଶରାତ୍ ରାଜା କହିଛନ୍ତି। ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏହି ବିସ୍ଫୋରଣକୁ ତୀବ୍ର ନିନ୍ଦା କରିଛନ୍ତି।

**[ଇତିହାସର ଆଇନାରେ]**

### ମେ ୯ର ପ୍ରମୁଖ ଘଟଣା

୨୦୧୨ ମେ ୯ରେ ଇଣ୍ଡୋନେସିଆର ପଶ୍ଚିମ ଜାଭାର ମାଉଣ୍ଟ ସଲକ୍‌ରେ ଏକ ସୁଖୋଇ ସୁପରଜେଟ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୪୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ମାଉଣ୍ଟ ସଲକ ହେଉଛି ପଶ୍ଚିମ ଜାଭାର ଏକ ଅବକ୍ଷୟପ୍ରାପ୍ତ ଆଗ୍ନେୟଗିରି। ସୁନ୍ଦାନିଜ୍ ପରମ୍ପରା ଅନୁଯାୟୀ, ସଂସ୍କୃତ ଶବ୍ଦ ସାଲାକରୁ ମାଉଣ୍ଟ ସଲକ ନାମକରଣ ହୋଇଛି। ସଲକର ଅର୍ଥ ‘ସିଲଭର’। ମାଉଣ୍ଟ ସଲକକୁ ସିଲଭର ମାଉଣ୍ଟେନ୍ ମଧ କୁହାଯାଏ।

୨୦୧୫ ମେ ୯ରେ ରୁଷିଆ ବିଜୟ ଦିବସର ୭୦ତମ ବାର୍ଷିକୀରେ ମସ୍କୋର ରେଡ ସ୍କୋୟାରରେ ଏକ ବଡ ଧରଣର ସାମରିକ ପରେଡ୍ କରାଯାଇଥିଲା। ଏହି ଦିନ ରୁଷ୍ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନୀ ଭାଷଣ ଦେଇଥିଲେ। ୧୯୪୫ ନାଜି ଜର୍ମାନୀ ବିରୋଧରେ ଯୁଦ୍ଧକରି ରୁଷିଆ ବିଜୟ ଲାଭ କରିବାର ସ୍ମାରକୀ ସ୍ୱରୂପ ଏହା ଆୟୋଜନ କରାଯାଇଥିଲା।

## ପରିବାର ସଦସ୍ୟଙ୍କୁ ହରାଇଲେ ୨୦୦ ପିଲା

କଲମ୍ବୋ,୮।୫(ପି.ଟି.)




**ଇଷ୍ଟର ବିସ୍ଫୋରଣ**

ଶ୍ରୀଲଙ୍କାରେ ଇଷ୍ଟର ପର୍ବରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ପ୍ରାୟ ୨୦୦ ପିଲା ସେମାନଙ୍କ ପରିବାର ସଦସ୍ୟଙ୍କୁ ହରାଇଛନ୍ତି। ଏକ ପ୍ରମୁଖ ଦାତବ୍ୟ ସଂଗଠନ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ରିପୋର୍ଟରୁ ଏହି ସୂଚନା ମିଳିଛି। କେତେକ ପରିବାର ଜୀବିକା ହରାଇଥିବାବେଳେ ସ୍ୱାଭାବିକ ଜୀବନ ବଞ୍ଚିବା ପାଇଁ ସେମାନଙ୍କ ପାଖରେ ଯଥେଷ୍ଟ ସଞ୍ଚୟ ନ ଥିବା କଲମ୍ବୋ ଭିତ୍ତିକ ଶ୍ରୀଲଙ୍କା ରେଡକ୍ରସ ସୋସାଇଟି (ଏସ୍‌ଏଲ୍‌ଆରସିଏସ୍) ପକ୍ଷରୁ କୁହାଯାଇଛି। ରବିବାର ଇଷ୍ଟର ପର୍ବ ପାଳନ ବେଳେ ୯ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ୩ଟି ଗିର୍ଜା ଏବଂ କେତେକ ବିଳାସମୟ ହୋଟେଲରେ ସିରିଜ ବିସ୍ଫୋରଣ ଘଟାଇବାରୁ ୨୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣ ପାଇଁ ଆଇଏସ୍ ନିଜକୁ ଦାୟୀ କରିଥିଲେ ହେଁ ଶ୍ରୀଲଙ୍କା ସରକାର ସ୍ଥାନୀୟ ଇସଲାମିକ୍ ଚରମପନ୍ଥୀ ଗୋଷ୍ଠୀ ନ୍ୟାଶନାଲ ଥହିଦ ଜମାଥ୍ (ଏନ୍‌ଟିଜେ)କୁ ଦାୟୀ କରିଆସୁଛନ୍ତି। ୫୦୦ରୁ ଅଧିକ ଲୋକ ଏଥିରେ ଆହତ ହୋଇଥିବାବେଳେ ଗୁରୁତର ଆହତ ବ୍ୟକ୍ତିଙ୍କର ୭୫ ପରିବାରର ଜୀବନ ଜୀବିକା ବାଧାପ୍ରାପ୍ତ ହୋଇପଡିଛି ବୋଲି ଏସ୍‌ଏଲ୍‌ଆରସିଏସ୍ ପକ୍ଷରୁ କୁହାଯାଇଛି।

### ମାଧବ ମେନନ୍‌ଙ୍କ ପରଲୋକ

ଥିରୁଭାନନ୍ତପୁରମ୍,୮।୫(ପି.ଟି.)

ଭାରତରେ ଆଧୁନିକ ଆଇନ ଶିକ୍ଷାର ଜନକ ଏନ.ଆର. ମାଧବ ମେନନ୍ (୮୪)ଙ୍କ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ପାଇଁ ସେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥଲେ। ମଙ୍ଗଳବାର ରାତି ୧୧ଟା ୩୦ରେ ସେ ଇହଧାମ ତ୍ୟାଗ କରିଥିବା ପରିବାର ସୂତ୍ରରୁ ସୂଚନା ମିଳିଛି। ତାଙ୍କର ସ୍ତ୍ରୀ ଏବଂ ଏକ ପୁଅ ଅଛନ୍ତି। ବୁଧବାର ଅପରାହ୍ନରେ ସମାଧିସ୍ଥଳ ଶାନ୍ତି କବଦମ୍‌ଠାରେ ମାଧବ ମେନନ୍‌ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ ହୋଇଛି। ମେନନ୍‌ଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିବା ସହିତ ପରିବାରକୁ ସମବେଦନା ଜଣାଇଛନ୍ତି।



## ‘ବ୍ରହ୍ମାସ୍ତ୍ର’ ପାଇଁ ପ୍ରସ୍ତୁତ ହେଉଛନ୍ତି ରଣବୀର

**ବର୍ଲିନ:** ଅଭିନେତା ରଣବୀର କପୁର ବର୍ତ୍ତମାନ ‘ବ୍ରହ୍ମାସ୍ତ୍ର’ ଶୁଟିଂ ପାଇଁ ଜର୍ମାନୀରେ ପ୍ରସ୍ତୁତି ଚଳାଇଛନ୍ତି। ସେ ସେଠିକାର ସାଂସ୍କୃତିକ ଗୋଷ୍ଠୀ ଆଇଡଲ୍ ପୋର୍ଟାଲଠାରୁ ତାଲିମ ଗ୍ରହଣ କରୁଛନ୍ତି। ରଣବୀର ତାଲିମ ଗ୍ରହଣ କରୁଥିବାର ଏକ ଭିଡିଓ ଫିଲ୍ମର ନିର୍ଦ୍ଦେଶକ ଆୟନ ମୁଖାର୍ଜୀ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ଏଥିରେ ରଣବୀରଙ୍କର ସହ–ଅଭିନେତ୍ରୀ ତଥା ତାଙ୍କ ଗର୍ଲଫ୍ରେଣ୍ଡ ଆଲିଆ ଭଟ୍ଟ ତାଲିମ କାର୍ଯ୍ୟକ୍ରମ ରେକର୍ଡିଂ କରୁଥିବା ଦେଖିବାକୁ ମିଳୁଛି। ଉକ୍ତ ଫିଲ୍ମ ଚଳିତବର୍ଷ ଡିସେମ୍ବରରେ ରିଲିଜ ହେବ ବୋଲି ଶୁଣାଯାଉଥିଲା। କିନ୍ତୁ ବୈଷୟିକ କାରଣ ପାଇଁ ଏହାର ରିଲିଜ୍ ଆଉ ୬ମାସ ବିଳମ୍ବ ହେବ। ତେବେ ଆସନ୍ତା ବର୍ଷ ଗ୍ରୀଷ୍ମଋତୁରେ ବ୍ରହ୍ମାସ୍ତ୍ର ରିଲିଜ ହେବ ବୋଲି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଧର୍ମ ପ୍ରଡକ୍‌ସନ୍ସ ପ୍ରାୟୋଜିତ ଉକ୍ତ ଫିଲ୍ମର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ ମେଗାଷ୍ଟାର ଅମିତାଭ ବଚ୍ଚନ।



## ନିର୍ଦ୍ଦେଶନା ମୋ ପାଇଁ ଏକ ଚ୍ୟାଲେଞ୍ଜ

'ମନେରହିବ ଏ ପ୍ରେମ କାହାଣୀ', 'ସନ୍ଦେହୀ ପ୍ରିୟତମା', 'ଖାସ୍ ତୁମରି ପାଇଁ', 'ମନ ମୋର ଯାଯାବର', 'ତୋ ସାଥେ ବନ୍ଧା ମୋ ଜୀବନ ଡୋରି', 'ଭକ୍ତ ଓ ଭଗବାନ' ଏବଂ 'ଜଗନ୍ନାଥଧାମ ପୁରୀ' ପରି ଓଡ଼ିଆ ସିନେମାରେ ତାଙ୍କୁ ଦେଖିବାକୁ ମିଳିଥିଲା ନିର୍ଦ୍ଦେଶକ ଭାବରେ। ଏପରି ହଟ୍ ସିଟ୍‌ରେ ବସିବା ପୂର୍ବରୁ ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଥାଆନ୍ତି ନାରାୟଣ ଘଡ଼େଇ। ଏ ବିଷୟରେ ସେ କହନ୍ତି, 'ସିନେମାଟିଏ ନିର୍ମାଣ କରିବା ତ ନିଶ୍ଚୟ ଏକ ରିସ୍କ ତା' ସହ ନିର୍ଦ୍ଦେଶନା ଦେବା ମଧ କିଛି ଛୋଟିଆ କଥା ନୁହେଁ। ଏ ପର୍ଯ୍ୟନ୍ତ ମୁଁ ଯେଉଁ କେତୋଟି ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦେଇଛି ସେଗୁଡ଼ିକୁ ଏକ ଚ୍ୟାଲେଞ୍ଜ ଭାବରେ ନେଇଛି। ହେଲେ ନିର୍ଦ୍ଦେଶକ ହେବା ପୂର୍ବରୁ ସେ ସମ୍ପର୍କିତ ସବିଶେଷ ଜ୍ଞାନ ଅର୍ଜନ କରିବା ନିହାତି ଦରକାର।' ନୟାଗଡ଼ ଜିଲା ଓଡ଼ଗାଁ ଅନ୍ତର୍ଗତ ନନ୍ଦିଘୋର ଗ୍ରାମରେ


ନାରାୟଣ ଘଡ଼େଇ

ନାରାୟଣଙ୍କ ଜନ୍ମ। ଭିଡିଓ ଆଲବମ୍‌ରୁ ତାଙ୍କର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ ହୋଇଥିଲା। ପାଖାପାଖି ୧୦୦ରୁ ଅଧିକ ଭିଡିଓ ଆଲବମ୍‌ର ନିର୍ଦ୍ଦେଶନା ଦେବା ସହ ୩୫ଟି ପ୍ରାମାଣିକ ଚଳଚ୍ଚିତ୍ର, ଧାରାବାହିକ, ସିଡୀ ଫିଲ୍ମର ନିର୍ଦ୍ଦେଶକ ସାଜି ସାରିଛନ୍ତି ନାରାୟଣ। ନିର୍ଦ୍ଦେଶନାକୁ କ୍ୟାରିୟର କରିବା ପଛରେ କ'ଣ କାରଣ ରହିଛି ପ୍ରଶ୍ନର ଉତ୍ତରରେ ସେ କହନ୍ତି, 'ଅନେକ କଥାକୁ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରି ଆଗେଇବାକୁ ପଡ଼ିଥାଏ। ମୋତେ ଯେତେବେଳେ ନିର୍ଦ୍ଦେଶନା ପରି ଦାୟିତ୍ୱ ତୁଲାଇବାକୁ କୁହାଗଲା, ସେତେବେଳେ ଏହାକୁ ହାଲ୍‌କା ଭାବରେ ନେଇ ନ ଥିଲି। ମୋ ନିର୍ଦ୍ଦେଶନା କିପରି ଅନ୍ୟମାନଙ୍କଠାରୁ ଭିନ୍ନ ହେବ ସେଥିପାଇଁ ଚେଷ୍ଟା ଜାରି ରଖିଛି। ଅସଲ କଥା ହେଲା ନିର୍ଦ୍ଦେଶନା ସମୟରେ ଦର୍ଶକଙ୍କୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ।'

# ଏ ମନ ଖୋଜୁଥାଏ ଯାହା..

କଥାରେ ଅଛି- ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଅର୍ଥାତ୍, ବେଳେବେଳେ ଖୋଜୁଥିବା ଜିନିଷ ହାତପାଆନ୍ତାରେ ମିଳିଯାଏ।


ଆରିଏନ୍-ରିୟା

ସେଭଳି ଏକ ସୁଯୋଗ ପାଇବା ପରେ ନବାଗତ ଆରିଏନ୍‌ଙ୍କ ମନ ଆକାଶରେ ଉଡୁଛି। ରିଲିଜ୍ ଅପେକ୍ଷାରେ ଥିବା 'ଯୋଗୀ-ହାଇ ଭୋଲ୍‌ଟେଜ ଡ୍ରାମା'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏଥିରେ ଏକ ରୋମାଣ୍ଟିକ୍ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ସେ। କିନ୍ତୁ ତାଙ୍କର ଦ୍ୱିତୀୟ ଫିଲ୍ମ 'ଯୋଉଠି ଥିଲେ ବି ତୁ ମୋର'ରେ ତାଙ୍କୁ ମିଳିଛି ଏକ ମନଲାଖି ଭୂମିକା। ଏ ସମ୍ପର୍କରେ ଆରିଏନ୍ କୁହନ୍ତି, 'ଏହି ଫିଲ୍ମରେ ମୁଁ ଜଣେ ବିଜ୍‌ନେସ୍‌ମ୍ୟାନ ଭୂମିକାରେ ଅଭିନୟ କରୁଛି। ଗୋଟିଏପଟେ ବିଜ୍‌ନେସ୍ ଅନ୍ୟପଟରେ ପ୍ରେମ- ଏହି ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ମୋତେ ତୁଲାଇବାକୁ ପଡୁଛି। ତା' ଭିତରେ ଘଟୁଥିବା ଘଟଣାକୁ ମୁଁ ସାହସର ସହ ସାମ୍ନା କରୁଛି। ଖାସ୍ କଥା ହେଲା, ଯେଉଁ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଫିଲ୍ମଟି ନିର୍ମିତ ହେଉଛି ତାହା ମୋତେ ବେଶ୍ ପ୍ରଭାବିତ କରିଛି। ଉଭୟ 'ଯୋଗୀ' ଏବଂ 'ଯୋଉଠି ଥିଲେ ବି ତୁ ମୋର'ର ଭୂମିକାକୁ ନେଇ ମୋର ଅନେକ ଆଶା ରହିଛି।' ଶ୍ରୀକାନ୍ତ ଗୌତମଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଯୋଉଠି ଥିଲେ ବି ତୁ ମୋର'ରେ ଆରିଏନ୍‌ଙ୍କ ବ୍ୟତୀତ ସମ୍ବିତ, ରିୟା, ବବି ମିଶ୍ର, ପୁପିନ୍ଦର, ଐଶ୍ୱର୍ଯ୍ୟା ବେହେରା ପ୍ରମୁଖ କଳାକାର ଅଭିନୟ କରୁଛନ୍ତି।

ନୂଆ ସିନେମା

## ମନ ମୟୂରୀ

ପ୍ରଗତି କ୍ରିଏଟିଭ୍ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ମନ ମୟୂରୀ'। ସାମ୍ବାଦିକତାକୁ କ୍ୟାରିୟର କରିଥିବା ଜଣେ ଯୁବକ ଚକ୍ରାନ୍ତର ଶିକାର ହୁଏ। ନିଜର ଅଭିସନ୍ଧି ପୂରଣ କରିବାକୁ ସେମାନେ ଏହି ସାମ୍ବାଦିକକୁ ହତ୍ୟା କରିବାକୁ ପଛାନ୍ତି ନାହିଁ। ଆଉ ତା'ପରେ ? ଭାଇର ହତ୍ୟା ଖବର ଶୁଣିବା ପରେ ପ୍ରତିଶୋଧ ପରାୟଣ ଭଉଣୀ ଆଗେଇ ଆସେ ପ୍ରତିଶୋଧ ନେବାକୁ। ଆଉ ତା' ଭିତରେ ନିଜ ମନର ମଣିଷ ପ୍ରେମରେ ପଡ଼ିଯାଏ। ଏଭଳି ବିଷୟବସ୍ତୁକୁ ଆଧାର କରି ପ୍ରସ୍ତୁତ ହୋଇଛି ଏହି ଚଳଚ୍ଚିତ୍ର। କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ରୁଦ୍ରନାରାୟଣ ମହାନ୍ତି। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସତ୍ୟଜିତ୍, ବୁଲ୍‌ଟି, ରୁଦ୍ର, ପାର୍ଥ, ଅନିଲ, ଅଶ୍ରୁମୋଚନ, ତୃପ୍ତି ସିହ୍ନା, ଅକ୍ଷୟ ବଡ଼ିଆ, ଥିନ୍, ବାବୁ ପ୍ରଧାନ, କୈଳାସ, ରାଜକୁମାର, ରଞ୍ଜନ, ଅଶୋକ, ପ୍ରଦୀପ, ଜ୍ୟୋତି ପ୍ରମୁଖ କଳାକାର। ଓଡ଼ିଶା ବ୍ୟତୀତ, ଭାରତର ବିଭିନ୍ନ ସ୍ଥାନରେ ଏହାର ଶୁଟିଂ କରାଯାଇଛି।

## ଡବଲ ମଜା

ସାରା ଅଲ୍ଲୀ ଖାଁ ଏବେ ଆମେରିକାରେ ଡେରା ପକାଇଛନ୍ତି। କାହିଁକି ନା, ସେ ଅଭିନୟ କରୁଥିବା 'କୁଲି ନଂ-୧' (ରିମେକ୍)ର ଶୁଟିଂ ସେଠାରେ ଚାଲିଛି। ହେଲେ ସେଠାରେ ତାଙ୍କର ଦୁଇଟି କାମ ଏକାଥରେ ଚାଲିଛି। ଶୁଟିଂକୁ ବାଦ୍ ଦେଲେ ସେଠାକାର ଟୁରିଷ୍ଟ ସ୍ଥାନ ବୁଲି ଦେଖୁଛନ୍ତି। ହେଲେ ଏକୁଟିଆ ନୁହେଁ। ତାଙ୍କୁ ଏଥିରେ କମ୍ପାନୀ ଦେବାକୁ ୪-୫ଜଣ ସାଙ୍ଗ ମଧ ତାଙ୍କ ସହ ଅଛନ୍ତି। 'ଏଠାରେ ମୋତେ ଯେତେବେଳେ ସମୟ ମିଳୁଛି ଦର୍ଶନୀୟ ସ୍ଥାନ ବୁଲି ଦେଖୁଛି। ମୋ ସହ ମୋର ୪-୫ଜଣ ସାଙ୍ଗ ମଧ ବୁଲିବାର ମଜା ନେଉଛନ୍ତି। ଏହି ଫିଲ୍ମରେ ମୋତେ ଏକ ଡିଫରେଣ୍ଟ ରୋଲ୍ ମିଳିଛି। ଏଥିରେ ମୋ କୋ-ଆର୍ଟିଷ୍ଟ ବରୁଣ ବେଶ୍ କୋଅପରେଟିଭ। ତାଙ୍କ ସହ କାମ କରିବାର ମଜା ହିଁ ଅଲଗା।' ସୂଚନାଯୋଗ୍ୟ, ଡେଭିଡ ଧାୱନଙ୍କ ନିର୍ଦ୍ଦେଶିତ 'କୁଲି ନଂ-୧' ସେ ସମୟରେ ସୁପରହିଟ୍ ହୋଇଥିଲା ଏବଂ ଏହାର ଲିଡ୍ ରୋଲ୍‌ରେ ଗୋବିନ୍ଦାଙ୍କ ସହ ଅଭିନୟ କରିଥିଲେ କରିସ୍ମା କପୁର।

## ଚ୍ୟାଲେଞ୍ଜ ଦେବେ ଶ୍ରେୟାନ

ନବାଗତ ଶ୍ରେୟାନ। ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ସେଲଫିସ୍ ଦିଲ୍'ରୁ ସେ ନିଜ ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ଆଉ ଓଡ଼ିଆ ସିନେମାରେ ଲମ୍ବା ଇନିଂସ ଖେଳିବାକୁ ଆଶା ରଖିଛନ୍ତି ସେ। ଏହି ନବାଗତଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ସେୟାର କରୁଛନ୍ତି ବୁଲବୁଲି ନାୟିକା ସୂର୍ଯ୍ୟମୟୀ। 'ସେଲଫିସ୍ ଦିଲ୍'ରେ ଶ୍ରେୟାନ ଜଣେ ନଟିବୟ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। ଏହା ପୂର୍ବରୁ ସୂର୍ଯ୍ୟମୟୀ 'ଭଲ ପାଏ ତତେ ୧୦୦ରୁ ୧୦୦', 'ଆଖି ଖୋଲିଦେଲେ ତୁ : ତୁ ହି ତୁ', 'ଶକ୍ତି', 'କ୍ରିଷ୍ଣା-ଦ ଷ୍ଟୋରି ଅଫ୍ ଏ ଡ୍ୟାନ୍ସର'ରେ ସେ ଅଭିନୟ କରିସାରିଛନ୍ତି ଏବଂ ତାଙ୍କ ଅଭିନୀତ 'କ୍ରେଜି-୪' ରିଲିଜ ଅପେକ୍ଷାରେ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ବସନ୍ତ ସାହୁ।


ଶ୍ରେୟାନ-ସୂର୍ଯ୍ୟମୟୀ

ଅପେରା ହାଲ୍‌ଚାଲ୍



## ସଫଳ ଯୋଡ଼ି ପୁନା-ନମିତା

ଥରେ ମନେ ପକାନ୍ତୁ ନା ହିଟ୍ ନାଟକ 'ଦୁନିଆ କହିବ କିଏ ମୋ ସ୍ୱାମୀ' (ଡ. ପ୍ରଦୀପ-ଗୌରୀ), ଗୁପ୍ତ ସମ୍ପର୍କ (ଆଲୋକ-ପ୍ରାଚୀ), ମନେ ରଖିଛ ନା ଭୁଲି ଯାଇଛ (ତନ୍ମୟ-ପୂରବୀ), ରାଜଧାନୀ ଗୋରୀ ନୁହେଁ କାହାରି (ସୁବ୍ରତ-ପ୍ରିୟଙ୍କା)କୁ। ଅପେରା ବିଶ୍ୱଦରବାର ଦ୍ୱାରା ପରିବେଷିତ ଏହି ନାଟକଗୁଡ଼ିକରେ ଉଲ୍ଲେଖ କରାଯାଇଥିବା ଚରିତ୍ରରେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲେ ଜଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ ଯୋଡ଼ି ପୁନା-ନମିତା। ବର୍ତ୍ତମାନ ଏହି ଯୋଡ଼ି ଧଉଳି ଗଣନାଟ୍ୟରେ ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେଉଛନ୍ତି। ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ଏହି ଯୋଡ଼ି ନିଜର ଅଭିନୟ ଦକ୍ଷତା ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ୨୦୦୪ରୁ ଆରମ୍ଭ ହୁଏ ନମିତାଙ୍କ ଅଭିନୟ କ୍ୟାରିୟର। 'କାଖରେ କଳସୀ ମୁଣ୍ଡରେ ଗରା', 'ଫୁଲେଇ ଜହ୍ନ', 'ଧନରେ ଗେଲ କରିବାକୁ ମନ' ଆଦି ନାଟକ ତାଙ୍କୁ ବେଶ୍ ଅନୁପ୍ରେରିତ କରିଥିଲା ଅଭିନୟକୁ କ୍ୟାରିୟର କରିବାକୁ। ୧୦ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କୁ ଅଭିନୟ କରିବାର ସୁଯୋଗ ମିଳିଥିଲା। ଅପରପକ୍ଷରେ ବାଘାଯତିନ ଲୋକନାଟ୍ୟ ପରିବେଷିତ ନାଟକ 'ଧରମ ଭାଇ'ରୁ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ପୁନା। ତା'ପରେ 'ଅଦେଖା ଲୁହ', 'ତୋ ଲାଗି ଗୋପଦାଣ୍ଡ ମନା, 'ଅଗ୍ନି ପରୀକ୍ଷା', 'ଭାରତରେ ପୁଣି ମହାଭାରତ', 'ମୁଖ୍ୟମନ୍ତ୍ରୀ ଜିନ୍ଦାବାଦ', 'ପରଦେଶୀ ମେଘ', 'ସଉତୁଣୀ' ପରି ନାଟକରେ ପୁନାଙ୍କ ନିଆରା ଅଭିନୟ ସ୍ପଷ୍ଟ ବାରି ହୋଇପଡ଼ିଥାଏ। ପାର୍ବତୀ ଗଣନାଟ୍ୟର ନାଟକ 'କହିଲେ ତତେ ତୁ ଝୁରିବୁ ମୋତେ'ରେ ପ୍ରଥମ ଥର ପାଇଁ ଏହି ଯୋଡ଼ିକୁ ଦେଖିବାକୁ ମିଳିଥିଲା। ତା'ପରେ ସଉତୁଣୀ, ନାଁ ଦେବେ ଆପଣ, ବନ୍ଧୁ ପ୍ରେମେ ବନ୍ଧା ପଡ଼ିଛି ଏବଂ ବିଶ୍ୱ ରଙ୍ଗମହଲ ପରିବେଷିତ 'ସ୍ୱାମୀମାନେ ସାବଧାନ' ଆଦି ନାଟକ ଏହି ଯୋଡ଼ିକୁ ଆହୁରି ଲୋକପ୍ରିୟ କରାଇ ପାରିଥିଲା।

## ଅ|ତୀ|ତ|ରୁ|

❖ତତେ କିଏ କଲା ବନଚାରୀରେ ଜଟାଧାରୀ, ଆହେ ଦୁଃଖହାରୀ ମୋ ଦୁଃଖ କିଏ ହରିବ, ରାମ ଯିବେ ବନବାସ- ଗୀତଟିର ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର ଆଉ ଚଳଚ୍ଚିତ୍ରଟି ଥିଲା 'ରାମାୟଣ'। ଧୀର ବିଶ୍ୱାଳଙ୍କ ପ୍ରଯୋଜିତ ଏହି ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଶୁଭ୍ରା ପତି, ଧୀର ବିଶ୍ୱାଳ ପ୍ରମୁଖ କଳାକାର। ଫିଲ୍ମର ସମସ୍ତ ଗୀତ ସେ ସମୟରେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା।

❖ଅଜିତ ଦାସ-ମହାଶ୍ୱେତା ରାୟଙ୍କୁ ନେଇ ନିର୍ମିତ ହୋଇଥିଲା ବୃନ୍ଦାବନ ଜେନାଙ୍କ ନିର୍ଦ୍ଦେଶିତ 'ବାଟ ଅବାଟ'। ନାୟକ ଭୂମିକାରେ ଅଭିନୟ କରିଥିଲେ ଅଜିତ ଦାସ ଏବଂ ଏଥିରେ ତାଙ୍କର ନାୟିକା ସାଜିଥିଲେ ମହାଶ୍ୱେତା ରାୟ।

❖ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ।

❖ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଅଭିନୟ କରିଥିଲେ। ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି।

❖ଓଡ଼ିଆ ସିନେମା 'କାଚଘର'ର ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ। ସୁରେଶ, ଜ୍ୟୋସ୍ନା, ବିନୋଦ, ବିନି ଆଦି କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

## ବକ୍ସିଂ ପ୍ରିୟ ରଫି

ହିନ୍ଦୀ ସଙ୍ଗୀତ ଜଗତର ଅନ୍ୟତମ ସ୍ମରଣୀୟ ଗାୟକ ହେଲେ ମହମ୍ମଦ ରଫି। ସେ ଗାଇଥିବା ଗୀତଗୁଡ଼ିକ କାଳଜୟୀ ହୋଇ ରହିଛି। ଏବେ ମଧ ଅନେକ ଯୁବପିଢ଼ୀ ତାଙ୍କର ସେହି ଅଭୁଲା ଗୀତଗୁଡ଼ିକୁ ଗୁଣୁଗୁଣେଇ ଥାଆନ୍ତି। ସଙ୍ଗୀତକୁ ଜୀବନର ଅନ୍ୟତମ ଅଙ୍ଗ ଭାବରେ ଗ୍ରହଣ କରିନେଇଥିଲେ ସେ। ହେଲେ ବକ୍ସିଂ ଦେଖିବାକୁ ଭାରି ଭଲ ପାଉଥିଲେ ସେ। ଥରେ ସେ ଚିକାଗୋ ଯାଇଥାଆନ୍ତି। ସେଠାରେ ବିଶ୍ୱର ଅନ୍ୟତମ ନାମୀ ବକ୍ସର ମହମ୍ମଦ ଅଲ୍ଲୀଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କଲେ। କିନ୍ତୁ ଏକଥା ଯେତେବେଳେ ମହମ୍ମଦଙ୍କ କାନରେ ପଡ଼ିଲା ରଫି ତାଙ୍କୁ ଭେଟିବାକୁ ଯିବେ କ'ଣ, ସ୍ୱୟଂ ନିଜେ ଆସି ରଫି ରହୁଥିବା ହୋଟେଲରେ ପହଞ୍ଚିଲେ। ପାଖରେ ମହମ୍ମଦଙ୍କୁ ପାଇ ଖୁସିରେ ଉଛୁଳି ଉଠିଥିଲେ ରଫି।

## ସଂକ୍ଷେପରେ

### ଆର୍‌କମ୍‌ ବିରୋଧରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ




ନୂଆଦିଲ୍ଲୀ,୮-୫: ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍‌) ଉପରେ ଏବେ ୫୦ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ଏହି କାରଣରୁ ଦେବାଳିଆ ଆଇନ(ଆଇବିସି) ଅଧୀନରେ ଦେବାଳିଆ ପ୍ରକ୍ରିୟା ଆରମ୍ଭ କରିବାକୁ କମ୍ପାନୀ ପକ୍ଷରୁ ଦିଆଯାଇଥିବା ଆବେଦନକୁ ଗ୍ରହଣ କରିନିଆଯାଇଛି। ଫଳରେ ଏବେ ଆର୍‌କମ୍‌ ବିରୋଧରେ ଉକ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଫଳରେ ଏହି କମ୍ପାନୀ ଉପରେ ଏବେ ଅନିଲଙ୍କ ଆଉ ନିୟନ୍ତ୍ରଣ ରହିବ ନାହିଁ। ନ୍ୟାଶନାଲ କମ୍ପାନୀ ଲ'ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ଙ୍କ ଦ୍ୱାରା ନିଯୁକ୍ତ ରିଜଲ୍ୟୁଶନ ପ୍ରଫେସନାଲ ହିଁ କମ୍ପାନୀର ଦୈନନ୍ଦିନ କାର୍ଯ୍ୟକଳାପ ପରିଚାଳନା କରିବେ। ପ୍ରାୟ ୩୧ ବ୍ୟାଙ୍କ ଆର୍‌କମ୍‌ଠାରୁ ଉକ୍ତ ପରିମାଣ ଋଣ ଟଙ୍କା ଫେରସ୍ତ ପାଇବେ। କମ୍ପାନୀ ସବୁଠାରୁ ଅଧିକ ଋଣ ଭାରତୀୟ ଷ୍ଟେଟ୍‌ ବ୍ୟାଙ୍କ(ଏସ୍‌ବିଆଇ)ଠାରୁ ନେଇଛି। ରିଜଲ୍ୟୁଶନ ପ୍ରଫେସନାଲ ଚୟନ ନେଇ ରିଲାଏନ୍ସ ପକ୍ଷରୁ ଗତ ୩ରେ ଏକ ବୈଠକ ବସିଥିଲା। ଏନ୍‌ସିଏଲ୍‌ଟିର ମୁମ୍ବାଇ ବେଞ୍ଚରେ ଏହି ମାମଲା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୦ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ଋଣରେ ବୁଡ଼ିଯାଇଥିବା ଆର୍‌କମ୍‌ର ପରିଚାଳନା ୨ ବର୍ଷ ପୂର୍ବରୁ ବନ୍ଦ ହୋଇଯାଇଛି। କମ୍ପାନୀର ସ୍ପେକ୍ଟ୍ରମ ଏବଂ ଅନ୍ୟ ସମ୍ପତ୍ତିକୁ ଅନିଲ ତାଙ୍କ ବଡ଼ ଭାଇ ମୁକେଶ ଅମ୍ବାନୀଙ୍କୁ ବିକ୍ରି କରିବାକୁ ଚାହୁଁଥିଲେ। ତେବେ ବିଭିନ୍ନ କାରଣରୁ ଏହି ଡିଲ୍‌ ହୋଇପାରିନି। ଋଣ ଦେଇଥିବା ବ୍ୟାଙ୍କଗୁଡ଼ିକ ପକ୍ଷରୁ ରିଜଲ୍ୟୁଶନ ପ୍ରଫେସନାଲ ନିଯୁକ୍ତ କରିବା ନେଇ ଏନ୍‌ସିଏଲ୍‌ଟି କୋର୍ଟରେ ଆବେଦନ କରାଯାଇଛି।

> ଟାଟା କମ୍ୟୁନିକେଶନ୍ସର ଡାଟା ବ୍ୟବସାୟ ବୃଦ୍ଧି ପାଉଥିବାରୁ କମ୍ପାନୀର ଅଭିବୃଦ୍ଧି ଜୋର୍‌ଦାର ହେଉଛି।
>
> – ବିନୋଦ କୁମାର, ସିଇଓ ତଥା ଏମ୍‌ଡି, ଟାଟା କମ୍ୟୁନିକେଶନ୍ସ



> ଦେଶର ଚିନି ଶିଳ୍ପ ଅଧିକ ଉତ୍ପାଦନର ମାଡ଼ ସହିଚାଲିଛି। ଏହି କାରଣରୁ ଇଆଇଡି ପ୍ୟାରୀର ଲାଭ ପ୍ରଭାବିତ ହୋଇଛି।
>
> –ଏସ୍‌. ସୁରେଶ, ଏମ୍‌ଡି, ଇଆଇଡି ପ୍ୟାରୀ



# ଜିଡିପି ଡାଟାକୁ ନେଇ ପ୍ରଶ୍ନବାଚୀ

ନୂଆଦିଲ୍ଲୀ,୮-୫

ଗତ କିଛି ମାସ ହେବ ଭାରତର ଜିଡିପି ଡାଟାକୁ ନେଇ ପ୍ରଶ୍ନ ଉଠିଛି। ନିକଟରେ ଆର୍‌ବିଆଇର ପୂର୍ବତନ ଗଭର୍ନର ରଘୁରାମ ରାଜନ, ଆଇଏମ୍‌ଏଫ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥଙ୍କ ସମେତ ଦେଶବିଦେଶର ଶତାଧିକ ଅର୍ଥନୀତିଜ୍ଞ ଏ ନେଇ ପ୍ରଶ୍ନ ଉଠାଇସାରିଛନ୍ତି। ଏବେ ଖୋଦ୍‌ ସରକାରଙ୍କ ଅଧୀନ ଏଜେନ୍ସି ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ୍‌(ଏନ୍‌ଏସ୍‌ଏସ୍‌ଓ) ଏହାକୁ ନେଇ ପ୍ରଶ୍ନ ଉଠାଇଛି।

ମିଡିଆରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏନ୍‌ଏସ୍‌ଏସ୍‌ଓ ଜୁଲାଇ ୨୦୧୬ରୁ ଜୁନ, ୨୦୧୭ ପର୍ଯ୍ୟନ୍ତ ଡାଟାକୁ ବିଶ୍ଳେଷଣ କରିଥିଲା। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଏମ୍‌ସିଏ-୨୧ ଡାଟାବେସ୍‌ର ୩୬ ପ୍ରତିଶତ କମ୍ପାନୀଙ୍କ କୌଣସି ଖୋଜ୍‌ ଖବର ନାହିଁ। ଅର୍ଥାତ୍‌ ଏଗୁଡ଼ିକ ଭୂତ କମ୍ପାନୀ ବା ସେଲ୍‌ କମ୍ପାନୀ। ଉଲ୍ଲେଖ କରାଯାଇପାରେ ଯେ, ଏମ୍‌ସିଏ-୨୧ର ଡାଟାବେସ୍‌ରେ ଥିବା କମ୍ପାନୀଙ୍କୁ ଭିତ୍ତି କରି ଦେଶର ଜିଡିପି ହାର ହିସାବ କରାଯାଏ। ମିଡିଆ ରିପୋର୍ଟରେ ଦାବି କରାଯାଇଛି ଯେ, କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଏହି ଭୂତ କମ୍ପାନୀଙ୍କୁ ସକ୍ରିୟ କମ୍ପାନୀ ତାଲିକାଭୁକ୍ତ କରିଛି। ଗତ ୩ ବର୍ଷ ଭିତରେ ଅତିକମ୍‌ରେ ଥରଟିଏ ରିଟର୍ନ ଦାଖଲ କରିଥିବା କମ୍ପାନୀଙ୍କୁ ସକ୍ରିୟ କମ୍ପାନୀ ତାଲିକାରେ ରଖାଯାଇଥାଏ। ମୁମ୍ବାଇର ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍‌ ଅଫ୍‌ ଡେଭଲପ୍‌ମେଣ୍ଟ ରିସର୍ଚ୍ଚର ପ୍ରଫେସର ଆର୍‌.ନାଗରାଜ କହିଛନ୍ତି ଯେ, ସାରା ବିଶ୍ୱରେ ଭରସାଯୋଗ୍ୟ ସଂସ୍ଥା ଭାବେ ପରିଚିତ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପାଇଁ ଏନ୍‌ଏସ୍‌ଏସ୍‌ଓର ତଥ୍ୟ ଏକ ବଡ଼ ଝଟ୍‌କା କୁହାଯାଇପାରେ। ସୂଚନାଯୋଗ୍ୟ ଯେ, ଏମ୍‌ସିଏ-୨୧କୁ ବ୍ୟବହାର କରି କେନ୍ଦ୍ର ସରକାର ୨୦୧୫ରେ ନୂଆ ଜିଡିପି ଡାଟା ସିରିଜ ଆରମ୍ଭ କରିଥିଲେ। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟରୁ ସିଏସ୍‌ଓ ଏହାକୁ ହାସଲ କରିଥିଲା। ଏହି ବିବାଦ ଉପରେ ପ୍ରଶ୍ନ ଉଠାଇ ଏନ୍‌ଏସ୍‌ଏସ୍‌ଓ ମୁଖ୍ୟ ପି.ସି.ମୋହନନ କହିଛନ୍ତି ଯେ, ଏମ୍‌ସିଏ-୨୧ର ଡାଟାବେସ୍‌ର କୌଣସି ଯାଞ୍ଚ କରାଯାଇନାହିଁ, ଯାହା ଅତ୍ୟାବଶ୍ୟକ ଥିଲା। ଉଲ୍ଲେଖ କରାଯାଇପାରେ ଯେ, ଇଏ ସେହି ମୋହନନ ଯିଏ କି, ଦେଶର ନିଯୁକ୍ତି ରିପୋର୍ଟକୁ ଚପାଇ ଦେବା ଅଭିଯୋଗ କରି ୨୦୧୮ ଡିସେମ୍ବରରେ ରାଷ୍ଟ୍ରୀୟ ପରିସଂଖ୍ୟାନ ଆୟୋଗ(ଏନ୍‌ଏସ୍‌ସି)ରୁ ଇସ୍ତଫା ଦେଇଥିଲେ। ୨୦୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଜିଡିପିର ବେସ୍‌ ଇୟର ଅର୍ଥାତ୍‌ ଆଧାର ବର୍ଷକୁ ସଂଶୋଧିତ କରିଥିଲେ। ଆଧାର ବର୍ଷକୁ ୨୦୦୪-୦୫ରୁ ବଢ଼ାଇ ୨୦୧୧-୧୨ କରି ଦିଆଯାଇ ନୂଆ ଜିଡିପି ତଥ୍ୟ ପ୍ରକାଶ କରାଯାଇଥିଲା।

**ଅର୍ଥନୀତିଜ୍ଞଙ୍କ ପରେ ପ୍ରଶ୍ନ ଉଠାଇଲା ଏନ୍‌ଏସ୍‌ଏସ୍‌ଓ**

- ଭୂତ କମ୍ପାନୀଙ୍କୁ ନେଇ ତିଆରି ହୋଇଛି ଜିଡିପି ତଥ୍ୟ
- ଜୁଲାଇ ୨୦୧୬ରୁ ଜୁନ, ୨୦୧୭ ପର୍ଯ୍ୟନ୍ତ ଡାଟା ବିଶ୍ଳେଷଣ କରାଯାଇଥିଲା
- ଏମ୍‌ସିଏ-୨୧ ଡାଟାବେସ ଆଧାରରେ ଜିଡିପି ହାର ପ୍ରସ୍ତୁତ ହୁଏ
- ଏମ୍‌ସିଏ-୨୧ ଡାଟାବେସ୍‌ରେ ରହିଛି ୩୬% ଭୂତ କମ୍ପାନୀ




## ବାତିଲ ରେଳ ଟିକେଟ ବାବଦରେ ମିଳିଲା ୩୩ ଟଙ୍କା

ଜୟପୁର,୮-୫

କଥାରେ ଅଛି ଜିଦ୍‌ ଆଗରେ ହାର୍‌ ମାନେ ଦୁନିଆ। ଏହା ପ୍ରମାଣ କରିଛନ୍ତି କୋଟାସ୍ଥିତ ଜଣେ ଇଞ୍ଜିନିୟର। ଭାରତୀୟ ରେଳୱେ ସହିତ ୨ ବର୍ଷର ଆଇନଗତ ଲଢ଼େଇ ପରେ ସେ ଟିକେଟ ବାତିଲ ଯୋଗୁ ଦେଇଥିବା ସର୍ଭିସ ଟିକସ ବାବଦରେ ୩୩ ଟଙ୍କା ଫେରସ୍ତ ପାଇବାରେ ସଫଳ ହୋଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ, ସୁଜିତ ସ୍ୱାମୀ(୩୦) ନାମକ ଜଣେ ଇଞ୍ଜିନିୟର କୋଟା-ଦିଲ୍ଲୀ ଟ୍ରେନରେ

**୨ବର୍ଷର ଆଇନଗତ ଲଢ଼େଇ**

ଜୁଲାଇ ୨, ୨୦୧୭ରେ ଯାତ୍ରା କରିବା ଲାଗି ସେହିବର୍ଷ ଏପ୍ରିଲରେ ୭୬୫ ଟଙ୍କା ଦେଇ ଟିକେଟ କାଟିଥିଲେ। କିନ୍ତୁ ଏହା ୱେଟିଂ ଲିଷ୍ଟରେ ଥିବାରୁ ସେ ନିରାଶ ହୋଇ ଏହାକୁ ପରେ ବାତିଲ କରିଦେଇଥିଲେ। ରେଳୱେ ପକ୍ଷରୁ ତାଙ୍କୁ ଟିକେଟ ବାବଦରେ ୬୬୫ ଟଙ୍କା ଫେରସ୍ତ ଦିଆଯାଇଥିଲା। ୱେଟିଂ ତାଲିକାରେ ଥିବା ଟିକେଟ ପାଇଁ ରେଳୱେ ତାଙ୍କଠାରୁ ୧୦୦ ଟଙ୍କା କାଟି ନେଇଥିଲା। ତେବେ ନିୟମ ଦୃଷ୍ଟିରୁ ୬୫ ଟଙ୍କା କାଟିବା କଥା। ବାତିଲ ଟିକେଟର ଜିଏସ୍‌ଟି ସର୍ଭିସ ଟ୍ୟାକ୍ସ ବାବଦରେ ସ୍ୱାମୀ ୩୫ ଟଙ୍କା ଫେରି ପାଇବା ଲାଗି ଆଇଆରସିଟିସି ସହ ଆଇନଗତ ଲଢ଼େଇ ଆରମ୍ଭ କରିଥିଲେ। ଏ ସମ୍ପର୍କରେ ସ୍ୱାମୀ କହିଛନ୍ତି ଯେ, ଦେଶରେ ଜିଏସ୍‌ଟି ଲାଗୁ ହେବା ପୂର୍ବରୁ ସେ ଟିକେଟ କାଟି ଏହାକୁ ବାତିଲ କରିଥିଲେ। ସର୍ଭିସ ଟ୍ୟାକ୍ସ ନିୟମ ନେଇ ସେ ଆର୍‌ଟିଆଇର ସହାୟତା ନେଇଥିଲେ। ତାଙ୍କଠାରୁ କ୍ଲରିକାଲ ଚାର୍ଜ ବାବଦରେ ୬୫ ଟଙ୍କା ଏବଂ ସର୍ଭିସ ଟ୍ୟାକ୍ସ ବାବଦରେ ୩୫ ଟଙ୍କା କଟାଯାଇଥିବା ଦର୍ଶାଯାଇଥିଲା।

### ଅର୍ଥ କମିଶନଙ୍କୁ ଚେତାଇଲା ଆର୍‌ବିଆଇ

## ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ବିଗିଡିବ

ମୁମ୍ବାଇ,୮-୫

ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଶୀର୍ଷ ଅଧିକାରୀଗଣ ବୁଧବାର ପଞ୍ଚଦଶ ଅର୍ଥ କମିଶନଙ୍କୁ ଏଠାରେ ଭେଟିଛନ୍ତି। କୃଷି ଋଣ ଛାଡ଼, ଆୟ ସହାୟକ ଯୋଜନା ଏବଂ ଶକ୍ତି ଯୋଗାଣ କମ୍ପାନୀଙ୍କୁ ସହାୟତା ଦେବା ବାବଦରେ ଉଦୟ ବଣ୍ଡ ଜାରି ଭଳି ସାମାଜିକ ପଦକ୍ଷେପ ଗ୍ରହଣ ଯୋଗୁ ଆଗକୁ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ବିଗିଡ଼ିଯିବ ବୋଲି ଆର୍‌ବିଆଇ ଆଲୋଚନା କାଳରେ ଚେତାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏ ସମ୍ପର୍କରେ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଆର୍ଥିକ ବର୍ଷ ୨୦୧୯ରେ କେତେକ କାରଣ ଯୋଗୁ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଆହୁରି ବିଗିଡିଯିବ। ସୂଚନାଥାଉ କି, କଂଗ୍ରେସ ୩ ରାଜ୍ୟରେ କ୍ଷମତାକୁ ଫେରିବା ପରେ କୃଷି ଋଣ ଛାଡ଼ ଘୋଷଣା କରିଥିଲା। ସେହିପରି କେନ୍ଦ୍ର ସରକାର ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କୃଷକଙ୍କ ପାଇଁ ଆର୍ଥିକ ପ୍ୟାକେଜ ଘୋଷଣା କରି ସହାୟତା ପ୍ରଦାନ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଦେଶର ତଥା ରାଜ୍ୟଗୁଡ଼ିକର ବିତ୍ତୀୟ ନିଅଣ୍ଟ ପରିମାଣ ବହୁମାତ୍ରାରେ ବଢ଼ିଯିବ ବୋଲି ଆର୍‌ବିଆଇ ସ୍ପଷ୍ଟ କରିଛି। ସୁଧ ହାର କମିବା ସତ୍ତ୍ୱେ ରାଜ୍ୟଗୁଡ଼ିକର ଋଣ-ଜିଡିପି ହାର ବୃଦ୍ଧି ପାଇବାରେ ଲାଗିଛି ବୋଲି ରିଜର୍ଭ ବ୍ୟାଙ୍କ ଅର୍ଥ କମିଶନକୁ ଜଣାଇଛନ୍ତି।

## ରମଜାନ ମାସରେ ବଜାରରୁ ଗାଏବ ରୁହ୍‌ ଅଫ୍‌ଜା

ନୂଆଦିଲ୍ଲୀ,୮-୫



ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହୋଇଯାଇଥିବା ବେଳେ ମୁସଲମାନଙ୍କ ପବିତ୍ର ପର୍ବ ରମଜାନ ଆରମ୍ଭ ହୋଇଗଲାଣି। ଅଥଚ ସବୁରି ପ୍ରିୟ ହମ୍‌ଦର୍ଦ୍ଦ କମ୍ପାନୀର ରୁହ୍‌ ଅଫ୍‌ଜା ବଜାରରୁ ଗାଏବ ହୋଇଯାଇଛି। ଏହାକୁ ନେଇ ଏବେ ସୋସିଆଲ ମିଡିଆରେ ଆରମ୍ଭ ହୋଇଯାଇଛି ବେଶ୍‌ ଚର୍ଚ୍ଚା। କାହିଁକି ଗାଏବ ହୋଇଛି, ଏହା କେହି ଜାଣିନାହାନ୍ତି। କାହାରି ନିକଟରେ ଏହାର ଜବାବ ନାହିଁ। ହମଦର୍ଦ୍ଦର ରୁହ୍‌ ଅଫ୍‌ଜା ପ୍ରତି ଆକର୍ଷିତ ବ୍ୟକ୍ତିବିଶେଷ ମାସକ ଆଗରୁ ଏକଥା ବିଶ୍ୱାସ କରୁ ନ ଥିଲେ ଯେ, ଏହି ଲୋକପ୍ରିୟ ହର୍ବାଲ ପାନୀୟ ଏବେ ବଜାରରେ ଉପଲବ୍ଧ ହେଉନି। ୧୯୦୬ରୁ ଦେଶରେ ଏହି ପାନୀୟ ବିକ୍ରି ଆରମ୍ଭ ହୋଇଥିବା ବେଳେ ଚଳିତବର୍ଷ ପ୍ରଥମଥର ଏହା ବଜାରରେ ବିକ୍ରି ହେଉ ନାହିଁ। ଏହାକୁ ଗୁଜବ କହୁଥିବା ଲୋକେ ବଜାରକୁ ଯାଇ ପ୍ରମାଣ ପାଇସାରିଛନ୍ତି। ଏହି ପାନୀୟ କାହିଁକି ବଜାରକୁ ଆସୁନି ତାହା ଜାଣି ନ ପାରି ଦୋକାନୀ ମଧ୍ୟ ବେଶ୍‌ ଚିନ୍ତିତ ଓ ବ୍ୟତିବ୍ୟସ୍ତ। କମ୍ପାନୀ ପକ୍ଷରୁ ପ୍ରଥମେ ମେଶିନ ଖରାପ ଥିବା ସୂଚନା ଦିଆଯିବା ପରେ ପାନୀୟରେ ମିଶୁଥିବା କେତେକ ହର୍ବାଲ ପଦାର୍ଥ ବିଦେଶରୁ ଆମଦାନୀ ହୋଇପାରୁନି ବୋଲି କୁହାଯାଉଛି। ଏହି କାରଣରୁ ଏହାର ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବା ମୁଖପାତ୍ର କହୁଥିବା ବେଳେ ପ୍ରକୃତ କାରଣ ଜଣାପଡୁନାହିଁ। ତେବେ କମ୍ପାନୀର ମାଲିକାନା ଦାବିକୁ ନେଇ ଲଢ଼େଇ କାରଣରୁ ଏହି ଜନପ୍ରିୟ ପାନୀୟ ଉତ୍ପାଦନ ବନ୍ଦ ରହିଛି ବୋଲି କୁହାଯାଉଛି।

STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA

ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା

**NOTICE**

**No.KK-05:-** In view of the after effects of the cyclonic storm "FANI", all the Diploma examinations under SCTE&VT, Odisha are postponed and shall be held from 20.05.2019. The revised programme of the above examinations shall be notified later on.

**Sd./-**
**Controller of Examinations**

## ଫନୀ ପାଇଁ ବିଭିନ୍ନ ଅନୁଷ୍ଠାନର ସହାୟତା

### ରିଲିଫ ପାଣ୍ଠିକୁ ବ୍ୟାଙ୍କ ଅଫ୍‌ ଇଣ୍ଡିଆର ୨୫ ଲକ୍ଷ



ବାତ୍ୟା ପ୍ରଭାବିତ ଲୋକଙ୍କ ସହାୟତା ଲାଗି ବ୍ୟାଙ୍କ ଅଫ୍‌ ଇଣ୍ଡିଆ (ବିଓଆଇ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ଘୋଷଣା କରାଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଦୀନବନ୍ଧୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଭୁବନେଶ୍ୱରର ସାଲିଆ ସାହି ଏବଂ ପୁରୀ-କୋଣାର୍କ ଅଞ୍ଚଳର ବିଭିନ୍ନ ସ୍ଥାନ ଗସ୍ତ କରି ଖାଦ୍ୟ ସାମଗ୍ରୀ, ପାନୀୟ ଜଳ ଏବଂ କ୍ଷୀର ପାଉଡର ବଣ୍ଟନ କରିଛନ୍ତି। ଏହା ସହ ଖାଦ୍ୟ ସାମଗ୍ରୀ ଏବଂ ପାନୀୟ ଜଳ ଭର୍ତ୍ତି ଏକ ଟ୍ରକକୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଛି। ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୨୫ ଲକ୍ଷ ଟଙ୍କାର ଚେକ୍‌ ପ୍ରଦାନ କରିଛନ୍ତି। ଏଥିରେ ବ୍ୟାଙ୍କର ମହାପ୍ରବନ୍ଧକ ଅଭିଜିତ ବୋଷ, ଆଞ୍ଚଳିକ ପ୍ରବନ୍ଧକ ଭୁବନେଶ୍ୱର ୱାଇ.ଏନ୍‌.ଦ୍ୱିବେଦୀ, ଆଞ୍ଚଳିକ ପ୍ରବନ୍ଧକ କେନ୍ଦୁଝର ଗୁପ୍ତେରାମ ନାୟକ, ବିଓଆଇ ଅଫିସର୍ସ ସଂଘ ସଭାପତି ସ୍ମୃତି ରଞ୍ଜନ ସାହୁ, ସାଧାରଣ ସମ୍ପାଦକ କମଳଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୀ ଜଗନ୍ନାଥ ମନ୍ଦିରକୁ ଆଇଓସିଏଲ୍‌ର ୫ କୋଟି

ଫନୀ ଦ୍ୱାରା ପୁରୀ ଜଗନ୍ନାଥ ମନ୍ଦିର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଲାଗି ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍‌) ପକ୍ଷରୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଲାଗି ଏଭଳି ଯୋଗଦାନ ରଖିଥିବା ଆଇଓସିଏଲ୍‌ ପକ୍ଷରୁ କୁହାଯାଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡିକରେ ଇଣ୍ଡିଆନ ଅଏଲ ଟିମ୍‌ ବିପର୍ଯ୍ୟୟ ପରିବର୍ତ୍ତୀ ସହାୟତା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଦ୍ୟୁତ ଯୋଗାଣ ପୁନରୁଦ୍ଧାର କ୍ଷେତ୍ରରେ ଡିଜିସେଟଗୁଡିକୁ ଇନ୍ଧନ ଯୋଗାଣ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସହାୟତା ପ୍ରଦାନ ଦିଗରେ କମ୍ପାନୀ କାର୍ଯ୍ୟ କରୁଥିବା ସୂଚନା ଦେଇଛି।

### ବାତ୍ୟା ପ୍ରଭାବିତଙ୍କୁ ଏସ୍‌ବିଆଇ ଜେନେରାଲର ସହାୟତା

ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଗ୍ରାହକଙ୍କ ଲାଗି ସହାୟତାର ହାତ ବଢ଼ାଇଛି। ପ୍ରଭାବିତଙ୍କ ଲାଗି ଘର, ମୋଟର ଏବଂ ସ୍ୱାସ୍ଥ୍ୟ ବର୍ଗରେ କ୍ଲେମ୍‌ ସମାଧାନକୁ ତ୍ୱରିତ କରିବା ଲାଗି କମ୍ପାନୀ ଘୋଷଣା କରିଛି। ଏଥିଲାଗି ଏକ ହେଲ୍‌ପଲାଇନ ବ୍ୟବସ୍ଥା କରାଯାଇଛି। ଫନୀ ଯୋଗୁ ଧନଜୀବନ ନଷ୍ଟ ହୋଇଥିବା ବେଳେ ଏହି ସମୟରେ ସାଧାରଣତଃ କ୍ଲେମ୍‌ ପୈଠ କରିବା ମୁଖ୍ୟତଃ ଅସୁବିଧା ସୃଷ୍ଟି ହୋଇଥାଏ। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି କ୍ଲେମ ସମାଧାନକୁ ତ୍ୱରିତ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛୁ ବୋଲି ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ପକ୍ଷରୁ ଏହାର ସିଏଫ୍‌ଓ ରିଖିଲ ଶାହ ସୂଚନା ଦେଇଛନ୍ତି।

### ସହାୟତା ପଠାଇଲା ଏମ୍‌ସିଏଲ୍‌




ମହାନଦୀ କୋଲ୍‌ ଫିଲ୍ଡ ଲିମିଟେଡ(ଏମ୍‌ସିଏଲ୍‌) ଜଗନ୍ନାଥ କ୍ଷେତ୍ର ତାଳଚେର ପକ୍ଷରୁ ବାତ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ଲାଗି ସହାୟତା ପ୍ରଦାନ କରାଯାଇଛି। ଏଠାରୁ ୨ ଟ୍ରକ ରିଲିଫ ସାମଗ୍ରୀ ପୁରୀ ପଠାଯାଇଛି। ଏମ୍‌ସିଏଲ୍‌ ଜଗନ୍ନାଥ କ୍ଷେତ୍ର ମହାପ୍ରବନ୍ଧକ ଏମ୍‌.ଜି. ବ୍ରହ୍ମପୁରକାର ପତାକା ଦେଖାଇ ରିଲିଫ ଭ୍ୟାନକୁ ଶୁଭାରମ୍ଭ କରିଥିଲେ।

## ଗ୍ରାହକଙ୍କ ଲାଗି ଓମ୍‌ଫେଡର ପ୍ରତିବଦ୍ଧତା

ଭୁବନେଶ୍ୱର,୮-୫

ଫନୀର ପ୍ରଭାବ ସତ୍ତ୍ୱେ ଓମ୍‌ଫେଡ ଗ୍ରାହକଙ୍କ ପ୍ରତି ଥିବା ଏହାର ପ୍ରତିବଦ୍ଧତା ସ୍ୱରୂପ ସେବା ଯୋଗାଣ ଧାରା ଜାରି ରଖିଥିବା କହିଛି। ଓମ୍‌ଫେଡ ଗତ ଶୁକ୍ରବାର ସକାଳ ସମୟରେ ୬୬ ହଜାରରୁ ଊର୍ଦ୍ଧ୍ୱ ଲିଟର କ୍ଷୀର ଯୋଗାଣ କରିଛି। ଏହା ବର୍ତ୍ତମାନ ୬୩୫ଟି ରିଟେଲ ପଏଣ୍ଟ ଦ୍ୱାରା ଭୁବନେଶ୍ୱରରେ ଦୁଗ୍ଧ ଯୋଗାଉଛି। ଗ୍ରାହକଙ୍କ ନିକଟରେ ପ୍ରଡକ୍ଟ ପହଞ୍ଚାଇବା ଲାଗି ଅଧିକ ଦୁଗ୍ଧ ଗାଡି ନିୟୋଜିତ କରାଯାଇଛି। ଏହା ବାଦ ୬ଟି ଇ-କାର୍ଟ ନିୟୋଜିତ କରାଯାଇଛି। ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରେ ଚାହିଦା ମୁତାବକ ଦୁଗ୍ଧ ଯୋଗାଣ କରାଯାଉଛି। ପୁରୀରେ ମଧ୍ୟ ଅଧିକ ଯାନ ଏଥିଲାଗି ନିୟୋଜିତ କରାଯାଉଛି। ନିର୍ଦ୍ଧାରିତ ଦରଠାରୁ ଅଧିକ ଦାମ ନ ଦେବା ଲାଗି ଗ୍ରାହକଙ୍କୁ କୁହାଯାଇଛି। କୌଣସି ବ୍ୟକ୍ତି ଧାର୍ଯ୍ୟ ଦରଠାରୁ ଅଧିକ ଦାମ ନେଲେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମ୍ପାନୀ ପ୍ରକାଶ କରିଛି। ପ୍ରଡକ୍ଟ ଉପଲବ୍ଧତା ପରଖିବା ଲାଗି ଓମଫେଡ ଏକ ଟିମ୍‌ ଗଠନ କରିଥିବା ପ୍ରକାଶ କରିଛି।

## ଖୋର୍ଦ୍ଧାରୋଡ-ପୁରୀ ସେକ୍ସନରେ ଟ୍ରେନ ଆଂଶିକ ସ୍ୱାଭାବିକ

ଭୁବନେଶ୍ୱର,୮-୫



ଫନୀ ପରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଗତ ରବିବାରଠାରୁ ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ ହେଉଥିବା କିଛି ଟ୍ରେନ ସ୍ୱାଭାବିକ ହୋଇଥିଲା। ସ୍ଥିତି ସୁଧୁରିବା ପରେ ଏବେ ଖୋର୍ଦ୍ଧାରୋଡ-ପୁରୀ ସେକ୍ସନରେ ଟ୍ରେନ ସେବା ଆଂଶିକ ସ୍ୱାଭାବିକ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ପୁରୀଠାରୁ ପୁରୁଷୋତ୍ତମ, ତପସ୍ୱିନୀ ଏବଂ ପୁରୀ-ଦୁର୍ଗ ଏକ୍ସପ୍ରେସ ସ୍ୱାଭାବିକ ଭାବେ ଚଳାଚଳ କରିବ ବୋଲି ସୂଚନା ରହିଛି। ବୁଧବାରଠାରୁ କିଛି ଟ୍ରେନର ଯାତ୍ରା ଆରମ୍ଭ ସ୍ଥାନ ପରିବର୍ତ୍ତନ କରିବାକୁ ରେଳୱେ ପକ୍ଷରୁ ନିଷ୍ପତ୍ତି ହୋଇଛି। କିଛି ଟ୍ରେନ ଖୋର୍ଦ୍ଧା ରୋଡଠାରୁ ଆରମ୍ଭ ହେବାକୁ ଥିବା ବେଳେ ଆଉ କିଛି ଭୁବନେଶ୍ୱରଠାରୁ ଯାତ୍ରା ଆରମ୍ଭ କରିବ। ଖୋର୍ଦ୍ଧା ଏବଂ ପୁରୀ ମଧ୍ୟରେ କିଛି ସ୍ୱତନ୍ତ୍ର ଟ୍ରେନର ପରୀକ୍ଷାମୂଳକ ଚଳାଚଳ ଶୁଭାରମ୍ଭ ପରେ ଏଭଳି ପଦକ୍ଷେପ ପୂର୍ବତଟ ରେଳୱେ ପକ୍ଷରୁ ଗ୍ରହଣ କରାଯାଇଛି। ଅପରପକ୍ଷରେ ଫନୀ ପାଇଁ ବାତିଲ ରହିଥିବା ପ୍ରାୟ ୧୨ ଲୋକାଲ ଟ୍ରେନ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ବାତିଲ କରାଯାଇଛି। ସେହିଭଳି ବର୍ତ୍ତମାନ ମଧ୍ୟ ଅନେକ ଏକ୍ସପ୍ରେସ ଟ୍ରେନ ବାତିଲ ରହିଛି।

## ୨୦୦୦ କୋଟି ଟପିପାରେ ବୀମା କ୍ଲେମ

ନୂଆଦିଲ୍ଲୀ,୮-୫

ସାମୁଦ୍ରିକ ବାତ୍ୟା 'ଫନୀ' ଯୋଗୁ ରାଜ୍ୟରେ ବୃହତ୍‌ ପରିମାଣର ଧନ ସମ୍ପତ୍ତି ନଷ୍ଟ ହେବା ସହ ଅନେକଙ୍କ ଜୀବନ ହାନି ହୋଇଛି। ଏଥିଯୋଗୁ କ୍ଷୟକ୍ଷତି ୨,୦୦୦ କୋଟି ଛୁଇଁଥିବା ବେଳେ ସମ୍ପତ୍ତି ଏବଂ ଶସ୍ୟ ହାନି କ୍ଲେମ ବଢୁଥିବା ବୀମା ଶିଳ୍ପ ପକ୍ଷରୁ ସୂଚନା ରହିଛି। ଏବେ ପ୍ରକୃତ କ୍ଷୟକ୍ଷତି ବର୍ତ୍ତମାନ ଆକଳନ କରାଯାଉଥିବା ଏକ ଘରୋଇ ବୀମା କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୦୦ କୋଟି ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବାବେଳେ ସମ୍ପତ୍ତି ନଷ୍ଟ ନେଇ ଅଧିକାଂଶ ମାମଲା ସାମ୍ନାକୁ ଆସୁଛି। ଏହି କ୍ଲେମ ସଂଖ୍ୟା ମଧ୍ୟ ବୃଦ୍ଧି ହେଉଥିବା ଅଧିକାରୀ ଜଣକ କହିଛନ୍ତି। ଲୋକମାନେ ସେମାନଙ୍କ କ୍ଲେମ କିଭଳି ଭାବେ ଜଣାଇପାରିବେ ସେଥି ନେଇ ସିଙ୍ଗଲ ପଏଣ୍ଟ ହେଲ୍‌ପଲାଇନ ବ୍ୟବସ୍ଥା କମ୍ପାନୀଗୁଡିକ ଗ୍ରହଣ କରିବେ। ଏକକ ପ୍ଲାଟଫର୍ମରେ କ୍ଲେମ୍‌ ଫାଇଲ ନେଇ କମ୍ପାନୀଗୁଡିକ ସୁନିଶ୍ଚିତ କରାଇବେ। ଏଥିଲାଗି ଜଣେ ନୋଡାଲ ଅଧିକାରୀ ମଧ୍ୟ ନିଯୁକ୍ତ ହେବେ।

ଫନୀ ଯୋଗୁ ୫୦୦ ବିଲଡିଂ ଷ୍ଟ୍ରକଚର, ୩୦୦ ଫ୍ୟାକ୍ଟରିଂ କ୍ଷତିଗ୍ରସ୍ତ ହୋଇଛି। ଏହା ମଧ୍ୟରେ ମାନୁଫାକଚରିଂ କମ୍ପାନୀ ମଧ୍ୟ ରହିଛନ୍ତି। ଭୁବନେଶ୍ୱରର ବିଜୁ ପଟ୍ଟନାୟକ ବିମାନ ବନ୍ଦର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ବୀମାଭୁକ୍ତ ସମ୍ପତ୍ତିଗୁଡିକର କ୍ଷୟକ୍ଷତି ଆକଳନ ଲାଗି ବୀମା କମ୍ପାନୀଗୁଡିକ ଶୀଘ୍ର ସର୍ବେକ୍ଷଣକାରୀ ନିଯୁକ୍ତ କରିବେ। ଶସ୍ୟ କ୍ଷତିକୁ ସାଟେଲାଇଟ ଚିତ୍ର ଏବଂ ଡ୍ରୋନ ଦ୍ୱାରା ଆକଳନ କରାଯିବ। ସେହିଭଳି କୃଷକମାନେ ପ୍ରଦାନ କରିଥିବା ରିପୋର୍ଟକୁ ଏହା ସହ ମିଳାଯିବ।

କ୍ଲେମ ସମାଧାନ ଧାରାକୁ ସରଳୀକରଣ କରିବାକୁ ପଦକ୍ଷେପ ନିଆଯାଉଛି। କେରଳ ବନ୍ୟା ଯୋଗୁ ଗତବର୍ଷ ବୀମା କମ୍ପାନୀଗୁଡିକ ନିକଟରେ ୩,୨୦୦ କୋଟି ଟଙ୍କାର କ୍ଲେମ କରାଯାଇଥିଲା। କ୍ଲେମ ମଧ୍ୟରେ ଅଧିକାଂଶ ମୋଟର ବୀମା ସାମିଲ ରହିଥିଲା। ପ୍ରାକୃତିକ ଦୁର୍ବିପାକ ଯୋଗୁ ବୀମା କ୍ଲେମ ଦ୍ରୁତ ହାରରେ ବଢୁଛି। ହୁଦହୁଦ, ଫାଇଲିନ, ଉତ୍ତରାଖଣ୍ଡ ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁ ଗତ ୫ ବର୍ଷରେ ବୀମା କ୍ଲେମ ୧୭,୦୦୦ କୋଟି ଟଙ୍କା ଟପିଛି।

**ବାତ୍ୟା କ୍ଷୟକ୍ଷତି**

- ପ୍ରାକୃତିକ ଦୁର୍ବିପାକ ଯୋଗୁ ବଢୁଛି କ୍ଲେମ
- ୫ ବର୍ଷରେ ୧୭ ହଜାର କୋଟିର କ୍ଲେମ
- ଦାବି ସମାଧାନ ତ୍ୱରିତ କରିବାକୁ କମ୍ପାନୀଙ୍କ ପଦକ୍ଷେପ

SHRI JAGANNATH TEMPLE OFFICE, PURI

**Corrigendum to Tender Call Notice 4493 dtd. 26.04.19**

"For procurement of Electrical materials for day to day maintenance of Shree Jagannath Temple, Puri" Please follow website **www.jagannath.nic.in.**

**Last date: 28.05.19 at 3.30 P.M.**
**Opening Date: 28.05.19 at 4.30 P.M.**

**Sd./- Administrator**
**Shri Jagannath Temple, Puri**

**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**

**ନଂ. ୫୩୮୫** **ତା.୦୪।୦୫।୨୦୧୯**

**ବିଜ୍ଞାପନ**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଥିବା ଶାଖାଗୁଡ଼ିକ ନିମନ୍ତେ ଦରକାର ହେଉଥିବା ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ପାରିଶ୍ରମିକ ଯଥାକ୍ରମେ ଟ.୧୨,୯୦୦/- ଓ ଟ.୧୧,୧୦୦/- ହାରରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। କୃତକାର୍ଯ୍ୟ ହେଲେ ଉକ୍ତ ଚୁକ୍ତିଭିତ୍ତିକ ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ସଡ଼କ ପରିବହନ ନିଗମର ବିଭିନ୍ନ ମଣ୍ଡଳ ଅଧୀନରେ ଥିବା ଶାଖାମାନଙ୍କରେ ଅବସ୍ଥାପିତ କରାଯିବ।

ସର୍ତ୍ତାବଳୀ ପୂରଣ କରିଥିବା ପ୍ରାର୍ଥୀମାନେ ନିଗମର ଶାଖା ଜିଲ୍ଲା ପରିବହନ ପରିଚାଳକଙ୍କ ନିକଟରେ ତା.୧୪।୦୫।୨୦୧୯ଠାରୁ ୨୮।୦୫।୨୦୧୯ ରିଖ ମଧ୍ୟରେ ଧାର୍ଯ୍ୟ କରାଯାଇଥିବା ତାରିଖ ଅନୁସାରେ ଦିବା ଘ.୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ସାକ୍ଷାତକାର ଦେଇପାରିବେ।

ଏହାର ସବିଶେଷ ବିବରଣୀ OSRTC website www.osrtc.in ରେ ଉପଲବ୍ଧ।

**ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶକ୍ରମେ**
**ସ୍ୱା./- ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**





## ସଂକ୍ଷେପରେ

### ଫନୀ ପାଇଁ ଅକ୍ଷୟତୃତୀୟାରେ ସୁନା ବେପାର ମାନ୍ଦା

**କଟକ ଅଫିସ,୮।୫:** ପବିତ୍ର ଅକ୍ଷୟ ତୃତୀୟାରେ ସୁନା ଦୋକାନ ଖାଁ ଖାଁ। ଫନୀର ପ୍ରଭାବ ଯୋଗୁ ସୁନା ବ୍ୟବସାୟ ମାନ୍ଦା ପଡିଥିବା ଦେଖିବାକୁ ମିଳିଛି। ଅକ୍ଷୟ ତୃତୀୟା ପାଇଁ ବିଭିନ୍ନ ଜୁଏଲେରୀ ଦୋକାନ ପକ୍ଷରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଆକର୍ଷଣୀୟ ଅଫର ରହିଥିଲା। ହେଲେ ଫନୀ ଯୋଗୁ କ୍ଷୟକ୍ଷତି ହୋଇଥିବାରୁ ଲୋକମାନେ ସୁନା ଅଳଙ୍କାର କିଣିବା ପାଇଁ ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲେ। ଏ ନେଇ ଲାଲଚାନ୍ଦ ଜୁଏଲର୍ସ ଡାଇରେକ୍ଟର କିଶନଲାଲ ଗୁପ୍ତା କହିଛନ୍ତି, କଟକରେ ଗତବର୍ଷ ଅକ୍ଷୟ ତୃତୀୟା ଉପଲକ୍ଷେ ବ୍ୟବସାୟୀମାନେ ଦୁଇ କୁଇଣ୍ଟାଲ ଓଜନର ସୁନା ଅଳଙ୍କାର ବ୍ୟବସାୟ କରିଥିଲେ। କିନ୍ତୁ ଚଳିତବର୍ଷ ଅଧ କୁଇଣ୍ଟାଲ ଓଜନର ଅଳଙ୍କାର ବିକ୍ରି ହୋଇଛି। ଫନୀ ପ୍ରଭାବରେ ବ୍ୟବସାୟ କମିଥିବା ସହ ଲୋକଙ୍କ ପାଖରେ ଅର୍ଥ ମହଜୁଦ ନ ଥିବା, ନେଟଓ୍ୱର୍କ ସମସ୍ୟା କାରଣରୁ ସ୍ୱାଇପ ମେଶିନ କାମ କରୁ ନ ଥିବା, ମୋବାଇଲ ଓ୍ୱାଲେଟ କାମ ନ କରିବା ଯୋଗୁ ଲୋକେ କାରବାର କରିପାରୁନାହାନ୍ତି। ଚଳିତବର୍ଷ ଅକ୍ଷୟ ତୃତୀୟାକୁ ଦୃଷ୍ଟିରେ ରଖି ଦିଲ୍ଲୀ, ବାଙ୍ଗୋଲୋର, କୋଲକାତା, କେରଳ, ଅହମ୍ମଦାବାଦରୁ ବିଭିନ୍ନ ଡିଜାଇନର ସୁନା ଅଳଙ୍କାର ଅଣାଯାଇଥିଲେ ମଧ ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦାଥିବା କିଶନଲାଲ କହିଛନ୍ତି। ତନିଷ୍କ ଜୁଏଲେରୀର ସେଲ୍ସ ମ୍ୟାନେଜର ସୁନୀଲ ଭୋଲ ଓ ଖିମ୍‌ଜୀ ଜୁଏଲେରୀର ସେଲ୍ସ ମ୍ୟାନେଜର ଟି.ଏ. ଖାନ୍ କହିଛନ୍ତି, ଫନୀ ପ୍ରଭାବରେ ବ୍ୟବସାୟ ମାନ୍ଦା ହୋଇଛି। ଆସନ୍ତା ଦୁଇ ସପ୍ତାହ ଭିତରେ ପରିସ୍ଥିତି ସ୍ୱାଭାବିକ ହେଲେ ବ୍ୟବସାୟ ଭଲ ହେବ। ଅନ୍ୟପକ୍ଷରେ ଗ୍ରାହକ ଲକ୍ଷ୍ମୀଧର ସାହୁ କହିଛନ୍ତି, ଅକ୍ଷୟ ତୃତୀୟାରେ ସୁନା ଅଳଙ୍କାର କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ଆମେ ସୁନା କିଣିବାକୁ ଆସିଛୁ।

### ନଷ୍ଟଭ୍ରଷ୍ଟ ଏକାମ୍ରକାନନ, ଜୟଦେବ ବାଟିକା

ଭୁବନେଶ୍ୱର, ୮।୫ ରାଜଧାନୀର କଂକ୍ରିଟ୍ ଜଙ୍ଗଲ ମଧରେ ସବୁଜିମା ଭରିଦେଉଥିବା ଏକାମ୍ରକାନନ ଓ ଜୟଦେବ ବାଟିକା ଏବେ ସମ୍ପୂର୍ଣ୍ଣ ଭାବେ ନଷ୍ଟଭ୍ରଷ୍ଟ ହୋଇଯାଇଛି। ଏକାମ୍ରକାନନରେ ଥିବା ଔଷଧୀୟ ବୃକ୍ଷଗୁଡିକ ଭାଙ୍ଗି ପଡ଼ିଥିବା ବେଳେ ଜଗନ୍ନାଥ ବାଟିକା ବି ନଷ୍ଟଭ୍ରଷ୍ଟ ହୋଇଯାଇଛି। ଟିସ୍ୟୁ କଲ୍‌ଚର ଗବେଷଣା ପାଇଁ ଏହା ପରିସରରେ ଥିବା ଘର ଭାଙ୍ଗିଯାଇଛି। କାକ୍‌ଟସ୍ ବୃକ୍ଷ ଥିବା ପିରାମିଡ୍‌ର ଛାତ ଉଡ଼ିଯାଇଛି। ସେହିଭଳି ଗୋଲାପ ଉଦ୍ୟାନ ମଧ ପୂରା ନଷ୍ଟ ହୋଇଯାଇଛି। ଅନ୍ୟପକ୍ଷରେ ହଜାର ହଜାର ଗଛରେ ପରିପୂର୍ଣ୍ଣ ଥିବା ଜୟଦେବ ବାଟିକା ଏବେ ଶ୍ରୀହୀନ ପାଲଟିଛି। ଏହାର ଗୋଟିଏ ପଟୁ ଦେଖିଲେ ଆରପଟ ଦେଖାଯାଉଛି। ସେହିଭଳି ଫିଲ୍ମ ଶୁଟିଂ ହେଉଥିବା ସ୍ଥାନ ଏବଂ ବିଭିନ୍ନ ଅର୍ନାମେଣ୍ଟାଲ ପ୍ଲାଣ୍ଟଗୁଡିକ ଭାଙ୍ଗିଯାଇଛି।



### ଥୁଣ୍ଟା ପାହାଡ଼ରେ ଶାନ୍ତିସ୍ତୂପ

ସବୁଜିମା ବଳୟ ମଧରେ ଧବଳ ରଙ୍ଗରେ ଶାନ୍ତିର ପ୍ରତୀକ ଭଳି ଛିଡା ହୋଇଥିବା ଧଉଳି ଶାନ୍ତିସ୍ତୂପ ଏବେ ଥୁଣ୍ଟା ପାହାଡରେ ଛିଡା ହୋଇଛି। ଚାରିଆଡେ ଅନାଇଲେ ଭଙ୍ଗାଗଛ ଆଉ ଧ୍ୱସ୍ତବିଧ୍ୱସ୍ତ ପରିବେଶ। ଦେଶ ଓ ଦେଶ ବାହାରର ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜୁଥିବା ଧଉଳି ଶାନ୍ତିସ୍ତୂପ ଫନୀର ତାଣ୍ଡବରେ ଶ୍ରୀହୀନ ହୋଇଯାଇଛି। ଏହାର ଚାରିପାଖରେ ଥିବା ହଜାର ହଜାର ଗଛ ଭାଙ୍ଗିଯାଇଛି। ପାହାଡ଼ ପାଦଦେଶରେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜୁଥିବା ପାର୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବସ୍ ପାର୍କିଂସ୍ଥଳର ଶେଡ୍ ଉଡିଯାଇଛି। ପାଚେରି ଭାଙ୍ଗିରୁଜି ଯାଇଛି। ପୁଣିଥରେ ପୁରୁଣା ରୂପ ଫେରି ପାଇବାକୁ ଆଉ କେତେଦିନ ସମୟ ଲାଗିବ ତାହାର ଉତ୍ତର କାହା ପାଖରେ ନାହିଁ।



ଫନୀ ପ୍ରଭାବରେ ଭୁବନେଶ୍ୱରସ୍ଥିତ ଟ୍ରାଇବାଲ ମ୍ୟୁଜିୟମ ପରିସର କ୍ଷତିଗ୍ରସ୍ତ।

# ଚନ୍ଦକା, କଣ୍ଟାବାଡ଼, ମେଣ୍ଢାଶାଳରେ ପ୍ରଳୟର ଚିତ୍ର

ତ୍ରିନାଥ ମହାନ୍ତି
ଭୁବନେଶ୍ୱର, ୮।୫

ପ୍ରଳୟଙ୍କାରୀ ବାତ୍ୟା 'ଫନୀ'ର ତାଣ୍ଡବ ଧୀରେ ଧୀରେ ଏବେ ପଦାକୁ ଆସିବାରେ ଲାଗିଛି। ରାଜଧାନୀ ଉପକଣ୍ଠ ଅନେକ ଗ୍ରାମକୁ ଫନୀ ତା'ର କରାଳ ରୂପରେ ଛାରଖାର କରିଦେଇଛି। ଚନ୍ଦାକା, ମଳିପଡା, କଣ୍ଟାବାଡ଼,ଅନ୍ଧରୁଆ, ଗିରିଙ୍ଗାପୁଟ, କୁକୁଡାମୁଣ୍ଡି ଓ ମେଣ୍ଢାଶାଳ ଆଦି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଶେଷ କରି ଆଦିବାସୀ ଗ୍ରାମ ଗୋଡିବାରିରେ ଥିବା ଚାଳ ଛପର ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିବାବେଳେ ଆଜ୍‌ବେଷ୍ଟସ ଘର ଭାଙ୍ଗି ଯାଇଛି। ଏପରିକି କିଛି ଛାତ ଘର କାନ୍ଥରେ ଫାଟ ଦେଖିବାକୁ ମିଳିଛି। ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ ହୋଇପଡିଥିବାରୁ ସେବା ବନ୍ଦ ରହିଛି। ପିତାପଲ୍ଲୀରୁ ଚନ୍ଦକା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ୩୦ରୁ ଉର୍ଦ୍ଧ୍ୱ ବର୍ଷର ଆମ୍ବ ଓ କାଜୁ ଗଛ ଧ୍ୱଂସ ପାଇଯାଇଛି। ବିଭିନ୍ନ ଗ୍ରାମ ଓ ଡେରାସ ଫାର୍ମରେ ଥିବା ହଜାର ହଜାର ଗଛ ଭାଙ୍ଗିଯାଇଥିବାରୁ ସବୁଠୁ ଶ୍ରୀହୀନର ଚିତ୍ର ଦେଖିବାକୁ ମିଳୁଛି। ସେହିଭଳି ବ୍ୟାପକ ଧାନ ଫସଲ ମଧ ନଷ୍ଟ ହୋଇଛି। ବାସ ଓ ଜୀବିକା ହରାଇ ଚାଷୀମାନେ ଚିନ୍ତାରେ କାଳାତିପାତ କରୁଛନ୍ତି।





### ଏଠିବି ପାଣି, ଖାଦ୍ୟ ପାଇଁ ହାହାକାର ସ୍ଥିତି

ଚନ୍ଦକା ଅଞ୍ଚଳଟି ପାହାଡ଼ିଆ ଓ ଜଙ୍ଗଲିଆ ହୋଇଥିବାରୁ ବାତ୍ୟା ପ୍ରଭାବ ସେତେଟା ପଡ଼ିବ ନାହିଁ ବୋଲି ଲୋକେ ଆଶା କରିଥିଲେ। ତଥାପି ବିପଦ ଆଶଙ୍କା କରି ଲୋକେ ସୁରକ୍ଷିତ ସ୍ଥାନକୁ ଚାଲିଆସିଥିବାରୁ ଜୀବନ ବଞ୍ଚିଯାଇଛି। ହେଲେ ପରବର୍ତ୍ତୀ ଦୁର୍ଦ୍ଦଶା ସବୁଠୁ ବଳିଯାଇଛି। ଲୋକେ କ୍ରମଶଃ ଗ୍ରାମକୁ ଫେରି ପ୍ରଳୟର ସ୍ଥିତିକୁ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଘର ନ ଥିବାରୁ ସ୍ଥାନୀୟ ସ୍କୁଲଘରକୁ କିଛିଦିନ ପାଇଁ ବାସସ୍ଥାନ ଭାବେ ଧରିନେଇଛନ୍ତି। କିନ୍ତୁ ନାନା ସମସ୍ୟା ସେମାନଙ୍କ ଜୀବନକୁ ଦୁର୍ବିଶହ କରିଦେଇଛି। ବିଷଶକରି ପାଣି, ଖାଦ୍ୟ ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। କଣ୍ଟାବାଡ଼ ଗ୍ରାମର ପ୍ରଭାତ ମାଝୀ କହିଛନ୍ତି ଯେ, ଲୋକଙ୍କ ଏଭଳି ଦୁର୍ଦ୍ଦିନ ସମୟରେ କୌଣସି ନେତା ଓ ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀଙ୍କ ଦେଖାନାହିଁ।

### ସଂଘର୍ଷ କରୁଛନ୍ତି ଆଦିବାସୀ ଲୋକେ

ଅନ୍ଧାରୁଆ ପଞ୍ଚାୟତ ଗୋଡିବାରି ଗାଁରେ ପ୍ରାୟ ୪୫୦ ଆଦିବାସୀ ପରିବାର ରୁହନ୍ତି। ସେମାନେ ଠିକାଦାରଙ୍କ ଅଧୀନରେ ମଜୁରି କରୁଥିବାବେଳେ ଆଉ କେତେକ ଲୋକେ ବିଲରେ ଖଟି ପରିବାର ପୋଷଣ କରନ୍ତି। ଆଉ କେହି ହାଣ୍ଡିଆ ବିକ୍ରି କରନ୍ତି। ହେଲେ ଫନୀ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ରହିବାକୁ ଘର ନାହିଁ କି ଖାଇବାକୁ ଖାଦ୍ୟ ନାହିଁ। ବଞ୍ଚିବାକୁ ଏକପ୍ରକାର ସଂଘର୍ଷ କରୁଛନ୍ତି। ସେମାନେ ଗଛ ମୂଳେ ଓ ସ୍ଥାନୀୟ ସ୍କୁଲରେ ମୁଣ୍ଡ ଗୁଞ୍ଜିଛନ୍ତି। ଏଥିସହ ଛୋଟ ପିଲାମାନଙ୍କୁ ନେଇ ସେମାନେ ଖରାରେ ନିଜ ଭଙ୍ଗା ଘରକୁ ସଜାଡିବାକୁ ଚେଷ୍ଟା କରୁଛନ୍ତି ବୋଲି ବଇରାମ ମୁଣ୍ଡାଙ୍କ ସମେତ ବହୁ ବିପନ୍ନ ଜଣାଇଛନ୍ତି।

### ବିଦ୍ୟୁତ୍ ପାଇଁ ଆହୁରି ୨୦ ଦିନ

ଚନ୍ଦକା ଅଞ୍ଚଳରେ ଶତାଧିକ ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ଏବେବି ରାସ୍ତା ଓ ଭୂମିରେ ପଡି ରହିଛି। ମଳିପଡାଠାରୁ ଗିରିଙ୍ଗାପୁଟ ପର୍ଯ୍ୟନ୍ତ ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଛି। କେଉଁଠି ତାର ଛିଡି ରାସ୍ତା ଉପରେ ପଡିଛି ତ ଆଉ କେଉଁଠି ଟ୍ରାନ୍ସଫର୍ମର ପାଣି ଭିତରେ ବୁଡି ରହିଛି। ଚନ୍ଦା ସି' ଫାର୍ମକୁ ବିଦ୍ୟୁତ ସଂଯୋଗ ନ ଥିବାରୁ ଶୀତଳ ଭଣ୍ଡାରରେ ଥିବା ବହୁ ଟଙ୍କାର ସାମଗ୍ରୀ ନଷ୍ଟ ହେବାକୁ ବସିଛି। ସେହିଭଳି ଡେରାସକୁ ମଧ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ମରାମତିପରେ ଏହିଅଞ୍ଚଳକୁ ବିଦ୍ୟୁତ୍ ସେବା ମିଳିବାକୁ ୨୦ ଦିନରୁ ଉର୍ଦ୍ଧ୍ୱ ସମୟ ଲାଗିପାରେ ବୋଲି ସେସୁ ବିଭାଗ ପକ୍ଷରୁ କୁହାଯାଉଛି।



### ବ୍ୟାପକ ଧାନ ଫସଲ ନଷ୍ଟ

ଚନ୍ଦକା ଅଞ୍ଚଳର ଅଧିକାଂଶ ଲୋକ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରନ୍ତି। ସେମାନେ ଖରାଦିନିଆ ଧାନ ଚାଷ କରିଥିଲେ। ହେଲେ ବାତ୍ୟା ଫନୀ ସବୁ ଫସଲକୁ ଉଜଡି ଦେଇଛି। ଧାନ ଗଛଗୁଡିକ ମାଟିରେ ମିଶିଯାଇଛି। ବର୍ଷା ହେବା ଦ୍ୱାରା ମାଟିରେ ଶୋଇଥିବା ଧାନରୁ ଗଜା ବାହାରିଲାଣି। ଅନେକ ଚାଷୀ କରଜ କରି ଧାନ ଚାଷ କରିଥିଲେ। ସେମାନେ ଏବେ କିପରି କରଜ ଶୁଝିବେ ସେହି ଚିନ୍ତାରେ ଘାରି ହେଉଛନ୍ତି। ପ୍ରଶାସନ ପକ୍ଷରୁ ଚାଷୀଙ୍କ ଏପରି ଦୁର୍ଦ୍ଦିନରେ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ନିବେଦନ କରିଛନ୍ତି।

### ଶ୍ରୀହୀନ ଡେରାସ

ସବୁଜ ବନାନୀରେ ପରିପୂର୍ଣ୍ଣ ଡେରାସ ଡ୍ୟାମ୍ ଓ ପର୍ଯ୍ୟଟନ କ୍ଷେତ୍ର ଏବେ ଶ୍ରୀହୀନ ହୋଇପଡିଛି। ବାତ୍ୟା ଫନୀ ଏହି ପର୍ଯ୍ୟଟନସ୍ଥଳର ସୌନ୍ଦର୍ଯ୍ୟ ଲୁଟି ନେଇଛି। ଚାରିଆଡେ ଭଙ୍ଗା ଓ ଥୁଣ୍ଟା ଗଛ ଦେଖିବାକୁ ମିଳୁଛି। ପାହାଡ଼ ଓ ରାସ୍ତାର ଚିତ୍ର କହୁଛି ଡେରାସର ପୁଃନ ନବୀକରଣ ଓ ପୂର୍ବର ସୌନ୍ଦର୍ଯ୍ୟ ଫେରାଇବା ପାଇଁ ବହୁ ବର୍ଷ ଲାଗିଯିବ। ବାତ୍ୟା ପରଠୁ ଡେରାସ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ରହିଛି। ଅଧାଭଙ୍ଗା ଗଛଗୁଡିକ ଓହଳି ରହିଥିବାରୁ ପର୍ଯ୍ୟଟକଙ୍କ ଜୀବନ ପ୍ରତି ବିପଦ ରହିଛି। ଡେରାସକୁ ଯିବା ରାସ୍ତାରେ ଏକାଧିକ ବିଦ୍ୟୁତ୍ ଖୁଣ୍ଟ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ସବୁ ସମସ୍ୟା ସୁଧୁରିବା ପରେ ଡେରାସ ପୁଣି ଖୋଲାଯିବ ବୋଲି ଜଣେ କର୍ମଚାରୀ ମାନସ ମାଝି କହିଛନ୍ତି।

### ଗ୍ରାମବାସୀଙ୍କ ଦୁଃଖ

ପିତାପଲ୍ଲୀରୁ ବାରଙ୍ଗ ପର୍ଯ୍ୟନ୍ତ ରାସ୍ତା କଡରେ ଲାଗିଥିବା ୩୦ ବର୍ଷରୁ ଅଧିକ ଦିନର ପୁରୁଣା ଗଛ ବାତ୍ୟା ଫନୀରେ ନଷ୍ଟ ହୋଇଯାଇଛି। କେତେକ ଗଛ ଛିଡା ହୋଇଥିବାବେଳେ ଆଉ କେତେକ ଗଛ ଉପୁଡି ପଡିଛି। ଏହି ରାସ୍ତାକୁ ଦୁଇଟିକିଆ କରାଯିବା ପାଇଁ ପୂର୍ବରୁ ପ୍ରଶାସନ ପକ୍ଷରୁ ଏସବୁ ଗଛ କାଟିବାକୁ କୁହାଯାଇଥିଲା। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବାରୁ ଗଛ କଟାଯାଇ ପାରୁ ନ ଥିଲା। ଏବେ ବାତ୍ୟା ଏହି ଗଛଗୁଡ଼ିକୁ ଉପାଡି ଦେଇଥିବାରୁ ଗ୍ରାମବାସୀ ଦୁଃଖ ପ୍ରକାଶ କରିଛନ୍ତି। ସେମାନଙ୍କ ପୂର୍ବ ପୁରୁଷମାନେ ଏହି ଗଛଗୁଡିକୁ ଲଗାଇଥିବାରୁ ସେମାନଙ୍କ ଶନ୍ତକ ଆଉ କିଛି ରହିବ ନାହିଁ ବୋଲି ସେମାନେ ଦୁଃଖର ସହ କହିଛନ୍ତି।

### ଅଧ କି.ମି. ଦୂରକୁ ଉଡ଼ିଯାଇଛି କ୍ୟାବିନ

ରାସ୍ତା କଡରେ ଥିବା ବହୁ ଦୋକାନ ଓ ଢାବା ଅବସ୍ଥା ନ କହିବା ଭଲ। ବାତ୍ୟା ଫନୀ ରେ ଏବୁ ଛିନ୍‌ଛତର୍ ହୋଇଯାଇଛି। ଅନେକ କ୍ୟାବିନ୍ ଉଡି ଅଧ କିଲୋମିଟର ଦୂରରେ ପଡିଥିବା ଦେଖିବାକୁ ମିଳିଛି। ଅନେକ ଦୋକାନୀ ବାତ୍ୟା ପରେ ନିଜର ଦୋକାନକୁ ଉଠାଇ ପୁଣି ସଜାଡିବାରେ ଲାଗିପଡିଛନ୍ତି। ଅନେକ ଦୋକାନୀ ବାତ୍ୟା ସମୟରେ ଦୋକାନରୁ ଏକାଧିକ ସାମଗ୍ରୀ କାଢି ନେଇପାରି ନ ଥିଲେ। ଫଳରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଦୋକାନୀମାନେ କହିଛନ୍ତି।

### କ୍ଲବ୍ ପିଲା ପୋତିଲେ ବିଦ୍ୟୁତ୍ ଖୁଣ୍ଟ



ମଳିପଡ଼ା ଓ କଣ୍ଟାବାଡ ଆଦି ଅଞ୍ଚରେ ଥିବା ଗ୍ରାମକୁ କିପରି ଶୀଘ୍ର ବିଦ୍ୟୁତ୍ ଆସିବ ସେଥିପାଇଁ ଗ୍ରାମବାସୀ ଉଦ୍ୟମ ଚଳାଇଛନ୍ତି। ମରାମତି ପାଇଁ ସେମାନେ ସେସକୁ ନିବେଦନ କରିଥିଲେ। ଭୁବନେଶ୍ୱର କାମ ସରିବା ପରେ ଗାଁ କାମ ହେବ ବୋଲି କହିବାରୁ ଗ୍ରାମବାସୀ ନିଜେ ଖୁଣ୍ଟଗୁଡିକୁ ପୋତି ତାର ଟାଣିବା ଆରମ୍ଭ କରିଥିବା କଣ୍ଟାବାଡ଼ ଗ୍ରାମର ସୁଦର୍ଶନ ବେହେରା କହିଛନ୍ତି। ସେହିଭଳି ନେତାଜୀ ସୁବାଷ ବୋଷ କ୍ଲବ୍‌ର ପିଲାମାନେ ବିଦ୍ୟୁତ ଖୁଣ୍ଟ ଉପରେ ପଡିଥିବା ଗଛକୁ କାଟି ସଫା କରିବା ସହ ଖୁଣ୍ଟ ପୋତି ତାର ଟାଣୁଛନ୍ତି। କାମ ସରିଲେ ବିଦ୍ୟୁତ୍ ସଂଯୋଗ ହେବ ବୋଲି ସେମାନେ ଆଶା ରଖିଛନ୍ତି। ବାତ୍ୟାଦିନ ମଧ ସେମାନେ ବହୁ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଇ ରନ୍ଧାଖାଦ୍ୟ ବ୍ୟବସ୍ଥା କରିଥିଲେ।



# ଜେନେରେଟର

## ଯିଏ ଅଧିକ ଦେଲା, ସିଏ ନେଲା

**ଗ୍ରାହକ ବଢ଼ାଉଛନ୍ତି ଦର**

ଭୁବନେଶ୍ୱର,୮।୫(ବ୍ୟୁରୋ)

ବାତ୍ୟା 'ଫନୀ'ରେ ରାଜଧାନୀ ଭୁବନେଶ୍ୱର ସମେତ କଟକ, ପୁରୀ, ଖୋର୍ଦ୍ଧା ଜିଲାରେ ଉଜୁଡ଼ିଯାଇଛି ବିଦ୍ୟୁତ୍ ବ୍ୟବସ୍ଥା। ପୁରୀ ଜିଲାରେ କେବେ ଲୋକଙ୍କ ଘରେ ବିଦ୍ୟୁତ୍ ସଂଯୋଗ ସ୍ୱାଭାବିକ ହେବ ତାହା ସରକାର ମଧ କହିପାରୁନାହାନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱର, କଟକ ସମେତ ଅନ୍ୟ କେତେକ ସ୍ଥାନରେ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟ ଜୋରସୋରରେ ଚାଲିଛି। ଏଭଳି ସ୍ଥିତିରେ ଦୋହଲିଯାଇଛି ଜୀବନଜୀବିକା। ପାଣି ବିନା ମଣିଷ ବଞ୍ଚିବା ସମ୍ଭବ ନୁହେଁ ସତ, ହେଲେ ବିଦ୍ୟୁତ୍ ବିନା ମୃତ୍ୟୁଭଳି ଯନ୍ତ୍ରଣା ମିଳୁଛି। ଦିନସାରା ପ୍ରବଳ ଗ୍ରୀଷ୍ମ ତାତି, ରାତିରେ ଗୁଳୁଗୁଳି ପରିସ୍ଥିତି। ୩ ତାରିଖରୁ ଏଭଳି ପରିସ୍ଥିତି ଜାରି ରହିଛି। ତେଣୁ ଘରେ ବିଦ୍ୟୁତ୍ ଉପଲବ୍ଧ କରାଇ ପରିସ୍ଥିତିର ମୁକାବିଲା କରିବା ପାଇଁ ଲୋକେ ଲୋଡୁଛନ୍ତି ଜେନେରେଟର। ଏଥିସହିତ ପାଣି ଉଠାଇବା ଲାଗି ଜେନେରେଟରକୁ ଲୋକେ ବ୍ୟବହାର କରୁଛନ୍ତି। ଏଭଳି ଚାହିଦା ବଜାରରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି। ଆବଶ୍ୟକ ଷ୍ଟକ୍ ନ ଥିବାରୁ ଏହା ଚଢ଼ା ଦରରେ ବିକ୍ରି ହୋଇଚାଲିଛି। ପରିସ୍ଥିତି ଏଭଳି ହୋଇଛି ଯେ, ନିଲାମ ଡକାହେଲା ଭଳି ଯିଏ ଅଧିକ ଟଙ୍କା ଦେଲା, ସେ ଦୋକାନୀଠାରୁ ଜେନେରେଟର ନେଇଗଲା। ମଙ୍ଗଳବାରର ଘଟଣା ସବୁଠୁ ବଳିଯାଇଥିଲା। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଓ କଟକରୋଡ ଅଞ୍ଚଳକୁ ଟ୍ରକ ଦ୍ୱାରା କୋଲକାତାରୁ ଆସିଥିବା ଜେନେରେଟରଗୁଡ଼ିକ ଆଖିପିଛୁଳାକେ ଧାର୍ଯ୍ୟଦରଠାରୁ ଯଥେଷ୍ଟ ଅଧିକ ମୂଲ୍ୟରେ ଲୋକେ କିଣି ନେଇଥିଲେ। ଯେଉଁଠି ଗୋଟିଏ ଜେନେରେଟର ମୂଲ୍ୟରେ ଅତିବେଶିରେ ୨୬ ହଜାର ଟଙ୍କା ହେବା କଥା, ତାହା ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା ଟପିଯାଇଥିଲା।

ବିଜୁଳି ଓ ଜଳ ଆବଶ୍ୟକତା ମେଣ୍ଟାଇବା ପାଇଁ ଜେନେରେଟରଟିଏ ନେବାକୁ ଧନ ଅଜାଡି ଦେଉଛନ୍ତି ରାଜଧାନୀବାସୀ। ଗତ ଶନିବାରଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ଜେନେରେଟର ଦୋକାନରୁ କମୁନି ଭିଡ଼। ପୁଣି ଗୁରୁବାର କିମ୍ବା ଶୁକ୍ରବାର ଆସିବାକୁ ଥିବା ଜେନେରେଟର ପାଇଁ ଲୋକେ ମଙ୍ଗଳବାରଠାରୁ ଅଗ୍ରିମ ଦେଇସାରିଲେଣି। ଲକ୍ଷ୍ମୀସାଗର ଟ୍ରାଫିକ୍ ଛକରୁ ବୁଦ୍ଧେଶ୍ୱରୀ କଲୋନୀ ମଧରେ ଏକାଧିକ ଜେନେରେଟର ଦୋକାନରେ ପ୍ରବଳ ଗହଳି ରହୁଛି। ଖଣ୍ଡଗିରିରୁ ଜେନେରେଟର କିଣିବାକୁ ଆସିଥିବା ଦମ୍ପତି ରାକେଶ ପ୍ରଧାନ ଏବଂ ସୁସ୍ମିତାଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଲା। ରାକେଶ ଘରୋଇ କମ୍ପାନୀରେ କାର୍ଯ୍ୟରତ। ତେଣୁ ୮୫,୦୦୦ ଟଙ୍କା ଦେଇ ଜେନେରେଟର କିଣିବା ତାଙ୍କ ପକ୍ଷେ ସମ୍ଭବ ହୋଇନାହିଁ। ସେ କହିଛନ୍ତି ଯେ, ସହରୀ ଜୀବନରେ ବିଦ୍ୟୁତ୍ ଆବଶ୍ୟକତା ଅପରିହାର୍ଯ୍ୟ। କଷ୍ଟ ହେଉ ପଛେ ଜେନେରେଟର କିଣିବା ପାଇଁ ମନ ବଳାଇଥିଲୁ। ହେଲେ ୫୫ରୁ ୬୦ ହଜାର ଟଙ୍କା ଭିତରେ ବଜେଟ୍ ହେବ ବୋଲି ଭାବିଥିଲୁ।

କିନ୍ତୁ ୮୫ ହଜାର ଟଙ୍କା ଦାମ ଶୁଣି କିଣିବା କଥା ଭୁଲିଗଲୁ। ଜେନେରେଟରଗୁଡିକର ହଠାତ୍ ଦରବୃଦ୍ଧି ସମ୍ପର୍କରେ ପଚାରିବାରୁ ସଂପୃକ୍ତ ଦୋକାନୀ କହିଲେ, ଗ୍ରାହକଙ୍କ ବ୍ୟଗ୍ରତା ହିଁ ଦର ବଢ଼ାଇ ଦେଉଛି। ଡିମାଣ୍ଡ ଅଛି, ତେଣୁ ରେଟ୍ ଅଧିକ ଲାଗୁଛି। ଅଧିକ ପଚାରିବାରୁ ବହୁ ଟ୍ୟାକ୍ସ ଦେବାକୁ ପଡୁଥିବା କହିଥିଲେ। ହେଲେ ୮୫,୦୦୦ ଟଙ୍କା ମୂଲ୍ୟରେ କେତେ ଟଙ୍କାର ଜିଏସ୍‌ଟି ଲାଗୁଛି ତାହା କହିପାରି ନ ଥିଲେ। ସୂଚନାଥାଉ କି ଏବେ ବଜାରରେ ଶବ୍ଦବିହୀନ ୫ ୱାଟ୍ ଜେନେରେଟର ଦାମ ୧,୭୫,୦୦୦ ଟଙ୍କା ଛୁଇଁଛି। ସାଧାରଣତଃ ଏହାର ବଜାର ମୂଲ୍ୟ ୧,୩୫,୦୦୦ରୁ ୧,୫୦,୦୦୦ ଉପଲବ୍ଧ ହୋଇଥାଏ। ୭ ୱାଟ ଜେନେରେଟର ମୂଲ୍ୟ ୨,୩୫,୦୦୦ରୁ ବିକ୍ରି ଆରମ୍ଭ ହେଉଛି।

ଅନ୍ୟପକ୍ଷରେ ଯେଉଁମାନେ ଜେନେରେଟର କିଣିପାରୁ ନାହାନ୍ତି, ଗୋଷ୍ଠୀଗତ ଭାବେ ଚାନ୍ଦା କରି ଭଡ଼ାରେ ଚଳାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ଘଣ୍ଟାକୁ ୩୫୦୦ରୁ ୬୦୦୦ ଟଙ୍କା ଦେବାକୁ ପଡୁଛି। ଆଶ୍ଚର୍ଯ୍ୟର କଥା ୨୫,୦୦୦ ଟଙ୍କା ମୂଲ୍ୟର ଜେନେରେଟରକୁ ଭଡ଼ାରେ ଘଣ୍ଟାପିଛା ୨୫୦୦ରୁ ୩୦୦୦ ଟଙ୍କା ଦାବି କରାଯାଉଛି। କଟକ ରୋଡ୍‌ର ଏକ ଜେନେରେଟର ଦୋକାନ ଆଗରେ ଜମିଥିବା ଭିଡରୁ ଅଧିକାଂଶ ଲୋକ କହିଛନ୍ତି ଯେ, କଟକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଆଦି ସହରରେ ମିଳୁଥିବା ଜେନେରେଟର ସରିଯାଇଛି। କେତେକ ଭଡ଼ାରେ ଯାଇଛି। ବହୁସଂଖ୍ୟକ ଜେନେରେଟର ପୁରୀ ଜିଲା ଯାଇଥିବା କୁହାଯାଇଛି। କେତେକ ଦୋକାନୀ ଦୈନିକ ୨୫ରୁ ୪୦ ସେଟ୍ ବିକ୍ରି କରୁଛନ୍ତି। ସେମାନେ ଅସାଧୁ ଉପାୟରେ ସର୍ବନିମ୍ନ ୫ ଲକ୍ଷରୁ ସର୍ବାଧିକ ୮ ଲକ୍ଷ ଟଙ୍କା ଉପାର୍ଜନ କରୁଥିବା କୁହାଯାଉଛି। ଲୋକେ ଅସ୍ୱାଭାବିକ ସମୟ ଦେଇ ଗତି କରୁଥିବାବେଳେ ଏହି ଚଢ଼ାଦର ଉପରେ ପ୍ରଶାସନର ନିଘା ନାହିଁ। ଏଥିନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

– ରିପୋର୍ଟ: ଚିଦାନନ୍ଦ ଜେନା, ସ୍ଥିତପ୍ରଜ୍ଞ ମିଶ୍ର

### କଟକରେ ଭଡ଼ା ଘଣ୍ଟାକୁ ୨ ହଜାର

ବାତ୍ୟା ପରେ ଅନ୍ଧାରରେ ରହୁଥିବା ଲୋକମାନେ ସାମୟିକ ଆଶ୍ୱସ୍ତି ପାଇଁ ଜେନେରେଟରକୁ ଭଡାରେ ଆଣୁଥିବା ଦେଖିବାକୁ ମିଳିଛି। ଦିନକୁ ୫୦୦ ଟଙ୍କା ଭଡ଼ାରେ ଯାଉଥିବା ଜେନେରେଟର ଏବେ ଘଣ୍ଟା ପିଛା ୨ହଜାର ଟଙ୍କାରେ ଭଡ଼ା ସୂତ୍ରରେ ଲାଗୁଥିବା ବାଦାମବାଡି ଅଞ୍ଚଳର ପବିତ୍ର ନାୟକ କହିଛନ୍ତି। ପାଣି, ପବନ, ଆଲୁଅ ପାଇଁ କଟକବାସୀ ଅଧିକ ଦରରେ ଜେନେରେଟରକୁ ଭଡାରେ ନେବା ପାଇଁ ବାଧ ହେଉଛନ୍ତି।

### କର୍ତ୍ତବ୍ୟରେ ଅବହେଳା: ୨କର୍ମଚାରୀଙ୍କ ଦରମା ବନ୍ଦ

#### ୬ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

**ଗୋପ, ୮।୫(ଡି.ଏନ୍.ଏ.):** ସାମୁଦ୍ରିକ ଝଡ଼ ଫନୀର ମୁକାବିଲା ଲାଗି ରାଜ୍ୟ ସରକାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ୍ କରିଥିଲେ। ମାତ୍ର ଗୋପ ବ୍ଲକରେ କେତେକ କର୍ମଚାରୀ ଏହି ନିର୍ଦ୍ଦେଶକୁ ବେଖାତିର କରି ଅନୁପସ୍ଥିତ ରହିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ନେଇ ଗୋପ ବିଡିଓ ଦୀପ୍ତିରାଣୀ ଦାସ ୨କର୍ମଚାରୀଙ୍କ ଦରମା ବନ୍ଦ କରିଥିବାବେଳେ ୬ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳଙ୍କୁ ସୁପାରିସ କରିଥିବା ବ୍ଲକ ପକ୍ଷରୁ ଜଣାପଡ଼ିଛି। ଏପରିକି ଏହି କର୍ମଚାରୀମାନେ ୩ ତାରିଖ ଠାରୁ ଏପର୍ଯ୍ୟନ୍ତ ଅନୁପସ୍ଥିତ ରହିବା ସହିତ ସରକାରୀ କାର୍ଯ୍ୟରେ ଯୋଗ ଦେଇ ନ ଥିବା ବିଡିଓ ସୂଚନା ଦେଇଛନ୍ତି। ଆଉ କେତେକ କର୍ମଚାରୀ ବାତ୍ୟାର ମୁକାବିଲା ପାଇଁ ବ୍ଲକରୁ ଆବଶ୍ୟକୀୟ ଅର୍ଥ ନେବା ପରେ କେତେକ ପଞ୍ଚାୟତର ଲୋକ ପ୍ରତିନିଧିମାନଙ୍କୁ ଦାୟିତ୍ୱ ଦେଇ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଏପରି ଅଭିଯୋଗ ସମ୍ପର୍କରେ ବିଡିଓଙ୍କୁ ପଚାରିବାରେ ଏହି କର୍ମଚାରୀଙ୍କ ବିରୋଧରେ ଖୁବ୍ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

### ରେଭେନ୍‌ଶା ହଷ୍ଟେଲ ଫାଙ୍କା, ୧୪ ପୂର୍ବରୁ ସ୍ଥିତି ସୁଧୁରିବ

କଟକ ଅଫିସ, ୮।୫: ବାତ୍ୟା ପରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମସ୍ତ ହଷ୍ଟେଲ ଫାଙ୍କା ହୋଇଯାଇଛି। ଅନ୍ଧାର ସାଙ୍ଗକୁ ହଷ୍ଟେଲରେ ଖାଦ୍ୟପେୟର ସମସ୍ୟା ଯୋଗୁ ଅନ୍ତେବାସୀମାନେ ହଷ୍ଟେଲ ଛାଡ଼ି ଚାଲିଯାଇଥିବା ଜଣାପଡ଼ିଛି। ବାତ୍ୟା ପରେ ଶନିବାର ଦିନତମାମ ଅନ୍ତେବାସୀମାନେ ହଷ୍ଟେଲରେ ଥିଲେ। ହେଲେ ରବିବାର ହଷ୍ଟେଲ ସମ୍ପୂର୍ଣ୍ଣରୂପେ ଫାଙ୍କା ହୋଇଯାଇଥିଲା। ବିଶ୍ୱବିଦ୍ୟାଳୟର ପାଚେରି କିଛି ସ୍ଥାନରେ ଭୁଶୁଡ଼ି ପଡ଼ିଥିବା ବେଳେ ମୁଖ୍ୟ ଫାଟକ ନିକଟରେ ଥିବା ବିଶାଳକାୟ ଗଛଟି ଉପୁଡ଼ି ପଡ଼ିଛି। ବିଶ୍ୱବିଦ୍ୟାଳୟର କ୍ଷୟକ୍ଷତି ଆକଳନ କରାଯାଉଛି ବୋଲି କୁଳସଚିବ ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୪ ତାରିଖରୁ ସ୍ନାତକୋତ୍ତର ୪ର୍ଥ ସେମିଷ୍ଟର ଓ ସ୍ନାତକ ୬ଷ୍ଠ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। ଏଣୁ ୧୪ ତାରିଖ ପୂର୍ବରୁ ସ୍ଥିତିରେ ସୁଧାର ଆଣିବା ପାଇଁ ଚେଷ୍ଟା କରାଯାଉଛି ବୋଲି କୁଳସଚିବ ଦାଶ କହିଥିଲେ।

### ଫନୀ ନେଲା ଆଉ ଏକ ଜୀବନ: ମୃତ୍ୟୁ ସଂଖ୍ୟା ୨୮ ଛୁଇଁଲା

**ପୁରୀ ଅଫିସ, ୮।୫:** 'ଫନୀ' ନେଲାଣି ଅନେକ ଜୀବନ। ବେସରକାରୀ ସୂଚନା ମୁତାବକ ବାତ୍ୟାରେ ଏପର୍ଯ୍ୟନ୍ତ ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ମାତ୍ର ସରକାରୀ ତଥ୍ୟ ଅନୁଯାୟୀ ଏହି ସଂଖ୍ୟା ୨୮। ବାତ୍ୟାରେ ଘର କାନ୍ଥ ଭୁଶୁଡ଼ି ପଡ଼ିବାରୁ ପୁରୀ ଜିଲା ବ୍ରହ୍ମଗିରି ବ୍ଲକର କୁଆପଦା ଗ୍ରାମର ପାୟଲ ନାୟକ ନାମ୍ନୀ ୮ବର୍ଷୀୟା ନାବାଳିକା ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେ ଏଠାରେ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଯାଇଛି।



❝ ଚେପକ୍‌ର ସ୍ଲୋ ଟ୍ରାକ୍ ସହିତ ନିଜକୁ ଖାପ ଖୁଆଇବାରେ ଆମ ବ୍ୟାଟ୍ସମ୍ୟାନମାନେ ବିଫଳ ହେଲେ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ତ୍ରୁଟିପୂର୍ଣ୍ଣ ଶଟ୍ ଚୟନ ଯୋଗୁ ଆମେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ବଡ଼ ସ୍କୋର କରିପାରିଲୁ ନାହିଁ।

**— ମହେନ୍ଦ୍ର ସିଂ ଧୋନୀ, ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ**

❝ ସ୍ପିନ ବୋଲିଂକୁ ଖେଳିବାରେ ସୂର୍ଯ୍ୟକୁମାର ଯାଦବ ହେଉଛନ୍ତି ଆମ ଦଳର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ। ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷରେ ସେ ଚମତ୍କାର ଖେଳିଲେ।

**— ରୋହିତ ଶର୍ମା, ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ**



## ସଂକ୍ଷେପରେ

### ଶ୍ରୀଲଙ୍କାରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛି ବିସିବି

ଢାକା,୮।୫(ଏଏଫ୍‌ପି)- ଗତ ମାସରେ ସଙ୍ଘଠିତ ଆତଙ୍କବାଦୀ ଆକ୍ରମଣ ପରେ ଶ୍ରୀଲଙ୍କାରେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଛନ୍ତି ବାଂଲାଦେଶ କ୍ରିକେଟ ଅଫିସିଆଲ। ମାର୍ଚ୍ଚ ମାସରେ ନ୍ୟୁଜିଲାଣ୍ଡର ମସ୍‌ଜିଦରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରୁ ବାଂଲାଦେଶ ଦଳର ଖେଳାଳିମାନେ ଅଳ୍ପକେ ବର୍ତ୍ତିଯାଇଥିଲା। ଏଥିରେ ୫୧ ଜଣ ଲୋକ ପ୍ରାଣ ହରାଇଥିଲେ। ବିଶ୍ୱକପ୍ ପରେ ଜୁଲାଇ ମାସରେ ବାଂଲାଦେଶ ଦଳ ଦିନିକିଆ ସିରିଜ ଖେଳିବା ପାଇଁ ଶ୍ରୀଲଙ୍କା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏହି ସିରିଜ୍ ଆୟୋଜନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର କାରଣ ଗତ ଏପ୍ରିଲ ୨୧ରେ ଶ୍ରୀଲଙ୍କାରେ ଘଟିଥିବା ଇଷ୍ଟର ଆକ୍ରମଣ। ଏହି ଘଟଣାରେ ୨୫୦ରୁ ଊର୍ଦ୍ଧ୍ୱ ପ୍ରାଣହାନି ହୋଇଥିଲା। ସିରିଜ୍ ଆୟୋଜନ ହେବ ନାହିଁ ବୋଲି ଆମେ କହୁନାହିଁ। କିନ୍ତୁ ବୈଦେଶିକ ମନ୍ତ୍ରଣାଳୟ ଓ ବାଂଲାଦେଶ ହାଇ କମିଶନଙ୍କ ଦ୍ୱାରା ଶ୍ରୀଲଙ୍କାର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯାଉଛି ବୋଲି କ୍ରିକେଟ ବୋର୍ଡର କାର୍ଯ୍ୟକାରୀ ଅଧକ୍ଷ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି।

### ୨୬ରେ ଏଏଆଇ ନିର୍ବାଚନକୁ ବିରୋଧ କଲେ ସମ୍ପାଦକ

କୋଲକାତା,୮।୫(ପିଟି)- ଭାରତୀୟ ତୀରନ୍ଦାଜୀ ଆସୋସିଏଶନ (ଏଏଆଇ) ବୁଧବାର ଆଉ ଏକ ବିବାଦର ସମ୍ମୁଖୀନ ହୋଇଛି। ଆସନ୍ତା ୨୬ ତାରିଖରେ ନିର୍ବାଚନ ଆୟୋଜନ ହେବ ବୋଲି ଏଏଆଇର କାର୍ଯ୍ୟକାରୀ ଅଧକ୍ଷ ସୁନୀଲ ଶର୍ମା ସୂଚନା ଦେଇଛନ୍ତି। ହେଲେ ଏହାକୁ ବେଆଇନ କହି ପ୍ରତ୍ୟାଖ୍ୟାନ କରିଛନ୍ତି ସମ୍ପାଦକ ମହା ସିଂ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତବର୍ଷ ଅଧକ୍ଷ ନିର୍ବାଚିତ ହୋଇଥିବା ବି.ଭି.ପି. ରାଓ ଇସ୍ତଫା ଦେଇଥିଲେ। ଏହାପରେ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଥିଲା।

# ସନ୍‌ରାଇଜର୍ସ ଏଲିମିନେଟ୍

## ଚେନ୍ନାଇ- ଦିଲ୍ଲୀ କ୍ୱାଲିଫାୟର ୨

ବିଶାଖାପାଟଣା, ୮।୫(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଦ୍ୱାଦଶ ସଂସ୍କରଣର କ୍ୱାଲିଫାୟର-୨ରେ ଚେନ୍ନାଇ ସୁପରକିଙ୍ଗ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ପରସ୍ପରକୁ ଭେଟିବେ। ବୁଧବାର ଅନୁଷ୍ଠିତ ରୋମାଞ୍ଚକ ଏଲିମିନେଟର ମୁକାବିଲାରେ ଦିଲ୍ଲୀ ଗୋଟିଏ ବଲ ବାକିଥାଇ ୨ ଉଇକେଟରେ ଗତଥରର ରନର୍ସଅପ୍ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ କ୍ୱାଲିଫାୟରକୁ ଉଠିଛି। କ୍ୱାଲିଫାୟର-୨ର ବିଜୟୀ ଦଳ ରବିବାର ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ୮ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିଥିଲା। ଜବାବରେ ଦିଲ୍ଲୀ ୧୯.୫ ଓଭରରେ ୮ ଉଇକେଟ ହରାଇ ୧୬୫ ରନ କରି ବିଜୟୀ ହୋଇଥିଲା। ଫଳରେ ଦିଲ୍ଲୀ ଦୀର୍ଘ ୧୧ ବର୍ଷ ପରେ ପ୍ରଥମଥର ପ୍ଲେଅଫ୍ ମ୍ୟାଚ୍‌ରେ ବିଜୟୀ ହୋଇଛି । ମଙ୍ଗଳବାର ଅନୁଷ୍ଠିତ କ୍ୱାଲିଫାୟର-୧ରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ଚେନ୍ନାଇ ସୁପରକିଙ୍ଗ୍ସ ପରାସ୍ତ ହୋଇଥିଲା। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ରିଷଭ ପନ୍ତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୬୩ ରନ ଟାର୍ଗେଟର ପିଛା କରି ଦିଲ୍ଲୀର ଦୁଇ ଯୁବ ଓ ଅଭିଜ୍ଞ ଓପନର ପୃଥ୍ୱୀ ଶ ଓ ଶିଖର ଧାୱନ ଧୂଆଁଧାର ଆରମ୍ଭ କରିଥିଲେ। ଧାୱନ ମାତ୍ର ୧୭ ରନ (୧୬ ବଲ, ୩ ଚୌକା) କରି ଅଫ୍ ସ୍ପିନର ଦୀପକ ହୁଡାଙ୍କ ଏକ ୱାଇଡ ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ରିଦ୍ଧିମାନ ଶାହାଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଓପନିଂ ଯୋଡିରେ ଦୁଇ ବ୍ୟାଟ୍ସମ୍ୟାନ ୪୫ ବଲରୁ ୬୬ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଅଧିନାୟକ ଶ୍ରେୟସ ଆୟାର ୮ ରନ କରିଥିବାବେଳେ ଖଲିଲ ଅହମ୍ମଦଙ୍କ ବଲ୍‌ରେ ରିଦ୍ଧିମାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୬ ଚୌକା ଓ ୨ ଛକା ସହ ଦ୍ରୁତ ୫୬ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ ପୃଥ୍ୱୀ ପଏଣ୍ଟରେ ବିଜୟ ଶଙ୍କରଙ୍କୁ କ୍ୟାଚ୍ ଦେଇ ଖଲିଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ କଲିନ୍ ମୁନରୋ ୧୪ ଓ ଅକ୍ଷର ପଟେଲ ଖାତା ଖୋଲିବା ପୂର୍ବରୁ ରସିଦ୍ ଖାଁଙ୍କ ଶିକାର ହୋଇଥିଲେ। ତେବେ ଷଷ୍ଠ ଉଇକେଟରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଓ ଶେର୍ଫାନ ରଦରଫୋର୍ଡ ୨୧ଟି ବଲରୁ ଦ୍ରୁତ ୪୦ ରନ କରି ଦିଲ୍ଲୀ ବିଜୟକୁ ସହଜ କରିଥିଲେ। ୧୮ତମ ଓଭରରେ ବାସିଲ ଥାମ୍ପି ୨୨ ରନ ବ୍ୟୟ କରିଥିଲେ। ପନ୍ତ ଏହି ଓଭରରେ ୨୧ ରନ ସଂଗ୍ରହ କରିଥିଲେ। ରଦରଫୋର୍ଡ ୯ ରନ କରି ଆଉଟ ହୋଇଥିଲେ। ପନ୍ତ ୨୧ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୫ ଛକା ସହ ଦ୍ରୁତ ୪୯ ରନ କରି ଆଉଟ ହେବା ପୂର୍ବରୁ ବିଜୟପଥ ପରିଷ୍କାର କରିଥିଲେ। ଅନ୍ତିମ ଓଭରରେ ନାଟକୀୟ ହୋଇଥିଲା। ଚତୁର୍ଥ ବଲ୍‌ରେ ଅମିତ ମିଶ୍ରା ଫିଲ୍ଡିଂରେ ବାଧା ଉପୁଜାଇ ଅମ୍ପାୟରଙ୍କ ଦ୍ୱାରା ଆଉଟ ଘୋଷିତ ହୋଇଥିଲେ। ତେବେ ଖଲିଲଙ୍କ ପଞ୍ଚମ ବଲ୍‌କୁ ଚୌକା ମାରି କିମୋ ପଲ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ମିଶ୍ରା ୧ ରନ କରି ଆଉଟ ହୋଇଥିବା ବେଳେ ପଲ ୪ ବଲରୁ ୫ ରନ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ତରଫରୁ ଭୁବନେଶ୍ୱର, ଖଲିଲ ଓ ନବି ୨ଟି ଲେଖାଏ, ହୁଡା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ୧୨ ପଏଣ୍ଟ ହାସଲ କରି ଆଇପିଏଲ୍ ଇତିହାସର ପ୍ରଥମ ଦଳ ଭାବେ ପ୍ଲେଅଫ୍ ଖେଳିବାକୁ ଯୋଗ୍ୟତା ହାସଲ କରିଥିବା ହାଇଦ୍ରାବାଦ ବଡ଼ ସ୍କୋର ହାସଲ କରିବାର ସୁଯୋଗ ହାତଛଡ଼ା କରିଥିଲା। ଓପନର ତଥା ଉଇକେଟ କିପର ରିଦ୍ଧିମାନ ଶାହ ୮ ରନ କରି ଅଭିଜ୍ଞ ଦ୍ରୁତ ବୋଲର ଇଶାନ୍ତ ଶର୍ମାଙ୍କ ଦ୍ୱାରା ପ୍ରଥମେ ଆଉଟ ହୋଇଥିଲେ। ଓପନିଂ ଯୋଡିରେ ରିଦ୍ଧିମାନ ଓ ଅଭିଜ୍ଞ ମାର୍ଟିନ ଗୁପ୍ଟିଲ ୧୯ବଲରୁ ୩୧ ରନ ସଂଗ୍ରହ କରିଥିଲେ। ୧୯ ବଲରୁ ୧ ଚୌକା ଓ ୪ ଛକା ସହ ଦ୍ରୁତ ୩୬ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ ଗୁପ୍ଟିଲ ଅମିତ ମିଶ୍ରାଙ୍କ ବଲ୍‌ରେ କିମୋ ପଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ସ୍ଥିତି ସମ୍ଭାଳିବାକୁ ଯାଇ ମନୀଷ ପାଣ୍ଡେ ଓ ଅଧିନାୟକ କେନ୍ ୱିଲିୟମସନ ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରି ନ ଥିଲେ। ମନୀଷ ୩୬ ବଲରୁ ୩ ଚୌକା ସହ ୩୦ ରନ କରି ପଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ୨ ଚୌକା ସହ ୨୭ ବଲରୁ ୱିଲିୟମସନ ୨୮ ରନ କରି ଇଶାନ୍ତଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ତୃତୀୟ ଉଇକେଟରେ ମନୀଷ ଓ ୱିଲିୟମସନ ୪୨ ବଲରୁ ୩୪ ରନ ସଂଗ୍ରହ କରି ରନ୍ ସ୍କୋର ହାରକୁ କମାଇଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ୧୧ଟି ବଲର ସମ୍ମୁଖୀନ ହୋଇ ୨ଟି ଲେଖାଏ ଚୌକା ଓ ଛକା ସହ ଦ୍ରୁତ ୨୫ ରନ କରି ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଅକ୍ଷର ପଟେଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆଫଗାନିସ୍ତାନ କ୍ରିକେଟର ମହମ୍ମଦ ନବି ଦ୍ରୁତ ଗତିରେ ରନ ସଂଗ୍ରହ କରିବାକୁ ଯାଇ ପଲଙ୍କ ବଲ୍‌ରେ ଅକ୍ଷରଙ୍କୁ କ୍ୟାଚ ଦେଇଥିଲେ। ସେ ୧୩ ବଲରୁ ୩ ଚୌକା ଓ ୧ ଛକା ସହ ୨୦ ରନ ସଂଗ୍ରହ କରିଥିଲେ। ଏହାପରେ ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଅନ୍ତିମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲ୍‌ରେ ନବି, ହୁଡା ଓ ରସିଦ୍ ଆଉଟ ହୋଇଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ପଲ ୩, ଇଶାନ୍ତ ୨, ବୋଲ୍ଟ ଓ ମିଶ୍ରା ଗୋଟିଏ କରି ଉଇକେଟ ହାସଲ କରିଥିଲେ।

### ସଂକ୍ଷିପ୍ତ ସ୍କୋର

- ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୨/୮ (ଗୁପ୍ଟିଲ- ୩୬, ମନୀଷ- ୩୦, ୱିଲିୟମସନ- ୨୮, ଶଙ୍କର- ୨୫, ନବି- ୨୦, ପଲ- ୩/୩୨, ଇଶାନ୍ତ- ୨/୩୪, ବୋଲ୍ଟ- ୧/୩୭, ମିଶ୍ରା- ୧/୧୬)।
- ଦିଲ୍ଲୀ କ୍ୟାପିଟାଲ୍ସ ୧୯.୫ ଓଭରରେ ୧୬୫/୮ (ପୃଥ୍ୱୀ- ୫୬, ପନ୍ତ- ୪୯, ଧାୱନ- ୧୭, ମୁନରୋ- ୧୪, ଭୁବନେଶ୍ୱର- ୨/୪୨, ଖଲିଲ- ୨/୨୪, ରସିଦ- ୨/୧୫)।

### ସନ୍‌ରାଇଜର୍ସର ଏଲିମିନେଟର ଫଳାଫଳ

- ୨୦୧୩: ରାଜସ୍ଥାନ ରୟାଲ୍ସଠାରୁ ୪ ଉଇକେଟରେ ପରାସ୍ତ
- ୨୦୧୬: କୋଲକାତା ନାଇଟ ରାଇଡର୍ସକୁ ୨୨ ରନରେ ହରାଇଲା
- ୨୦୧୭: କୋଲକାତା ନାଇଟ ରାଇଡର୍ସଠାରୁ ୭ ଉଇକେଟରେ ହାରିଲା
- ୨୦୧୯: ଦିଲ୍ଲୀ କ୍ୟାପିଟାଲ୍ସଠାରୁ ୨ ଉଇକେଟରେ ପରାସ୍ତ



ବିଜୟ ପରେ ଉଲ୍ଲସିତ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ଖେଳାଳିମାନେ।

# କୋଚ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଗୌତମ ଗମ୍ଭୀର

ଅଷ୍ଟ୍ରେଲିଆ ଦଳକୁ ଷ୍ଟିଭ ସ୍ମିଥ୍ ଓ ଡେଭିଡ ୱାର୍ନର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏହି ଦୁଇ କ୍ରିକେଟର ଭିନ୍ନଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରି ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି। ଉଭୟ ଖେଳାଳି ପ୍ରତ୍ୟାବର୍ତ୍ତନ କରିବା ପରେ ଆତ୍ମବିଶ୍ୱାସ ଫେରି ପାଇଥିବା ମନେ ହେଉଛି। ପୂର୍ବରୁ ଅଷ୍ଟ୍ରେଲୀୟ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ସହ ମୁଁ କିଛି ସମୟ ବିତାଇବାର ସୌଭାଗ୍ୟ ହାସଲ କରିଛି। ବ୍ୟାଟିଂରେ ସୁଧାର ଆଣିବା ପାଇଁ ସେ ମୋତେ କିଛି ଟିପ୍ସ ଦେଇଥିଲେ। ଲାଙ୍ଗରଙ୍କୁ ମୁଁ ଯେତିକି ଜାଣିଛି, ସେ ସ୍ମିଥ୍ ଓ ୱାର୍ନରଙ୍କ ବ୍ୟାଟିଂରେ ସୁଧାର ଆଣିବାରେ ସଫଳ ହେବ। ଲାଙ୍ଗରଙ୍କ ତତ୍ତ୍ୱାବଧାନରେ ସ୍ମିଥ୍ ଓ ୱାର୍ନର ଯୋଡି ଆହୁରି ଭଲ ପ୍ରଦର୍ଶନ କରିବାକୁ ସକ୍ଷମ ହେବେ। ତେଣୁ କୋଚ୍‌ମାନଙ୍କ ଭୂମିକାକୁ ଆଦୌ ହେୟ ମନେ କରିହେବ ନାହିଁ। ଚଳିତ ଆଇପିଏଲ୍‌ରେ ମଧ୍ୟ ଏହା ଦେଖିବାକୁ ମିଳିଛି। କ୍ୱାଲିଫାଏ କରିଥିବାର ସବୁ ୪ଟି ଦଳଗୁଡିକୁ ଭଲ ଗାଇଡ୍ ବା କୋଚ୍ ମିଳିଛି। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ମାହେଲା ଜୟବର୍ଦ୍ଧନେ, ଚେନ୍ନାଇ ସୁପରକିଙ୍ଗ୍ସ ପାଇଁ ଷ୍ଟିଫେନ ଫ୍ଲେମିଂ, ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ରିକି ପଣ୍ଟିଂ ଓ ସୌରଭ ଗାଙ୍ଗୁଲି, ସନରାଇଜର୍ସ ହାଇଦ୍ରାବାଦ ପାଇଁ ଭିଭିଏସ୍ ଲକ୍ଷ୍ମଣଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ଏହି କିମ୍ବଦନ୍ତୀ ଖେଳାଳିମାନେ ସେମାନଙ୍କ ତତ୍ତ୍ୱାବଧାନରେ ଦଳଗୁଡିକର ପ୍ରଦର୍ଶନରେ ସୁଧାର ଆଣିବାରେ ସଫଳ ହୋଇଛନ୍ତି।

ଯୁବ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଇତିମଧ୍ୟରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିଛନ୍ତି। ସେ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ପାଇଁ ଖେଳୁଥିଲେ। ତାଙ୍କ ଉନ୍ନତି ପଛରେ ଜୟବର୍ଦ୍ଧନେଙ୍କ ହାତ ନିଶ୍ଚିତ ଥିବ ବୋଲି ମୁଁ ଜୋର ଦେଇ କହିପାରେ। ସେହିପରି କେଦାର ଯାଦବ ଓ ଦୀପକ ଚହରଙ୍କ ପ୍ରଦର୍ଶନକୁ ଫ୍ଲେମିଂ ଆହୁରି ଶାଣିତ କରିଛନ୍ତି। ତେବେ ଗୋଟିଏ କିମ୍ବା ଦୁଇ ଦିନରେ ଏହା ସମ୍ଭବ ନୁହଁ। ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ କୋଚ୍ ତଥା ଗାଇଡ୍‌ମାନେ ଅତିକମ୍‌ରେ ଗୋଟିଏ କିମ୍ବା ଦୁଇଟି ସେସନ ଆବଶ୍ୟକ କରିବେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ବିରାଟ କୋହଲି। ଯେତେବେଳେ ସେ ପଦାର୍ପଣ କରିଥିଲେ, କେହି ଜାଣି ନ ଥିଲେ ସେ ଜଣେ ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନରେ ପରିଣତ ହେବେ। କୋଚ୍ ଗ୍ୟାରୀ କିର୍ଷ୍ଟନ ଓ ସଚିନ ତେନ୍ଦୁଲକରଙ୍କ ତତ୍ତ୍ୱାବଧାନ ତଥା ଗାଇଡ୍ ତାଙ୍କୁ ଆଜି ସୁପରଷ୍ଟାର କରାଇପାରିଛି।

ଦୁଇ ବର୍ଷ ବାସନ୍ଦ ହେବା ସତ୍ତ୍ୱେ ଆଇପିଏଲ୍‌ରେ ଚେନ୍ନାଇ ତା'ର ପ୍ରଭାବ ତଥା ପ୍ରଦର୍ଶନ ବଜାୟ ରଖିବାରେ ସଫଳ ହୋଇଛି। ବିଶେଷ କରି ଚେନ୍ନାଇର ବୋଲିଂ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛି। ଘରୋଇ ପରିବେଶରେ ଚେନ୍ନାଇ ଭଲ ବୋଲିଂ କରିବାରେ ସଫଳ ହୋଇଛି।

୨୦୧୧ରେ ୱେଷ୍ଟଇଣ୍ଡିଜ୍ ଗସ୍ତରେ ନ ଯାଇ କୋଲକାତା ପାଇଁ ମୁଁ ଖେଳିଥିଲି ବୋଲି ମୋତେ ସମାଲୋଚନା କରାଯାଇଥିଲା। ସେହି ସମାଲୋଚକମାନେ ଏବେ ମହେନ୍ଦ୍ର ସିଂ ଧୋନୀଙ୍କ ଖେଳ ଦେଖୁଥିବେ। ବିଶ୍ୱକପ୍ ଆଉ ଏକମାସରୁ କମ୍ ସମୟଥିଲେ ମଧ୍ୟ ଧୋନୀ ଆଇପିଏଲ୍‌ରେ ଉଭୟ ବୋଲିଂ ଓ ବ୍ୟାଟିଂରେ କମାଲ କରୁଛନ୍ତି। ତେଣୁ ଏ ବିଷୟରେ ଅଧିକ ଟିପ୍ପଣୀ ଦେବା ଅପେକ୍ଷା କିମ୍ବା ସମାଲୋଚନା କରିବାର ଆବଶ୍ୟକତା ନାହିଁ। ଏଥିରୁ କ'ଣ ଶିଖିବାକୁ ମିଳୁଛି ଓ ଲାଭ ମିଳୁଛି ତାହା ଉପରେ ଗୁରୁତ୍ୱ ଦେବା ଉଚିତ ହେବ ବୋଲି ମନେ କରୁଛି।

(ଗେମ୍ ପ୍ଲାନ)

SEAGRAM'S
ROYAL STAG
MEGA CRICKET · CRICKET GEAR

## ହକି ସିରିଜ ଫାଇନାଲ୍ସ ଭୁବନେଶ୍ୱରରୁ ସ୍ଥାନାନ୍ତର ହେବନାହିଁ

ନୂଆଦିଲ୍ଲୀ, ୮।୫(ପି.ଟି.)

ସାମୁଦ୍ରିକ ଝଡ଼ ଫନୀର ପ୍ରଭାବରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି ସତ, ମାତ୍ର ଆସନ୍ତା ମାସରେ ହେବାକୁଥିବା ଏଫଆଇଏଚ୍ ହକି ସିରିଜ ଫାଇନାଲ୍ସ ଅନ୍ୟତ୍ର ସ୍ଥାନାନ୍ତର ହେବନାହିଁ। ହକି ଇଣ୍ଡିଆ ପକ୍ଷରୁ ବୁଧବାର ଏହା ସ୍ପଷ୍ଟ କରାଯାଇଛି। ଜୁନ ୬ରୁ ୧୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱର ବାହାରକୁ ଲକ୍ଷ୍ନୌ କିମ୍ବା ରାୟପୁରରେ ହେବ ବୋଲି ପ୍ରଚାରିତ ଖବର ଏକ ଗୁଜବ, ନ୍ୟାଶନାଲ ବଡି ଏପରି ନିଷ୍ପତ୍ତି କେବେ ନେଇନାହିଁ, ଆମେ ଭୁବନେଶ୍ୱରରେ ଏହି ପ୍ରତିଯୋଗିତା ଆୟୋଜନ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ହକି ଇଣ୍ଡିଆର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଆମେ ଓଡ଼ିଶା ସରକାରଙ୍କ ଅଫିସିଆଲଙ୍କ ସହ ଯୋଗାଯୋଗରେ ରହିଛୁ। ହକି ଷ୍ଟାଡିୟମର କ୍ଷୟକ୍ଷତି ସାଧାରଣ ବୋଲି ଆମକୁ ଅବଗତ କରାଯାଇଛି। ହକି ଇଣ୍ଡିଆର କର୍ମକର୍ତ୍ତାମାନେ ମଧ୍ୟ ଚଳିତ ସପ୍ତାହରେ ଭୁବନେଶ୍ୱର ଯାଇ ପରିସ୍ଥିତି ଅନୁଧାନ କରିବେ ବୋଲି ସେ କହିଛନ୍ତି।

ଏଭଳି ଏକ ସମୟରେ ଓଡ଼ିଶା ସରକାର ଆବଶ୍ୟକ ମନେକଲେ ହକି ଇଣ୍ଡିଆ ସହାୟତା କରିବାକୁ ପ୍ରସ୍ତୁତ। ଫନୀରେ ପ୍ରଭାବିତ ପରିବାର ପ୍ରତି ଆମର ସମବେଦନା ରହିଛି। ୬ ମାସ ପୂର୍ବରୁ ଭୁବନେଶ୍ୱର ହକି ବିଶ୍ୱକପ ଆୟୋଜନ କରିଥିଲା। ମାତ୍ର ଗତ ସପ୍ତାହରେ ଫନୀ ଝଡ଼ର ପ୍ରଭାବରେ ସହରରେ ଅନେକ କ୍ଷୟକ୍ଷତି ହୋଇଛି। ତେବେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ କର୍ମକର୍ତ୍ତାମାନେ ହକି ସିରିଜ ଫାଇନାଲ୍ସ ନିର୍ଦ୍ଧାରିତ ସମୟରେ ଆୟୋଜନ ହେବାନେଇ ଦୃଢ଼ ଆଶାପୋଷଣ କରିଛନ୍ତି। ହକି ସିରିଜ ଫାଇନାଲ୍ସରେ ଭାରତ ସମେତ ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ଉଜ୍‌ବେକିସ୍ତାନ ଭାଗ ନେବେ। ଏହାର ବିଜେତା ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବ।

## କିଙ୍ଗ୍ସ କପ୍ ଫୁଟବଲରେ ଖେଳିବ ଭାରତ

ନୂଆଦିଲ୍ଲୀ, ୮।୫(ପି.ଟି.)

ଥାଇଲାଣ୍ଡର ବୁରିରାମଠାରେ ହେବାକୁଥିବା କିଙ୍ଗ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟର ୪୭ତମ ସଂସ୍କରଣରେ ଭାରତ ଭାଗନେବ। ଭାରତ ଏହାର ପ୍ରଥମ ମ୍ୟାଚ ଜୁନ ୫ରେ କାରିବିୟନ ଦଳ କୁରାକାଓ ବିପକ୍ଷରେ ଖେଳିବ। ଫୁଟବଲ ଆସୋସିଏଶନ ଅଫ୍ ଥାଇଲାଣ୍ଡ ପକ୍ଷରୁ ବୁଧବାର ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ଘରୋଇ ଦଳ ସେହି ୫ ତାରିଖରେ ଭିଏତନାମକୁ ଭେଟିବ। ପ୍ରତିଯୋଗିତାରେ ମୋଟ ୪ଟି ଦଳ ଅଂଶଗ୍ରହଣ କରିବ। ପ୍ରତି ଦଳ ପରସ୍ପର ସହିତ ଗୋଟିଏ ଲେଖାଏ ମ୍ୟାଚ ଖେଳିବା ପରେ ଦୁଇ ଶ୍ରେଷ୍ଠ ଦଳ ଜୁନ ୮ରେ ଫାଇନାଲ ଖେଳିବ। ସେହିଦିନ ୩ୟ ସ୍ଥାନ ପାଇଁ ମଧ୍ୟ ମୁକାବିଲା ହେବ। ସମସ୍ତ ମ୍ୟାଚ ବୁରିରାମସ୍ଥିତ ଚାଙ୍ଗ ଆରେନା ଷ୍ଟାଡିୟମରେ ଖେଳାଯିବ। ଗତ ଏପ୍ରିଲ ସୁଦ୍ଧା ଫିଫା ର୍‍ୟାଙ୍କିଙ୍ଗ ଅନୁସାରେ ଭାରତ ୧୦୧, ଥାଇଲାଣ୍ଡ ୧୧୪, ଭିଏତନାମ ୯୮ ଓ କୁରାକାଓ ୮୨ତମ ସ୍ଥାନରେ ରହିଛି। ଥାଇଲାଣ୍ଡ ଫୁଟବଲ ଆସୋସିଏଶନ ପକ୍ଷରୁ ୧୯୬୮ରୁ କିଙ୍ଗ୍ସ କପ୍ ଆୟୋଜନ ହୋଇ ଆସୁଛି। ଏହାକୁ ଫିଫା ଅନ୍ତର୍ଜାତୀୟ 'ଏ' ଟୁର୍ନାମେଣ୍ଟର ମାନ୍ୟତା ଦେଇଛି। ପ୍ରତିଯୋଗିତାର ଫଳାଫଳ ଫିଫା ର୍‍ୟାଙ୍କିଙ୍ଗରେ ଗଣନା କରାଯାଏ। ଭାରତ ପୂର୍ବରୁ ୧୯୭୭ରେ କିଙ୍ଗ୍ସ କପ୍‌ରେ ଅଂଶଗ୍ରହଣ କରିଥିଲା।


# ରିଚାର୍ଡଶନ ବାଦ୍, କେନ୍‌ଙ୍କୁ ଡାକରା ଅଷ୍ଟ୍ରେଲିଆକୁ

ସିଡ୍‌ନୀ, ୮।୫(ଏଏଫ୍‌ପି)

ଚଳିତ ମାସ ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଥିବା ଆଇସିସି ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳକୁ ଶକ୍ତ ଧକ୍କା ଲାଗିଛି। ଯୁବ ଦ୍ରୁତ ବୋଲର ଝେ ରିଚାର୍ଡଶନ କହୁଣି ଆଘାତଜନିତ ସମସ୍ୟାରୁ ସମ୍ପୂର୍ଣ୍ଣ ଭାବେ ମୁକୁଳି ପାରି ନ ଥିବାରୁ ତାଙ୍କୁ ବିଶ୍ୱକପ୍ ଦଳରୁ ବାଦ୍ ଦିଆଯାଇଛି। ଝେ'ଙ୍କ ସ୍ଥାନରେ କେନ୍ ରିଚାର୍ଡଶନଙ୍କୁ ଦଳରେ ସାମିଲ କରାଯାଇଛି।

ଗତ ମାର୍ଚ୍ଚରେ ୟୁଏଇରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ସିରିଜ ସମୟରେ ଝେ ରିଚାର୍ଡଶନଙ୍କ କହୁଣିରେ ଆଘାତ ଲାଗିଥିଲା। କିନ୍ତୁ ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳରେ ତାଙ୍କୁ ସାମିଲ କରାଯାଇଥିଲା। କିନ୍ତୁ ନିକଟରେ ହୋଇଥିବା ଟେଷ୍ଟରେ ସେ ବିଶ୍ୱକପ୍ ବେଳକୁ ସୁସ୍ଥ ହୋଇପାରିବେ ନାହିଁ ବୋଲି ଜଣାପଡ଼ିଛି। 'ଏହା ଟିମ୍ ତଥା ଝେ'ଙ୍କ ପାଇଁ ବହୁତ ନିରାଶଜନକ ଖବର। ନିକଟରେ ହୋଇଥିବା ଟେଷ୍ଟ ତଥା ନେଟ୍ସରେ ବୋଲିଂ କରିବା ସମୟରେ ଝେ ଯେତିକି ସୁସ୍ଥ ହେବା କଥା ସେତିକି ହୋଇନାହାନ୍ତି। ତେଣୁ ଚୟନକର୍ତ୍ତାଙ୍କ ସହ ଆଲୋଚନା କରି ତାଙ୍କୁ ବିଶ୍ୱକପ୍ ଦଳରୁ ବାଦ୍ ଦିଆଗଲା' ବୋଲି ଟିମ୍ ଫିଜିଓ ଡେଭିଡ୍ ବେକଲୀ କହିଛନ୍ତି।

**ଅଷ୍ଟ୍ରେଲିଆ ବିଶ୍ୱକପ୍ ଦଳ:** ଆରୋନ୍ ଫିଞ୍ଚ୍ (ଅଧିନାୟକ), ଉସମାନ ଖ୍ୱାଜା, ଡେଭିଡ୍ ୱାର୍ନର, ଷ୍ଟିଭ ସ୍ମିଥ୍, ଶନ୍ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ଆଲେକ୍ସ କେରୀ, ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ, କେନ୍ ରିଚାର୍ଡଶନ, ନାଥନ କୁଲ୍ଟର-ନିଲ, ଜାସନ ବେହରେନଡ୍ରଫ୍, ନାଥନ ଲିୟନ ଓ ଆଡାମ ଜାମ୍ପା।



# ହରାଇଲା ନ୍ୟୁଜିଲାଣ୍ଡ



ବ୍ରିସ୍‌ବେନ, ୮।୫(ଏଏଫ୍‌ପି)

ଆଇସିସି ବିଶ୍ୱକପ
ଆଉ ୨୦ ଦିନ

ଆଇସିସି ବିଶ୍ୱକପ୍‌କୁ ଆହୁରି ୩ ସପ୍ତାହ ସମୟ ରହିଥିବାବେଳେ ଏଥିପୂର୍ବରୁ ଦୁଇ ପଡ଼ୋଶୀ ରାଷ୍ଟ୍ର ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବୁଧବାର ଏଠାରେ ୨ୟ ଦିନିକିଆ ୱାର୍ମଅପ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱିଲ ୟଙ୍ଗଙ୍କ ଶତକ ବଳରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୭ ଉଇକେଟ୍‌ରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୨୭୮ ରନ୍‌ର ଟାର୍ଗେଟ୍‌କୁ ପିଛାକରି ନ୍ୟୁଜିଲାଣ୍ଡ ୪୮.୨ ଓଭରରେ ୩ ଉଇକେଟ୍ ହରାଇ ମ୍ୟାଚ୍‌କୁ ଜିତିନେଇଥିଲା। ଅନ୍ତର୍ଜାତୀୟ ପଦାର୍ପଣ କରି ନ ଥିବା ତଥା ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳରେ ସାମିଲ ହୋଇ ନ ଥିବା ୟଙ୍ଗ୍ ସର୍ବାଧିକ ୧୩୦ ରନ୍ କରିଥିଲେ। ୧୩୨ ବଲ୍‌ର ଇନିଂସ୍ ମଧ୍ୟରେ ସେ ୧୧ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜର୍ଜ ୱର୍କର (୫୬) ଓ ଟମ୍ ଲଥାମ (୬୯*) ମଧ୍ୟ ଉପଯୋଗୀ ଇନିଂସ ଖେଳି ବିଜୟରେ ସହାୟତା କରିଥିଲେ। ଆଘାତଜନିତ ସମସ୍ୟାରୁ ମୁକୁଳି ପ୍ରତ୍ୟାବର୍ତ୍ତନ କରିଥିବା ମିଚେଲ ଷ୍ଟାର୍କ ୫ ଓଭରରେ ୧୪ ରନ୍ ବ୍ୟୟକରି ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଏଥିପୂର୍ବରୁ ଘରୋଇ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ପ୍ରାକ୍ତନ ଅଧିନାୟକ ଷ୍ଟିଭ ସ୍ମିଥ୍ ୮୯, ଶନ ମାର୍ଶ ୨୮, ଉସ୍‌ମାନ ଖ୍ୱାଜା ୫୬, ଗ୍ଲେନ ମ୍ୟାକ୍ସୱେଲ ୫୨ ଓ ଡେଭିଡ୍ ୱାର୍ନରଙ୍କ ୩୯ ରନ୍ ବଳରେ ୬ ଉଇକେଟ୍ ହରାଇ ୨୭୭ ରନ୍ କରିଥିଲା। ଦୁଇଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଗୋଟିଏ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ଅନ୍ତିମ ତଥା ୩ୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ତେବେ ଏହି ମ୍ୟାଚ୍‌ଗୁଡ଼ିକ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଭାବେ ହିସାବ ହେବନାହିଁ। ଆଇପିଏଲ୍‌ରେ ପ୍ରତିନିଧିତ୍ୱ କରୁଥିବା ଯୋଗୁ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ, ମାର୍ଟିନ ଗୁପ୍ଟିଲ ଓ ଟ୍ରେଣ୍ଟ ବୋଲ୍ଟ ପ୍ରମୁଖ ଏହି ମ୍ୟାଚ୍‌ରେ ଅଂଶଗ୍ରହଣ କରୁନାହାନ୍ତି।

## ସୌରାଷ୍ଟ୍ର ପ୍ରିମିୟର ଲିଗ୍ ଖେଳିବେ ପୂଜାରା

ରାଜକୋଟ,୮।୫(ପିଟି)

ଭାରତୀୟ ଟେଷ୍ଟ ଦଳର ମେରୁଦଣ୍ଡ ଚେତେଶ୍ୱର ପୂଜାରା ସୌରାଷ୍ଟ୍ର ପ୍ରିମିୟର ଲିଗ୍ (ଏସ୍‌ପିଏଲ)ର ପ୍ରଥମ ସଂସ୍କରଣରେ ଖେଳିବେ। ଏହି ଟି୨୦ ପ୍ରତିଯୋଗିତା ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହେବ। ଟେଷ୍ଟ ସ୍ପେଶାଲିଷ୍ଟ ପୂଜାରା ଡି.ୱାଇ. ପାଟିଲ ଟି୨୦ କପ୍ ସମେତ ବିଭିନ୍ନ ଟି୨୦ ଲିଗ୍‌ରେ ଖେଳୁଛନ୍ତି। ଏସ୍‌ପିଏଲ ଲାଗି ସେ ଉପଲବ୍ଧ ରହିବା ନେଇ ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ବୁଧବାର ସୂଚନା ଦେଇଛି। ପ୍ରଥମ ଏସ୍‌ପିଏଲରେ ୫ ଦଳ ଅଂଶଗ୍ରହଣ କରିବେ। ଦଳମାନେ ପୂଜାରାଙ୍କୁ ଚୟନ କରିପାରିବେ। ସେ କେଉଁ ଦଳ ପାଇଁ ଖେଳିବେ ତାହା ଗୁରୁବାର ଜଣାପଡ଼ିବ। ଏହି ଲିଗ୍‌ରେ ଖେଳିବା ନିମନ୍ତେ ପୂଜାରାଙ୍କୁ ଇଂଲିଶ କାଉଣ୍ଟି ଦଳ ମଧ୍ୟ ଅନୁମତି ଦେଇଛି ବୋଲି ଏସ୍‌ସିଏ ପକ୍ଷରୁ କୁହାଯାଇଛି। ଗତ କିଛି ବର୍ଷ ହେଲା ପୂଜାରା ଭାରତୀୟ ଟେଷ୍ଟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରହିଛନ୍ତି।

# ବିଜୟ ସହ ଭାରତର ଅଭିଯାନ

## ଅଷ୍ଟ୍ରେଲିଆ ଟୁର

**ପର୍ଥ, ୮।୫(ପି.ଟି.)**

ଭାରତୀୟ ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ବିଜୟ ସହ ଆରମ୍ଭ ହୋଇଛି। ବୁଧବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତୀୟ ଦଳ ୨-୦ ଗୋଲରେ ୱେଷ୍ଟର୍ନ ଅଷ୍ଟ୍ରେଲିଆର ଥଣ୍ଡରଷ୍ଟିକ୍ସକୁ ପରାସ୍ତ କରିଛି। ଭାରତ ପକ୍ଷରୁ ବୀରେନ୍ଦ୍ର ଲାକ୍ରା ୨୩ ଓ ହରମନପ୍ରୀତ ସିଂ ୫୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅଷ୍ଟ୍ରେଲୀୟ ଜାତୀୟ ଦଳ ସହ ଭାରତ ଚଳିତମାସ ୧୫ ଓ ୧୭ ତାରିଖରେ ମଧ୍ୟ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ରହିଛି।

ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ଆକ୍ରମଣାତ୍ମକ ଖେଳି ଗୋଲ ଦେବାର ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ଅନ୍ତର୍ଜାତୀୟ ପଦାର୍ପଣକାରୀ ଜସକରଣ ସିଂ ମ୍ୟାଚର ୫ମ ମିନିଟରେ ଭାରତ ପାଇଁ ପ୍ରଥମ ମୁଭ୍ ନେଇଥିଲେ। ମାତ୍ର ଟାର୍ଗେଟ ମିସ୍ କରିଥିଲେ। ଥଣ୍ଡରଷ୍ଟିକ୍ସର ଖେଳାଳିମାନେ ଭାରତୀୟ ରକ୍ଷଣଭାଗ ଭେଦ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ହରମନପ୍ରୀତ ସିଂ ଓ ରୂପିନ୍ଦରପାଲ ସିଂଙ୍କ ଉପସ୍ଥିତିରେ ସଫଳ ହୋଇପାରି ନ ଥିଲେ। ପ୍ରଥମ କ୍ୱାର୍ଟର ଶେଷଭାଗରେ ଆକାଶଦୀପ ସିଂ ଭାରତକୁ ଅଗ୍ରଣୀ କରାଇବା ପରିସ୍ଥିତିକୁ ଆସି ଯାଇଥିଲେ। ମାତ୍ର ଥଣ୍ଡରଷ୍ଟିକ୍ସ ଗୋଲକିପର ବେନ୍ ରେନେ ଚମତ୍କାର ସେଭ୍ କରି ତାହା ହେବାକୁ ଦେଇ ନ ଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଅଧିନାୟକ ମନପ୍ରୀତ ସିଂ ଓ ମନଦୀପ ସିଂ ଏହାର ନେତୃତ୍ୱ ନେଇଥିଲେ। ମାତ୍ର ଗୋଲକିପର ରେନିଙ୍କ ଆକର୍ଷଣୀୟ ପ୍ରଦର୍ଶନ ଅବ୍ୟାହତ ରହିଥିଲା। ଏହି କ୍ୱାର୍ଟରରେ ଥଣ୍ଡରଷ୍ଟିକ୍ସ ପକ୍ଷରୁ ମଧ୍ୟ ଅଗ୍ରଣୀ ନେବାପାଇଁ ଜୋରଦାର ଉଦ୍ୟମ ହୋଇଥିଲା। ମାତ୍ର ଭାରତୀୟ ଡିଫେଣ୍ଡରମାନେ ପାଚେରି ସଦୃଶ ଛିଡ଼ା ହୋଇଥିଲେ। ୨୩ତମ ମିନିଟରେ ଭାରତ ପକ୍ଷରୁ ଗୋଲ ସ୍କୋରିଂ ଖାତା ଖୋଲିଥିଲେ ଓଡ଼ିଶା ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା। ସେ ଏକ ଫିଲ୍ଡ ଗୋଲ ଦେଇ ଭାରତକୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ।

ଗୋଟିଏ ଗୋଲରେ ପଛୁଆ ରହିଥିବାରୁ ଥଣ୍ଡରଷ୍ଟିକ୍ସ ସ୍ୱାଭାବିକ ଭାବେ ଦ୍ୱିତୀୟାର୍ଦ୍ଧରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ କରିଥିଲା। ମାତ୍ର ଭାରତୀୟ ଖେଳାଳିଙ୍କୁ ଚକ୍‌ମା ଦେବାରେ ଏହାର ଫରୱାର୍ଡମାନେ ସକ୍ଷମ ହୋଇ ନ ଥିଲେ। ୪୦ତମ ମିନିଟରେ ସର୍କଲ ଭିତରେ ସୁମିତଙ୍କୁ ଦେଖି ବୀରେନ୍ଦ୍ର ଲାକ୍ରା ପାସ୍ ଦେବାକୁ ଉଦ୍ୟମ କରିଥିଲେ। ମାତ୍ର ପ୍ରତିପକ୍ଷ ଖେଳାଳିଙ୍କୁ ଅତିକ୍ରମ କରି ସେ ତାହା ସୁମିତଙ୍କ ନିକଟକୁ ବଢ଼ାଇ ପାରି ନ ଥିଲେ। ଏହାର ୨ ମିନିଟ ପରେ ମନଦୀପ ସିଂ ମଧ୍ୟ ଅନୁରୂପ ଉଦ୍ୟମ କରିଥିଲେ। ମାତ୍ର ଥଣ୍ଡରଷ୍ଟିକ୍ସ ଡିଫେଣ୍ଡରମାନେ ବିପଦକୁ ଏଡ଼ାଇବାରେ ସକ୍ଷମ ହୋଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମଧ୍ୟ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଫାଉଲ ଯୋଗୁ ୫୦ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ହରମନପ୍ରୀତ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଖେଳ ଶେଷ ହେବାକୁ ୩ ମିନିଟ ବାକିଥିବାବେଳେ ଥଣ୍ଡରଷ୍ଟିକ୍ସକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହିତ ଏହାକୁ ପ୍ରତିହତ କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଅଷ୍ଟ୍ରେଲିଆ 'ଏ' ସହିତ ଆସନ୍ତା ୧୦ ତାରିଖରେ ଖେଳିବ।


ବୀରେନ୍ଦ୍ର ଲାକ୍ରା


ହରମନପ୍ରୀତ ସିଂ

# ଭାରତୀୟ କ୍ରିକେଟ୍‌ରେ ପ୍ରଥମ

**ନୂଆଦିଲ୍ଲୀ, ୮।୫(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରଥମଥର ଲାଗି ଏହାର 'ବାର୍ଷିକ ଘରୋଇ ଅଧିନାୟକ ଓ କୋଚ୍ ସମ୍ମିଳନୀ'କୁ ପ୍ରତି ରାଜ୍ୟ ମହିଳା କ୍ରିକେଟ ଦଳର ଅଧିନାୟିକା ଓ କୋଚ୍‌ଙ୍କୁ ନିମନ୍ତ୍ରଣ କରିବ। ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରତ୍ୟେକ ବର୍ଷ ଘରୋଇ କ୍ରିକେଟ ସିଜନ ସମାପ୍ତ ହେବା ପରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଛି। ଏଥିରେ ପ୍ରତି ରଣଜୀ ଦଳର ଅଧିନାୟକ ଓ କୋଚ୍ ଯୋଗଦେଇ ସେହି ସିଜନ ଉପରେ ସେମାନଙ୍କ ମତାମତ ବିସିସିଆଇ ଅଧିକାରୀଙ୍କ ସାମ୍ନାରେ ଉପସ୍ଥାପନ କରିଥାନ୍ତି। କିନ୍ତୁ ବିଗତ ସିଜନଗୁଡ଼ିକରେ ପ୍ରତି ରାଜ୍ୟ ମହିଳା କ୍ରିକେଟ ଦଳର ଅଧିନାୟିକା କିମ୍ବା କୋଚ୍‌ଙ୍କୁ ଏଥିରେ ସାମିଲ କରାଯାଉ ନ ଥିଲା। ଚଳିତ ବର୍ଷ ଘରୋଇ କ୍ରିକେଟ ସିଜନ ସମାପ୍ତ ହୋଇସାରିଥିବାବେଳେ ଆସନ୍ତା ୧୭ରେ ଏହି ସମ୍ମିଳନୀ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଯାଉଛି। 'ଏଥର ପୁରୁଷ ଦଳର ଅଧିନାୟକ ଓ ମୁଖ୍ୟ କୋଚ୍‌ଙ୍କ ଭଳି ପ୍ରତି ରାଜ୍ୟ ମହିଳା ଦଳର ଅଧିନାୟିକା ଓ କୋଚ୍ ପ୍ରଥମଥର ସାମିଲ ହୋଇ ଗତ ସିଜନ ଉପରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିବେ' ବୋଲି ବିସିସିଆଇ ଜିଏମ୍ (କ୍ରିକେଟ୍ ଅପରେଶନ) ସବା କରିମ୍ କହିଛନ୍ତି। ଝୁଲଣ ଗୋସ୍ୱାମୀ (ବେଙ୍ଗଲ), ମିଥାଲି ରାଜ (ରେଲ୍‌ୱେ) ଓ ଜେମିମା ରୋଡ୍ରିଗେଜ (ମୁମ୍ବାଇ)ଙ୍କ ପରି ଅଭିଜ୍ଞ ମହିଳା ଖେଳାଳି ଏଥିରେ ଯୋଗଦେବେ ବୋଲି ବିସିସିଆଇ ଆଶାପ୍ରକାଶ କରିଛି। ବିସିସିଆଇ ଆନୁକୂଲ୍ୟରେ ଗତ ଘରୋଇ ସିଜନରେ ମୋଟ୍ ୨୦୨୪ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୬,୪୭୧ ଜଣ ଖେଳାଳି ବିଭିନ୍ନ ବୟସ ବର୍ଗରେ ଅଂଶଗ୍ରହଣ କରିଥିଲେ।

# ଭେଲୋସିଟି ବିଜୟୀ

## ମହିଳା ଟି୨୦ ଚ୍ୟାଲେଞ୍ଜ

**ଜୟପୁର, ୮।୫(ପି.ଟି.)**

ଏଠାରେ ଚାଲିଥିବା ମହିଳା ଟି୨୦ ଚ୍ୟାଲେଞ୍ଜ୍‌ରେ ମିଥାଲି ରାଜଙ୍କ ଭେଲୋସିଟି ଦଳ ବୁଧବାର ୩ ଉଇକେଟରେ ଟ୍ରେଲବ୍ଲେଜର୍ସକୁ ହରାଇ ତା'ର ଫାଇନାଲ ଆଶା ଉଜ୍ଜୀବିତ ରଖିଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ସୁପରନୋଭାକୁ ହରାଇ ଟ୍ରେଲବ୍ଲେଜର୍ସ ଅଭିଯାନ ଆରମ୍ଭ କରିଥିଲା। ଏହି ମ୍ୟାଚ୍‌ରେ ଭେଲୋସିଟିକୁ ହରାଇଥିଲେ ଟ୍ରେଲବ୍ଲେଜର୍ସ ଫାଇନାଲରେ ପ୍ରବେଶ କରିଥାନ୍ତା। ଭେଲୋସିଟି ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଟ୍ରେଲବ୍ଲେଜର୍ସ ୬ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଜବାବରେ ଭେଲୋସିଟି ୧୨ଟି ବଲ ବାକିଥାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ଏହି ଟୁର୍ନାମେଣ୍ଟରେ ୩ଦଳ ଭାଗ ନେଉଛନ୍ତି। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଗୁରୁବାର ଭେଲୋସିଟି ଓ ସୁପରନୋଭା ମୁହାଁମୁହିଁ ହେବେ ଓ ଏହି ମ୍ୟାଚ୍ ପରେ ଫାଇନାଲ ମୁକାବିଲା ସ୍ପଷ୍ଟ ହେବ।

ଏକତା ବିସ୍ତ ଓ ନ୍ୟୁଜିଲାଣ୍ଡର ଆମେଲିଆ କେର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରି ଟ୍ରେଲବ୍ଲେଜର୍ସକୁ ବଡ଼ ସ୍କୋର କରିବାର ସୁଯୋଗ ଦେଇ ନ ଥିଲେ। ଟ୍ରେଲବ୍ଲେଜର୍ସ ତରଫରୁ ହାର୍ଲିନ ଦେଓଲ ସର୍ବାଧିକ ୪୩ ରନ ସଂଗ୍ରହ କରିଥିଲେ। ଓପନର ସୁଜି ବେଟ୍ସ ୨୬ ରନ କରିଥିଲେ। ଅଧିନାୟିକା ସ୍ମୃତି ମନ୍ଧନା ୧୦ଟି ବଲ୍ ଖେଳି ୧୦ ରନ ସଂଗ୍ରହ କରିଥିଲେ। ସେହିପରି ଦୀପ୍ତି ଶର୍ମା ୧୬ ବଲରୁ ୧୬ ରନ ସଂଗ୍ରହ କରିଥିଲେ।

୧୧୩ର ଟାର୍ଗେଟ ପିଛା କରି ଭେଲୋସିଟି ହେଲି ମାଥ୍ୟୁସ୍‌ଙ୍କୁ ସଅଳ ହରାଇଥିଲା। ତେବେ ଶେଫାଳି ବର୍ମା ୫ ଚୌକା ଓ ୧ ଛକା ସହ ୩୧ ବଲରୁ ୩୪ ଓ ଡାନିଏଲ ୱାଟ୍ ୫ ଚୌକା ଓ ୨ ଛକା ସହ ୩୫ ବଲରୁ ୪୬ ରନ କରି ସ୍କୋରକୁ ଆଗକୁ ବଢାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଥାଲି ୨୨ ବଲରୁ ୧୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ଟ୍ରେଲବ୍ଲେଜର୍ସ ତରଫରୁ ଦିପ୍ତୀ ୪, ରାଜେଶ୍ୱରୀ ଗାଏକ୍ୱାଡ଼ ଓ ହାର୍ଲିନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏହି ବିଜୟ ସହ ଭେଲୋସିଟି ପଏଣ୍ଟ ତାଲିକାର ଶୀର୍ଷରେ ରହିଛି।


ଭାଗୀଦାରି ଅବସରରେ ଡାନିଏଲ ୱାଟ ଓ ଶେଫାଳି ବର୍ମା।

**ସଂକ୍ଷିପ୍ତ ସ୍କୋର**

ଟ୍ରେଲବ୍ଲେଜର୍ସ ୨୦ ଓଭରରେ ୧୧୨/୬ (ହାର୍ଲିନ ଦେଓଲ- ୪୩, ଏକତା ବିଷ୍ଟ- ୨/୧୩)।

ଭେଲୋସିଟି ୧୮ ଓଭରରେ ୧୧୩/ ୭ (ଡାନିଏଲ ୱାଟ୍- ୪୬, ଶେଫାଳି ବର୍ମା- ୩୪, ଦିପ୍ତୀ ଶର୍ମା- ୪/୧୪)।




# ମାଡ୍ରିଡ୍ ଓପନ୍: ଜୋକୋଭିଚ୍ ବିଜୟୀ

**ମାଡ୍ରିଡ୍, ୮।୫**

ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ମାଡ୍ରିଡ୍ ଓପନ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ଏଠାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚ୍‌ରେ ଜୋକୋଭିଚ୍ ୬-୪, ୬-୨ ସିଧାସଳଖ ସେଟ୍‌ରେ ଟେଲର ଫ୍ରିଟଜ୍‌ଙ୍କୁ ପରାସ୍ତ କରିଛନ୍ତି। ଟପ୍ ସିଡ୍ ଜୋକୋଭିଚ୍‌ଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୬୫ ମିନିଟ୍ ସମୟ ଲାଗିଥିଲା। ଜୋକୋଭିଚ୍ ୨୦୧୧ ଓ ୨୦୧୬ରେ ଏଠାରେ ଚାମ୍ପିୟନ ମୁକୁଟ ପିନ୍ଧିଥିଲେ। ତୃତୀୟ ସିଡ୍ ରୋଜର ଫେଡରରଙ୍କୁ ବାଇ ମିଳିଛି। ଦ୍ୱିତୀୟ ରାଉଣ୍ଡରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଫ୍ରାନ୍ସର ରିଚାର୍ଡ ଗାସକ୍ୟୁଟ୍ ଅନୁପସ୍ଥିତ ରହିଥିଲେ। ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଷ୍ଟାନ୍ ୱାରିଙ୍କା ମଧ୍ୟ ବିଜୟରୁ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ସେ ୬-୨, ୬-୩ ସିଧାସଳଖ ସେଟ୍‌ରେ ପିଏର ହ୍ୟୁଗ୍ସ ହେବର୍ଟଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।




# ୱେଷ୍ଟଇଣ୍ଡିଜକୁ ହରାଇଲା ବାଂଲାଦେଶ

**ଡବ୍ଲିନ୍, ୮।୫**

ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜର ଏକ ମ୍ୟାଚ୍‌ରେ ସାଇ ହୋପ୍‌ଙ୍କ ଶତକ ସତ୍ତ୍ୱେ ୱେଷ୍ଟଇଣ୍ଡିଜ ୮ ଉଇକେଟ୍‌ରେ ବାଂଲାଦେଶ ନିକଟରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୬୧ ରନ କରିଥିଲା। ଦଳ ପକ୍ଷରୁ ହୋପ୍ ସର୍ବାଧିକ ୧୦୯ ରନ (୧୧ ଚୌକା, ୧ ଛକା) କରିଥିବାବେଳେ ରୋଷ୍ଟନ ଚେଜ୍ (୫୧ ରନ) ଓ ଆମ୍ବ୍ରିସ (୩୮) ଉପଯୋଗୀ ଇନିଂସ ଖେଳିଥିଲେ। ବାଂଲାଦେଶ ପକ୍ଷରୁ ମାସ୍ରାଫି ମୋର୍ତ୍ତାଜା ୩ ଏବଂ ସଇଫୁଦ୍ଦିନ ଓ ମୁସ୍ତାଫିଜୁର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କ ଉପଯୋଗୀ ଇନିଂସ ବଳରେ ୪୫ ଓଭରରେ ୨ ଉଇକେଟ୍ ହରାଇ ସହଜସାଧ୍ୟ ବିଜୟ ଲାଭ କରିଥିଲା। ଦୁଇ ଓପନର୍ ତାମିମ ଇକବାଲ ୮୦ ଓ ସୌମ୍ୟା ସର୍କାର ୭୩ ରନ କରିଥିଲେ। ମଧ୍ୟକ୍ରମରେ ଶାକିବ ଅଲ୍ ହାସନ ୬୧* ଓ ମୁସଫିକର ରହିମ ୩୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ସାନନ ଗ୍ରାବିଏଲ ଓ ରୋଷ୍ଟନ ଚେଜ୍‌ଙ୍କୁ ଗୋଟିଏ ଲେଖାଏ ଉଇକେଟ୍ ମିଳିଥିଲା।

DSPL

ରାଜ୍ୟ ସଚିବାଳୟ
ଭୁବନେଶ୍ୱର

ଓଡ଼ିଶା ସରକାର



## ନିବେଦନ

ଅତି ଭୟଙ୍କର ଘୂର୍ଣ୍ଣିଝଡ଼ ଫନି ପ୍ରଭାବରେ ୨୦୧୯ ମଇ ୩ ତାରିଖ ଦିନ ଓଡ଼ିଶାରେ ଧନସମ୍ପତ୍ତିର ବ୍ୟାପକ ହାନି ଘଟିଛି । ଏହି ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ । ଏହି ପରିପ୍ରେକ୍ଷୀରେ ସମସ୍ତ ଜନସାଧାରଣ, କେନ୍ଦ୍ର ଓ ରାଜ୍ୟ ସରକାରୀ ଉଦ୍ୟୋଗ, କର୍ପୋରେଟ୍ ହାଉସ, ଶିଳ୍ପ ଓ ବାଣିଜ୍ୟ ସଂସ୍ଥା, ବ୍ୟାଙ୍କ୍, ଦାତବ୍ୟ ଅନୁଷ୍ଠାନ, ଟ୍ରଷ୍ଟ ଏବଂ ଅନ୍ୟାନ୍ୟ ସମସ୍ତ ସଂସ୍ଥା/ଅନୁଷ୍ଠାନଗୁଡ଼ିକ ବାତ୍ୟା କ୍ଷତିଗ୍ରସ୍ତଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବାକୁ ମୁଁ ନିବେଦନ କରୁଅଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଚେକ୍/ବ୍ୟାଙ୍କ୍ ଡ୍ରାଫ୍ଟ/ଏନ.ଇ.ଏଫ.ଟି/ଆର.ଟି.ଜି.ଏସ ଜରିଆରେ ନିମ୍ନମତେ ପଠାନ୍ତୁ:

କ) ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ସପକ୍ଷରେ ଚେକ୍/ବ୍ୟାଙ୍କ୍ ଡ୍ରାଫ୍ଟ ନିମ୍ନ ଠିକଣାରେ ପ୍ରେରଣ କରନ୍ତୁ :- ଅଫିସର ଅନ ସ୍ପେଶାଲ ଡ୍ୟୁଟି (ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି), ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱର, ଓଡ଼ିଶା – ୭୫୧୦୦୧

**ବ୍ୟାଙ୍କ୍ ଖାତା ବିବରଣୀ** — **କ୍ୟୁ.ଆର କୋଡ଼**

୧. ଏସ.ବି.ଆକାଉଣ୍ଟ ନଂ– 11109339165 ଆଇ.ଏଫ.ଏସ.ସି – SBIN0010236
ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ, ସେକ୍ରେଟାରିଏଟ ଶାଖା, ଭୁବନେଶ୍ୱର
UPI–odishacmrf@sbi

୨. ଏସ.ବି. ଆକାଉଣ୍ଟ ନଂ – 006101057842 ଆଇ.ଏଫ.ଏସ.ସି. – ICIC0001499
ଆଇ.ସି.ଆଇ.ସି.ଆଇ ବ୍ୟାଙ୍କ,ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
UPI–odishacmrf.fani@icici

୩. ପେଟିଏମ୍
(କ) ପେଟିଏମ୍ ଆପ୍ ଖୋଲନ୍ତୁ ଏବଂ ହୋମ୍ ପେଜ୍‌ରେ Odisha Relief ଆଇକନ୍‌କୁ କ୍ଲିକ୍ କରନ୍ତୁ । (ଖ) ଦେବାକୁ ଥିବା ଅର୍ଥ ଉଲ୍ଲେଖ କରନ୍ତୁ ଏବଂ ଦେୟ ସମ୍ପୂର୍ଣ୍ଣ କରନ୍ତୁ ।
(ଗ) My Orders ସେକସନରୁ ଦେୟ ବାବଦ ରସିଦ ଡ଼ାଉନ୍‌ଲୋଡ୍ କରନ୍ତୁ ।

୪.ଏସ.ବି.ଆକାଉଣ୍ଟ ନଂ. – 50100124242015 ଆଇ.ଏଫ୍.ଏସ.ସି.କୋର୍ଡ୍ HDFC0000122, ଏଚ୍.ଡ଼ି.ଏଫ୍.ସି. ବ୍ୟାଙ୍କ୍ , ଜୟଦେବ ବିହାର ଶାଖା, ଭୁବନେଶ୍ୱର ।
UPI – ODISHACHIEFMINISTERS.40420436@hdfcbank

ଖ) ସହାୟତା ରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ୱେବ ସାଇଟ https://www.cmrfodisha.gov.in ଜରିଆରେ କ୍ରେଡ଼ିଟ କାର୍ଡ଼, ଡ଼େବିଟ କାର୍ଡ଼, ନେଟ୍ ବ୍ୟାଙ୍କିଙ୍ଗ ଏବଂ UPI ଦ୍ୱାରା ମଧ୍ୟ ଦିଆଯାଇ ପାରିବ ।

ବି.ଦ୍ର – ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦିଆଯାଉଥିବା ଅର୍ଥ Income Tax Act, 1961ର ଧାରା 80(G) ଅନୁଯାୟୀ ସମ୍ପୂର୍ଣ୍ଣ ଭାବେ ଆୟକର ମୁକ୍ତ ଅଟେ ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ରାଧାରାଣୀପଡ଼ା ଶୀତଳଷଷ୍ଠୀ ଥାଳ ଉଠିଲା

**ବଲାଙ୍ଗୀର ଅଫିସ, ୮।୫-** ବଲାଙ୍ଗୀର ରାଧାରାଣୀପଡ଼ା ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷର ଶୀତଳଷଷ୍ଠୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଛି। ଦେବାଧିଦେବ ମହାଦେବ ଏବଂ ଜଗତ୍ ଜନନୀ ମା' ପାର୍ବତୀଙ୍କ ବିବାହ ଉତ୍ସବ ଶୀତଳଷଷ୍ଠୀ ମହୋତ୍ସବର ଶୁଭାରମ୍ଭ ସ୍ୱରୂପ ଅକ୍ଷୟତୃତୀୟା ଅବସରରେ ମା' ପାର୍ବତୀଙ୍କ ଥାଳଉଠା କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ସ୍ଥାନୀୟ ସନାତନ ମନ୍ଦିର ପ୍ରାଙ୍ଗଣରେ ରାଧାରାଣୀପଡ଼ା ପୂଜା କମିଟି ସଦସ୍ୟ ତଥା ଶୁଭେଚ୍ଛୁମାନଙ୍କୁ ନେଇ ଶୀତଳଷଷ୍ଠୀର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଉପସ୍ଥିତ ସଭ୍ୟମାନେ ସୁଚିନ୍ତିତ ମତାମତ ପ୍ରଦାନ କରିବା ସହ ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ କରିବା ପାଇଁ ସମସ୍ତ ସଭ୍ୟ ଓ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ମହୋତ୍ସବର କାର୍ଯ୍ୟକର୍ତ୍ତା ଚୟନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବର୍ତ୍ତମାନ ସଭାପତି ବବନ ମିଶ୍ର, ସମ୍ପାଦକ ତାପସ ମହାନ୍ତି, ରାହୁଲ ସାହୁ, କମଳଜିତ ସାହୁ, ରଞ୍ଜିତ ଦାଶ, ଟିଟୁ ଯୋଷୀ, ସ୍ୱାଗତ ମିଶ୍ର, ସ୍ୱାଗତ ତ୍ରିପାଠୀ, ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ ମନୀଷ ମିଶ୍ର, ଅସିତ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଜଗଦୀଶ ବାଗ, ଗତବର୍ଷର କନ୍ୟାପିତା ସୁନୀଲ ମିଶ୍ର, କୈଳାସ ମିଶ୍ର, ରିକି ରାଉତ, ପ୍ରକାଶ ପଧାନ, ବୁଦ୍ଧିରାଜ ସାଏ, ଅଶ୍ୱିନୀ ରାଉତ, ଦୀପକ ସେଠ, ଅନୁପ ପାତ୍ର, ଜିତୁ ସେଠ, ବିଶ୍ୱରଞ୍ଜନ ସାହୁ, ରୋଶନ ବାଗ, କୁନୁ ଚନ୍ଦନ, ରାକେଶ ବେହେରା, କୁନାଲ ସେଠ, ସିଦ୍ଧାର୍ଥ ସେଠ, ଦୟାନିଧି ମିଶ୍ର, ସୁବ୍ରତ ମିଶ୍ର, ଧର୍ମରାଜ ସାଏ, ସ୍ୱରୂପ କୁଅଁର, ଅନୁରାଗ ସାହୁ, ଦିବ୍ୟନ୍ତ ନାଏକ, ସାଗର ମିଶ୍ର, ଶିଳ୍ପୀ ରଞ୍ଜନ ସେଠ୍ ଉପସ୍ଥିତ ଥିଲେ।

### ବିଶ୍ୱ ରେଡକ୍ରସ ଦିବସ ପାଳିତ

**ବଲାଙ୍ଗୀର ଅଫିସ, ୮।୫-** ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷଠାରେ ଜିଲା ଜୁନିୟର ରେଡକ୍ରସ ସୋସାଇଟି ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଜୁନିୟର ରେଡକ୍ରସ ସମ୍ପାଦକ ଜ୍ୟୋତି ପ୍ରସାଦ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇଥିଲେ। ଉତ୍ତମ ସ୍ୱାସ୍ଥ୍ୟ, ନିଷ୍ପାପର ସେବା ଓ ବିଶ୍ୱବନ୍ଧୁତାକୁ ପାଥେୟ କରି ରେଡକ୍ରସ ମାନବ ଜାତିକୁ ଏକ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରୁଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୁଖ୍ୟଅତିଥି ଲେଙ୍କା ରେଡକ୍ରସ ପତାକା ଉତ୍ତୋଳନ କରିବା ସହ ରେଡକ୍ରସ୍ ପ୍ରତିଷ୍ଠାତା ହେନେରୀ ଡୋନାଣ୍ଟଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ଜୁନିୟର ରେଡକ୍ରସ ସଙ୍ଗଠକ ସୁବାସ ଚନ୍ଦ୍ର ପଟେଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧନକର୍ମୀ ବିକାଶ ରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ସାଧନ କର୍ମୀ ରବୀନ୍ଦ୍ର ଠେଟୁଆଲ୍ ଧନ୍ୟବାଦ ଦେଇଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବଲାଙ୍ଗୀର ଅଫିସ, ୮।୫;** ବଲାଙ୍ଗୀର ଚନ୍ଦନଭାଟି ଗ୍ରାମର ଧର୍ମପ୍ରାଣା ମହିଳା ସଂଯୁକ୍ତା ପ୍ରଧାନ(୪୧)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେଲା ବୃକକ୍‌ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁବେଳକୁ ସ୍ୱାମୀ ସୁଦର୍ଶନ ପ୍ରଧାନ, ପୁଅ ସିଦ୍ଧୁ, ଝିଅ ରାଣୀ, ଦୁଇ ଭଉଣୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୁଅ ସିଦ୍ଧୁ ମୁଖାଗ୍ନି ଦେଇଥିଲେ। ରଞ୍ଜିତ ବେହେରାଙ୍କ ସହ ଗ୍ରାମର ଅନ୍ୟମାନେ ସତ୍କାର ବେଳେ ଉପସ୍ଥିତ ଥିଲେ।








ଫନୀ ପ୍ରଭାବିତଙ୍କୁ ସହାୟତା ପାଇଁ ବଲାଙ୍ଗୀର ଜିଲା ପୋଲିସ ବିଭାଗ ପକ୍ଷରୁ ପୁରୀ ଅଞ୍ଚଳକୁ ରିଲିଫ୍ ସାମଗ୍ରୀ ପ୍ରେରଣ କରାଯାଉଛି (ବାମ)। ବଲାଙ୍ଗୀର ବିଡିଜିଏ ହେଲ୍‌ଥ କ୍ଲବ୍ ପକ୍ଷରୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲସ୍ଥିତ ରକ୍ତଭଣ୍ଡାର ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଡା. ପ୍ରଜ୍ଞାପରିମିତା ନାୟକ ପରିଚାଳନା କରୁଛନ୍ତି(ମଝି)। ଆବର୍ଜନା ସ୍ଥାନାନ୍ତରଣ ବେଳେ ଘୋଡେଇକି ନେବାର ନିୟମ ଥିଲେ ମଧ୍ୟ ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ନିୟମ ଉଲ୍ଲଂଘନ କରାଯାଇ ଖୋଲା ଟ୍ରାକ୍ଟରରେ ନିଆଯାଉଥିବାରୁ ଏହା ଯାତ୍ରୀଙ୍କ ଦେହରେ ଉଡି ପଡୁଛି। (**ଫଟୋ-ସୁନୀଲ**)।

■ ଶ୍ରମ ବିଭାଗର ଖାମଖିଆଲି ମନୋଭାବ

# ଅଭିଯୋଗ ପରେ ବି ହେଉନି ଉଦ୍ଧାର କାର୍ଯ୍ୟ

**ଲାଠୋର,୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲାରେ ଦିନକୁ ଦିନ ଦାଦନ ସମସ୍ୟା ଜଟିଳ ରୂପ ନେବାରେ ଲାଗିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ନିର୍ଯାତିତ ଦାଦନ ପରିବାର ଲୋକଙ୍କୁ ଉଦ୍ଧାର କରାଯାଇ ପାରୁନାହିଁ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମରେ। ଗ୍ରାମର ଲାଏବାନ ସୁନା ବଲାଙ୍ଗୀର ଶ୍ରମ କାର୍ଯ୍ୟାଳୟରେ ତାଙ୍କ ସାନଭାଇଙ୍କ ପରିବାର ତେଲେଙ୍ଗାନାକୁ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହେଉଥିବା ନେଇ ଗତ ୨୬ ତାରିଖରେ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ବିଭାଗ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇ ନ ଥିବା ସେ ଅଭିଯୋଗ ହୋଇଛି। ଗତ ଦଶହରାରେ ଲାଏବାନଙ୍କ ସାନଭାଇ ମଗବାନ ସୁନା ତାଙ୍କ ସ୍ତ୍ରୀ ବିମଳା ସୁନା, ସାତ ବର୍ଷର ପୁଅ ପରମାନନ୍ଦ ଏବଂ ଦୁଇ ବର୍ଷର ଝିଅ ଅନୁଙ୍କୁ ଧରି ବେଲପଡା ଗ୍ରାମର ଜଣେ ଦାଦନ ସର୍ଦ୍ଦାରଙ୍କ ଜରିଆରେ ତେଲେଙ୍ଗାନା ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ପରେ ସେମାନେ ରଙ୍ଗାରେଡି ଜିଲା ପୋଙ୍ଗରା ଗ୍ରାମର ଏକ ଇଟା ଭାଟିରେ କାମ କରୁଥିଲେ। ସବୁ ଠିକ୍ ଚାଲିଥିଲା। ପରେ ଇଟା ଭାଟି ମାଲିକ ମଗବାନଙ୍କ ପରିବାର ଲୋକଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏପରି କି ସେମାନଙ୍କୁ ଖାଇବାକୁ ନ ଦେଇ କାମରେ ନିୟୋଜିତ କରୁଥିଲେ। ଫଳରେ ପରିବାର ଲୋକେ ଅସୁସ୍ଥ ହୋଇପଡିଥିଲେ। ହେଲେ ତାଙ୍କୁ ଚିକିତ୍ସା କରାଯାଇ ନ ଥିଲା। ଅନ୍ୟପକ୍ଷେ ମଗବାନଙ୍କ ସ୍ତ୍ରୀ ବିମଳାଙ୍କୁ ଇଟା ଭାଟି ମାଲିକ ନିସ୍ଥୁକ ମାଡ ମାରିବାରୁ ବର୍ତ୍ତମାନ ତାଙ୍କର ଡାହାଣ ଗୋଡ ବୁଢ଼ା ଆଙ୍ଗୁଠିରେ ସଂକ୍ରମିତ ହୋଇଥିଲେ ସୁଦ୍ଧା ତାଙ୍କୁ କୌଣସି ପ୍ରକାର ଚିକିତ୍ସା କରାଯାଉ ନ ଥିବା ଜଣାପଡିଛି। ଏହା ଜାଣି ଲାଏବାନ ଗତ ୨୬ ତାରିଖରେ ଶ୍ରମ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଏଥିପ୍ରତି କୌଣସି ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ବଲାଙ୍ଗୀର ଶ୍ରମ ନିରୀକ୍ଷକ ଦେବ ପ୍ରସାଦ ମାହାନ୍ତିଙ୍କୁ ପଚାରିବାରୁ ବିଭାଗ ପକ୍ଷରୁ ତେଲେଙ୍ଗାନା ଶ୍ରମ ଆୟୋଗଙ୍କୁ ଚିଠି କରାଯାଇଛି। ଖୁବ୍ ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ତୁରନ୍ତ ନିର୍ଯାତିତ ପରିବାରଙ୍କୁ ଉଦ୍ଧାର କରିବାକୁ ଦାବି ହୋଇଛି।

## ଗାଡ଼ି ଧକ୍କାରେ ଜଣେ ମୃତ

**ସଇଁତଲା,୮।୫(ଡି.ଏନ୍.ଏ.):**

୨୬ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀର ଜିଲା ବେଲଗାଁ ନିକଟରେ ବୁଧବାର ଏକ ଗାଡ଼ି ଧକ୍କା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଲଗାଁର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ(୬୦)। ମିଳିଥିବା ସୂଚନା ମୁତାବକ, ପୂର୍ଣ୍ଣଚନ୍ଦ୍ର କୌଣସି ଏକ କାମରେ ସଇଁତଲା ଆସିଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ବେଲଗାଁ ନିକଟ ଏକ ଢ଼ାବା ସମ୍ମୁଖରେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ସଇଁତଲା ପୋଲିସ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି।

## ଘୋଷଣା

ମୁଁ ପାସଲା ପଦ୍ମବାତୀ ଏତଦ୍‌ଦ୍ୱାରା ଘୋଷଣା କରୁଛି ଯେ, ମୁଁ ପ୍ଲଟ ନଂ- ୧୫୮୩ ଏରିଆ ଏ.୦.୦୫ଡି ଓ ପ୍ଲଟ ନଂ ୧୫୮୫ ଏରିଆ ଏ.୦.୦୫ଡି, ଖାତା ନଂ-୯୩୬ ମୌଜା ଅତାବିରା ଯାହାକି ଯାସ୍ତି ଭେରରାଜୁ ପିତା- ସ୍ୱର୍ଗତ ଯାସ୍ତି ସତ୍ୟମଙ୍କଠାରୁ ରେଜେଷ୍ଟ୍ରି ଦଲିଲ ନଂ- ୬୭୮ ତା.୨୭।୦୮।୨୦୦୮ରେ କିଣିଥିଲି। ଉପରୋକ୍ତ ଦଲିଲଟି ଆମ୍ଭେ ରହୁଥିବା ଗ୍ରାମ ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ବାବେବିରା କେନାଲ, ଅତାବିରା ଗ୍ରାମରେ ହଜିଯାଇଛି। ଏହି ସମ୍ପତ୍ତି କୌଣସି ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନକୁ ବନ୍ଧକ ସୂତ୍ରରେ ଦିଆଯାଇନାହିଁ। ମୋ ମାଲିକାନାରେ ଥିବା ଏହି ସମ୍ପତ୍ତିକୁ ମୁଁ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ, ଅତାବିରା ଶାଖାରେ ବନ୍ଧକ ଦେଇ ଗୃହ ଋଣ ନେବାକୁ ଆବେଦନ କରିଛି। ଏଥିରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ। ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

**ପାସଲା ପଦ୍ମବାତୀ**
**ସ୍ୱା- ପାସଲା ସତ୍ୟନାରାୟଣ ଚୌଧୁରୀ**
**ନି- ବାବେବିରା କେନାଲ, ଅତାବିରା**

## ବାଇକ୍ ଧକ୍କାରେ କୃଷକ ନେତାଙ୍କ ମୃତ୍ୟୁ

**ଡୁଙ୍ଗୁରିପାଲି,୮।୫(ଡି.ଏନ.ଏ.)**

ଏକ ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୁବର୍ଣ୍ଣପୁର ଜିଲା ଭାରତୀୟ କିଷାନ ସଂଘ ଜିଲା ସଭାପତି ତଥା କୃଷକ ନେତା କୁଶ ପଣ୍ଡାଙ୍କ ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ଘର ଡୁଙ୍ଗୁରିପାଲି ବ୍ଲକ ଅଧୀନ ବ୍ରାହ୍ମଣିପାଲି ଗ୍ରାମରେ । ମିଳିଥିବା ସୂଚନା ମୁତାବକ, ସଭାପତି ପଣ୍ଡା ମଙ୍ଗଳବାର ରାତିରେ ବରଗଡ଼ ଜିଲା ବରପାଲି ବ୍ଲକ ଅଧୀନ ଆଗଲପୁର ଗ୍ରାମରେ ଅନୁଷ୍ଠିତ ଏକ ବିବାହ ଉତ୍ସବରେ ଯୋଗାଦେବାକୁ ଯାଇଥିଲେ। ସେ ଭୋଜି ଖାଇ ରାସ୍ତା ଉପରକୁ ଚଢୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ କବି, ସଂସ୍କୃତି ପ୍ରଚାରକ, ସଙ୍ଗଠକ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଗାଁରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା।

## ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜୟଦେବ ଜୟନ୍ତୀ

**ବଲାଙ୍ଗୀର ଅଫିସ, ୮।୫**

ବଲାଙ୍ଗୀର ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ କୋଶଳ କଳାମଣ୍ଡଳ ପରିସର ସଂସ୍କୃତି ଭବନରେ କବି ଜୟଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ, ମୁଖ୍ୟବକ୍ତା ଭାବେ ଗୁରୁଶ୍ରୀ ଡ. ଘାସିରାମ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ପ୍ରସିଦ୍ଧ ସଙ୍ଗୀତଜ୍ଞ ଗୁରୁଶ୍ରୀ କାଳୀପ୍ରସାଦ ଷଡଙ୍ଗୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ କବି ଶ୍ରୀ ଜୟଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସମାରୋହର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଆନନ୍ଦ ଚନ୍ଦ୍ର ସାହୁ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଜୟଦେବ କଳାସଂସଦର ସଭ୍ୟଗଣ, ବରିଷ୍ଠ ଚିତ୍ରଶିଳ୍ପୀ ବାସୁଦେବ ମେହେର ତଥା ସାହିତ୍ୟ ପ୍ରେମୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଶେଷରେ ମଳୟ ଆନନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିନୋଦ କୁମାର ନାୟକ, ମହାଦେବ ଘିବେଲା ଓ ପ୍ରଫୁଲ୍ଲ ଟେଟେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅପହଞ୍ଚ ଇଲାକା, ଜ୍ୟୋତିର୍ବିଜ୍ଞାନ ପ୍ରଜ୍ଞାପୀୟୂଷ ପୁସ୍ତକ ଉନ୍ମୋଚିତ

**ବଲାଙ୍ଗୀର ଅଫିସ, ୮।୫**

ବଲାଙ୍ଗୀର ସାମ୍ବାଦିକ ଭବନଠାରେ ମଙ୍ଗଳବାର ଏକ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜ୍ୟୋତିଷ ବିଶାରଦ ଅଚ୍ୟୁତାନନ୍ଦ ଉଦ୍‌ଗାତାଙ୍କ ରଚିତ ଦୁଇଟି ପୁସ୍ତକ ଅପହଞ୍ଚ ଇଲାକା ଓ ଜ୍ୟୋତିର୍ବିଜ୍ଞାନ ପ୍ରଜ୍ଞାପୀୟୂଷର ଉନ୍ମୋଚନ ହୋଇଥିଲା। ଏହି ଅବସରରେ ୩ଜଣ ବେଦଜ୍ଞ ପଣ୍ଡିତ ଜୟକୃଷ୍ଣ ଦାସଶର୍ମା, ଚୈତନ୍ୟଦାସ ଠାକୁର ଓ ନାମଯଜ୍ଞ ମିଶ୍ରଙ୍କୁ ପଣ୍ଡିତ ଗଦାଧର ଉଦ୍‌ଗାତା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ବ୍ରଜବିହାରୀ ତ୍ରିପାଠୀ ବେଦମନ୍ତ୍ର ପାଠ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଅଚ୍ୟୁତାନନ୍ଦ ଉଦ୍‌ଗାତା ତାଙ୍କ ରଚିତ ୨ପୁସ୍ତକ ଉପରେ ଆଲୋଚନା କରିବା ସହ ଗଦାଧର ଉଦ୍‌ଗାତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଉପଯୁକ୍ତ ମଣିଷ ଓ ସମାଜ ଗଠନରେ ଆଧୁନିକ ସାହିତ୍ୟର ଭୂମିକା ବିଷୟରେ ଡ. ଗୋପବନ୍ଧୁ ରଥ, ଚୈତନ୍ୟ ଦାସ ଠାକୁର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଆଲୋଚକ ଭାବେ ଯୋଗଦେଇ ସୁଚିନ୍ତିତ ବକ୍ତବ୍ୟ ରଖିଥିଲେ। ଉନ୍ମୋଚିତ ପୁସ୍ତକ ଉପରେ ଜଗଦାନନ୍ଦ ଛୁରିଆ ଓ ରତ୍ନମୟ ତ୍ରିପାଠୀ ସମୀକ୍ଷା କରିଥିଲେ। କସ୍ତୁରୀ ରଥ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ମଦନ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ନେଇ ଗ୍ରାମବାସୀଙ୍କ ଅଭିଯୋଗ

**ଲାଠୋର,୮।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ସରପଞ୍ଚଙ୍କ ମନମୁଖି କାର୍ଯ୍ୟ କରୁଥିବା ନେଇ ଖପ୍ରାଖୋଲ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମେହେର, ସତ୍ୟନାରାୟଣ ମେହେର, ବିମଳ ଅଗ୍ରୱାଲ, ଶେଷଦେବ ଭଇଁଷାଲ, ପଦ୍ମନାଭ ନାଏକ, ମହେନ୍ଦ୍ର ଭଇଁଷାଲ, ସୁଶିଲ କୁମାର ଅଗ୍ରୱାଲ, ସନ୍ତୋଷ କୁମାର ଭଇଁଷାଲଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାଟଣାଗଡ଼ ଉପଜିଲାପାଳ ତଥା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଗ୍ରାମରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ଏପରିସ୍ଥିତିରେ ସରକାରଙ୍କ ପକ୍ଷରୁ ପୋଖରୀ ନିର୍ମାଣ ନେଇ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହେଉଥିବା ବେଳେ ଲାଠୋର ସରପଞ୍ଚ ପଞ୍ଚାୟତ ପଛପଟେ ଥିବା ୨ଟି ପୋଖରୀକୁ ପୋତି ଦେଉଥିବା ଅଭିଯୋଗ ହୋଇଛି। ଏପରି କି କେଉଁ ଯୋଜନାରୁ ସେ ଏହିପରି କାମ କରୁଛନ୍ତି ତାର କୌଣସି ଫଳକ ମଧ୍ୟ ନାହିଁ। ବର୍ତ୍ତମାନ ନିର୍ବାଚନ ଆଚରଣବିଧି ଲାଗିଥିବା ବେଳେ ସେ କିପରି ଏହି କାର୍ଯ୍ୟ କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ଲାଠୋର ପଞ୍ଚାୟତ କାର୍ଯ୍ୟାଳୟ ପୁରୁଣା କାର୍ଯ୍ୟାଳୟରେ ନ ହୋଇ ବର୍ତ୍ତମାନ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଚାଲୁଛି। ହେଲେ ସରପଞ୍ଚ ପୁରୁଣା ଅଫିସକୁ ବେଆଇନ ଭାବେ ଭାଙ୍ଗି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରି ବିକ୍ରି କରିବାର ଯୋଜନା କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏନେଇ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କୁ ପଚାରିବାରୁ ସେ କୌଣସି ପୋଖରୀ ପୋତି ନାହାନ୍ତି। ପୋଖରୀ ନିକଟରେ ଥିବା ଖାଲକୁ ମାଟି ପକାଇ ସମତୁଲ କରାଯାଇଛି। ତାଙ୍କ ବିରୋଧରେ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହିନ। ଏହା ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଯଥା ଶୀଘ୍ର ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ସଂଖ୍ୟା.୧୩୮୨୫ ତା.୦୭.୦୫.୨୦୧୯ରିଖ

### ନୋଟିସ୍

ପ୍ରଳୟଙ୍କାରୀ ବାତ୍ୟା ଫନି ଦ୍ୱାରା ପ୍ରଭାବିତ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ସମସ୍ତ ରାସନ୍ କାର୍ଡ଼ଧାରୀ ମାନଙ୍କୁ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ) ସରକାରୀ ଆର୍ଥିକ ସହାୟତା ଦେବାର କାର୍ଯ୍ୟକ୍ରମ ଗତ ତା.୦୬.୦୫.୨୦୧୯ରିଖ ଠାରୁ ଆରମ୍ଭ କରାଯାଇଅଛି। ଏଥି ନିମନ୍ତେ ସଂପୃକ୍ତ କଣ୍ଟ୍ରୋଲ ଡିଲରମାନଙ୍କୁ ନିମ୍ନ ତାଲିକା ଅନୁଯାୟୀ ୬୭ଟି ବଣ୍ଟନ କେନ୍ଦ୍ରରେ ସଂଯୋଗ କରାଯାଇଅଛି ଓ ତାହାର ତାଲିକା ନିମ୍ନରେ ଦିଆଗଲା।
ଏଣୁ ସମସ୍ତ ରାସନ କାର୍ଡ଼ଧାରୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ନିଜର ଡିଲର ପାଇଁ ଉଲ୍ଲିଖିତ ବଣ୍ଟନ କେନ୍ଦ୍ରକୁ ଯାଇ ସହାୟତା ରାଶି ଗ୍ରହଣ କରନ୍ତୁ। ଏଥି ପାଇଁ ସେମାନଙ୍କୁ ରାସନ୍ ନେଉଥିବା ବହି ଏବଂ ପରିଚୟ ପତ୍ର ଦର୍ଶାଇବା ନିତ୍ୟାନ୍ତ ଆବଶ୍ୟକ। ସମସ୍ତ ରାସନ୍ କାର୍ଡ଼ଧାରୀମାନେ ସହାୟତା ପାଇବା ପର୍ଯ୍ୟନ୍ତ ଏହି ବଣ୍ଟନ କାର୍ଯ୍ୟକ୍ରମ ଚାଲୁରହିବ।

**କମିଶନର**
**ଭୁବନେଶ୍ୱର ମହାନଗର ନିଗମ**

| Ward No. | Distribution Point | FPS TAG |
|---|---|---|
| 1 | Pathani Samanta Sikhayakendra | Minati Samal |
| 2 | Sikharachandi Vidyapitha | Nalini Samantaray |
| 3 | Cspur UP School | Prahallad Sahoo |
| 4 | Pahala Society office-W-4 | Somanath Sahoo<br>Subash Chandra Sahoo<br>Jitendra Kumar Sasmal<br>Tarun Pattnaik |
| 5 | Manchanathdev H.S.-W-5 | Brahmananda Khuntia<br>Akhya Kumar Mohanty |
| 6 | Mahima Vidya Vihar Gyatrivihar | Nalini Samantray |
| 7 | Phase-II Primary School Saileshree Vihar-W-7 | Santosh Kumar Giri |
| 8 | Acharya Harihar College | Chandra Sekhar SHG |
| 9 | Rangamatia School | Babaji Charan Sahoo<br>Jagabandhu Sahoo |
| 10 | Silpa Anchalika H.S.-W-10 | Naresh Goswami |
| 11 | VSS Nagar High School | Anil Kumar Routray<br>Khirod Kumar Swain |
| 12 | New Govt.Colony building ,Near ICDS office | Bichitrananda Jena<br>Gobinda chandra Sahoo |
| 13 | Vivekananda School-W-13 | Subash Chandra Sahoo |
| 14 | Sector -IV UP School-Niladri Vihar-W-14 | Santosh Kumar Giri<br>Nabashakti WSHG |
| 15 | Rental High School | MFPS Bramunda |
| 16 | Govt.Polytechince Building | MFPS ID Market |
| 17 | Vanivihar School | Dilip Kumar Rout |
| 18 | Pandra UP School | Prasant Kumar Pradhan |
| 19 | Gadagopinath Highschool | Brajakishore Sahoo<br>Niranjan Swain |
| 20 | Loyola School | Kishore Sahoo<br>MFPS ID Market |
| 21 | Indiragandhi Pharmacy College | Rajashree Harichandan<br>MFPS ID Market |
| 22 | Cluster Community Center,Bharatpur | Sibashankar Achari<br>Ajya Kumar Gadabada<br>Laxmi Subudhi<br>Krushna Chandra Sahoo<br>Laxmidhar Das |
| 23 | Ghatikia ME school | Damodar Behera<br>Kabita Sahoo |
| 24 | Govt.UP School,Baramunda HB Colony | Annapaurna Jena<br>MFPS Bramunda |
| 25 | I.R.C.Govt. H.S.(N3)-W-25 | MFPS ID Market |
| 26 | Bijupattnaik College | MFPS ID Market |
| 27 | I.R.C.Primary School-(N6) | Kalyani General Store(Baman Charan Behera)<br>Smt.Sasmita Mishra |
| 28 | Tirupati Kalyan Mandap | Subash Chandra Panda |
| 29 | Girls H.S.Unit-9 | Rinku Store(Smt.Mamata Padhi) |
| 30 | Sahid Nagar H.S | Urbashi Swain (Parbati Store) MFPS Sahid Nagar |
| 31 | Palasuni UG ME School (Rasulgarh) | Srinibas Samantray<br>Sahid Nagar MFPS |
| 32 | Jharapada High School | Srinibas Samantray |
| 33 | Yatri Niwas | Sahid Nagar MFPS |
| 34 | Satya Nagar UP School | Ekamra Store(Madanmohan Rath)<br>Ranjan Store(Nalini Ranjan Mohanty)<br>Sarat Ch. Behera |
| 35 | Capital H.S.Unit-3 | Kalpana Store<br>Smt.Renubala Pattnaik |
| 36 | MLA Colony Primary School | Laxmi Store (Smt.Khirodini Rout)<br>Rajkishore Mahapatra<br>MFPS Unit-4 |
| 37 | Kasturaba Sikhyasadan,Nayapalli | Subash Chandra Panda |
| 38 | Devrai College,Naypalli | Ramaswarup Prasad |
| 39 | Utkalmani Nodal UP School | Rajendra Pattnaik |
| 40 | Govt Boy's Highschool Unit-1 | Secretariate 4th grade Employees Cooperative<br>Govt.Employees Cooperative store |
| 41 | Social Equity Centre,Kharavela Nagar | Ananta Charan Sahoo<br>Sundaramani Sahoo<br>Rajdhani General Store(Smt.Pramila Debi) |
| 42 | Budheswari Community Centre | Deepak Kumar Pattnaik<br>Consumer General Mart |
| 43 | Municipal High School | Ranjan Kumar Nayak |
| 44 | Badagada H.S.School-W-44 | Prasant Kumar Jena |
| 45 | Chinta Maniswar Girls H.S. | Bibhuti Bhusan Mangaraj |
| 46 | Govt.Girls H.S,Unit-6 | Alaka<br>Pravat Ranjan Mohanty |
| 47 | Unit-8 Community Centre | Pravas Kumar Maharathi<br>Sanjaya Das<br>Bilasi Rout<br>Chakradhar Samantray |
| 48 | Mangala Mandap,Unit-8 | Secretary Delta Primary Consumer Employees Cop. |
| 49 | Topoban Highschool | Ramachandra Das<br>Harihar Prusty |
| 50 | Baramunda Highschool | Gobinda Chandra Parida |
| 51 | Sevasharam School | Bhaskar Sahoo |
| 52 | Ganganagar Community Centre | Debabrata Mohapatra<br>Srivatsa Mohapatra<br>Manoranjan Das |
| 53 | Bapujinagar Primary School | Dilip Kumar Mohanty<br>Arun Kumar Das<br>Gourishankar Dasmahapatra<br>Debaprasad Sahoo |
| 54 | Ramakrushana Mission School | Dilip Kumar Mohapatra<br>Lingaraj Store<br>Parsuram Panda<br>Gouri Store<br>Deepak Mohapatra<br>Debabrata Mohapatra<br>Harihara Mahapatra<br>Debaprasad Sahoo |
| 55 | Goutam Nagar High school | Prasant Kumar Samantray |
| 56 | Arts Block ,BJB College | B.B.Pratistan<br>Bikram Dev Garabadu |
| 57 | Saraswati Sisumandir,Badagada | Bipin Kumar Mohanty<br>M.Manmadha Rao |
| 58 | Brahmeswar Patna UP School | Hemanta Kumar Senapati<br>Mamata Samantray |
| 59 | Nuagoan UP School | Nishmani Mohanty<br>Babuli Bisoi<br>Pramila Das<br>Anjana Mahapatra<br>Pradeep Kumar Sahoo |
| 60 | B.M. H.S., Oldtown | Kamalakanta Mahapatra<br>Saraswati Panda<br>Akhya Kumar Dixit<br>K.P. Mohapatra<br>Mamata Panda<br>Arati Mahapatra<br>Umakanta Garabadu(Kedar Gouri Store) |
| 61 | Bhimatangi U.P.School | Mangaraj Sahoo<br>Usharani Mahanty<br>Kabiraj Swain |
| 62 | Central School,Pokhariput | Kabiraj Swain |
| 63 | Khandagiri Govt.H.S.School | Saranga Dhar Pradhan<br>Smt.Basanti Patra |
| 64 | Dumuduma Village U.P. School | Nasim Khan<br>Dhiraj Kumar Jena |
| 65 | First Phase UP School,Dumduma | Santosh Ku. Subudhi<br>SuryaKanta Jena |
| 66 | Raghunath Nagar UP School | Monalisha Priyadarsani Pradhan |
| 67 | Ekamra College | Babaji Charan Champati<br>Tapan Kumar Mahapatra |



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ନଦୀକୁ ଖସିପଡ଼ିଲା ଟ୍ରକ୍, ଡ୍ରାଇଭର ମୃତ

ଭବାନୀପାଟଣା,୮।୫ (ଡି.ଏନ.ଏ.)- ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କର୍ଲାପଡା ଫାଣ୍ଡି ନିକଟସ୍ଥ ତୁରକେଲ ନଦୀ ପୋଲ ଉପରୁ ବୁଧବାର ଏକ ଟ୍ରକ୍ ଖସି ପଡିବାରୁ ଡ୍ରାଇଭଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲପର ନିଖୋଜ ଥିବା ଜଣାପଡିଛି। ମୃତ ଡ୍ରାଇଭରଙ୍କ ନାମ ତ୍ରିଲୋଚନ ହଂସ (୫୦), ଗ୍ରାମ ଗଡିଆଜୋର, ଥାନା ତୁରେକେଲା, ବଲାଙ୍ଗୀର ଜିଲା ବୋଲି ଜଣାପଡିଛି। ବୁଧବାର ପୂର୍ବାହ୍ନ ୧୧ଟାରେ ଏକ ୧୪ ଚକିଆ ଟ୍ରକ (ନଂ.ସିଜି୦୪ ଏମ୍‌ଡି୮୮୬୮) ରାୟପୁରରୁ ବିଶାଖାପାଟଣାକୁ ସାମଗ୍ରୀ ନେଇ ଯାଉଥିଲା। ତୁରକେଲ ନଦୀ ପୋଲ ଉପରୁ ଭାରସାମ୍ୟ ହରାଇ ଖସିପଡିଥିଲା। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଚାପି ହୋଇ ପାଣି ଭିତରେ ରହି ଯିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେଁପୁର ଗ୍ରାମବାସୀ ଓ ସରପଞ୍ଚ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେବା ସହ ଟ୍ରକ ଡ୍ରାଇଭରଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ଡ୍ରାଇଭରଙ୍କୁ ପାଣି ଭିତରୁ କାଢିବା ପରେ ସେ ମୃତ୍ୟୁବରଣ କରିଥିବା ଜଣାପଡିଛି। ତେବେ ହେଲପରଙ୍କ କୌଣସି ପତ୍ତା ମିଳୁ ନ ଥିବା ଜଣାପଡିଛି। ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏ ନେଇ କର୍ଲାପଡା ଫାଣ୍ଡିରେ ଏକ ମାମଲା ରୁଜୁ ହୋଇଛି।

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ
# ନିମ୍ନମାନର ବିହନ, ଅମଳ ହେଉନି ପିଆଜ

ନୂଆପଡା ଅଫିସ,୮।୫

ନୂଆପଡ଼ା ଜିଲାର ପିଆଜ ଭଣ୍ଡାର ବୋଲି କୁହାଯାଉଥିବା ନୂଆଗାଁ ପଞ୍ଚାୟତ ବର୍ତ୍ତମାନ ଖାଁ ଖାଁ ଲାଗୁଛି। କିଛି ଦିନ ଆଗକୁ ପିଆଜ ଅମଳ ହେବାକୁ ଯାଉଥିବାବେଳେ ଚାଷୀଙ୍କ ଆଖିରୁ ନିଦ ହଜିଯାଇଛି । କୌଣସି କ୍ଷେତରେ ପିଆଜ ଠିକ ଭାବେ ଅମଳ ହେବା ଆଶା କ୍ଷୀଣ ହୋଇପଡିଛି। ରୁଆ ଯାଇଥିବା ବିହନ ନିମ୍ନମାନର ଥିବା ଜାଣିବା ପରେ ଚାଷୀ ମୁଣ୍ଡରେ ଚଡକ ପଡ଼ିଯାଇଛି। ଏହା ଜାଣିବା ପରେ ସମସ୍ତ ଚାଷୀ ନୂଆପଡା ଆସି ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବା ସହ ସବୁ ଦୁଃଖ ବଖାଣିଛନ୍ତି। ନୂଆଗାଁ ଗ୍ରାମପଞ୍ଚାୟତ ଲୋହୋଣ୍ଡୋପାଲି, କାଳିମାଟି, ନୂଆଗାଁ, କାମକେଡା ଆଦି ଗାଁ ପିଆଜ ଚାଷ ସକାଶେ ପ୍ରସିଦ୍ଧି ଲାଭ କରିଛି। ଏହି ଗାଁରେ ହଜାର ହଜାର କୁଇଣ୍ଟାଲ ପିଆଜ ଉତ୍ପାଦନ ହୋଇଥାଏ। ଏହା ରାଜ୍ୟ ତଥା ରାଜ୍ୟ ବାହାରକୁ ଟ୍ରକ ଯୋଗେ ଚାଲାଣ ହୋଇଥାଏ।





ନୂଆପଡ଼ା ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ ।

- ଗରିବ ଚାଷୀ ହନ୍ତସନ୍ତ
- ଚାଷୀ ମୁଣ୍ଡରେ ଚଡ଼କ

ଏଥିରୁ ଚାଷୀମାନେ ବେଶ ଦୁଇ ପଇସା ରୋଜଗାର କରିଥାନ୍ତି। ଏକଦା ଦାଦନପ୍ରବଣ ଗ୍ରାମପଞ୍ଚାୟତରେ ପିଆଜ ଚାଷ ସମସ୍ତଙ୍କୁ ରୋଜଗାର ଦେଇଛି। ମଧ୍ୟମ ଏବଂ କ୍ଷୁଦ୍ର ଚାଷୀମାନେ କମ ଜମିରେ ମଧ୍ୟ ଏହି ଚାଷ କରି ଲାଭବାନ ହେଉଛନ୍ତି । ହେଲେ ଏହି ବର୍ଷ ଚାଷୀମାନଙ୍କୁ ଚଡକ ପଡିଯାଇଛି। ଉତ୍ପାଦନ ବଢାଇବା ଆଶାରେ ହାଇବ୍ରିଡ ବିହନ କିଣିଥିଲେ। ସ୍ଥାନୀୟ ସିପିଏସଡବ୍ଲ୍ୟୁ ନାମକ ସଂସ୍ଥା ଏବଂ ଅନ୍ୟ ଏକ ଦୋକାନରୁ ରିହାତି ଦରରେ ବିହନ ସଂଗ୍ରହ କରିଥିଲେ। ଉତ୍ପାଦନ ବୃଦ୍ଧି ହେବ ବୋଲି ବହୁ ପ୍ରତିଶ୍ରୁତି ପରେ ଚାଷୀ ଧାଡି ଲଗାଇଲେ। ଗଛ ଗଜା ହୋଇ ବଢିବାରେ ଲାଗିଲା । ହେଲେ ଅମଳ ସମୟ ପାଖେଇବା ବେଳକୁ ଏହା ଆଉ ବଢିଲା ନାହିଁ । ଚାଷୀମାନେ କିଂକର୍ତ୍ତବ୍ୟ ବିମୂଢ ହୋଇ ବର୍ଷକର ଚାଷକୁ ହରାଇବାକୁ ବସିଛନ୍ତି । ଅନନ୍ୟୋପାୟ ହୋଇ ଶେଷରେ ନୂଆପଡା ଆସି ଜିଲାପାଳ ଡା. ପୋମା ଟୁଡୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ତଦନ୍ତ କରିବା ସହ କ୍ଷତିପୂରଣ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି । ଜିଲାପାଳ ଏହା ଉପରେ ବିଶେଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଚାଷୀମାନଙ୍କ ମଧ୍ୟରେ ରଘୁନାଥ ହାତୀ, ପବିତ୍ର ହାତୀ, ରାଜେନ୍ଦ୍ର ହଂସ, ଲକ୍ଷ୍ମୀକାନ୍ତ ହଂସ, ହେମାଲ ହାତୀ, ସୁଦାନ ହାତୀ, ଘାସିରାମ ହାତୀ, ମହାଦେବ ହାତୀ, ଜଳଧର ହାତୀ, ନରହରି ନାଏକ, ଛୋଟା ନାଏକ, ହୀରାଲାଲ ନାଏକ ପ୍ରମୁଖ ନୂଆପଡା ଆସି ଜିଲାପାଳଙ୍କୁ ଭେଟିଛନ୍ତି । ଜିଲାପାଳ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ନିମ୍ନମାନର କାମ, ରାସ୍ତାରେ ଉଡୁଛି ଧୂଳି
# ପ୍ରତିବାଦରେ ସ୍ଥାନୀୟ ଲୋକଙ୍କ ରାସ୍ତାରୋକୋ

ଭବାନୀପାଟଣା,୮।୫ (ଡି.ଏନ.ଏ.)

ନିମ୍ନମାନର ରାସ୍ତା କାମ, ତଦାରଖର ଅଭାବ ଓ ଧୂଳି ଉଡି ଘରେ ପ୍ରବେଶ କରୁଥିବାରୁ ଲୋକେ ଅତିଷ୍ଠ ହୋଇପଡୁଥିବା ବେଳେ ଘରର ବିଭିନ୍ନ ସାମଗ୍ରୀରେ ଧୂଳିର ଅସ୍ତରଣ ଜମିରହୁଛି । ଏହାର ପ୍ରତିବାଦରେ ମଙ୍ଗଳବାର ସନ୍ଧ୍ୟାରେ ଦୟାନିଧି ଛକରୁ ମାଣୀକେଶ୍ୱରୀ ହାଇସ୍କୁଲ ଛକ ମଧ୍ୟରେ ଲୋକେ ରାସ୍ତାରୋକୋ କରାଯାଇଥିବା ଜଣାପଡିଛି। ପ୍ରକାଶ ଯେ, ସ୍ଥାନୀୟ ଦୟାନିଧି ଛକଠାରୁ ମାଣିକେଶ୍ୱରୀ ହାଇସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ଚଉଡା କରିବା ସହ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଠିକା ନେଇଥିବା ଠିକାଦାର କରୁଥିବା କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ବିଭାଗ ପକ୍ଷରୁ ଏହାର ଉଚିତ୍ ତଦାରଖ କରାଯାଉ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଏହି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ମଧ୍ୟ ନିମ୍ନମାନର ବୋଲି ପ୍ରକାଶ କରିଛନ୍ତି। ନିର୍ମାଣ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ଠିକ ଭାବେ ତଦାରଖ କରୁ ନ ଥିବା ଯୋଗୁ ଏହି କାର୍ଯ୍ୟ ଦୀର୍ଘ ଦିନ ହେଲା ଚାଲୁରହିଛି। ବିଛାଯାଇଥିବା ମେଟାଲ୍, ଗେଟି ଓ କ୍ରଶର୍ ଡଷ୍ଟ ଉପରେ ଆବଶ୍ୟକ ପରିମାଣର ପାଣି ସିଞ୍ଚନ କରାଯାଉ ନାହିଁ। ଫଳରେ ଧୂଳି ଉଡି ଘରେ ପ୍ରବେଶ କରୁଥିବାରୁ ଲୋକେ ଅତିଷ୍ଠ ହୋଇପଡୁଥିବା ବେଳେ ଘରର ବିଭିନ୍ନ ସାମଗ୍ରୀରେ ଧୂଳିର ଅସ୍ତରଣ ଜମିରହୁଛି। ରାସ୍ତା କଡରେ ଥିବା ଘରଗୁଡ଼ିକରେ ରହିବା ମୁସକିଲ ହୋଇ ପଡୁଛି । ଯାନବାହନ ଯାତାୟାତ ସମୟରେ ଗେଟି ଗୁଡିକ ଛିଟିକି ପଡୁଛି। ଏହାର ପ୍ରତିବାଦ କରି ଲୋକେ ଏହି ରାସ୍ତା ରୋକୋ କରିଥିଲେ । ଖବର ପାଇ ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ପୋଲିସ ଦଳ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଗ ନ ଥିଲାକୁ ପେଯ**
**କେହି ନ ଥିଲାକୁ ତୋ ମୁହଁ ଦେଖୁଛି**
**କହିବାକୁ ମାଡ଼େ ଲାଜ ।**

ଗରିବ ଘରେ ସଦାବେଳେ ଅଭାବ ଅନଟନ ଲାଗି ରହିଥାଏ। ଖାଇବାକୁ ଭାତ ମୁଠେ ମିଳୁ ନ ଥିବାରୁ କେବେ ଶାଗ ନ ହେଲେ ପେଯରେ ଭୋକ ମେଣ୍ଟାଇବାକୁ ପଡ଼ିଥାଏ। ଏପରିସ୍ଥଳେ ଗରିବ ବେସାହାରା ଯୁବତୀ ସୁଖରେ ଦିନ କାଟିବ ବୋଲି ଅନ୍ୟକୁ ଆପଣାର କରି ପୂର୍ବ ସ୍ଥିତିରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଘଟୁ ନ ଥିବା ଦୁଃଖରେ ଭାଙ୍ଗିପଡୁଥିବା ବେଳେ ଏ ଦୁଃଖ କଥା କାହା ଆଗେ ବ୍ୟକ୍ତ କରିବାକୁ ଲାଜ ମାଡୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶିଝୁ ଗଛ ମୂଳେ ଗାତ**
**ମତେ ମୂରୁଛି ତୁ ଖାଇଲୁ ଭାତ**
**କେମନ୍ତେ ବଳିଲା ସତ ।**

ସ୍ୱାର୍ଥପର ଦୁନିଆରେ ସମସ୍ତେ ନିଜ ସ୍ୱାର୍ଥ ପାଇଁ ସଦା ଚେଷ୍ଟିତ। ସ୍ୱାର୍ଥୀ ବ୍ୟକ୍ତି ସର୍ବଦା ନିଜ କଥାକୁ ବେଶି ଗୁରୁତ୍ୱ ଦେଇଥାନ୍ତି। କେବଳ ନିଜ ସ୍ୱାର୍ଥ ଚିନ୍ତାରେ ରହିଥାନ୍ତି। ଆପଣାର ଲୋକକୁ ପରିତ୍ୟାଗ କରି ନିଜ ସ୍ୱାର୍ଥ ପ୍ରତି ଧ୍ୟାନ ଦେଉଥିବା ବ୍ୟକ୍ତିକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

# ସଙ୍ଗଠନକୁ ଲୋକାଭିମୁଖୀ ଲାଗି ଆହ୍ୱାନ

ସୋନପୁର,୮।୫ (ନି.ପ୍ର.)


ସୁବର୍ଣ୍ଣପୁର ଜିଲା ରେଡ଼କ୍ରସ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ରେଡକ୍ରସ ଜିଲା ଶାଖା ସଭାପତି ମଧୁସୂଦନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲାପାଳ ବକ୍ତବ୍ୟରେ ସ୍ୱେଚ୍ଛାସେବୀ ମନୋଭାବ ରଖି ଜିଲା ରେଡକ୍ରସ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖି ହେବାକୁ ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସର ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ଆନ୍ତର୍ଜାତିକ ସଂଗଠନ ରେଡକ୍ରସର ମୂଳଲକ୍ଷ୍ୟ ବିଷୟରେ ବୁଝାଇଥିଲେ। ଶାଖା ଉପାଧ୍ୟକ୍ଷ ଗୌରିଶ୍ୟାମ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଡକ୍ରସର ମୂଳ ଲକ୍ଷ୍ୟ ସେବା ଓ ମାନବିକତା ଏହାକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲାପାଳ ତଥା ରେଡକ୍ରସ ଜିଲା ଶାଖା ଅଧ୍ୟକ୍ଷ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ସଂଗଠନର ସଦସ୍ୟ ସଂଖ୍ୟା ବୃଦ୍ଧି କରିବା ଓ ଗରିବ, ଅସହାୟଙ୍କୁ ସହାୟତା ପାଇଁ ପାଣ୍ଠି ସଂଗ୍ରହ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ରେଡକ୍ରସ ଶାଖାର ସମ୍ପାଦକ ମୁକ୍ତେଶ୍ୱର ପାଣିଗ୍ରାହୀ ରେଡକ୍ରସ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅତିରିକ୍ତ ଏସ୍‌ପି ରମେଶ ପାଣିଗ୍ରାହୀ, ସୋନପୁର ବିଡିଓ ରବୀନ୍ଦ୍ର ପଟେଲ, ବୀରମହାରାଜପୁର ବିଡିଓ ଅଭିମନ୍ୟୁ ମାଝି, ତରଭା ବିଡିଓ ନିହାର ରଞ୍ଜନ କହଁର, ସିଡିଏମ୍‌ପିଏଚ୍‌ଓ ଡାକ୍ତର ସରୋଜ କୁମାର ନାୟକ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ବିପିନ ବିହାରୀ ଦାଶ, ତେଲ ଜଳସେଚନର ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଆଷ୍ଟେରିଆ କେରେକେଟା, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ ଜେନା, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଡାକ୍ତର ପ୍ରଦୀପ କୁମାର ଗୁରୁ, ବ୍ରଜବନ୍ଧୁ ପାଣିଗ୍ରାହୀ, ଚତୁର୍ଭୁଜ ଦାଶ, ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ଡିଆଇପିଆର୍‌ଓ ହରିଚରଣ ମିଶ୍ର, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଗୋବିନ୍ଦ ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସକାଳେ ରେଡକ୍ରସ ଶାଖା ପକ୍ଷରୁ କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ମଶାରୀ, ଫଳ, ମିଷ୍ଟାନ୍ନ ଓ ବାସନ କୁସନ ବଣ୍ଟନ କରାଯାଇଥିଲା। ସେମାନେ କିଭଳି ସ୍ୱରୋଜଗାରକ୍ଷମ ହୋଇ ପାରିବେ ସେ ନେଇ ଜିଲାପାଳ ମିଶ୍ର ଆଲୋଚନା କରିଥିଲେ । ମଧ୍ୟାହ୍ନରେ ଶିଶୁ ଗୃହର ଅନ୍ତେବାସୀଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା ।



ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ସୁବର୍ଣ୍ଣପୁରରେ ବିଶ୍ୱ ରେଡକ୍ରସ ଦିବସ**

ମନେ ପଡ଼ନ୍ତି
୧୩ ତମ ଶ୍ରାଦ୍ଧବାର୍ଷିକୀ
ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନରେନ୍ଦ୍ର କୁମାର ମିଶ୍ର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଅନ୍ତର୍ଯ୍ୟାମୀ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣରେ ଆମର ବିନମ୍ର ପ୍ରାର୍ଥନା ।
ଧ-୬୬୫୧୭

CLASSIFIED DISPLAY
ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS: C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟୀକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ



### ଜୁନାଗଡ଼ ଆଦର୍ଶ ବିଦ୍ୟାଳୟ ପାସ୍ ହାରରେ ପ୍ରଥମ
### ସମୀକ୍ଷା ଚୌଧୁରୀ ଟପ୍ପର

ଜୁନାଗଡ଼,୮।୫ (ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ଼ ସହର ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଛାତ୍ରୀଛାତ୍ରମାନେ ଚଳିତବର୍ଷ ଦଶମ ଶ୍ରେଣୀ ସିବିଏସଇ ବୋର୍ଡ ପରୀକ୍ଷାରେ ପ୍ରାୟ ଶତ ପ୍ରତିଶତ ସଫଳ ହୋଇଛନ୍ତି। ଏହାସହ ଜିଲାର ସମସ୍ତ ଓଡିଶା ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ଜୁନାଗଡ ଓଡିଶା ଆଦର୍ଶ ବିଦ୍ୟାଳୟ ପାସ୍ ହାରରେ ପ୍ରଥମ ରହିଥିବା ଜଣାପଡିଛି। ଫଳରେ ଜୁନାଗଡ ଓଡିଶା ଆଦର୍ଶ ବିଦ୍ୟାଳୟ ଜିଲା ପାଇଁ ଗୌରବ ଆଣିଛି। ଚଳିତବର୍ଷ ଜୁନାଗଡ ଓଡିଶା ଆଦର୍ଶ ବିଦ୍ୟାଳୟରୁ ୫୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୫୭ ଜଣ ପାସ୍ କରିଛନ୍ତି। କୌଣସି ଛାତ୍ରୀଛାତ୍ର ଫେଲ ହୋଇ ନ ଥିବାବେଳେ ୨ଜଣ କମ୍ପାଲମେଣ୍ଟ ହୋଇଛନ୍ତି। ଏହି ବିଦ୍ୟାଳୟ ଛାତ୍ରୀ ସମୀକ୍ଷା ଚୌଧୁରୀ ୯୪.୮ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିବିକ୍ରମ ସାହୁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ କବିତା ପାଠୋତ୍ସବ


ଭବାନୀପାଟଣା,୮।୫(ଡି.ଏନ.ଏ.) କଳାହାଣ୍ଡି ଲେଖକ କଳା ପରିଷଦ ପରିସରରେ କଳାହାଣ୍ଡି ଲେଖିକା ସଂଘ ପକ୍ଷରୁ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ଦେବହୁତି କରଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୀତାଞ୍ଜଳି ମହାନ୍ତି ମୁଖ୍ୟଅତିଥି, ସଂଘମିତ୍ରା କାନୁନଗୋ ଓ ହେମଲତା ବେଗମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୀନତି କୁମାରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂଘ ସମ୍ପାଦିକା କଳ୍ପନା ରଥ ଧନ୍ୟବାଦ ଦେଇଥିଲେ। ଏଥିରେ କଳ୍ପନା ରଥ, ଦେବହୁତି କର, ହେମଲତା ବେଗମ, ଗୀତାଞ୍ଜଳି ମହାନ୍ତି, ମୀନତି କୁମାରୀ ପ୍ରଧାନ, ଲୀନା ଦାସ, ପ୍ରଣତି ବହିଦାର, ଆନନ୍ଦିନୀ ପାତ୍ର, ସଂଘମିତ୍ରା କାନୁନଗୋ, ପୁଷ୍ପଶ୍ରୀ ଦେବୀ, ପ୍ରତିଭା ଭୋଇ, ଦୀପ୍ତି ମୁଣ୍ଡ ପ୍ରମୁଖ କବିତା ପାଠ କରିଥିଲେ।

ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା

# ଖୋଲା ଆକାଶ ତଳେ ଅଙ୍ଗନୱାଡି କେନ୍ଦ୍ର

ଜୁନାଗଡ,୮।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା ହୋଇଛି। ବ୍ଲକର ଅନେକ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ ସ୍କୁଲ ବାରଣ୍ଡା ଓ ଅଙ୍ଗନୱାଡି ସହାୟିକାଙ୍କ ଘରେ ଏହି କେନ୍ଦ୍ର ଚାଲିଥିବା ଜଣାପଡିଛି। ଏପରିକି କିଛି ସ୍ଥାନରେ ଖୋଲା ଆକାଶ ତଳେ ମଧ୍ୟ କେନ୍ଦ୍ର ଚାଲୁଥିବା ଜଣାପଡିଛି। କୋମଳମିତି ଛୋଟୋଛୋଟ ଶିଶୁମାନେ ଏହାଦ୍ୱାରା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ, ରାଜନେତା ନିଦାବିଷ୍ଟ ସାଜିବା ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମାଟିଗାଁ ପଞ୍ଚାୟତ ଡୁଡୁଙ୍ଗଗୁଡା ଗ୍ରାମର କୁମ୍ଭପଡାରେ ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପଡାରେ ପାଖାପାଖି ୩୦୨ ଭୋଟର ରହିଥିବାବେଳେ ଜନସଂଖ୍ୟା ୫ ଶହରୁ ଊର୍ଦ୍ଧ୍ୱ। ଏଠାରେ ପୂର୍ବରୁ ପ୍ରାଥମିକ ବିଦ୍ୟାଳୟ ଥିବାବେଳେ ଅଙ୍ଗନୱାଡି କେନ୍ଦ୍ର ହୋଇପାରିନାହିଁ। ଫଳରେ ମାଟିଗାଁ ୨ ନଂ. ଅଙ୍ଗନୱାଡି କେନ୍ଦ୍ର ସହ ଏହି ପଡାକୁ ସାମିଲ କରାଯାଇଛି। ଏଠାରେ ୨୦ଜଣ ଶିଶୁ ରହିଥିବାବେଳେ ପ୍ରାୟ ୧୨ଜଣ ଗର୍ଭବତୀ ଓ ପ୍ରସୂତି ରହିଛନ୍ତି। ଏହି ପଡାଠାରୁ ମାଟିଗାଁ ୨ ନଂ. ଅଙ୍ଗନୱାଡି କେନ୍ଦ୍ର ପ୍ରାୟ ୨ କି.ମି. ଦୂରରେ ଥିବାରୁ ଶିଶୁ, ଗର୍ଭବତୀ, ପ୍ରସୂତି ମହିଳାମାନେ ଯିବା ଆସିବାରେ ଅନେକ ଅସୁବିଧା ସମ୍ମୁଖୀନ ହେଉଥିଲେ। ବର୍ଷା ଦିନରେ କେନ୍ଦ୍ରକୁ ଯିବା ଆସିବା ପାଇଁ ଏକ ପ୍ରକାର ରାସ୍ତା ବନ୍ଦ ହୋଇଯାଇଥାଏ। ଫଳରେ ଏଠାକାର ଶିଶୁ, ଗର୍ଭବତୀ ଓ ପ୍ରସୂତିମାନେ ବର୍ଷା ଦିନରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗତ ଅକ୍ଟୋବରରେ ଅଙ୍ଗନୱାଡି କେନ୍ଦ୍ରଟିଏ ନିର୍ମାଣ କରିବା ପାଇଁ ପଡାବାସୀ ଜୁନାଗଡ ସିଡିପିଓ, ବିଡିଓ ଓ ବିଧାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ସିଡିପିଓ କୁମ୍ଭପଡାକୁ ଆସି ସେଠାକାର ଏକ ଘରେ କେନ୍ଦ୍ର ଚଳାଇବା ପାଇଁ ବ୍ୟବସ୍ଥା କରିଥିଲେ। ସେହିଦିନଠାରୁ ପଡାର ଶିଶୁମାନେ ପଡାର ଏକ ଖୋଲା ଆକାଶ ଘର ତଳେ ପାଠ ପଢିବା ସହ ରନ୍ଧା ଖାଦ୍ୟ ବସି ଖାଉଛନ୍ତି। ଅନ୍ୟପଟେ ଶିଶୁମାନଙ୍କ ପାଇଁ ରୋଷେଇ କରୁଥିବା ସହାୟିକା ବିଳନ୍ତା ଗୁରୁ ଗତ ୬ ମାସ ହେବ କୌଣସି ପାରିଶ୍ରମିକ ପାଇ ନ ଥିବା ଜଣାପଡିଛି। ସେହିପରି ଏଠାକାର ଶିଶୁମାନଙ୍କ ପାଇଁ ପଡାରେ ବ୍ୟବସ୍ଥା କରାଯାଇଥିବା ବେଳେ ଗର୍ଭବତୀ ଓ ପ୍ରସୂତୀମାନେ ଏବେ ମଧ୍ୟ ୨ କି.ମି. ମାଟିଗାଁ ୨ ନଂ. ଅଙ୍ଗନୱାଡି କେନ୍ଦ୍ରକୁ ଟିକାକରଣ ପାଇଁ ଯାଉଥିବା ଜଣାପଡିଛି। ତୁରନ୍ତ ଏହି ପଡାରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିବାକୁ ସାଧାରଣରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ପଡାବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଜୁନାଗଡ ସିଡିପିଓ ସଂଯୁକ୍ତା ବେହେରାଙ୍କୁ ପଚାରିବାରୁ ଉକ୍ତ ପଡାରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ ପ୍ରସ୍ତାବ ଯାଇଛି ବୋଲି କହିଥିଲେ। ସେହିପରି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ଟିକାକରଣ ଦିନ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀଙ୍କୁ କୁହାଯିବ କୁମ୍ଭପଡାକୁ ଯାଇ ସେଠାକାର ଗର୍ଭବତୀ ଓ ପ୍ରସୂତୀଙ୍କୁ ପରୀକ୍ଷା କରିବା ପାଇଁ ବୋଲି କହିଥିଲେ।



କୁମ୍ଭପଡ଼ାରେ ଖୋଲା ଆକାଶ ତଳେ ଚାଲିଛି କେନ୍ଦ୍ର ।

**ଜୁନାଗଡ଼ ବ୍ଲକ**

- ଟିକାକରଣ ପାଇଁ ୨ କି.ମି. ଯାଉଛନ୍ତି ଗର୍ଭବତୀ, ପ୍ରସୂତି ମହିଳା



ଆୟୋଜିତ ଖବରଦାତା ସମ୍ମିଳନୀରେ ୫ ଅଭିଯୁକ୍ତଙ୍କୁ ହାଜର କରାଯାଇଛି ।

# ୫ ଅଭିଯୁକ୍ତ କୋର୍ଟ ଚାଲାଣ

କେସିଙ୍ଗା,୮।୫ (ଡି.ଏନ.ଏ.)

**ବିଭିନ୍ନ ମଦଭାଟିରୁ ଚୋରି**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ମଦଭାଟିରୁ ଚୋରି କରିବା ଅଭିଯୋଗରେ ବୁଧବାର ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଚୋରମାନେ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅଧୀନ ବାଲପଦର ଗ୍ରାମର ନାଥ ସେଲମା (୩୬), ଲେସୁନବାହାଲି ଗ୍ରାମର କାଳିଆ ତାଣ୍ଡି (୪୦), ପ୍ରେମାନନ୍ଦ ତାଣ୍ଡି (୨୬), ସୁକନାଭଟା ଗ୍ରାମର ହେମନ୍ତ ଚନ୍ଦନ (୩୫), କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ ଦିଗାମ୍ବର (ଡମ୍ବରୁଡା ମାଝି) (୨୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କେସିଙ୍ଗା ଥାନା ଏସଡିପିଓ ଗୁପ୍ତେଶ୍ୱର ଭୋଇ ଏବଂ ଆଇଆଇସି ଅଶୋକ କୁମାର ମହାପାତ୍ରଙ୍କ ମିଳିତ ଉଦ୍ୟମରେ ଆଇଆଇସିଙ୍କ ଚେମ୍ବରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅଧୀନ ରୁପ୍ରା ମଦଭାଟିରୁ ଗତ ଏପ୍ରିଲ ୨୫ରେ ୪୮ ହଜାର ଟଙ୍କା ଚୋରି କରିଥିଲେ। ହାତୀଖୋଜ ଭାଟିରୁ ଗତ ମେ ୨ ତାରିଖରେ ୩୫ ହଜାର ଟଙ୍କା ଚୋରି କରି ଅଭିଯୁକ୍ତମାନେ ଫେରାର ହୋଇଥିଲେ । କଳାହାଣ୍ଡି ଏସପିଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ସଦର ଓ ନର୍ଲା ଥାନାକୁ ନେଇ ଏକ ସ୍ପେସାଲ ଟିମ୍ ଗଠନ କରାଯାଇଥିଲା । ଏହି ଟିମ ବଲାଙ୍ଗୀର ଜିଲା ଟିଟିଲାଗଡର ବିଭିନ୍ନ ଅଞ୍ଚଳରୁ ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ।

ଏହି ଚୋରମାନେ ଗତ ଜାନୁୟାରୀ ୨୩ରେ ଜେଲରୁ ବାହାରି ୧୪ ଜଣିଆ ଟିମ ଗଠନ କରିଥିଲେ । ଏଥି ମଧ୍ୟରୁ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୯ଜଣ ଫେରାର ଥିବା ପୋଲିସ ସୂଚନା ଦେଇଛି । ଏହି ୫ଜଣଙ୍କଠାରୁ ୧୯ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରିଛି । ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇଛି ।



କୋକସରା କୃଷି ବିଭାଗ ପକ୍ଷରୁ ଅକ୍ଷୟ ତୃତୀୟା ଦିବସରେ ପୂଜାର୍ଚ୍ଚନା କରାଯାଉଛି ।

# କୋକସରା କୃଷି ବିଭାଗ ପକ୍ଷରୁ ଅଖିମୁଠି ଅନୁକୂଳ

କୋକସରା,୮।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା କୃଷି ବିଭାଗ ପକ୍ଷରୁ ମଙ୍ଗଳବାର ଅକ୍ଷୟ ତୃତୀୟା ତଥା କୃଷି ଦିବସ ପାଳିତ ହୋଇଯାଇଛି। କୋକସରାଠାରେ ଜଣେ ଚାଷୀ ଅଇରି ନାସନ ଚିନ୍ଦାଙ୍କ ଚାଷ ଜମିରେ କୋକସରା ବିଡିଓ ବସନ୍ତ କୁମାର ସେଠି ପୂଜାପାଠ କରିବା ପରେ ଅଖିମୁଠି ଅନୁକୂଳ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋକସରା କୃଷି ଅଧିକାରୀ ଘନଶ୍ୟାମ ଦେହୁରୀ, କୃଷି ଅଧିକାରୀ ଲଡୁଗାଁ ନଭେଶ ପଟ୍ଟନାୟକ, ସେଲ ସେଣ୍ଟର ନିରିକ୍ଷକ ଶ୍ରୀନିବାସ ପ୍ରଧାନୀ, ଚାଷୀ ସରୋଜ କୁମାର ପ୍ରଧାନୀ, ନବିନ ପ୍ରଧାନୀ, ପୂର୍ଣ୍ଣାନନ୍ଦ ପଟ୍ଟନାୟକ, ପ୍ରମୋଦ ବେହେରା, ବସନ୍ତ ପଟ୍ଟନାୟକ, ମୁରଳି ରାଉତ, ଧନବଳ ନାଏକ, କୃଷି ବିଭାଗ କର୍ମଚାରୀ ଅଭିନାଶ ଠାକୁର, ଟିକଚନ ଦଳପତି, ଟିକଚନ ମାଝି, ଅନୁସୟା ସିଂ, କଲ୍ୟାଣି ନାଏକ ପ୍ରମୁଖ ସହଯୋଗ କରିଥିଲେ।

### ପର୍ଶୁରାମ ଜୟନ୍ତୀ ପାଳିତ

ଭବାନୀପାଟଣା,୮।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା ବ୍ରାହ୍ମଣ ମହାସଭା ଓ ପର୍ଶୁରାମ ବାହୀନି ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପର୍ଶୁରାମଙ୍କ ପୂଜାର୍ଚ୍ଚନା ଓ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଜିଲା ସଭାପତି ତଥା ଓଡିଶା ରାଜ୍ୟ ମଣ୍ଡଳ ସଭାପତି ତ୍ରିନାଥ ନନ୍ଦଙ୍କ ଅଧ୍ୟକ୍ଷତାରେ ବ୍ରାହ୍ମଣ ମହାସଭାର ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ତ୍ରିପାଠୀ ପରିଚାଳନା କରିଥିଲେ। ପ୍ରଭୁ ପର୍ଶୁରାମଙ୍କ ପୂଜାର୍ଚ୍ଚନା ଜଗନ୍ନାଥ ମନ୍ଦିର ପୂଜକ ଅଜୟ ମହାପାତ୍ର କରିଥିଲେ । ଏହି ଉତ୍ସବରେ ଜିଲା ଉପସଭାପତି ସୁଦର୍ଶନ ଦାଶ, କୋଷାଧ୍ୟକ୍ଷ ତ୍ରି ବୋକ୍ରମ ଷଡଙ୍ଗୀ, ବରିଷ୍ଠ ସଦସ୍ୟ ଜଗନ୍ନାଥ ମୁଣ୍ଡ, ଉପଦେଷ୍ଟା ଯିରୋଦଚନ୍ଦ୍ର ନେଗୀ, ପର୍ଶୁରାମ ବାହିନୀର ସଭାପତି ସୁନିଲ ନନ୍ଦ, ଉପସଭାପତି ସମୀର ଚାନ୍ଦ, ସାଙ୍ଗଠନିକ ସମ୍ପାଦକ ପ୍ରଶାନ୍ତ ଠାକୁର, ଜଗଦିଶ ପଣ୍ଡା, ଶରତ କୁମାର ଯୋଷୀ, ଶେଷଦେବ ମିଶ୍ରଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଉପଦେଷ୍ଟା ଖୀରୋଦଚନ୍ଦ୍ର ନେଗୀଙ୍କ ଦ୍ୱାରା ପୁର୍ଶୁରାମ ବାହୀନିର ସଭ୍ୟ ଓ କର୍ମକର୍ତ୍ତାଙ୍କ ଦ୍ୱାରା ଦହୀପଣା ବଣ୍ଟନ କରାଯାଇଥିଲା।

# ବିଶ୍ୱ ରେଡକ୍ରସ ଦିବସରେ ସଚେତନତା ଶୋଭାଯାତ୍ରା

ଭବାନୀପାଟଣା,୮।୫ (ଡି.ଏନ.ଏ.)

ଭାରତୀୟ ରେଡକ୍ରସ ସୋସାଇଟି କଳାହାଣ୍ଡି ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପଜିଲାପାଳ ମିର୍ଦ୍ଧା ଟପୋ ରେଡକ୍ରସ ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ର, ସରକାରୀ ଓ ବେସରକାରୀ ବ୍ୟକ୍ତି ବିଶେଷ, ସ୍ୱେଚ୍ଛାସେବୀ ସଂସ୍ଥା କର୍ମକର୍ତ୍ତା ସେଠାରୁ ଏକ ସଚେତନ ଶୋଭାଯାତ୍ରା ସହର ପରିକ୍ରମା କରି ପୁଣି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପହଞ୍ଚିଥିଲେ। ରେଡକ୍ରସ ସୋସାଇଟି କଳାହାଣ୍ଡି ଶାଖା ଅବୈତନିକ ସମ୍ପାଦକ ସୁରେନ୍ଦ୍ର ତ୍ରିପାଠୀ ଏହି ଦିବସର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଜିଲା ରେଡକ୍ରସ ସୋସାଇଟି ତା. ୧।୪।୨୦୧୮ରୁ ତା. ୩୧।୩।୨୦୧୯ ମଧ୍ୟରେ ୨୩୨୯୩୫୧ ଟଙ୍କା ଆୟ କରିଥିବା ବେଳେ ୯୦୭୨୯୪ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ ସର୍ବାଧିକ ସାହାର୍ଯ୍ୟକାରୀ ଭାବେ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ପ୍ରଥମ, ଅବକାରୀ ବିଭାଗ ଦ୍ୱିତୀୟ ଓ ଅଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟ ତୃତୀୟ ହୋଇଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସର୍ବାଧିକ ବ୍ୟକ୍ତିଗତ ରକ୍ତଦାନ କରିଥିବା ପୁରୁଷ ବିଭାଗରେ ଅନିଲ କୁମାର ବାବୁ ପ୍ରଥମ, ପ୍ରଦୀପ ଧଙ୍ଗଡା ମାଝି ଓ ଆଲୋକ କୁମାର ସାହୁ ଦ୍ୱିତୀୟ, ମହିଳା ବିଭାଗରେ ରୋଜାଲିନ୍ ପଣ୍ଡା ପ୍ରଥମ, ସାବିତ୍ରୀ ମହାରଣା ଦ୍ୱିତୀୟ ହୋଇ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ ବିକାଶ ଇଣ୍ଟର ନ୍ୟାଶନାଲ ଛାତ୍ରୀ ଆଦ୍ୟାଶ୍ରୀ ପାଢୀ ପ୍ରଥମ, ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ଅମରେନ୍ଦ୍ର ମହାନ୍ତି ଦ୍ୱିତୀୟ, ମାଣିକେଶ୍ୱରୀ ହାଇସ୍କୁଲ ଛାତ୍ର ଅଭିଜିତ୍ ସତପଥୀ ଓ ସରକାରୀ ସ୍ୱୟଂ ଶାସିତ କଲେଜର ବଳଭଦ୍ର ହରିଜନ ତୃତୀୟ ପୁରସ୍କାର ପାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି, ଏଡିଏମ୍ ସରତ୍ ଚନ୍ଦ୍ର ଶ୍ରୀଚନ୍ଦନ, ପିଡିଡିଆରଡିଏ ପ୍ରଶନ୍ନ କୁମାର ଷଡଙ୍ଗୀ, ଉପଜିଲାପାଳ ମିର୍ଦ୍ଧା ଟପୋ, ସହକାରୀ ଜିଲାପାଳ ବାସନ୍ତି ସେଠୀ, ବରିଷ୍ଠ ସହାୟକ ପଦ୍ମିନୀ ନାଏକ, ବିଷ୍ଣୁ ପାତ୍ର, ଅଭିରାମ ଛତ୍ରୀୟା, ଚନ୍ଦ୍ର ସାହୁ, ଡ. ଅଜୟ ମିଶ୍ର, ଗଣେଶ ପ୍ରସାଦ, ଉଚ୍ଛବ ସାହୁ, ରୋଜାଲିନ୍ ପଣ୍ଡାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ରେଡକ୍ରସ ସୋସାଇଟି କଳାହାଣ୍ଡି ଶାଖା ସୁରେନ୍ଦ୍ର ତ୍ରିପାଠୀ ସଭା ପରିଚାଳନା କରିଥିଲେ।




ବିଶ୍ୱ ରେଡକ୍ରସ ଦିବସରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳିତ

# ଅଖିମୁଠି ଅନୁକୂଳ କଲେ ଜିଲାପାଳ

ଭବାନୀପାଟଣା, ୮।୫ (ଡି.ଏନ.ଏ.)

ଭବାନୀପାଟଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କୃଷକ ଏବଂ ବୈଜ୍ଞାନିକମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ର କଳାହାଣ୍ଡି ଏବଂ ଜିଲା କୃଷି ଉପନିର୍ଦ୍ଦେଶକଙ୍କ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଡ. ପରାଗ ହର୍ଷଦ ଗାଭାଲି ଯୋଗଦେଇ ଭୂମିପୂଜା କରି ଅଖିମୁଠି ଅନୁକୂଳ କରିବା ସହ ଖରିଫ ଚାଷର ଶୁଭାରମ୍ଭ କରିଥିଲେ। ଏସ୍‌ଏମ୍‌ଏସ୍ କଟନ୍ ନାରାୟଣ ଉପାଧ୍ୟାୟ ଅକ୍ଷୟ ତୃତୀୟାର ମହତ୍ୱ ବିଷୟରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ଜିଲା କୃଷି ଉପନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଜିଲା ମୁଖ୍ୟ ପ୍ରାଣୀ ଅଧିକାରୀ ଡ. ଚୈତନ୍ୟ ଚରଣ ସେଠୀ, ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଶୈଳେସ ରଞ୍ଜନ ପଟ୍ଟନାୟକ, କେବିକେର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡ. ଚନ୍ଦ୍ରମଣୀ ଖଣ୍ଡା, ମଧ୍ୟମ ଜଳଶେଚନ ବିଭାଗ ନିର୍ବାହି ଯନ୍ତ୍ରୀ ଅଶୋକ କୁମାର ପଟେଲ, ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଭରତଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ଆୟୋଜିତ ସଭାରେ ଜିଲାର କୃଷି ଓ ଆନୁଷାଙ୍ଗିକ ବିଭାଗର ମୁଖ୍ୟମାନେ କୃଷି ଭିତ୍ତିକ ଯୋଜନା ଏବଂ କାର୍ଯ୍ୟକ୍ରମ (ଖରିଫ୍ ଋତୁ) ବାବଦରେ ସବିଶେଷ ବିବରଣୀ ଚାଷୀମାନଙ୍କୁ ପ୍ରଦାନ କରିଥିଲେ। ଏଥି ସହିତ ଚାଷୀ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ଏକ ଖୋଲା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଚାଷୀମାନେ ନିଜ ଚାଷ ସମ୍ବନ୍ଧିୟ ସମସ୍ୟା ଓ ଏହାର ନିରାକରଣ ନେଇ ବୈଜ୍ଞାନିକମାନଙ୍କଠାରୁ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ଅମିତାଭ୍ ପଣ୍ଡା ଆୟୋଜନ ଓ ପରିଚାଳନା କରିଥିଲେ। ଏହି ଉପଲକ୍ଷେ କୃଷି ବିଷୟରେ ପ୍ରଦର୍ଶନୀ ଷ୍ଟଲମାନ ଖୋଲାଯାଇଥିଲା।



ଜିଲାପାଳ ଅଖିମୁଠି ଅନୁକୂଳ କରୁଛନ୍ତି।

ପାଣ୍ଡେଲବାହାଲି ଗାଁରେ ହାତୀ ଉପଦ୍ରବ

# ଶତାଧିକ ଏକର ରବି ଫସଲ ନଷ୍ଟ

ନୂଆପଡ଼ା ଅଫିସ, ୮।୫

**ସନ୍ଧ୍ୟା ହେଲେ ବିଜୁଳି କାଟ**

ନୂଆପଡ଼ା ଜିଲା କୋମନା ଫରେଷ୍ଟ ରେଞ୍ଜ ଅଧୀନ କୋନାବିରା, ପେଣ୍ଡ୍ରାବନ୍ଧ ଗ୍ରାମପଞ୍ଚାୟତ ଅଞ୍ଚଳରେ ଆଜକୁ ସପ୍ତାହେ ହେବ ଜଙ୍ଗଲି ହାତୀଙ୍କ ଉପଦ୍ରବ ବଢି ଚାଲିଛି। ଏହି ଅଞ୍ଚଳରେ ଦିନରାତି ପଇଁତରା ମାରୁଥିବାବେଳେ ବହୁ ରବି ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଆଜକୁ ପ୍ରାୟ୬ ମାସ ହେବ ହାତୀପଲ ଲୁଚକାଳି ଖେଳୁଛନ୍ତି। କେତେବେଳେ ବଲାଙ୍ଗୀର ଜିଲା ପୁଣି କେତେବେଳେ ନୂଆପଡା ଜିଲାକୁ ଆସି ଆତଙ୍କ ଖେଳାଉଥିବା ଦେଖିବାକୁ ମିଳୁଛି। ଆଜକୁ ୪/୫ଦିନ ହେବ କୋମନା ବ୍ଲକ ପେଣ୍ଡ୍ରାବନ୍ଧ ଏବଂ କୋନାବିରା ଅଞ୍ଚଳରେ ହାତୀପଲ ବୁଲୁଛନ୍ତି। ଏଥିରେ ୨୭/୨୮ଟି ହାତୀ ଥିବା କୁହାଯାଉଛି । ଦିନବେଳା ସ୍ଥାନୀୟ ଜଙ୍ଗଲରେ ଲୁଚି ରହୁଥିବାବେଳେ ସନ୍ଧ୍ୟା ହେଲେ ଚାଷ ଜମିକୁ ଆସି ଦଳିଚକଟି ଚାଷ ନଷ୍ଟ କରୁଛନ୍ତି। ସ୍ଥାନୀୟ ପାଣ୍ଡେଲବାହାଲି ଗାଁରେ ବ୍ୟାପକ ଫସଲ ନଷ୍ଟ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏଠାରେ ଧାନ ସହ ବିଭିନ୍ନ ପରିପରିବା ଚାଷକୁ ନଷ୍ଟ କରିଛନ୍ତି । ଗୋଟିଏପଟେ ଗତ ଖରିଫ ଋତୁରେ ମରୁଡି ଯୋଗୁ ଚାଷୀମାନେ ନାହିଁ ନ ଥିବା କ୍ଷୟକ୍ଷତି ସମ୍ମୁଖୀନ ହୋଇଥିବାବେଳେ ବର୍ତ୍ତମାନ ହାତୀଙ୍କ ଉପଦ୍ରବ ପେଡି ଉପରେ କୋରଡା ମାଡ ସଦୃଶ ହୋଇଛି। ଏହା ଉପରେ ଜିଲା କୃଷି ବିଭାଗ ଏବଂ ବନ୍ୟାପ୍ରାଣୀ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି । ଉଲ୍ଲେଖ ଯୋଗ୍ୟ ଯେ, ଆଜକୁ ୬ ମାସ ହେବ ବିଭିନ୍ନ ସମୟରେ ଏହି ହାତୀପଲ ଜିଲାର ସୀମାନ୍ତ ଅଞ୍ଚଳକୁ ଆସି ଉପଦ୍ରବ କରୁଛନ୍ତି। ଏହି ସମୟରେ ସମସ୍ତ ଗ୍ରାମାଞ୍ଚଳରେ ସନ୍ଧ୍ୟା ହେଲେ ବିଜୁଳି କାଟ କରାଯାଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । କେବଳ ବନ୍ୟପ୍ରାଣୀ ବିଭାଗ ଯେ ଦିନ ବେଳା ବିଭିନ୍ନ ଜାଗାରେ ହାତୀପଲଙ୍କୁ ଜଗି ଲୋକ ଦେଖାଣିଆ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି । ରାତିହେଲେ ସମସ୍ତେ ଛୁ କରୁଥିବାରୁ ହାତୀମାନେ ନିଜର କାୟା ବିସ୍ତାର କରୁଥିବା ଦେଖାଯାଉଛି। ଏହାର ସ୍ଥାୟୀ ପ୍ରତିକାର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।



ପେଣ୍ଡ୍ରାବନ୍ଧ ଗାଁ ଅଞ୍ଚଳରେ ଉପଦ୍ରବ କରୁଥିବା ହାତୀପଲ।



ଚାଷୀମାନେ ନଷ୍ଟ ହୋଇଥିବା ଫସଲ ଦେଖୁଛନ୍ତି ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା

**ବଘିଆପଡା,୮।୫(ଡି.ଏନ.ଏ):** ବୌଦ୍ଧ ଜିଲା ଆମ୍ବଝରୀ ପଞ୍ଚାୟତର ରାମେଶ୍ୱର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ବୁଧବାର ଗ୍ରାମର ପୁରନ୍ଦର କହଁରଙ୍କ ଘରେ ହଠାତ ନିଆଁ ଲାଗିଯାଇଥିଲା । ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ପୂର୍ବରୁ ଘର ସହ ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଥିଲା। ଖବର ପାଇ ବୌଦ୍ଧ ତହସିଲ କାର୍ଯ୍ୟାଳୟର ସୁପରଭାଇଜର ବୃଷଭ ଦଳବେହେରା ଓ ବଘିଆପଡା ଆର୍‌ଆଇ ଅଫିସ କର୍ମଚାରୀ କ୍ଷୟକ୍ଷତି ଆକଳନ କରି ବିପନ୍ନ ପରିବାରକୁ ତାରପୋଲିନ ପ୍ରଦାନ କରିଥିଲେ । ପୁରନ୍ଦର ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

### ୪୬ ରୋଗୀଙ୍କ ଚକ୍ଷୁ ପରୀକ୍ଷା

**ବଘିଆପଡା,୮।୫(ଡି.ଏନ.ଏ):** ବୌଦ୍ଧ ସ୍ଥିତ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଓ ମହାନଦୀ ନେତ୍ର ଚିକିତ୍ସାଳୟର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ବୁଧବାର ବଘିଆପଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୬ ଜଣ ଯୋଗ ଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ । ଚକ୍ଷୁ ପରୀକ୍ଷା ପରେ ୧୩ ଜଣଙ୍କୁ ଅପରେସନ ପାଇଁ ନେତ୍ର ଚିକିତ୍ସାଳୟକୁ ପଠାଇବା ସହ ଅନ୍ୟମାନଙ୍କୁ ମାଗଣା ଚଷମା ଓ ଔଷଧ ପ୍ରଦାନ କରାଯାଇଥିଲା । ଜୀବନ ଜୀବିକା ସଂଯୋଜକ ସୁରେନ୍ଦ୍ର ମେହେର ଓ ଟିମ୍ ଲିଡର ଆଶିଷ କୁମାର ମହାନ୍ତି ଓ ବନରକ୍ଷୀ ଶେଷଦେବ ମେହେର ଶିବିର ପରିଚାଳନା କରିଥିଲେ । ଶିବିରରେ ୧୦ଟି ବନସୁରକ୍ଷା ସମିତିର ସଭ୍ୟ ଯୋଗ ଦେଇଥିଲେ ।



### ବେପରୁଆ ଚାଳନା, ଓଲଟିଲା ବସ୍

**ଘଣ୍ଟାପଡା, ୮।୫ (ଡି.ଏନ.ଏ):** ସିନ୍ଧୁଗୋରା-ମନମୁଣ୍ଡା ରାଜ୍ୟ ରାଜପଥ ଖୁଣ୍ଟିଗୋରାର ୧କିମି ଦୂର ଜାମକାନୀ ଛକରେ ବୁଧବାର ଦକ୍ଷିଣକାଳୀ ନାମକ ଘରୋଇ ବସ୍ (ଓଆର୍‌୦୨ଏଡି/୪୩୯୯) ଭାରସାମ୍ୟ ହରାଇ ଓଲଟି ପଡିଛି । ଉକ୍ତ ବସ୍ ପ୍ରତିଦିନ ବୌଦ୍ଧ ସଦର ମହକୁମାରୁ ସକାଳୁ ବାହାରି ଦିନ ସାଢ଼େ ୧୨ଟାରେ ଖୁଣ୍ଟିଗୋରାରେ ପହଞ୍ଚେ ଓ ସେଠାରୁ ପୁଣି ୨ଟା ସମୟରେ ବୌଦ୍ଧକୁ ଫେରିଥାଏ । ବୁଧବାର ଏହି ବସ୍ କେବଳ ଜଣେ ଯାତ୍ରୀଙ୍କୁ ଧରି ଖୁଣ୍ଟିଗୋରାରୁ ବୌଦ୍ଧ ଫେରୁଥିବା ବେଳେ ଜାମକାନୀ ଛକରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଜୋର୍‌ରେ ଶବ୍ଦ ହେବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀ ଜଣଙ୍କୁ ଉଦ୍ଧାର କରିଥିଲେ । ଉକ୍ତ ଯାତ୍ରୀ ସେଭଳି କୌଣସି ଗୁରୁତର ଆହତ ହୋଇନାହାନ୍ତି । ଅନ୍ୟପକ୍ଷେ ଦୁର୍ଘଟଣା ପରେ ବସ୍‌ର ସମସ୍ତ କର୍ମଚାରୀ ଫେରାର ହୋଇଯାଇଥିଲେ । ଘଣ୍ଟାପଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଥିବା ଫାଣ୍ଡିର ଏଏସଆଇ ଜ୍ୟୋତିରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି ।

■ ବିଶ୍ୱ ରେଡ୍‌କ୍ରସ ଦିବସରେ ମତପ୍ରକାଶ

# ମାନବିକତା ଭଲ ମଣିଷ ଗଢ଼ିଥାଏ

**ବରଗଡ଼ ଅଫିସ୍,୮।୫**

ଭାରତୀୟ ରେଡ୍‌କ୍ରସ, ବରଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ କରାଯାଇଛି । ଏହି ଅବସରରେ ସକାଳ ପ୍ରାୟ ସାଢ଼େ ୭ଟାରୁ ଏକ ଶୋଭାଯାତ୍ରା ସ୍ଥାନୀୟ ଟାଉନ ଥାନାରୁ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳ ଅଫିସ ଅଭିମୁଖେ ବାହାରିଥିଲା । ଅତିରିକ୍ତ ଜିଲାପାଳ ତପିରାମ ମାଝି ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଜିଲାପାଳ ଅଫିସରେ ପହଞ୍ଚିବା ପରେ ଜିଲା ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ହୋଇଥିଲା । ଜିଲା ରେଡ୍‌କ୍ରସର ଭାଇସ ଚେୟାରମ୍ୟାନ ତଥା ଅତିରିକ୍ତ ଜିଲାପାଳ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବିକତା ହିଁ ଭଲ ମଣିଷ ଗଢ଼େ ବୋଲି କହିଥିଲେ । ସେହିପରି ଅତିରିକ୍ତ ଜିଲାପାଳ ସବୁବେଳେ ସେବା ମନୋବୃତ୍ତି ରଖିବାକୁ ପରାମର୍ଶ ଦେଇଥିଲେ ।

ରେଡ୍‌କ୍ରସ ଦିବସ ପାଳନ ପରିପ୍ରେକ୍ଷୀରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଏବଂ ଜିଲାସ୍ତରୀୟ ରେଡ୍‌କ୍ରସରେ କୃତିତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତର୍କରେ ପ୍ରିୟମ ସାହୁ, ଆରାଧନା ପ୍ରଧାନ, ଶ୍ରୀୟାଂଶୀ ସୁପକା, ଆର୍ଟରେ ଉପେନ୍ଦ୍ର ଭୁଏ, ପରେଶ ରଣା, ବିଦ୍ୟାଧର ସାହୁ, ପ୍ରବନ୍ଧରେ ଦୀକ୍ଷା ମୁଖାର୍ଜୀ, ପୂଜା ମେହେର, ମୁସ୍କାନ ମେହେର, ମହମ୍ମଦ ସୋଏଲ, ଏସ. ଧାନୁକା ପ୍ରମୁଖ ପୁରସ୍କୃତ ହୋଇଥିଲେ। ସେହିପରି ୨୦୧୮-୧୯ ପାଇଁ ଭଲେଣ୍ଟିୟର ଆୱାର୍ଡ଼ ପାଇଥିବା ଶ୍ରେଷ୍ଠା ଚକ୍ରବର୍ତ୍ତୀ, ଏସ. ପ୍ରିୟଙ୍କା ଦୋରା, ସନୟ ଭୂଷଣ ମେହେର, ସୁନୀଲ କୁମାର ଅଗସ୍ତି, ପ୍ରମୋଦ କୁମାର ପାଣିଗ୍ରାହୀ, ଅଲେଖ କୁମାର ମହାନନ୍ଦ, ଡଃ ରୀନା ମେହେର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଜିଲା ରେଡ୍‌କ୍ରସର ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ରେଡ୍‌କ୍ରସର ଜିଲା ସଂଯୋଜକ ପରମାନନ୍ଦ ରଥ ସ୍ୱାଗତ ଭାଷଣ ଦେଇଥିଲେ । ଜିଲା ପ୍ରକଳ୍ପ ଅଧିକାରୀ ରାକେଶ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ଜିଲା ରେଡ୍‌କ୍ରସ, ଜୁନିୟର ରେଡ୍‌କ୍ରସ ଏବଂ ଯୁବ ରେଡ୍‌କ୍ରସର ବହୁ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ । ସେହିପରି ବାତ୍ୟା ଫନୀରେ ମୃତକଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଣେ ଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଶେଷରେ ଡଃ ଡୋଲାମଣୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



ବିଶ୍ୱ ରେଡ୍‌କ୍ରସ ଦିବସରେ ବରଗଡ଼ ଅତିରିକ୍ତ ଜିଲାପାଳ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

### ଯୁବରାଜ କଂସ ଥିଲେ ଭିନ୍ନ ଆକର୍ଷଣ



ଯୁବରାଜ କଂସ ବେଶରେ ଜଣେ ଛାତ୍ର ।

ବରଗଡ଼ରେ ବୁଧବାର ଅନୁଷ୍ଠିତ ବିଶ୍ୱ ରେଡ୍‌କ୍ରସ ଦିବସ ପାଳନବେଳେ ଯୁବରାଜ କଂସ ବେଶରେ ସଜ୍ଜିତ ବିଜେପୁର ବ୍ଲକ ଅନ୍ତର୍ଗତ ଗୌରୀଶଙ୍କର ଜୁନିୟର କଲେଜର ଯୁକ୍ତଦୁଇ ଶେଷବର୍ଷ ଛାତ୍ର ସନୟ ଭୂଷଣ ମେହେର ଭିନ୍ନ ଆକର୍ଷଣ ସାଜିଥିଲେ । ଏହି ଅବସରରେ ଅନୁଷ୍ଠିତ ଶୋଭାଯାତ୍ରାରେ ଭାଗ ନେବା ସହିତ ସଚେତନତା ସଭାରେ ମଧ୍ୟ ସେ ସେହି ବେଶରେ ଉପସ୍ଥିତ ଥିଲେ । ଏହା ସହିତ ଅତିଥିଙ୍କ ଦ୍ୱାରା ନିଜେ ସମ୍ବର୍ଦ୍ଧିତ ହେବା ସହିତ ଅନ୍ୟ କିଛି ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରିଥିଲେ । ତେବେ ସଭା ଶେଷ ହେବା ପରେ ସମ୍ମିଳନୀ କକ୍ଷ ବାହାରେ ସେ କଂସଙ୍କ ଅଟ୍ଟହାସ୍ୟ, ସଂଳାପ କରିବା ପରେ ତାଙ୍କୁ ଘେରି ଯାଇ ଉପସ୍ଥିତ ଜନତା ସେଲ୍ଫି ନେଇଥିଲେ । ଜଣେ କବି ଭାବେ ମଧ୍ୟ ସନୟ ପରିଚିତ ଏବଂ ସୁଯୋଗ ମିଳିଲେ ଆଗକୁ ବରଗଡ଼ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରିବା ପାଇଁ ମଧ୍ୟ ଏବେଠାରୁ ତାଙ୍କ ପ୍ରଚେଷ୍ଟା ଚାଲିଥିବା ସେ କହିଥିଲେ ।

### ପାଣି ପଞ୍ଚାୟତ ନେଇ ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍,୮।୫**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କଦଲିପାଲି ଗ୍ରାମରେ ଠିକ୍‌ଭାବେ ପାଣି ପଞ୍ଚାୟତ ବୈଠକ କରାଯାଇ ନ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଗ୍ରାମର କେତେକ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅସନ୍ତୁଷ୍ଟ ଚାଷୀମାନେ ବୁଧବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ତପିରାମ ମାଝିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଗତ ୩୦ତାରିଖରେ ଉକ୍ତ ଗ୍ରାମର ପାଣି ପଞ୍ଚାୟତ ବୈଠକ ବସିଥିଲା। ସେହି ବୈଠକ ନେଇ ଗ୍ରାମର ଚାଷୀଙ୍କୁ ସଠିକ୍ ଭାବେ ସୂଚନା ଦିଆ ନ ଯାଇ ବୈଠକଟି ଜଣଙ୍କ ଘରେ ଗୁପ୍ତଭାବେ କରାଯାଇଥିବା ଅଭିଯୋଗ ହୋଇଛି । ଏହାଦ୍ୱାରା ଚାଷୀମାନେ ସେମାନଙ୍କ ପ୍ରସ୍ତାବ ଦେଇ ପାରି ନ ଥିଲେ । ଫଳରେ ସେହି ବୈଠକରୁ ପ୍ରସ୍ତାବ ଗୁଡ଼ିକୁ ବାତିଲ କରି ସର୍ବସାଧାରଣ ସ୍ଥାନରେ ପୁନଃ ବୈଠକ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଗ୍ରାମର ମାଖୁନୁ ବେହେରା, ଦୟାନିଧି ଜାଲ, ଭୋଳା ବେହେରା, ରାଧାକାନ୍ତ ବେହେରା ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ମଣ୍ଡି ଖୋଲିଲା, ଧାନକିଣା ହେଲାନି

**ବରଗଡ଼ ଅଫିସ୍,୮।୫**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନ କଳାପାଣି ମଣ୍ଡିରେ ବୁଧବାର ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲାପାଳ ତଥା ଉକ୍ତ ଆରଏମସିର ଅଧ୍ୟକ୍ଷ ତପିରାମ ମାଝି ଏହାର ଶୁଭାରମ୍ଭ କରିଥିଲେ । ମଣ୍ଡିକୁ ୫ଜଣ ଚାଷୀ ୭୬୨ ପ୍ୟାକେଟ୍ ଧାନ ଆଣିଥିଲେ ମଧ ଆନୁଷଙ୍ଗିକ ବ୍ୟବସ୍ଥା ସରି ନ ଥିବା ଯୋଗୁ ଆଦୌ ଧାନ କ୍ରୟ ହୋଇ ପାରି ନ ଥିଲା। ଅନ୍ୟପଟେ ଆସନ୍ତା ୧୦ତାରିଖରୁ ଧାନକିଣା ଆରମ୍ଭ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝି କହିଛନ୍ତି । ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ସମୟରେ କଳାପାଣି ମଣ୍ଡିରେ ମାର୍କେଟ୍ ସୁପରଭାଇଜର ବିଜୟ ରାଉତ, କଳାପାଣି ମାର୍କେଟ ୟାର୍ଡ଼ ଇନଚାର୍ଜ ପ୍ରେମନାଥ ଗିରି, ଘନଶ୍ୟାମ ଭୋଇ, ସାଲେଗ୍ରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚାଷୀ ପ୍ରତିନିଧି ଭାବେ ଏକାଦଶିଆ ସାହୁ, ସୁରେଶ ନେକାଣ୍ଟି, ସମୀର ସାହୁ, ବିପିନ ସାହୁ, ସି.ଏଚ୍ ରାଓ ପ୍ରମୁଖ ଯୋଗ ଦେଇଥିଲେ ।



ଅତିରିକ୍ତ ଜିଲାପାଳ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ କରୁଛନ୍ତି।

### ତେଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ

**ବୌଦ୍ଧ, ୮।୫ (ଡି.ଏନ.ଏ)**

ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ-୫୭ର ପୋଡାବଳସ ଛକ ଗାୟତ୍ରୀ ମନ୍ଦିର ନିକଟରେ ମଙ୍ଗଳବାର ଦିନ ୧୧ଟା ବେଳେ ଏକ ତେଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡିଛି । ଉକ୍ତ ଟ୍ୟାଙ୍କର (ନଂ.ଓଆର୍‌୧୫କ୍ୟୁ/୩୩୨୬) ପେଟ୍ରୋଲ ନେଇ ପାରାଦୀପରୁ ଲାଞ୍ଜିଗଡ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାର୍ଶ୍ୱକୁ ମାଡିଯାଇଥିଲା। ଫଳରେ ଗାୟତ୍ରୀ ମନ୍ଦିର ପରିସର ପାଚେରି ଭାଙ୍ଗିବା ସହିତ ବରଗଛର ଏକ ଡାଳ ଭାଙ୍ଗି ଯାଇଥିଲା । ତେବେ ଟ୍ୟାଙ୍କରଟିର କୌଣସି କ୍ଷତି ହୋଇନାହିଁ। ଏହି ଟ୍ୟାଙ୍କରେ ୧୨ ହଜାର ଲିଟର ପେଟ୍ରୋଲ ଥିଲା । ଡ୍ରାଇଭର ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଥିଲା । ଡ୍ରାଇଭର ସୁରକ୍ଷିତ ଥିବା ପୋଲିସ କହିଛି।

## ତେଲିବନ୍ଧରେ ଅଖିମୁଠି ଅନୁକୂଳ

**ବୌଦ୍ଧ, ୮।୫ (ଡି.ଏନ.ଏ)**

ବୌଦ୍ଧ ଜିଲା ତେଲିବନ୍ଧ ପତ୍ନାଇ ନିକଟରେ ଭାରତୀୟ କିଶାନ ସଂଘ ବୌଦ୍ଧ ଶାଖା ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ଅଖିମୁଠି ଅନୁକୂଳ ଆରମ୍ଭ ହୋଇଛି। କୃଷକମାନଙ୍କ ଆରାଧ୍ୟ ଦେବତା ପ୍ରଭୁ ବଳରାମଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ବ୍ଲକ ସଭାପତି ନବୀନ କୁମାର ପ୍ରଧାନ ଅଖିମୁଠି ଅନୁକୂଳ କରିଥିଲେ । ଏହାପରେ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପତ୍ନାଇ ମଣ୍ଡପଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଂଘର ସଙ୍ଗଠକ ବିଶିକେଶନ ପ୍ରଧାନ, ଭୋଳାଗିରି ସାହୁ, ନିର୍ମଳ କୁମାର ସାହୁ, ଶମ୍ଭୁ ଗିରି ପ୍ରମୁଖ ଚାଷୀ ସମସ୍ୟା ସମ୍ପର୍କରେ ଉଦବୋଧନ ଦେଇଥିଲେ । ସାଲୁଙ୍କି ନଦୀରେ ପ୍ରଚୁର ଜଳ ପ୍ରବାହିତ ହେଉଥିବା ସତ୍ତ୍ୱେ ଏହାର ଠିକ ଭାବେ ବିନିଯୋଗ ହେଉ ନ ଥିବାରୁ ଚାଷୀ ଉପକୃତ ହୋଇ ପାରୁନାହିଁ । ତେଣୁ ସାଲୁଙ୍କି ନଦୀର ଉପରମୁଣ୍ଡ ଗୁରୁଜୀମୁଣ୍ଡାଠାରେ ଏକ ଡ୍ୟାମ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ନ ହେବା ପଯର୍ୟନ୍ତ ଭାରତୀୟ କିଶାନ ସଂଘ ଆନ୍ଦୋଳନ ଜାରି ରଖିବାକୁ ସଂକଳ୍ପ କରାଯାଇଥିଲା । ସଭାରେ ନିତ୍ୟାନନ୍ଦ ସାହୁ, ତ୍ରିପୁର ମହାକୁଡ଼, ସରୋଜ ମେହେର, ସୁଶାନ୍ତ ବାଘ, ଚକସ ମହାକୁଡ଼, ଦଶରଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ବିଶିକେଶନପ୍ରଧାନଧନ୍ୟବାଦଦେଇଥିଲେ।



ତେଲିବନ୍ଧରେ ଅଖିମୁଠି ଅନୁକୂଳ ପାଇଁ ହଳ କରାଯାଉଛି ।

## ବୌଦ୍ଧରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ

**ବୌଦ୍ଧ,୮।୫(ସ୍ୱ.ପ୍ର)**

ବୌଦ୍ଧଠାରେ ଜିଲାସ୍ତରୀୟ ବିଶ୍ୱ ରେଡକ୍ରସ ଦିବସ ବୁଧବାର ପାଳିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବୌଦ୍ଧ ଅତିଥି ଭବନ ସମ୍ମୁଖରୁ ବାହାରି ସହର ପରିକ୍ରମା କରିବା ପରେ ଟାଉନହଲ ଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାକୁ ଜିଲାପାଳ ଶୀତାଂଶୁ କୁମାର ରାଉତ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଜିଲାପାଳ ରାଉତ ମୁଖ୍ୟଅତିଥି, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ ସମ୍ମାନିତ ଅତିଥି, ଯୁବ ରେଡକ୍ରସ ଅଧିକାରୀ ତଥା ଅଧ୍ୟାପକ ପ୍ରବୀର ଦାସ, ଜିଲା ରେଡକ୍ରସ ସୋସାଇଟି ଉପାଧ୍ୟକ୍ଷ ଦେବେନ୍ଦ୍ର ନାଥ ଗୁରୁ, ସଦସ୍ୟ ଶଙ୍କର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ରେଡକ୍ରସ ପାଣ୍ଠି ଜିଲାର ଗରିବ ଓ ନିରାଶ୍ରୟ ଲୋକଙ୍କ ପାଇଁ ଯୋଗାଇ ଦିଆଯାଉଥିବା ଅତିଥିମାନେ କହିଥିଲେ । ଜିଲାପାଳ ରାଉତ ଜିଲାରେ ରେଡକ୍ରସ ପାଣ୍ଠି ବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ଅଧିକରୁ ଅଧିକ ସଂଖ୍ୟାରେ ଲୋକ ରେଡକ୍ରସର ଆଜୀବନ ସଦସ୍ୟ ହେବାକୁ ଆହ୍ୱାନ କରିଥିଲେ ଏବଂ ଏହାର ପାଣ୍ଠି ବୃଦ୍ଧି ପାଇଁ ଜିଲା ସବରେଜିଷ୍ଟ୍ରାର ଓ ରେଭିନ୍ୟୁ ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ । ଶେଷରେ ବିଶ୍ୱ ରେଡକ୍ରସ ଦିବସ ପାଇଁ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅଶୋକ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଧାନ ଫସଲରେ କାଣ୍ଡବିନ୍ଧା ପୋକ

**ବରଗଡ଼ ଅଫିସ୍,୮।୫**

ବରଗଡ଼ ଜିଲାରେ ରବିରତୁ ଧାନ ଅମଳ ଜୋର ଧରିଛି । ସେହିପରି ଅନେକ ଜମିରେ ବହୁ ପରିମାଣରେ ଅମଳକ୍ଷମ ଧାନ ରହିଛି । ଧାନ ଅମଳ ଶେଷ ପର୍ଯ୍ୟାୟରେ ଥିବାବେଳେ ଧାନ ଫସଲରେ ରୋଗପୋକ ଉପଦ୍ରବ ଚାଷୀଙ୍କୁ ଚିନ୍ତାରେ ପକାଇ ଦେଇଛି। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ମାଣ୍ଡୋସିଲ ଅଞ୍ଚଳରେ ଏଭଳି ରୋଗପୋକ ଉପଦ୍ରବ ଯୋଗୁ ବ୍ୟାପକ ଫସଲକ୍ଷତି ହୋଇଛି । ଏ ନେଇ ସ୍ଥାନୀୟ ଆଞ୍ଚଳିକ କୃଷକ ମହାସଂଘ ସୋମବାର ଏକ ବୈଠକ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଇଛି।

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ସାହିପଲା ମଧ୍ୟମ ଜଳସେଚନ ପ୍ରକଳ୍ପ ଅଧୀନ ମାଣ୍ଡୋସିଲ ଗ୍ରାମରେ ପ୍ରାୟ ୪୦ଏକର ଧାନ ଫସଲରେ କାଣ୍ଡବିନ୍ଧା ପୋକ ଲାଗିଛି । ଏହାଦ୍ୱାରା ପ୍ରାୟ ୫୦ପ୍ରତିଶତ ଫସଲ ନଷ୍ଟ ହୋଇଛି। ଏହି ଫସଲକ୍ଷତିର ଆକଳନ ସହିତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ କୃଷକ ମହାସଂଘ ଦାବି କରିଛି । ଆସନ୍ତା ୭ଦିନ ମଧ୍ୟରେ ଏହା କରା ନ ଗଲେ ଚାଷୀଙ୍କୁ ନେଇ ମହାସଂଘ ମାଣ୍ଡୋସିଲ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବ ବୋଲି ଗିରିଶ କୁମାର ଡନସନା, ବିକାଶ ବିଶ୍ୱାଳ, ଫଗୁଲାଲ ବରିହା ପ୍ରମୁଖ ଚେତାବନୀ ଦେଇଛନ୍ତି ।



କାଣ୍ଡବିନ୍ଧା ପୋକରେ ପ୍ରଭାବିତ ଧାନ ଫସଲ।

■ ଡୁଙ୍ଗୁରୀ ଷ୍ଟ୍ରାଇକପଡାରେ ପିଇଲା ପାଏନ୍ ସମସିଆ

## ଖୁଲା ଚୁଆଁ ପଡ଼ାବାସୀକର ସାହାଭରସା

**ଅମ୍ବାଭୋନା, ୮।୫ (ଡି.ଏନ.ଏ)**

ଏହେଦେ ଖରାଦିନ୍ ଲାଗି ସବୁଆଡ଼େ ତାତି ବଢ଼ତେଲ ଯାଉଛେ । ଇଆଡ଼େ ମାଏଟ୍ ତଲର ପାଏନ୍ ବି ତଲକେ ତଲକେ ଖସରି ଯାଉଛେ। ଅନେକ ଜାଗାରେ ଗାଁଗଁଲିର ଲୋକ୍ ପିଇଲା ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଥିବାର ଦେଖିବାକେ ମିଳୁଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଆମ୍ବାଭୋନା ବ୍ଲକ ଅଧୀନ ଡୁଙ୍ଗୁରୀ ଷ୍ଟ୍ରାଇକପଡ଼ାରେ।

ସୂଚନା ଅନ୍‌ସାରେ ଡୁଙ୍ଗୁରୀ ଷ୍ଟ୍ରାଇକପଡ଼ାରେ ପାଖାଖାଖି ୩ଶହରୁ ଅଧିକା ଲୋକ ବାସ୍ କରୁଛନ୍। ପଡ଼ାବାସୀକର ପିଇଲା ପାଏନ୍ ସୁବିଧା ଲାଗି ୪ଟା ନଲ୍‌ଚୁଆଁ ରହିଛେ, ହେଲେ ସବୁ ଶୁଖା। ଏସସି ଚୁନପଥର ଖଣି ତରଫୁ ଟ୍ୟାଙ୍କରରେ ପଡ଼ାବାସୀକୁ ପାଏନ୍ ଯୁଗେଇ ଦିଆଯାଉଛେ। ହେଲେ ସେଟା କେତେଟା ପରିବାରରେ ସରିଯାଉଛେ। ଇ ପଡ଼ାର ବଡ଼ଭାଗି ଲୋକ ଡୁଙ୍ଗୁରୀ ଚୁନପଥର ଖଣିରେ ଶ୍ରମିକ ହିସାବେ କାମ୍ କରବାର ଲାଗି ଗଲା ୪୦ରୁ ୫୦ ବଛର ହେଲା ଆସି ପଡ଼ା କରି ରହିଛନ୍। ଇମାନେ ସଭେ କିଏ କେନ୍‌ନୁ ନିଜର ଜନମ ମାଏଟ୍ ଛାଡ଼ି ଡୁଙ୍ଗୁରୀ ଷ୍ଟ୍ରାଇକପଡ଼ାକେ ନିଜର କରମ୍ ଭୂମି ହିସାବେ ବାଛି ନେଇଛନ୍। ହେଲେ ଆଏଜ୍ ବି ଇ ପଡ଼ାବାସୀ ପିଇଲା ପାଏନ୍ ସମସିଆରେ ଯୁଝୁଛନ୍। ଖରାଦିନେ ସଖାଲ ପାହାତେ ପାହାତେ ଇମାନକର ପିଇଲା ପାଏନ୍ ଚିନ୍ତା ବଢ଼ିଯାଉଛେ। ପାସେ ଥିବାର ଗୁଟେ ପୁରନା ଖୁଲା ଚୁଆଁରୁ ବାଲଟିନ୍‌ରେ ରଶି ଫାଁଦି ପାଏନ୍ କାଢୁଛନ୍। ଇ ଖୁଲା ଚୁଆଁନ ପଡ଼ାବାସୀକର ସାହାଭରସା। ଭୋଟ ସମିଆ ଆଏଲେ ପଡ଼ାକେ ମାଲ ମାଲ ନେତା, ମନ୍ତ୍ରୀ ଆସୁଛନ୍ ଆର ପୁଲା ପରତିଶୁରତି ଦେଇ ଯାଉଛନ୍। ହେଲେ ଭୋଟ ସଏଲେ କାହାରି ଦେଖା ଦରଶନ ନାଇଁମିଲବାର ବଲି ପଡ଼ାବାସୀ ଅଭିଯୋଗ କରିଛନ୍। ପଡ଼ାର ବଡ଼ଭାଗି ଲୋକ୍ ଶ୍ରମିକ ଆର ଅଶିକ୍ଷିତ ଆଏ। ଇ ପଡ଼ାବାସୀକର ଉପରେ ଥାନୀୟ ପରଶାସନ ଦୁରୁଷ୍ଟି ଦେଇ ପିଇଲା ପାଏନ୍ ସମସିଆର ସମାଧାନ କରବାକେ ଅଂଚଲବାସୀ ଦାବି କରିଛନ୍।



ପଡ଼ାର ମହିଳାମାନେ ଚୁଆଁରୁ ପାଏନ୍ ଘିଚୁଛନ୍।